# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୬/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, October 6/2021 | ★★

୧୭ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**କୁଲ୍ଟର-ନିଲ୍‌ଙ୍କୁ ୪ ଉଇକେଟ ସଫଳତା**
ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସର ନାଥାନ କୁଲ୍ଟର-ନିଲ୍ ୪ ଉଇକେଟ ସଫଳତା ପାଇଛନ୍ତି। ୧୫

୧୪ **ଚର୍ମ ରୋଗରେ ପୀଡ଼ିତ ୟାମି**
ବଲିଉଡ ନାୟିକା ୟାମି ଗୌତମ ଚର୍ମ ରୋଗରେ ପୀଡ଼ିତ ହୋଇଥିବା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।




## ମାଲକାନଗିରିରେ ପେଟ୍ରୋଲ ୧୧୦



ଭୁବନେଶ୍ୱର/ନୂଆଦିଲ୍ଲୀ,୫ା୧୦: ଦିନକ ପରେ ପୁଣି ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ପାଇଛି। ଫଳରେ ମାଲକାନଗିରି ଜିଲା କାଲିମେଲା ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୧୦.୧୧ ଟଙ୍କା ହୋଇଥିବାବେଳେ ଡିଜେଲ ୧୦୫.୦୧ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ମାଲକାନଗିରି ସହରରେ ପେଟ୍ରୋଲ ୧୦୯.୧୧ ଟଙ୍କା ଏବଂ ଡିଜେଲ ୧୦୪.୭୨ ଟଙ୍କାରେ କାରବାର ହେଉଛି। ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ) ର ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ଡିଜେଲ ୩୩ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୯.୩୧ ଟଙ୍କା ଏବଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆହୁରି ବଢ଼ିବ**

# ପୁରୁଣା ଗାଡ଼ିକୁ ଫି ବୋଝ

*ପୁରୁଣା ଗାଡ଼ିର ପଞ୍ଜୀକରଣକୁ ନବୀକରଣ କରାଇବା ଏବେ ମହଙ୍ଗା ହେବ। ଏବେକାର ମୂଲ୍ୟର ପ୍ରାୟ ୮ଗୁଣ ଅଧିକ ଫି ଦେବାକୁ ପଡ଼ିବ। ଏନେଇ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୁରୁଣା ଯାନ ଉପରେ ଏଭଳି ଅତ୍ୟଧିକ ଫି ବୋଝ ଗାଡ଼ି ମାଲିକମାନଙ୍କୁ ଚିନ୍ତାରେ ପ୍ରକାଇବ।*



- ନବୀକରଣ କଲେ ଦେବାକୁ ହେବ ୮ ଗୁଣା ଅଧିକ ଦେୟ
- ବିଜ୍ଞପ୍ତି ଜାରି କଲା ପରିବହନ ମନ୍ତ୍ରଣାଳୟ

ନୂଆଦିଲ୍ଲୀ,୫ା୧୦

୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା କାର୍ କିମ୍ବା ବାଣିଜ୍ୟିକ ଯାନଗୁଡ଼ିକର ନବୀକରଣ କରାଇବା ସମୟରେ ୨୦୨୨ ଏପ୍ରିଲରୁ ୮ ଗୁଣା ଅଧିକ ଦେୟ ଦେବାକୁ ପଡ଼ିବ। ଟ୍ରକ ଏବଂ ବସ୍ ଗୁଡ଼ିକର ଫିଟ୍‌ନେସ ପ୍ରମାଣପତ୍ର ନବୀକରଣ କରାଇବା କ୍ଷେତ୍ରରେ ମଧ୍ୟ ଏଭଳି ଉଚ୍ଚ ଦେୟ ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଏହାକୁ କାର୍ଯ୍ୟକାରୀ କରାଇବା ଲାଗି କେନ୍ଦ୍ର ରାଜପଥ, ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ନିୟମ ଦିଲ୍ଲୀ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳଗୁଡିକ ପାଇଁ କାର୍ଯ୍ୟକାରୀ ହେବ ନାହିଁ। କାରଣ ଏହି ସ୍ଥାନଗୁଡ଼ିକରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ଡିଜେଲ ଏବଂ ୧୫ ବର୍ଷରୁ ଊର୍ଦ୍ଧ୍ୱ ପେଟ୍ରୋଲ ଯାନଗୁଡ଼ିକୁ ବ୍ୟାନ କରାଯାଇଛି।

ବର୍ତ୍ତମାନ ପୁରୁଣା କାର ପଞ୍ଜୀକରଣକୁ ନବୀକରଣ କଲେ ପ୍ରାୟ ୬୦୦ ଟଙ୍କା ଦେବାକୁ ପଡୁଛି। ନୂଆ ନିୟମ କାର୍ଯ୍ୟକାରୀ ହେଲେ ଏହା ୫ ହଜାର ଟଙ୍କା ପଡ଼ିବ। ସେହିଭଳି ପୁରୁଣା ବାଇକ୍ ଲାଗି ଏହା ବର୍ତ୍ତମାନ ୩୦୦ ଟଙ୍କା ଥିବା ବେଳେ ଆଗକୁ ୧ ହଜାର ଟଙ୍କା ଲାଗିବ। ୧୫ ବର୍ଷରୁ ଊର୍ଦ୍ଧ୍ୱ ଟ୍ରକ୍ ଏବଂ ବସ୍ କ୍ଷେତ୍ରରେ ଏହା ୧୫୦୦ ଟଙ୍କାରୁ ୧୨,୫୦୦ ଟଙ୍କାକୁ ବୃଦ୍ଧି ଘଟିବ। ଘରୋଇ ଯାନ ପଞ୍ଜୀକରଣର ନବୀକରଣ ବିଳମ୍ବ ହେଲେ ମାସିକ ୩୦୦ ଟଙ୍କା ଏବଂ ବାଣିଜ୍ୟିକ ଯାନଗୁଡିକ ଲାଗି ୫୦୦ ଟଙ୍କା ଜରିମାନା ଦେବାକୁ ହେବ। ସେହିଭଳି ବାଣିଜ୍ୟିକ ☞ପୃଷ୍ଠା-୪

# ଖୁବ୍‌ଶୀଘ୍ର ସ୍ମାର୍ଟ ପ୍ରିପେଡ୍ ମିଟର

ଭୁବନେଶ୍ୱର,୫ା୧୦(ବ୍ୟୁରୋ)



୨୦୨୫ ମାର୍ଚ୍ଚ ସୁଦ୍ଧା ସମଗ୍ର ଦେଶରେ ବିଦ୍ୟୁତ୍ ଦେୟକୁ ନିୟନ୍ତ୍ରିତ କରିବା ପାଇଁ ସ୍ମାର୍ଟ ପ୍ରିପେଡ୍ ମିଟର ପ୍ରଚଳନ ହେବ। ରାଜ୍ୟରେ ଏହି ବ୍ୟବସ୍ଥା ୨୦୨୨ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକାରୀ କରାଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମଙ୍ଗଳବାର ସୂଚନା ଦେଇଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ବାଚସ୍ପତି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଧାନସଭା ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିଦ୍ୟୁତ୍ ପାଇଁ ପ୍ରତ୍ୟେକ ଘରେ ପ୍ରିପେଡ୍ ମିଟର ଲଗାଯିବ। ଫଳରେ ଉପଭୋକ୍ତାମାନେ ଆଗୁଆ ସିମ୍‌କାର୍ଡ ମାଧ୍ୟମରେ ବିଦ୍ୟୁତ୍ ଦେୟ ପଇଠ କରିପାରିବେ। ଆଉ ଯେତେବେଳେ ପଇସା ସରିଯିବ ସେମାନଙ୍କ ବିଦ୍ୟୁତ୍ ସରବରାହ କାଟି ଦିଆଯିବ ବୋଲି ବାଚସ୍ପତି ପାତ୍ର କହିଛନ୍ତି। ଯେଉଁ ଗ୍ରାମ ବା ଗୃହ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି, ସେଗୁଡ଼ିକୁ ଯୋଗାଣ ନିଶ୍ଚିତ କରିବାକୁ ପଦକ୍ଷେପ ନେବାକୁ ବିତରଣ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ସବୁଠାରେ ଅଘୋଷିତ ବିଦ୍ୟୁତ୍ କାଟ ☞ପୃଷ୍ଠା-୪

# ମୁମ୍ବାଇ ଡ୍ରଗ୍ସ ମାମଲା: ଓଡ଼ିଶାର ୨ ଗିରଫ

ଭୁବନେଶ୍ୱର,୫ା୧୦(ବ୍ୟୁରୋ)

ସମୁଦ୍ର ଭିତରେ କ୍ରୁଜ୍ ଶିପ୍‌ରେ ଚାଲିଥିବା ଡ୍ରଗ୍ସ ପାର୍ଟି ଉପରେ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ(ଏନ୍‌ସିବି) ଚଢ଼ାଉ କରି ଏଯାବତ୍ ୧୬ଜଣଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଥିବାବେଳେ ମଙ୍ଗଳବାର ୨ଟି ପର୍ଯ୍ୟାୟରେ ୮ଜଣଙ୍କୁ ଗିରଫ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗିରଫମାନେ ହେଲେ ଅବଦୁଲ୍ କାମଦାର ଶୈଖ୍(୩୦), ଶ୍ରେୟାସ୍ ସୁରେନ୍ଦର ନାୟାର(୨୩), ମନିଷ ରାଜଗାରିଆ(୩୦) ଏବଂ ଅଭିନ ସାହୁ(୩୦)। ଏମାନଙ୍କ ☞ପୃଷ୍ଠା-୪

**ଆଜିର ମନ୍ତବ୍ୟ**

"ବିଗତ ୬ ବର୍ଷରେ ଦେଶର ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଲକ୍ଷପତି ହୋଇଛନ୍ତି। ପିଏମ୍ ହାଉସିଂ ସ୍କିମ୍‌ରେ ସେମାନଙ୍କ ପାଖରେ ଏବେ ଲକ୍ଷାଧିକ ଟଙ୍କାର ପକ୍କାଘର ରହିଛି।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


ସ୍ୱର୍ଣ୍ଣ ଋଣ ବନ୍ଧକ ଏବେ ଆପଣଙ୍କ ଦ୍ୱାର ନିକଟରେ
ମାସକୁ 73 ପଇସା
*8.8% ବାର୍ଷିକ
*T&C Apply
MANAPPURAM
ASSET FINANCE LIMITED
TOLL FREE : 18005729787
PH : 9178868951, 9020421716

USHA TRAVELS
www.flyusha.in
OFFER PRICE
BHUBANESWAR ⇌
KOLKATA 2533/-*
HYDERABAD 3533/-*
BENGALURU 3533/-*
DELHI 3633/-*
MUMBAI 3733/-*
DUBAI 10,333/-*
T&C Apply
CALL US! 9937438896





# ପ୍ରିୟଙ୍କା ଗିରଫ, ମନ୍ତ୍ରୀଙ୍କ ପୁଅ କେବେ

***ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରି ହିଂସା ଘଟଣା ଜାତୀୟ ରାଜନୀତିରେ ଉତ୍ତପ୍ତତା ବୃଦ୍ଧିର କାରଣ ହୋଇଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ସୋମବାର ଲକ୍ଷ୍ମୀପୁର ଅଭିମୁଖେ ଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସୀତାପୁର ପୋଲିସ ଏକ ଗେଷ୍ଟ ହାଉସ୍‌ରେ ୨୪ ଘଣ୍ଟାରୁ ଅଧିକ ସମୟ ରଖିବା ପରେ ମଙ୍ଗଳବାର ତାଙ୍କୁ ଗିରଫ କରିଥିବା କହିଛି। ଏହା ପୂର୍ବରୁ ପ୍ରିୟଙ୍କା ଏକ ଭିଡିଓ ମେସେଜ୍ ଜାରି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲକ୍ଷ୍ମୀପୁର ଖେରି ଆସି ବିକ୍ଷୋଭରତ ଚାଷୀଙ୍କ ସହ ଆଲୋଚନା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏସବୁ ଭିତରେ ମୃତକଙ୍କ ଜୀବନହାନି ପାଇଁ ଦାୟୀ କରାଯାଉଥିବା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ କାହିଁକି ଗିରଫ କରାଯାଉ ନାହିଁ ବୋଲି ପ୍ରଶ୍ନ ଉଠିଛି।***

**ଲକ୍ଷ୍ନୌ/ନୂଆଦିଲ୍ଲୀ,୫।୧୦**

ନିଜ ଅଧିକାର ପାଇଁ ରବିବାର ବିକ୍ଷୋଭ କରୁଥିବା କୃଷକଙ୍କୁ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ସମେତ ୩ ଏସ୍‌ୟୁଭି ଧକ୍କା ଦେଇଥିବା ଅଭିଯୋଗ ହୋଇଥିଲା। ଫଳରେ ୪ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇ ହିଂସାରେ ଆଉ ୪ ଜଣଙ୍କ ଜୀବନ ଯାଇଥିଲା। ଆଗକୁ ୟୁପି ବିଧାନସଭା ନିର୍ବାଚନ ଥିବାରୁ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଘେରିବାକୁ ଉଦ୍ୟମ କରୁଥିବାବେଳେ ରାଜ୍ୟ ସରକାର ମଧ୍ୟ ସେମାନଙ୍କୁ କୌଣସି ପ୍ରକାର ରାଜନୈତିକ ଫାଇଦାର ସୁଯୋଗ ନ ଦେବା ପାଇଁ କାର୍ଯ୍ୟାନୁଷ୍ଠାନ ନେବାରେ ଲାଗିଛନ୍ତି। ଏହିକ୍ରମରେ ମଙ୍ଗଳବାର କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କୁ ଗିରଫ କରାଯାଇଛି। ସୀତାପୁର ପୋଲିସ କହିବା ଅନୁସାରେ ସମ୍ଭାବ୍ୟ ଅପରାଧ ଏଡ଼ାଇବା ପାଇଁ ତାଙ୍କ ସହ ଅନ୍ୟ ୧୦ ଜଣଙ୍କୁ ମଧ୍ୟ ସିଆର୍‌ପିସି ଧାରା ୧୫୧ ଅନୁସାରେ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କଂଗ୍ରେସ ନେତା ଦୀପେନ୍ଦର ସିଂ ହୁଡା, ୟୁପି କଂଗ୍ରେସ ସଭାପତି ଅଜୟ କୁମାର ଲଲ୍ଲୁ ଏବଂ ଦଳୀୟ ଏମ୍‌ଏଲ୍‌ସି ଦୀପକ ସିଂ। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଲକ୍ଷ୍ନୌ ଯାଉଥିବାବେଳେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଏୟାରପୋର୍ଟ ଛାଡ଼ିବାକୁ ଦିଆଯାଇ ନାହିଁ। ବଘେଲ ଲକ୍ଷ୍ମୀପୁର ଖେରିକୁ ନୁହେଁ, ବରଂ ୟୁପି କଂଗ୍ରେସ ମୁଖ୍ୟାଳୟକୁ ଯାଉଥିବା ବିଷୟ ପୋଲିସକୁ ଅବଗତ କରାଇଥିଲେ। ହେଲେ ପୋଲିସ ତାଙ୍କୁ ଛାଡ଼ି ନ ଥିଲା। ଫଳରେ ସେ ଲକ୍ଷ୍ନୌ ବିମାନବନ୍ଦରରେ ଧାରଣାରେ ବସିଥିଲେ। ଆଶିଷଙ୍କ ଗାଡ଼ି ବିକ୍ଷୋଭକାରୀଙ୍କ ଉପରେ ମାଡ଼ିଯିବା ନେଇ ଏକ ଭିଡିଓ ସୋମବାର ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା, ଯାହାକି କ୍ରମଶଃ ଭାଇରାଲ ହେବାରେ ଲାଗିଛି। ଭାଜପା ଏମ୍‌ପି ବରୁଣ ଗାନ୍ଧୀ ମଧ୍ୟ ଉକ୍ତ ଭିଡିଓକୁ ଶେୟାର କରିଛନ୍ତି। ସୋମବାର ପୋଲିସ ଆଶିଷ ମିଶ୍ରାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲେ ହେଁ ତାଙ୍କୁ ଗିରଫ କରିନାହିଁ। ଏହି ମାମଲାର ସିବିଆଇ ତଦନ୍ତ ଦାବିରେ ରାଜ୍ୟର ବହୁ ଆଇନଜୀବୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ନିକଟକୁ ପତ୍ର ଲେଖିଛନ୍ତି।

ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୪୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବା ପାଇଁ ଘୋଷଣା କରିଛନ୍ତି। ଜଣେ ବରିଷ୍ଠ


ପ୍ରିୟଙ୍କା ଗାନ୍ଧୀ ଭଦ୍ରା


ଆଶିଷ ମିଶ୍ରା

ବିଚାରପତିଙ୍କ ଅଧ୍ୟକ୍ଷତାରେ ଏହାର ବିଚାରବିଭାଗୀୟ ତଦନ୍ତ କରାଯିବ ବୋଲି ଘୋଷଣା କରାଯାଇଛି। ହେଲେ କାହାକୁ ଗିରଫ କରାଯାଇନାହିଁ, ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି, ଲକ୍ଷ୍ମୀପୁର ଖେରି ଘଟଣାକୁ ନେଇ ଭାଜପାକୁ ବହୁମୂଲ୍ୟ ଦେବାକୁ ପଡ଼ିବ। ସମସ୍ତ ବିରୋଧୀ ଦଳ ଚାଷୀଙ୍କ ପରିବାର ସହ ଛିଡ଼ା ହୋଇଛନ୍ତି। ସେହିପରି ପ୍ରିୟଙ୍କାଙ୍କ ଗିରଫଦାରି ସମ୍ପୂର୍ଣ୍ଣ ବେଆଇନ। ପୋଲିସ କେବଳ ଯୋଗୀଙ୍କ ନିର୍ଦ୍ଦେଶ ମାନି କାମ କରୁଥିବାରୁ ୟୁପିରେ ଆଇନର ଶାସନ ଚାଲୁ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଟୁଇଟ୍ କରିଛନ୍ତି। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏହି ଘଟଣା ଜାଲିଆନାୱାଲାବାଗ ଗଣହତ୍ୟାର ସ୍ମୃତିକୁ ଉଜ୍ଜୀବିତ କରିଥିବା କହିଛନ୍ତି। ସେହିପରି ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଅଧ୍ୟକ୍ଷ ଜୟନ୍ତ ଚୌଧରୀ କହିଛନ୍ତି, ଯୋଗୀ ସରକାର ସତକୁ ଚପାଇବା ପାଇଁ ଉଦ୍ୟମ କରୁଛନ୍ତି। ୟୁପିରେ ରାଷ୍ଟ୍ରପତି ଶାସନ ଜାରି କରାଯାଉ ବୋଲି ସେ ଦାବି କରିଛନ୍ତି।

## ଆଶିଷ ମିଶ୍ରା କାରରେ ଥିଲେ: ଆହତ ଚାଷୀ

ଲକ୍ଷ୍ମୀପୁର ଖେରିରେ ୪ ଚାଷୀଙ୍କ ସମେତ ୮ ଜଣଙ୍କ ଜୀବନ ଯିବାର ୨ ଦିନ ପରେ ମଧ୍ୟ ମୁକୁଳା ବୁଲୁଛନ୍ତି କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଥିବାବେଳେ ଆଶିଷ ଉକ୍ତ କାରରେ ନ ଥିଲେ ବୋଲି ବାରମ୍ବାର ସଫେଇ ଦେଉଛନ୍ତି ବାପପୁଅ। ଏତିକିବେଳେ ଆଶିଷଙ୍କୁ ଧରା ପକାଇଦେଇଛନ୍ତି କାର୍ ଧକ୍କାରେ ଆହତ ହୋଇଥିବା ଜଣେ ଚାଷୀ। ମେଦାନ୍ତା ହସ୍ପିଟାଲରେ ଚିକିତ୍ସାଧୀନ ଆହତ ଚାଷୀ ତେଜିନ୍ଦର ଭିର୍କ କହିଛନ୍ତି, ୭୨ ଘଣ୍ଟା ପରେ ବି ଆଶିଷଙ୍କୁ ଗିରଫ କରା ନ ଯିବା ଦୁର୍ଭାଗ୍ୟଜନକ। ରବିବାର ସେହି ଅଞ୍ଚଳରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତବେଳେ ବିକ୍ଷୋଭ


ତେଜିନ୍ଦର ଭିର୍କ

ଆୟୋଜନ କରିଥିବା ଭିର୍କ ଏହାକୁ ହତ୍ୟା ପାଇଁ ଏକ ଷଡ଼ଯନ୍ତ୍ର ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଅଜୟ ମିଶ୍ରା ଉତ୍ତର ପ୍ରଦେଶରେ କୃଷକ ଆନ୍ଦୋଳନ କରାଇଦେବୁ ନାହିଁ ବୋଲି ପୂର୍ବରୁ କହିଥିଲେ। ଏହାର ପ୍ରତିବାଦରେ ଆମେ ବିକ୍ଷୋଭ ପ୍ରଦର୍ଶନ କରୁଥିଲୁ। ଆମେ ପୋଲିସ ଓ ପ୍ରଶାସନ ସହ ଯୋଗାଯୋଗରେ ରହି ମନ୍ତ୍ରୀଙ୍କୁ କଳା ପତାକା ଦେଖାଇବା ପାଇଁ ସେ ଗସ୍ତ କରୁଥିବା ରାସ୍ତାରେ ଛିଡ଼ା ହୋଇଥିଲୁ। ମନ୍ତ୍ରୀଙ୍କ ରୁଟ୍ ପରିବର୍ତ୍ତନ କରାଯାଇଥିବା ନେଇ ଅପରାହ୍ନ ୩ଟାରେ ଆମକୁ କୁହାଗଲା। ଶାନ୍ତିପୂର୍ଣ୍ଣ ଭାବେ ଫେରୁଥିଲୁ। ହଠାତ୍ ଦ୍ରୁତ ଗତିରେ ମାଡ଼ିଆସିଥିଲା କାର। ଆମକୁ ପଛପଟୁ ଧକ୍କା ଦେଇଥିଲା। ସେଗୁଡ଼ିକର ଘଣ୍ଟା ପ୍ରତି ବେଗ ୧୦୦ କି.ମି. ଥିଲା। ସେମାନେ ଉଦ୍ଦେଶ୍ୟମୂଳକ ଭାବେ ଆମ ଉପରକୁ କାର୍ ଚଢ଼ାଇଦେଇଥିଲେ। ଗୋଟିଏ କାର୍‌ରେ ଅଜୟ ମିଶ୍ରାଙ୍କ ପୁଅ ଓ ତାଙ୍କ ସମର୍ଥକମାନେ ଥିଲେ। ମୋ ଉପରେ କାର୍ ମାଡ଼ିଯିବାରୁ ମୁଁ ଚେତାଶୂନ୍ୟ ହୋଇଯାଇଥିଲି। ଯୋଗୀ ସରକାର ଆକ୍ରମଣକାରୀମାନଙ୍କୁ ସହଯୋଗ କରୁଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ବହିଷ୍କାର କରାଯାଉ ବୋଲି ତେଜିନ୍ଦର ଦାବି କରିଛନ୍ତି।



ଲକ୍ଷ୍ମୀପୁର ଖେରି ମାମଲାରେ ଭାଜପା ନେତାଙ୍କୁ ଫାଶୀ ଦାବିରେ ପାଟନାରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ।


ଲକ୍ଷ୍ନୌ ବିମାନବନ୍ଦରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଧାରଣାରେ ବସିଛନ୍ତି।

# ଚିରାଗଙ୍କୁ ହେଲିକପ୍ଟର, ପାରସଙ୍କୁ ସିଲେଇ ମେଶିନ

## ଉଭୟ ପାଇଲେ ନୂଆ ଦଳର ନାଁ

**ନୂଆଦିଲ୍ଲୀ,୫।୧୦**

ପାରିବାରିକ ବିବାଦ ସମାଧାନ ନ ହେବାରୁ ଭାରତର ନିର୍ବାଚନ ଆୟୋଗ (ଇସିଆଇ) ଗତ ଶନିବାର ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ନାମ ଓ ଦଳୀୟ ଚିହ୍ନ (ବଙ୍ଗଳା)କୁ ସ୍ଥଗିତ ରଖିଥିଲେ। ଏଲ୍‌ଜେପିର ନାମ ଓ ଚିହ୍ନ ପାଇଁ ଦାବି କରୁଥିବା ବିହାର ରାଜନେତା ଚିରାଗ ପାଶ୍ୱାନ ଓ ତାଙ୍କ ଦାଦା ତଥା କେନ୍ଦ୍ରମନ୍ତ୍ରୀ ପଶୁପତି ପାରସଙ୍କୁ ନିର୍ବାଚନ ଆୟୋଗ ମଙ୍ଗଳବାର ନୂଆ ଦଳର ନାଁ ଓ ଚିହ୍ନ ଆବଣ୍ଟନ କରିଛନ୍ତି। ଚିରାଗଙ୍କ ଅନୁରୋଧ କ୍ରମେ ତାଙ୍କୁ 'ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)' ଏବଂ 'ହେଲିକପ୍ଟର' ଚିହ୍ନ ଦିଆଯାଇଛି। ସେହିପରି ପାରସଙ୍କୁ ଆବଣ୍ଟନ ହୋଇଥିବା ଦଳର ନାଁ ରହିଛି 'ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି' ଏବଂ ଚିହ୍ନ ହେଉଛି 'ସିଲେଇ ମେଶିନ'। ସୋମବାର ଅପରାହ୍ନ ଗୋଟାଏ ସୁଦ୍ଧା ଉଭୟ ନେତାଙ୍କୁ ପୃଥକ୍ ନାମ ଏବଂ ଚିହ୍ନ ଦେବାକୁ କୁହାଯାଇଥିଲା। ସେମାନେ ନୂଆ ନାଁ ଏବଂ ଚିହ୍ନରେ ଆସନ୍ତା ୩୦ ତାରିଖରେ


ଚିରାଗ ପାଶ୍ୱାନ


ପଶୁପତି ପାରସ

ହେବାକୁ ଥିବା ବିହାରର ଦୁଇଟି ଆସନ କୁଶେଶ୍ୱର ଆସ୍ଥାନ ଏବଂ ତାରାପୁରରେ ଉପନିର୍ବାଚନ ଲଢ଼ିପାରିବେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପରଲୋକ ପରେ ତାଙ୍କ ଦ୍ୱାରା ୨୦୦୦ ମସିହାରେ ପ୍ରତିଷ୍ଠିତ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ରେ ନେତୃତ୍ୱ ଓ ଦଳୀୟ ଚିହ୍ନ (ବଙ୍ଗଳା)କୁ ନେଇ ପାରିବାରିକ କନ୍ଦଳ ବିହାର ରାଜନୀତିକୁ ସରଗରମ କରିଆସିଛି। ଗୋଟିଏ ପଟେ ରାମବିଳାସଙ୍କ ପୁଅ ତଥା ଏମ୍‌ପି ଚିରାଗ ପାଶ୍ୱାନ, ଅନ୍ୟପଟେ ଭାଇ ତଥା କେନ୍ଦ୍ରମନ୍ତ୍ରୀ ପଶୁପତି ପାରସ ଦଳର ନେତୃତ୍ୱ ନିଜ ନିୟନ୍ତ୍ରଣରେ ଥିବା ଦାବି କରିଆସୁଥିଲେ। ହେଲେ ଆସନ୍ତା ଉପନିର୍ବାଚନ ପାଇଁ ଉଭୟେ ଏଲ୍‌ଜେପିର ନାମ ଓ ଚିହ୍ନ ପାଇଁ ଦାବି କରିବାରୁ ବିବାଦ ଘନେଇଥିଲା।

କେନ୍ଦ୍ରମନ୍ତ୍ରୀ ପାରସ ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ୨୦୨୦ ଅକ୍ଟୋବରରେ ତାଙ୍କ ବଡ଼ ଭାଇ ରାମବିଳାସ ପାଶ୍ୱାନଙ୍କ ଦେହାନ୍ତ ପରେ ପ୍ରଥମ ଥର ପାଇଁ ଏମ୍‌ପି ହୋଇଥିବା ପାରସ (୬ ଥର ବିଧାୟକ) ଗତ ଜୁନ୍‌ରେ ଦଳର ନେତୃତ୍ୱକୁ ନେଇ ପୁତୁରା ଚିରାଗଙ୍କ ବିରୋଧୀ ପାଲଟିଥିଲେ। ଚିରାଗ ତାଙ୍କୁ ଦଳୀୟ ନେତା ଭାବେ ଗ୍ରହଣ କରି ନ ଥିଲେ ମଧ୍ୟ ପାରସ ଦଳର ଅନ୍ୟ ନେତାମାନଙ୍କ ସମର୍ଥନ ହାସଲ କରିପାରିଥିଲେ। ପ୍ରାୟ ସପ୍ତାହ ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ପାରସ କହିଛନ୍ତି, ସେ ଚିରାଗଙ୍କ ସହ ଲୋକଙ୍କ କୋର୍ଟରେ, ଦେଶର କୋର୍ଟରେ ଏବଂ ଈଶ୍ୱରଙ୍କ କୋର୍ଟରେ ଲଢ଼ିବାକୁ ପ୍ରସ୍ତୁତ ରହିଛନ୍ତି। ଚିରାଗ ଦଳରେ ଗଣତନ୍ତ୍ର ନଷ୍ଟ କରିଦେଇଛନ୍ତି। ସେଥିପାଇଁ ଦଳର ୩ଜଣ ସାଂସଦ ଅଲଗା ହୋଇଗଲେ।


ଜମ୍ମୁରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ବେଳେ କର୍ମୀଙ୍କୁ ପୋଲିସ ଅଟକାଉଛନ୍ତି।

# ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ମିଳିଲାନି ଆଗୁଆ ଜାମିନ

## ନିମ୍ନ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ

**କଟକ ଅଫିସ,୫।୧୦**

ବାଲୁଗାଁ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ଅଭିଯୋଗରେ ହୋଇଥିବା ମାମଲାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଆଗୁଆ ଜାମିନ ମିଳିନାହିଁ। ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିବାସହ ଆସନ୍ତା ଶୁକ୍ରବାର ନିମ୍ନ ଅଦାଲତରେ ହାଜର ହୋଇ ସାନି ଜାମିନ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନ ଅଦାଲତ ପ୍ରଶାନ୍ତଙ୍କ ଆବେଦନକୁ ତ୍ୱରିତ ଶୁଣାଣି କରି ନିଷ୍ପତ୍ତି ନେବାକୁ ଉଚ୍ଚ ଅଦାଲତ ମଙ୍ଗଳବାର କହିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୮ତାରିଖରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ସ୍ଥାନୀୟ ବିଧାୟକ



ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେବାର ଥିଲା। ହେଲେ କାର୍ଯ୍ୟକ୍ରମ ଆରମ୍ଭ ହେବାରେ ବିଳମ୍ବ ଘଟିବାରୁ ମଣ୍ଡଳ ଭାଜପା ସଭାପତିନିରଞ୍ଜନ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏହି ସମୟରେ ବିଧାୟକ ସେଠାରେ ପହଞ୍ଚି ନିରଞ୍ଜନଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ ସହ ମାଡ଼ ମାରିଥିଲେ। ବିଧାୟକଙ୍କ ଏଭଳି ଆକ୍ରମଣ ପ୍ରତିବାଦରେ ବାଲୁଗାଁ ଥାନା ସାମ୍ନାରେ ଶତାଧିକ ଭାଜପା କର୍ମୀ ଧାରଣା ଦେଇଥିଲେ। ନିରଞ୍ଜନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବିଧାୟକ ପ୍ରଶାନ୍ତଙ୍କ ବିରୋଧରେ ଏସ୍‌ସିଏସ୍‌ଟି ଆଟ୍ରୋସିଟି ଆକ୍ଟରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ପ୍ରଶାନ୍ତଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ବିଧାୟକ ନିଜର ଗିରଫଦାରିକୁ ଏଡ଼ାଇବାକୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ହାଇକୋର୍ଟ ବିଧାୟକ ଜଗଦେବଙ୍କୁ ତଳ କୋର୍ଟରେ ହାଜର ହୋଇ ଜାମିନ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଅକ୍ଟୋବର ଶେଷ ସୁଦ୍ଧା ଚୂଡ଼ାନ୍ତ ହେବ ସଂରକ୍ଷଣ ତାଲିକା

## ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ଆସନ୍ତା ବର୍ଷ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ନିକଟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସ୍ଥାନ ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏକ ଗାଇଡ୍‌ଲାଇନ ପଠାଯାଇଥିବା ବେଳେ ନିର୍ବାଚନ ପ୍ରସ୍ତୁତିକୁ ପ୍ରାଥମିକତା ଭିତ୍ତିରେ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସଂଶୋଧିତ ପଞ୍ଚାୟତିରାଜ ରୁଲ୍ ଅନୁଯାୟୀ ସ୍ଥାନ ସଂରକ୍ଷଣ କରିବା ସହ ଆସନ୍ତା ୩୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବାକୁ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୮ରେ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ବ୍ଲକ ଅଧ୍ୟକ୍ଷମାନଙ୍କ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୬ରୁ ଆପତ୍ତିଅଭିଯୋଗ ଶୁଣାଣି କରାଯିବ। ୨୧ ତାରିଖ ସୁଦ୍ଧା ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ ରୁଲ୍‌ସ ୧୯୬୫ର ରୁଲ୍ ୩ର ସବ୍‌ରୁଲ ୪ରୁ ଅନୁଯାୟୀ ଚିଠା ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇବାର ୮ ଦିନ ମଧ୍ୟରେ ପ୍ରାର୍ଥୀମାନେ ଆପତ୍ତି ଅଭିଯୋଗ କରି ପାରିବେ। ଆସନ୍ତା ୨୬ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟକୁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପଠାଇବାକୁ କୁହାଯାଇଛି। ଜିଲାପରିଷଦ ସଭ୍ୟଙ୍କ ସଂରକ୍ଷଣ ତାଲିକା ଅକ୍ଟୋବର ୮ରେ ଜାରି କରାଯିବ। ୧୮ରୁ ୨୨ ସୁଦ୍ଧା ଅଭିଯୋଗ ଉପରେ ଶୁଣାଣି କରାଯିବ। ଅକ୍ଟୋବର ୨୯ ତାରିଖ ସୁଦ୍ଧା ଚୂଡ଼ାନ୍ତ କରି ରାଜ୍ୟ ସରକାର ୩୦ ତାରିଖ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବେ। ସେହିପରି ଜିଲାପରିଷଦ ଅଧ୍ୟକ୍ଷ ପାଇଁ ଅକ୍ଟୋବର ୧୬ ରେ ଚିଠା ତାଲିକା ଜାରି କରାଯିବ। ୨୬ରେ ଚୂଡ଼ାନ୍ତ ତାଲିକା ପ୍ରକାଶନ ସହ ୨୯ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଜଣାଇଦିଆଯିବ।

# ଶପଥ ନେଲେ ରୁଦ୍ର ମହାରଥୀ


ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନବ ନିର୍ବାଚିତ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କୁ ଶପଥପାଠ କରାଉଛନ୍ତି।

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

ପିପିଲି ବିଧାନସଭା ଉପନିର୍ବାଚନରେ ନବନିର୍ବାଚିତ ବିଜେଡି ବିଧାୟକ ରୁଦ୍ରପ୍ରତାପ ମହାରଥୀ ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି । ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ନିଜ ପ୍ରକୋଷ୍ଠରେ ମହାରଥୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ସାଧାରଣ ଜନତାଙ୍କ ସେବାରେ ସର୍ବଦା ନିୟୋଜିତ ରହିବା ପାଇଁ ମଧ୍ୟ ବାଚସ୍ପତି ମହାରଥୀଙ୍କୁ ପରାମର୍ଶ ଦେବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । ୨୦୨୦ ଅକ୍ଟୋବର ୪ରେ ବିଧାୟକ ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ପିପିଲି ଆସନ ଖାଲି ରହିଥିଲା। ଗତ ୩୦ ତାରିଖରେ ଅନୁଷ୍ଠିତ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ୨୦ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ପଛରେ ପକାଇ ବିଜୟୀ ହୋଇଥିଲେ।

# ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଶପଥ ନେଲେ ଜଳଦ କୁମାର ତ୍ରିପାଠୀ




ରାଜଭବନଠାରେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜ୍ୟର ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀଙ୍କୁ ଶପଥପାଠ କରାଉଛନ୍ତି।

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ରାଜ୍ୟର ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଜଳଦ କୁମାର ତ୍ରିପାଠୀ ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବାହ୍ନରେ ରାଜଭବନଠାରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବନିଯୁକ୍ତ ମୁଖ୍ୟ ସୂଚନା ଆୟୁକ୍ତ ତ୍ରିପାଠୀଙ୍କୁ ଓଡ଼ିଆରେ ଶପଥପାଠ କରାଇଥିଲେ। ପ୍ରାରମ୍ଭରେ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ରାଜ୍ୟପାଳଙ୍କ ଅନୁମତିକ୍ରମେ ତ୍ରିପାଠୀଙ୍କ ନିଯୁକ୍ତିପତ୍ର ପାଠ କରିଥିଲେ। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇଥିଲେ। ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କଟକ-ଭୁବନେଶ୍ୱର ଆରକ୍ଷୀ ଆୟୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ତ୍ରିପାଠୀଙ୍କ ସହଧର୍ମିଣୀଙ୍କ ସମେତ ପରିବାର ସଦସ୍ୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତିଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଏହି ଉତ୍ସବରେ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରେ ୨ହଜାର ତଳେ ସକ୍ରିୟ ରୋଗୀ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ):** ରାଜ୍ୟରେ ଗତ ୨୪ ଘଣ୍ଟାରେ ୪୫୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବର୍ଗର ୫୩ଜଣ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨୦୧ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୨୮,୮୧୯କୁ ବୃଦ୍ଧି ପାଇଛି। ସେହିପରି କରୋନାରେ ଆଉ ୩ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ୮,୨୨୩ରେ ପହଞ୍ଚିଛି। ଅପରପକ୍ଷେ ଦୀର୍ଘଦିନ ପରେ ଖୋର୍ଦ୍ଧା ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨ହଜାର ତଳକୁ ଖସିଛି। ମଙ୍ଗଳବାର ୫୫୭ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟଙ୍କ ସଂଖ୍ୟା ୧୦,୧୬,୧୬୫କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୪,୩୭୮ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୯୩୯ଜଣ ରହିଛନ୍ତି।

ଅଣ୍ଟା-ପିଠି-ଆଣ୍ଠୁ ଏବଂ ଗଣ୍ଠିର ପୁରୁଣା ରୋଗୀଙ୍କ ପାଇଁ ଆଶ୍ୱସ୍ତିଦାୟକ ଖବର

ଆୟୁର୍ବେଦିକ ପଦ୍ଧତିରେ ଉତ୍କୃଷ୍ଟ ବ୍ୟଥା ପ୍ରବନ୍ଧନ କରିଥାଏ କ୍ୱିକ୍ ପୀଡ଼ାନାଶକ ତେଲ - ମିଳୁଛି ଭଲ ପରିଣାମ

ଆୟୁର୍ବେଦ ଅନୁସାରେ ବ୍ୟଥା ଓ ଜ୍ୱର କୌଣସି ରୋଗ ନୁହେଁ ବରଂ ରୋଗର ଲକ୍ଷଣ ମାତ୍ର । ଏହା ଆମର ଶୁଭଚିନ୍ତକ ଅଟନ୍ତି, ଆମକୁ ସଚେତନ କରିଦିଅନ୍ତି କି ଶରୀରରେ ସମସ୍ୟା ଅଛି, ତାହାର ସମାଧାନ କର । ବାରମ୍ବାର ପେନ୍ କିଲର୍ ଖାଇବା ପୂର୍ବରୁ ଆମକୁ ଆୟୁର୍ବେଦରେ ଏହି ସମସ୍ୟାର ସମାଧାନ ଦେଖିନେବା ଆବଶ୍ୟକ। ଆୟୁର୍ବେଦରେ ପେନ୍ ମ୍ୟାନେଜମେଣ୍ଟ ଏମିତି ହୋଇଥାଏ କି, ବ୍ୟଥା କମିବା ସହିତ ଯେଉଁ କାରଣରୁ ବ୍ୟଥା ହେଉଛି, ତାହା ମଧ୍ୟ ଦୂର ହୋଇଯାଏ । କେବଳ ସିମ୍ପଟୋମାଟିକ୍ ବା ଲାକ୍ଷଣିକ ଚିକିତ୍ସା କରାଯାଏ ନାହିଁ । **ଆୟୁର୍ବେଦରେ ବ୍ୟଥାକୁ ଶୂଳ କୁହାଯାଏ । ବ୍ୟଥା ବା ଶୂଳ ସର୍ବଦା ବାତର କାରଣ ହୋଇଥାଏ । ବାତ-ପିତ୍ତ-କଫରେ ଅସନ୍ତୁଳନ ଘଟିଲେ ଓ ବାତ ବଢ଼ିଯାଇ ବ୍ୟଥା ହୋଇଥାଏ । ବାତ ସନ୍ତୁଳିତ ହୋଇଗଲେ ବ୍ୟଥା ମଧ୍ୟ ଦୂର ହୋଇଯାଏ ।** ଗଣ୍ଠି ବା joints ଶରୀରରେ ଏପରି ଅଂଶ, ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ମିଶିଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଯାଇଛି । ଗଣ୍ଠିବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ହୋଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ଜଙ୍ଘରେ ହୋଇପାରେ । ଦୀର୍ଘ ସମୟ ଧରି କୌଣସି ଗୋଟିଏ ଜାଗାରେ ବସିରହିବା, ଯାତ୍ରା କରିବା କାରଣରୁ ଆଣ୍ଠୁରେ କଠିନତା ଆସିଯାଏ ଓ ବ୍ୟଥା ହେବାକୁ ଲାଗିଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ ।

ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି କିମ୍ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଜଡ଼ି-ବୁଟି ମିଶ୍ରଣରେ ପ୍ରସ୍ତୁତ ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'କୁ ଏବେ ବଜାର ପ୍ରବେଶ କରାଇଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ରହୁଛି । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ୍ୟ କରିଦେଇଛି । ''ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।

**କ୍ୱିକ୍ ପୀଡ଼ାନାଶକ ତେଲ ସନ୍ଦର୍ଭରେ ଗ୍ରାହକମାନଙ୍କର ପ୍ରଶ୍ନ**

**ପ୍ରଶ୍ନ - କୈଳାଶ କାମ୍ବେଲେ ଜାଣିବାକୁ ଚାହୁଁଛନ୍ତି ଯେ, 15 ଦିନ ଧରି କ୍ୱିକ୍ ପୀଡ଼ାନାଶକ ତେଲ ଆଣ୍ଠୁରେ ମାଲିସ କରୁଛି, ବ୍ୟଥାରୁ ଅନେକ ମାତ୍ରାରେ ଆରାମ ମିଳିଛି, କ'ଣ ଏବେ କ୍ୱିକ୍ ତେଲ ଲଗାଇବା ବନ୍ଦ କରିଦେବି କି?**

ଉତ୍ତର - କୈଳାଶଜୀ ଆମେ ଅତ୍ୟନ୍ତ ଖୁସି ଯେ ଆପଣଙ୍କୁ କ୍ୱିକ୍ ତେଲରୁ ବ୍ୟଥାକୁ ନେଇ ଲାଭ ମିଳିଛି, ଆମ ନିକଟକୁ ସବୁଦିନ କମ୍ପାନୀର ହେଲ୍ପଲାଇନ୍‌ରେ ଅନେକ କଲ୍ ଆସିଥାଏ । ଏପରି ରୋଗୀମାନଙ୍କୁ ଆମେ ନିବେଦନ କରୁଛୁ ଯେ, ଅତି କମ୍‌ରେ 2 ମାସ ପର୍ଯ୍ୟନ୍ତ କ୍ୱିକ୍ ତେଲର ପ୍ରୟୋଗ ନିଶ୍ଚୟ କରନ୍ତୁ, ଯାହାଦ୍ୱାରା ବ୍ୟଥା ମୂଳରୁ ସମାପ୍ତ ହୋଇଯିବ ଏବଂ ଆପଣଙ୍କ ବ୍ୟଥାରୁ ମିଳିଥିବା ଲାଭ ବିଷୟରେ ଆପଣ ନିଜର ମିତ୍ର ଓ ଶୁଭଚିନ୍ତକଙ୍କୁ ମଧ୍ୟ ଅବଶ୍ୟ ସୂଚିତ କରନ୍ତୁ ଯାହା ଫଳରେ, ଅଧିକରୁ ଅଧିକ ବ୍ୟଥାରେ ପୀଡ଼ିତ ରୋଗୀଙ୍କୁ ଏହାର ଲାଭ ମିଳିପାରିବ ।










72198 21111 | BAJAJ FINANCE LTD - AF | Paytm Cashback up to ₹2 500 | FEDERAL BANK

*ସର୍ତ୍ତ ଓ ନିୟମାବଳୀ ଲାଗୁ । ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ମଡେଲ୍ ଗୁଡିକ ଉପରେ ଅଫର୍ ଉପଲବ୍ଧ ଅଟେ । #ପଲସର 150 ସିଙ୍ଗଲ୍ ଡିସ୍କ ପ୍ରକାର ପାଇଁ ଡାଉନ୍ ପେମେଣ୍ଟ । ଡିସିସି ଚାର୍ଜ୍ ଏବଂ ପ୍ରୋସେସିଂ ଫି ଅତିରିକ୍ତ ଯେପରି ପ୍ରଯୁଜ୍ୟ । ଫାଇନାନ୍ସ ଅର୍ଥ ପ୍ରଦାନକାରୀଙ୍କ ନିଜସ୍ୱ ବିଚାରରେ । ବଜାଜ ଅଟୋ ପୂର୍ବ ସୂଚନା ବିନା ଯେକୌଣସି କିମ୍ବା ସମସ୍ତ ଅଫର ପ୍ରତ୍ୟାହାର କରିବାର ଅଧିକାର ସଂରକ୍ଷଣ କରେ । ବିଶେଷଜ୍ଞଙ୍କ ଦ୍ୱାରା, ବୃତ୍ତିଗତ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ତଥା ଆବଦ୍ଧ ପରିବେଶରେ, ସାଧାରଣ ଜନତା କିମ୍ବା ସାଧାରଣ ରାସ୍ତା ଠାରୁ ଦୂରରେ ଷ୍ଟଣ୍ଟ ଗୁଡିକ କରାଯାଇଛି । ଦୟାକରି ଏହି ଷ୍ଟଣ୍ଟ ଗୁଡିକର ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଏବଂ ସୁରକ୍ଷା ନିୟମ ଅନୁସରଣ କରନ୍ତୁ ।

Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Baragrh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8895088261 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Laikara 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Rajkhariar 9437072917, Udyanbandh 9668115670, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Laikara 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Diptipur-7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତଳ ବରଡ଼ା ଖସୁଛି,**
**ଉପର ବରଡ଼ା ହସୁଛି,**
**ମଝି ବରଡ଼ା ଥାଇ ବୋଇଲା;**
**ମୋ ଦିନକାଳ ଆସୁଛି।**

ବାସ୍ତବିକ ଏ ମରଣଶୀଳ ଦୁନିଆରେ କିଛି ବି ସ୍ଥାୟୀ ନ ଥାଏ। ତଳ ବରଡ଼ା ଖସିଲା ପରି ଦିନେ ଉପର ବରଡ଼ା ମଧ୍ୟ ସମୟକ୍ରମେ ଖସିପଡୁଥିବାର ଦେଖିବାକୁ ମିଳିଥାଏ। ମଣିଷର ଅଗ୍ରଗତି ପଥରେ କାଳର ଏହା ସତର୍କବାଣୀ। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତତେ ଯେ ମାଇଲା,**
**ତୁ ତାକୁ ନ ମାର,**
**ତାକୁ ମାରୁଥିବ ଆନ;**
**ଦେଖୁଥିବ ତୋର ଦୁଇ ନୟନ,**
**ଶୁଣୁଥିବ ତୋର କାନ।**

ଯିଏ ଅନ୍ୟାୟରେ ଆଘାତ ଦିଏ ତା'ର ପରିଣତି ସେ ଦିନେ ନା ଦିନେ ଭୋଗକରିଥାଏ। ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତି କୁ ସହିପାରି ନ ଥାନ୍ତି। ଅନ୍ୟାୟ ଅନୀତି ର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୧ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପତ୍ତି ବାଜ୍ୟାପ୍ତ

## ଖୁବ୍ ଶୀଘ୍ର ନିଲାମ ହେବ: ଏସ୍‌ଡିପିଓ

**ମାଲକାନଗିରି/କାଳିମେଳା, ୫।୧୦ (ଡି.ଏନ.ଏ.)**

ଗଞ୍ଜେଇ ଚୋରାଚାଲାଣକୁ ରୋକିବା ଲାଗି ପୋଲିସ ଏବଂ ଅବକାରୀ ବିଭାଗ କଡା ପଦକ୍ଷେପ ନେଉଛି। ଏହା ସତ୍ତ୍ୱେ ମାଲକାନଗିରି ଜିଲାରୁ ଗଞ୍ଜେଇ ଚାଲାଣରେ ରୋକେ ଲାଗିପାରୁନାହିଁ। ଏଣିକି ଗଞ୍ଜେଇ ଚୋରାଚାଲାଣକାରୀ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ତତ୍କାଳ କାର୍ଯ୍ୟକାରୀ ହୋଇଥିବା ଦେଖିବାକୁ ମିଳିଛି। ୧୧ ଜଣ ଗଞ୍ଜେଇ ଚୋରାଚାଲାଣକାରୀ ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ହୋଇଥିବା ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଗଞ୍ଜେଇ ଚୋରାଚାଲାଣ ନେଇ ଏମ୍‌ଭି-୭୯ ଥାନାରେ ମାମଲା ଥିଲା। ଏହାର ନଂ. ୯/୨୧। ଗତ ଫେବୃୟାରୀରେ ଏହି ୧୧ ଜଣ ବ୍ୟକ୍ତି ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡି ଗିରଫ ହୋଇଥିଲେ।ମାମଲାର ବିଚାର ପରେ ସମସ୍ତେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୧୯୮୫ ଅବକାରୀ ଆଇନ୍ ଅନୁଯାୟୀ ସେମାନଙ୍କ ସମସ୍ତ ସମ୍ପତ୍ତି,ବ୍ୟାଙ୍କ ଆକାଉଣ୍ଟ ଏବଂ କୋଠାଘରଗୁଡିକୁ ବାଜ୍ୟାପ୍ତି କରାଯିବା ସହ ମଙ୍ଗଳବାର ସିଲ୍ କରାଯାଇଛି। ଏପରି କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ ଏମ୍‌ଭି-୭୨ ଗ୍ରାମର କ୍ରିଷ୍ଣା ବଲ୍ଲବ୍ , କାଳିମେଳା ବ୍ଲକର ମିର୍ନାଲ୍ ମଣ୍ଡଳ , ତାଣ୍ଡିମେଟାଲର ବିବେକା ନନ୍ଦ ହାଲ୍‌ଦାର, ଏମ୍‌ଭି-୭୨ ଗ୍ରାମର ଦୀପକ ବାଲା, ରାଜେଶ ମଣ୍ଡଳ, ନୁକାଲାମା ଇରିପିଲି, କିଶୋର ବଲ୍ଲବ, ବିକ୍ରମ ମଣ୍ଡଲ, ରାହୁଲ ବଲ୍ଲ, କାଳିମେଳାର ସୁଧା ମଣ୍ଡଳ, ଖାଇଗୁଡା ସଂଜିତ୍ ସିଂ। ମିର୍ନାଲ କାଳିମେଳା ଥାନାର ଜଣେ ହୋମଗାର୍ଡ ଥିଲେ। ଏମାନଙ୍କ ୫ଟି ବୃହତ୍ କୋଠା ଘର ଯାହାର ମୂଲ୍ୟ ୨ କୋଟି ୮୬ ଲକ୍ଷ ୫୩ ହଜାର ୧୫୦, ୧୨ଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ଜମାରାଶି ୩ କୋଟି ୫ଲକ୍ଷ ୫୭ହଜାର ୧୮୬ ଟଙ୍କା, ୬ଟି ଗାଡି ବାଜ୍ୟାପ୍ତ ହୋଇଛି। ଜବତ କୋଠାଗୁଡିକୁ ଖୁବ୍‌ଶୀଘ୍ର ନିଲାମ କରାଯିବ ବୋଲି ଏସ୍‌ଡିପିଓ ଦ୍ୱିବେଦୀ କହିଛନ୍ତି। ଏହି ଖବର ଜଣାପଡିବା ପରେ ଜିଲାର ଗଞ୍ଜେଇ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି।

## ପ୍ରଥମ ପୃଷ୍ଠାରୁ...

### ପୁରୁଣା ଗାଡ଼ିକୁ...

ଯାନଗୁଡ଼ିକର ଫିଟ୍‌ନେସ ପ୍ରମାଣପତ୍ରର ନବୀକରଣ ବିଳମ୍ବ ହେଲେ ଦୈନିକ ୫୦ ଟଙ୍କା ଜରିମାନା ଗଣିବାକୁ ପଡ଼ିବ। ପୁରୁଣା ଯାନଗୁଡ଼ିକୁ ବଜାରରୁ ହଟାଇବା ଲାଗି ସରକାର ଏଭଳି ନୀତି ଆପଣାଉଥିବା କୁହାଯାଇଛି। ଘରୋଇ ଯାନ ଅବଧି ୧୫ ବର୍ଷ ଟପିଥିଲେ ଯାନର ମାଲିକ ପ୍ରତି ୫ ବର୍ଷରେ ପଞ୍ଜୀକରଣ ନବୀକରଣ କରାଇବାକୁ ହେବ। ଏହାବାଦ ବାଣିଜ୍ୟିକ ଯାନଗୁଡ଼ିକ ୮ ବର୍ଷ ଅବଧି ପୂରଣ କରିଥିଲେ ଫିଟ୍‌ନେସ ସାର୍ଟିଫିକେଟ ନବୀକରଣ କରାଇବେ। ସେହିଭଳି ଫିଟ୍‌ନେସ ପରୀକ୍ଷଣ ଲାଗି ମାନୁଆଲ ବ୍ୟବସ୍ଥାକୁ ଉଠାଇ ଦେବା ଉପରେ ସରକାର ବର୍ତ୍ତମାନ ଫୋକସ କରିଥିବା ଜଣାପଡ଼ିଛି।

### ଖୁବ୍‌ଶୀଘ୍ର ସ୍ମାର୍ଟ...

ହେଉଥିବାରୁ ବାଚସ୍ପତି ପାତ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ତେଣୁ କୌଣସି ସ୍ଥାନରେ ବିଦ୍ୟୁତ୍ କାଟ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର କରାଯିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ପ୍ରାପ୍ୟ ସମସ୍ତ ଠିକା କର୍ମଚାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ଯୋଗାଣକୁ ସରଳ କରିବାକୁ କିଛି ଲୋକଙ୍କୁ ମଧ୍ୟସ୍ଥଭାବେ ନିଯୁକ୍ତି ଦିଆଯାଇ ଇଲେକ୍ଟ୍ରି ବିଲ୍ ସଂଗ୍ରହ କରାଯାଉଛି। ହେଲେ ସେମାନଙ୍କ ମଧ୍ୟରୁ କେତେଜଣ ଟଙ୍କା ଆଦାୟ କରି ଆତ୍ମସାତ୍ କରୁଥିବା ଅଭିଯୋଗ ହେଉଛି। ତେଣୁ ଏହି ଦାୟିତ୍ୱ ଆଗାମୀ ଦିନରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେମାନେ ଘର ଘର ବୁଲି ବିଦ୍ୟୁତ୍ ବିଲ୍ ଆଦାୟ କରିବେ। ଏହି ଷ୍ଟାଣ୍ଡିଂ କମିଟି ବୈଠକରେ ଟାଟା ପାୱାର ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ବିଦ୍ୟୁତ୍ ଯୋଗାଣ ନେଇ ବିସ୍ତୃତ ଆଲୋଚନା କରିଥିଲେ।

### ମୁମ୍ବାଇ ଡ୍ରଗ୍ସ ମାମଲା...

ମଧ୍ୟରୁ ମନୀଷ ଏବଂ ଅଭିନ ଓଡ଼ିଶାର ବୋଲି ଜଣାପଡ଼ିଛି। ମନୀଷଙ୍କ ଘର ରାଉରକେଲାରେ ହୋଇଥିବାବେଳେ ଅଭିନଙ୍କ ଘର ରଘୁନାଥପାଲି ଅଞ୍ଚଳରେ। ମନୀଷଙ୍କ ଠାରୁ ୨.୪ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଥିବା କୋର୍ଟଙ୍କୁ ଏନ୍‌ସିବି ଜଣାଇଛି। ଏପରି କି ଅଭିନ କ୍ରୁଜ୍‌ରେ ୨ଥର ଗଞ୍ଜେଇ ଟାଣିଥିବା ସ୍ୱୀକାର କରିଛନ୍ତି ବୋଲି ଏନ୍‌ସିବି କହିଛି। ଓଡ଼ିଶାର ୨ ଯୁବକ ଡ୍ରଗ୍ସ ପାର୍ଟି ମାମଲାରେ ଗିରଫ ହେବା ପରେ ଏହାକୁ ନେଇ ତନାଘନା ଆରମ୍ଭ ହୋଇଯାଇଛି। ସେହିପରି ଦିଲ୍ଲୀର ଏକ ଇଭେଣ୍ଟମ୍ୟାନେଜମେଣ୍ଟ ସଂସ୍ଥାର ୪ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ପୂର୍ବରୁ ଗିରଫ ହୋଇଥିବା ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍, ତାଙ୍କ ବନ୍ଧୁ ଅର୍ବାନ ମର୍ଚାଣ୍ଟ ଏବଂ ମୁନ୍ମୁନ୍ ଧମେଚାଙ୍କୁ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ସୋମବାର ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଏନ୍‌ସିବି ହାଜତକୁ ପଠାଇଛନ୍ତି।

### ମାଲକାନଗିରିରେ ପେଟ୍ରୋଲ...

ପେଟ୍ରୋଲ ୧୦୩.୫୨ ଟଙ୍କାରେ ପହଞ୍ଚିଛି। ଏ ପରିକି ଗତ ୨ ସପ୍ତାହ ମଧ୍ୟରେ ପେଟ୍ରୋଲ ୬ଥରରେ ୧.୪୮ ଟଙ୍କା ଏବଂ ଡିଜେଲ ୮ଥରରେ ୨.୭୦ ଟଙ୍କା ବୃଦ୍ଧି ଘଟିଲାଣି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି। ଅପରପକ୍ଷରେ କଟକ ସହରରେ ଡିଜେଲ ଲିଟର ପିଛା ୯୯.୬୫ ଟଙ୍କା ଓ ପେଟ୍ରୋଲ ୧୦୩.୮୭ ଟଙ୍କାକୁ ଛୁଇଁଛି।

ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୦ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଛି। ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୧.୦୭ ଟଙ୍କା ଏବଂ ପେଟ୍ରୋଲ ୧୦୨.୬୪ ଟଙ୍କାରେ କାରବାର ହେଉଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୫ରେ ଶେଷ ଥର ପାଇଁ ତୈଳ ଦର ହ୍ରାସ ପାଇଥିବା ବେଳେ ୨୪ ସେପ୍ଟେମ୍ବରରୁ ଡିଜେଲ ଦର ବଢିବା ସହ କ୍ରମାଗତ ଭାବେ ତୈଳ ଦର ବୃଦ୍ଧି ପାଇଚାଲିଛି ବୋଲି ତୈଳ ନିଗମ ସୂଚନା ଦେଇଛି।

ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୮ରୁ ୩୨ ପଇସା ବଢ଼ି ଯଥାକ୍ରମେ ୯୫.୫୯ ଟଙ୍କା, ୯୪.୧୭ ଟଙ୍କା ଏବଂ ୯୮.୮୦ ଟଙ୍କାରେ ରହିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୨ରୁ ୨୯ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୦.୨୩ ଟଙ୍କା, ୧୦୩.୩୬ ଟଙ୍କା ଏବଂ ୧୦୮.୬୭ ଟଙ୍କାରେ ପହଞ୍ଚିଛି। ଲଗାତର ତୈଳ ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ଦେଶର ୨୯ ଟି ରାଜ୍ୟରେ ପେଟ୍ରୋଲ ୧୦୦ଟଙ୍କାରୁ ଉର୍ଦ୍ଧ୍ୱରେ ବିକ୍ରି ହେଉଥିବା ବେଳେ ୨୫ ଟି ରାଜ୍ୟରେ ଡିଜେଲ ଦର ମଧ୍ୟ ୯୦ ଟଙ୍କା ଉପରେ ରହିଛି। ଏପରିକି ଦେଶର ୬ ପ୍ରମୁଖ ରାଜ୍ୟ ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ତେଲଙ୍ଗାନାରେ ମଧ୍ୟ ଡିଜେଲ ୧୦୦ ଟଙ୍କା ଉପରେ ବିକ୍ରି ହେଉଥିବା ନେଇ ସୂଚନା ମିଳିଛି। ଦେଶର ସର୍ବାଧିକ ତେଲ ଦର ରାଜସ୍ଥାନର ଗଙ୍ଗାନଗରରେ ପେଟ୍ରୋଲ ୧୧୪.୬୧ ଟଙ୍କା ଥିବା ବେଳେ ଡିଜେଲ ୧୦୪.୯୬ ଟଙ୍କା ରହିଛି।

# ବାଘୁଣୀ ସହ ଅଜଗର ଲଢ଼େଇ

**ବାରଙ୍ଗ,୫।୧୦(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ବାଘୁଣୀ ସହ ଏକ ଅଜଗର ସାପର ଲଢେଇ ହୋଇଛି। ଏଥିରେ ଅଜଗରଟି ଗୁରୁତର ଆହତ ହୋଇ ନନ୍ଦନକାନନର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଖବର ଅନୁଯାୟୀ, ଅପରାହ୍ନରେ ବାଘୁଣୀ ରୁପା ରହୁଥିବା ୩୨ନଂ ଏନକ୍ଲୋଜରକୁ ନିକଟସ୍ଥ ଜଙ୍ଗଲରୁ ହଠାତ୍ ଏକ ଅଜଗର ସାପ ପଶିଆସିଥିଲା। ପ୍ରାୟ ୧୧ଫୁଟ ଲମ୍ବର ଏହି ସାପଟି ବାଘୁଣୀ ପାଖକୁ ଚାଲି ଆସିବାରୁ ନିଜକୁ ବଞ୍ଚାଇବାକୁ ଯାଇ ବାଘୁଣୀ ସାପଟିକୁ ଆକ୍ରମଣ କରିଥିଲା। ଫଳରେ ଅଜଗରଟିର ଶରୀରର ବିଭିର୍ଣ୍ଣ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଗୋଟିଏ ସ୍ଥାନରେ ପଡ଼ିରହିଥିଲା। ଏହି ଦୃଶ୍ୟକୁ କେତେଜଣ ପର୍ଯ୍ୟଟକ ଦେଖିବା ପରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ପରେ କର୍ମଚାରୀମାନେ ଏକାଠି ହୋଇ ବାଘୁଣୀକୁ ଏନ୍‌କ୍ଲୋଜରରୁ ଅଲଗା କରି କ୍ଷତାକ୍ତ ସାପଟିକୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରମାନେ ସାପଟିକୁ ଚିକିତ୍ସା କରି ନଜରବନ୍ଦିରେ ରଖିଛନ୍ତି। ଅନ୍ୟପଟେ ମଙ୍ଗଳବାର ନନ୍ଦନକାନନକୁ ଆସିଥିବା ହେଲ୍‌ଥ କମିଟିର ସଦସ୍ୟମାନେ ସାପଟିର ଖବରପାଇ ଡାକ୍ତରଖାନାକୁ ଆସି ଏଠାକାର ଡାକ୍ତରମାନଙ୍କୁ ଚିକିତ୍ସା ସମ୍ବନ୍ଧରେ ପରାମର୍ଶ ଦେଇ ଫେରିଛନ୍ତି।

# ବାଳ ସୁଧାର ଗୃହରୁ ୩ ନାବାଳକ ଚମ୍ପଟ

**ରାଉରକେଲା ଅଫିସ,୫।୧୦**

ରାଉରକେଲା ବାଳ ସୁଧାର ଗୃହରୁ ୩ ଜଣ ନାବାଳକ ଫେରାର ହୋଇଯାଇଛନ୍ତି। ଦୀର୍ଘ ୮ ମାସରୁ ଉର୍ଦ୍ଧ୍ୱ ହେବ ଛେଣ୍ଡ ଟିସ୍କୋ ସ୍ଥିତ ବାଳ ସୁଧାର ଗୃହରେ ଏହି ୩ ଜଣ ନାବାଳକ ଥିଲେ। ସୋମବାର ବିଳମ୍ବିତ ରାତିରେ ସେମାନେ ରହୁଥିବା ବନ୍ଦୀ ଗୃହର ଝରକା ଭାଙ୍ଗି କୌଣସି ମତେ ଫେରାର ହୋଇଯାଇଥିଲେ। ଫେରାର ଥିବା ଜଣେ ନାବାଳକ କେ. କଲାଙ୍ଗ ଥାନା ଅଞ୍ଚଳର ଏବଂ ଅନ୍ୟ ଦୁଇଜଣ କେନ୍ଦୁଝର ଜିଲାର ଅଟନ୍ତି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ଥାନାକୁ ଅବଗତ କରାଯାଇଥିବା ବାଳ ସୁଧାର ଗୃହର ସୁପରିଣ୍ଟେଣ୍ଡେଣ୍ଟ ସୋମନାଥ ମୁର୍ମୁ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ସମାଗମ ଅବସ୍ଥାରେ ଥିବାରୁ ମାନସିକ ସ୍ଥିତିକୁ ଦୁର୍ବଳ କରାଇଲେ ମଧ୍ୟ ଆପଣଙ୍କ ଧୈର୍ଯ୍ୟଚ୍ୟୁତି ଘଟିବ ନାହିଁ। ଭିତିରିଆ ଉଦ୍ଦେଶ୍ୟ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ସାହାଯ୍ୟର ହାତ ବଢ଼ାଇବେ। ଆଜି ମନ ବୁଝିଲା ଭଳି କଥା କହି ପରିବାରର ଅବୁଝା ବ୍ୟକ୍ତିଙ୍କୁ ଆପଣେଇ ନେବେ। ବ୍ୟବସାୟିକ ସ୍ଥିତି ଓ ରାଜନୈତିକ ପରିସ୍ଥିତି ଉନ୍ନତ ମାନର ହେବ।

**ବୃଷ** ଏକାଧିକ ଗ୍ରହ କୋଣଭାବସ୍ଥ ଯୋଗୁ ଫୁଲାଫୁଙ୍କିଆ ମିଜାଜରେ ସମୟର ଅପଚୟ କରି ପରିବାରରେ ରୋଷର କାରଣ ହେବେ। ଆଳସ୍ୟଜନିତ କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। କଳା, ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମରେ ଭାବଗତ ସମ୍ପର୍କକୁ ଦୃଢୀଭୂତ କରିବେ। କୌଣସି କ୍ଷେତ୍ରରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**ମିଥୁନ** ଆଜି ହସଖୁସିର ପରିବେଶ ଭିତରେ ନିଜକୁ ହଜାଇ ଦେବେ। କିନ୍ତୁ ବନ୍ଧୁ ଗହଣରେ ଆତ୍ମ ବଡିମା ପ୍ରକାଶ କଲେ ଉପହସିତ ହେବାକୁ ପଡିବ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବାର ସୂଚନା ରହିଛି। ଶୁକ୍ରଙ୍କ ପ୍ରଭାବରୁ ସାହିତ୍ୟ ଓ ସଂଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କର୍କଟ** ପାରିବାରିକ ଜୀବନରେ ସୁଖଦ ଅନୁଭୂତିର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନ, କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହଜରେ ମୁଣ୍ଡ ନୂଆଁଇବା ପ୍ରଶ୍ନ ଉଠୁନି। ଉପର ଅଧିକାରୀ ଆପଣଙ୍କ ଉପରେ ଖପ୍ପା ହୋଇପାରନ୍ତି। ମହିଳାମାନଙ୍କ କ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ** ଆଜିର ଗ୍ରହ ପ୍ରଭାବରୁ ସମସ୍ତ ସମସ୍ୟାକୁ କୌଶଳର ସହ ପ୍ରତିହତ କରିବାରେ ସମର୍ଥ ହେବେ। ସାମୟିକ କୌଣସି ଅସ୍ୱାଭାବିକ ପରିସ୍ଥିତିକୁ ସାମନା କରି ମନ ଚିନ୍ତା ସାଗରରେ ଭାସି ବୁଲିବ। ସ୍ୱାସ୍ଥ୍ୟ ନିୟନ୍ତ୍ରଣ ଅବସ୍ଥାରେ ରହିବାର ସୂଚନା ରହିଛି। ଭଲ ସମ୍ପର୍କ ନ ଥିବା ବିଜାତୀୟ ବ୍ୟକ୍ତି ଜଣେ ନିନ୍ଦାଗାନ ପୂର୍ବକ ଅପପ୍ରଚାର ଚଳାଇ ପାରନ୍ତି।

**କନ୍ୟା** ଭଲ କିମ୍ବା ମନ୍ଦର ଆଲୋଚନା ନ କରି ପୂର୍ବ ଯୋଜନାନୁଯାୟୀ କାମକୁ ବଢାଇ ନେବା ଭଲ। ପ୍ରଶାସନ କିମ୍ବା ରାଜନୀତିରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବ। ଆଜି ଆପଣ ଯେକୌଣସି ପରିସ୍ଥିତି ମଧ୍ୟରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ତୁଳା** ଭୁଲ୍ ବୁଝାମଣା କାରଣରୁ ଘରେ ଅଶାନ୍ତି ଲାଗି ରହିବ। ସାମାଜିକ ସ୍ତରରେ ନିଜକୁ ଆଗରେ ରଖିପାରିବେ ନାହିଁ, ଫଳରେ ପଶ୍ଚାତ୍ତାପ କରି ପାରନ୍ତି। ବନ୍ଧୁଙ୍କ ଅନୁରୋଧରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଘର ସାଜସଜ୍ଜା, ଗାଡି, ମୋଟରାଦି ଯାନ୍ତ୍ରିକ ଜିନିଷର ମରାମତିରେ ଅଧିକ ସମୟ ନେଇ ପାରନ୍ତି।

**ବିଛା** ପାଖ ଲୋକଟି ଆପଣା ସ୍ୱାର୍ଥ ରକ୍ଷା କରିବାକୁ ଆପଣଙ୍କୁ ମିଛ କହିପାରେ। ଅବସ୍ଥା ସୁଧୁରିବା ସଙ୍ଗକୁ ପାରିବାରିକ ପରିସ୍ଥିତି ଭଲ ଦିଗକୁ ଗତି କରିବ। ଅଫିସ କାମରେ ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟକୁ ସନ୍ଦେହ କରିପାରନ୍ତି। ବ୍ୟବସାୟ, ସଂଗଠନ, ସାହିତ୍ୟ, କଳା, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ଆସିପାରେ।

**ଧନୁ** କର୍ମସ୍ଥ ଗ୍ରହଜନିତ ପାରିବାରିକ ଶାନ୍ତି ଭାରାକ୍ରାନ୍ତ ମନକୁ ସାମୟିକ ଲାଘବ କରିବାର ସୂଚନା ରହିଛି। ବ୍ୟକ୍ତି କୈନ୍ଦ୍ରିକ ଚିନ୍ତାଧାରା ସାମାଜିକ ଜୀବନରେ ଅଶାନ୍ତିର କାରଣ ହୋଇପାରେ। ସନ୍ତାନ, ଶିକ୍ଷା ଓ ମାଲି ମକଦ୍ଦମା କ୍ଷେତ୍ରରେ ସଫଳତା ପାଇବେ। ଅଫିସ କାମରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**ମକର** ଶନିଙ୍କ ରାଶିରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଅତି ଭଲ ସମ୍ପର୍କ ରହିଥିବା ଲୋକଟି ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବାକୁ ପଡିପାରେ। ଭୁଲ୍‌ବଶତଃ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** ଚତୁର୍ଥରାହୁ ହେତୁ ଶତ୍ରୁତା କାରଣରୁ ଅଶାନ୍ତ ବାତାବରଣ ସୃଷ୍ଟିର ଆଶଙ୍କା ରହିଛି। ଅନ୍ୟ ପ୍ରରୋଚନାରେ ଆତ୍ମୀୟ ଜଣେ କିଛି ସମସ୍ୟା ସୃଷ୍ଟିରେ ସାହାଯ୍ୟକାରୀ ସାଜି ପାରନ୍ତି। ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ତର୍କ ଓ ବିବାଦ ବଢ଼ିପାରେ। ଅନଟନ ଦୂରେଇବା ସକାଶେ ଧାର କରଜ କରିବାକୁ ବାଧ୍ୟ ହେବାକୁ ପଡିବ।

**ମୀନ** ଏକାଧିକ ଗ୍ରହ ସପ୍ତମସ୍ଥ ହେତୁ ଆରମ୍ଭ କରିବାକୁ ଯାଉଥିବା କାମକୁ ମନ୍ଥର କରିପାରନ୍ତି। ଗାଡି, ମୋଟର, ଯାନ୍ତ୍ରିକ ଜିନିଷ କିଣିବାକୁ ପ୍ରସ୍ତୁତ ହେବାର ସୂଚନା ରହିଛି। ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ରକ୍ଷା ଦିଗରେ ଉଦ୍ୟମ କରି ପ୍ରଶଂସିତ ହୋଇ ପାରନ୍ତି। ଅର୍ଥ, ସଭାସମିତି, ଆଲୋଚନା, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସୁନାମ ଅର୍ଜନ କରିବେ।

# ଆଇଟି ଭିତ୍ତିଭୂମି ସୁଦୃଢ଼ ହେବ

### ରାଜ୍ୟ ଆଇଟି ମନ୍ତ୍ରୀଙ୍କୁ ସାକ୍ଷାତ କଲେ ଆଇଇଏସ୍‌ଏ ସଭାପତି କେ. କ୍ରିଷ୍ଣ ମୂର୍ତ୍ତି

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ରାଜ୍ୟ ଆଇଟିରେ ଅଧିକ ପୁଞ୍ଜିନିବେଶ ସହ ଭିତ୍ତିଭୂମି ସୁଦୃଢ଼ ହେବ। ଏନେଇ ଇଣ୍ଡିଆନ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ୍ ସେମି କଣ୍ଡକ୍ଟର ଆସୋସିଏଶନ (ଆଇଇଏସ୍‌ଏ) ସଭାପତି କେ. କ୍ରିଷ୍ଣ ମୂର୍ତ୍ତି ଓ ଏସ୍‌ଏଲ୍‌ଏନ୍ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଅନୀଲ କୁମାର ମୁନିସ୍ୱାମୀ ମଙ୍ଗଳବାର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସାକ୍ଷାତ କରିଛନ୍ତି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ସାକ୍ଷାତବେଳେ ରାଜ୍ୟରେ ଥିବା ଏସ୍‌ଟିପିଆଇସ୍ଥିତ ଆଇଟି ପାର୍କକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ଆଇଟି ନୀତିର ସରଳୀକରଣ, ନୂଆ ପରିକଳ୍ପନା ଏବଂ ପୁଞ୍ଜିନିବେଶ ଉପରେ ଆଲୋଚନା ହୋଇଥିଲା। ରାଜ୍ୟରେ କୋଭିଡ୍ ପ୍ରକୋପ ବର୍ତ୍ତମାନ କମୁଥିବାରୁ ଆଇଟି କ୍ଷେତ୍ରରେ ପୁଞ୍ଜିନିବେଶ ନିମନ୍ତେ ଆଲୋଚନା ରାଜ୍ୟ ପାଇଁ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆଲୋଚନା ସମୟରେ ଆଇଟି ବିଭାଗ ଶାସନ ସଚିବ ମନୋଜ ମିଶ୍ର, ଏସ୍‌ଟିପିଆଇ ନିର୍ଦ୍ଦେଶକ ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ୩ ଦିନ ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ, ୫।୧୦:** କରୋନା ମହାମାରୀକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଏସ୍‌ଓପି ଅନୁଯାୟୀ ବୁଧବାର ମହାଳୟାରେ ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ବନ୍ଦ ରହିବ। ସେହିପରି ଏଥର ପବିତ୍ର ଦଶହରାରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ହେବେ। କାରଣ ଦଶହରା ଦିନ ଶ୍ରୀମନ୍ଦିର ବନ୍ଦ ରହିବ। ଦଶହରାରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନାବେଶ ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତ ଶ୍ରୀମନ୍ଦିରକୁ ଆସିଥାନ୍ତି। ତେବେ ଅତ୍ୟଧିକ ଗହଳି ଯୋଗୁ କରୋନା ବ୍ୟାପିବା ଆଶଙ୍କା ଥିବାରୁ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବ। କୁମାର ପୂର୍ଣ୍ଣିମା ଦିନ ମଧ୍ୟ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିବ। ତେବେ ଏହି ସ୍ୱତନ୍ତ୍ର ଦିନଗୁଡ଼ିକରେ ସ୍ୱାଭାବିକ ଭାବେ ନୀତିକାନ୍ତି ହେବ। ସେବାୟତମାନେ ସବୁଦିନ ଭଳି ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କ ନୀତିକାନ୍ତି କରିବେ। ସେହିପରି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ସମ୍ମୁଖ ବ୍ୟାରିକେଡ୍ ବାହାରେ ରହି ଶ୍ରୀପତିତପାବନଙ୍କୁ ଦର୍ଶନ କରିପାରିବେ।


# classifieds Everyday 0674-2580101, 2549302




**BRIDE WANTED**

Wants brahmin bride Gunjami 35, 40 highly business. 7377612831, 9853350729. D-70244

Hindu Brahmin 53 years 5'4", Central Govt. Service widow & divorce allowed, caste no bar. M: 9008374112. D-21845

**GROOM WANTED**

Patara girl dob: 1997, 5.3" B.Tech service in Software Bhubaneswar. Mob: 9937577677. D-21758

Beautiful Khandayat girl 1993, 5'3" MCA only daughter. "Sunasansar". 9 9 3 7 5 1 2 6 5 9 , 8249969649. D-21831

Suitable Match invited for fair, Bengali Kayasta girl, 1995, 5'2", B.Tech, pursuing MBA. Father business man and mother Teacher, Baudpur, Bhadrak, Early marriage. Contact: 9437343898, 6371220090. D-69996




**SALE**

Flats at Puri nearest Jagannath Temple with Rera PKDA book @3Lakhs. Contact: 9124289585. D-21846

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ **commercial Hub "Grandbazar"** ସମ୍ମୁଖରୁ **1 k.m.** ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **9078699286.** D-71714

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71177

ଭୁବନେଶ୍ୱର **Khordha NH side** ପିତାପଲ୍ଲୀ ଏବଂ **Sum Hospital 4 k.m. Ri Training Centre** ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। **Owner: 9090963952.** D-71703

ପୁରୀ ଦକ୍ଷିଣ ଦ୍ୱାରଠାରୁ 5k.m., ସମୁଦ୍ରଠାରୁ 1k.m. ଗୁଡ଼ିଆସାହିରେ, 9.5x120) ଘର ବିକ୍ରିହେବ। 8763795928, 9861162562. D-70743

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ ମିଳୁଛି। 9437033320.** D-71705

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711




Tolet, Bank/Office/ Guest house, BJB Nagar, Bhubaneswar. Contact: 7205613099. D-70742

3Bedroom, Hall, Kitchen, Store, Ground floor for Institute commercial Office available. Prime location, N-6/460 Nayapalli. 9331026176, 9337102719. D-21835

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

2BR, hall, kitchen, drawing house at Dharmavihar near power substation back side Jagannath Temple for rent- 9341925427. D-70962

2000sqft. second floor hall with lift near Airport on 100ft. wide Bhimatangi Mainroad for Office or commercial. 9958003695. D-71425




Ashirvaad Salon and SPA get good massage for your health tha best therapy. 7077181074. D-70491

**Refreshing your mind, your body with tha best therapy at Lotus Spa. 8018891951.** D-70493

Newly open SPA positively health benefit with Expert. Contact: 7749976301. D-71174

Newly open Saikrupa Panchakarma Spa positively health benefits with Expert. 8984068077. D-21804

Refreshing your mind and body with the best therapy. 7873794731. D-71179

Newly open therapy center offer @ 799/-, positively health benefits. 7381172169. D-71424

Newly open SPA positively health benefits by expert therapist. 7846814019. D-71423

**AFFIDAVIT**

By virtue of an affidavit before the Executive Magistrate, Bhubaneswar. I, Rudra Harijan, declare that I have changed my surname from Harijan to Harpal. S/d- Rudra Harpal, S/o Raju Harijan, resident of At-Kotamal, Po-Godal, Ps-Sinapalli, Dist- Nuapada, Pin-766108, Odisha for all purposes. D-71501

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୬୩,୬୪,୭୧୦ | ୪୮,୨୬,୨୦୨ | ୨୧,୩୪,୪୦,୦୦୧ |
| ଭାରତ | ୩,୩୮,୬୯,୦୦୭ | ୪,୪୯,୫୩୬ | ୩,୩୧,୬୬,୧୯୦ |
| ଓଡ଼ିଶା | ୧୦,୨୮,୮୧୯ | ୮୨୨୩(+୫୩) | ୧୦,୧୬,୧୬୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ଫାଣ୍ଡି ଦାୟିତ୍ୱରେ ରହିବେ ସବ୍‌ଇନ୍ସପେକ୍ଟର

ଭୁବନେଶ୍ୱର,୫।୧୦(ବ୍ୟୁରୋ)

ଓଡ଼ିଶା ପୋଲିସର ୨୧୬ ଫାଣ୍ଡି ଦାୟିତ୍ୱରେ ଏଣିକି ସବ୍‌ଇନ୍ସପେକ୍ଟରମାନେ ରହିବେ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅନୁମୋଦନ କରିଛନ୍ତି । ପୂର୍ବରୁ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟରମାନେ ଫାଣ୍ଡି ଦାୟିତ୍ୱରେ ରହୁଥିଲେ। କମିଶନରେଟ୍ ପୋଲିସଠାରୁ ଆରମ୍ଭ କରି ବିଭିନ୍ନ ଜିଲା ପୋଲିସ ଏବଂ ରେଲୱେ ପୋଲିସ ଦ୍ୱାରା ପରିଚାଳିତ ପୋଲିସ ଫାଣ୍ଡିଗୁଡ଼ିକରେ ସବ୍‌ଇନ୍ସପେକ୍ଟରମାନଙ୍କୁ ନିଯୁକ୍ତି ଦିଆଯିବ। ସବ୍‌ଇନ୍ସପେକ୍ଟରମାନଙ୍କ ତାଲିମ ଓ ଅପରାଧ ଅନୁସନ୍ଧାନରେ ସେମାନଙ୍କ ଦକ୍ଷତା ଫାଣ୍ଡି ସ୍ତରରେ ଅପରାଧ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ୨୭୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ବସ୍ତା, ୫।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଜାତୀୟ ରାଜପଥର ବାଇପାସ୍ ନିକଟରୁ ମଙ୍ଗଳବାର ପୋଲିସ ୨୭୨ଗ୍ରାମ୍ ବ୍ରାଉନ୍‌ସୁଗାର, କାର୍, ୬୪ହଜାର ୮୯୦ ଟଙ୍କା, ୩ଟି ମୋବାଇଲ, ଏଟିଏମ୍ କାର୍ଡ଼ ଜବତ କରିଛି। ଏଥିରେ ଜଲେଶ୍ୱର ଥାନା ସେଖ୍ ସରାଇ ଗ୍ରାମର ହରି ଶଙ୍କର ଦାସ, ତାଡ଼କେଶ୍ୱର ଜେନା ଏବଂ ସିଂଲା ଥାନା ଅଧୀନ ସାର୍ଥା ଗ୍ରାମର ନିମାଇଁ ବେହେରାଙ୍କୁ ଗିରଫ ପାରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୯୦/୨୧) ରୁଜୁ ହୋଇଛି।




# ୪ ଅଧିକାରୀଙ୍କୁ ଦିଆଗଲା ବାଧ୍ୟତାମୂଳକ ଅବସର

## ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ଆଭିମୁଖ୍ୟ

ଭୁବନେଶ୍ୱର,୫।୧୦(ବ୍ୟୁରୋ)

ଦୁର୍ନୀତିଗ୍ରସ୍ତ ଏବଂ ଅପାରଗତା ଅଭିଯୋଗରେ ରାଜ୍ୟର ଆଉ ୪ ଜଣ ଅଧିକାରୀଙ୍କୁ ରାଜ୍ୟ ସରକାର ମଙ୍ଗଳବାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏଥିରେ ୨ ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀ(ଓଏଏସ୍) ରହିଥିବା ବେଳେ ଜଣେ ଜିଲା ସବ୍‌ରେଜିଷ୍ଟ୍ରାର ଓ ଜଣେ ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ରହିଛନ୍ତି। ଏ ସମସ୍ତଙ୍କ ନାମରେ ଦୁର୍ନୀତି ଅଭିଯୋଗ ରହିଛି । ଏହି ୪ ଜଣଙ୍କ ମଧ୍ୟରୁ ଅନୁଗୋଳର ଡେପୁଟି କଲେକ୍ଟର ଜାନକୀନାଥ ମିଶ୍ରଙ୍କ ବିରୋଧରେ ୨ଟି ଦୁର୍ନୀତି ମାମଲା ରହିଥିବା ବେଳେ ୯ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ (ପ୍ରୋସିଡିଂ) କରାଯାଇଛି। ଦୁର୍ନୀତିଗ୍ରସ୍ତ ହେବା ସହିତ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଅପାରଗତା ପ୍ରମାଣିତ ହୋଇଛି। ଏଥିପାଇଁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ସେହିପରି ଗଜପତି ଜିଲା ନୂଆଗଡ଼ ତହସିଲଦାର ଆକୁଳ ମଲ୍ଲିକଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଥିବା ବେଳେ ତାଙ୍କ ବିରୋଧରେ ୨ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି। କାର୍ଯ୍ୟ କ୍ଷେତ୍ରରେ ଅପାରଗ ଥିବା ସହିତ ସେ ସରକାରୀ ପାଣ୍ଠି ଆତ୍ମସାତ୍ କରିଥିଲେ। ଏହି କାରଣରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଢେଙ୍କାନାଳ ଜିଲା ସବ୍‌ରେଜିଷ୍ଟ୍ରାର ଲଲାଟେନ୍ଦୁ ଶତପଥୀଙ୍କ ବିରୋଧରେ ୨ଟି ଦୁର୍ନୀତି ମାମଲା ରହିଛି । ଏଥିସହିତ ୨ ବିଭାଗୀୟ ପ୍ରୋସିଡିଙ୍ଗ୍ ମଧ ରହିଛି । ତାଙ୍କର ସାଧୁତା ସନ୍ଦେହଜନକ ରହିଥିଲା ଏବଂ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଅପାରଗତା ପ୍ରତିପାଦିତ ହୋଇଥିବାରୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ସେହିପରି ନୂଆପଡ଼ାର ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ତ୍ରିଲୋଚନ ଧଳଙ୍କ ନାମରେ ଗୋଟିଏ ଦୁର୍ନୀତି ମାମଲା ରହିଛି । ତାଙ୍କ ନିକଟରେ ବହୁ ପରିମାଣର ଆୟ ବହିର୍ଭୂତ ଟଙ୍କା ମିଳିଥିଲା ଏବଂ ସେଥିପାଇଁ ତାଙ୍କ ବିରୋଧରେ ଦୁର୍ନୀତି ମାମଲା କରାଯାଇଥିଲା । ଅସାଧୁତା ଓ ଅପାରଗତା କାରଣ ଯୋଗୁ ତାଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ।

ଉପରୋକ୍ତ ୪ ଜଣ ଅଧିକାରୀଙ୍କ ସମେତ ଏ ପର୍ଯ୍ୟନ୍ତ ୧୨୨ ଜଣଙ୍କୁ ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇ ଆସିଛନ୍ତି । ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ସେ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।



Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

> ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। – ଶ୍ରୀଅରବିନ୍ଦ



# ଆହୁରି ବଢ଼ିବ

ଚଳିତବର୍ଷ ଫେବୃୟାରୀ ୨୮ ଯାଏ ପେଟ୍ରୋଲ ଓ ଡିଜେଲ ଦର ବଢ଼ି ଚାଲିଥିଲା। ପଶ୍ଚିମବଙ୍ଗ ସମେତ ୫ ରାଜ୍ୟର ବିଧାନସଭା ନିର୍ବାଚନକୁ ଆଖିଆଗରେ ରଖି କେନ୍ଦ୍ର ସରକାର ତୈଳ ଦର ଅପରିବର୍ତ୍ତିତ ରଖିଦେଲେ। ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଗୋଟିଏ ଦିନ ପରେ ଅର୍ଥାତ୍ ମେ ୪ରୁ ଜୁଲାଇ ୧୭ ଯାଏ କ୍ରମାଗତ ୧୧ ସପ୍ତାହ ପେଟ୍ରୋଲ ୧୧ଟଙ୍କା ୫୪ ପଇସା ଓ ଡିଜେଲ ୯ ଟଙ୍କା ୯୭ ପଇସା ବୃଦ୍ଧି ପାଇଥିଲା। ଜନଅସନ୍ତୋଷ ବଢ଼ିବାରୁ କିଛିଦିନ ଏଥିରେ ବିରତିଦିଆଯାଇଥିଲା। ଫଳରେ ସରକାର ଅଗଷ୍ଟରେ ୬ ଥରରେ ପେଟ୍ରୋଲ ୬୨ ପଇସା ଓ ଡିଜେଲ ୧ ଟଙ୍କା ୧୪ ପଇସା କମାଇଥିଲେ। ତେବେ ଗତ ଦୁଇ ସପ୍ତାହ ହେବ ପେଟ୍ରୋଲ ଓ ଡିଜେଲ ଦର ପୁଣି ଉପରମୁହାଁ ହୋଇଚାଲିଛି। ୫ ଅକ୍ଟୋବର ମଧ୍ୟରେ ପେଟ୍ରୋଲ ୬ ଥର ଓ ଡିଜେଲ ୯ ଥର ବଢ଼ି ଏବେ ଓଡ଼ିଶାର ମାଲକାନଗିରିର କାଲିମେଲାରେ ପେଟ୍ରୋଲ ଲିଟର ପିଛା ୧୧୦ଟଙ୍କାରେ ପହଞ୍ଚିଥିବା ବେଳେ ଡିଜେଲ ୧୦୫ ଟଙ୍କା ଛୁଇଁଛି। ଦେଶ କଥା ଦେଖିଲେ ରାଜସ୍ଥାନର ଗଙ୍ଗାନଗରରେ ପେଟ୍ରୋଲ ଲିଟର ପିଛା ୧୧୪ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ୧୦୪ ଟଙ୍କା ୯୬ ପଇସାରେ ବିକ୍ରି ହେଉଛି।

ଏହା ଜଣାଶୁଣା ଯେ, ପେଟ୍ରୋଲ ଓ ଡିଜେଲ ଦର ବଢ଼ିଲେ ତାହା ପ୍ରତ୍ୟେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟକୁ ବଢ଼ାଇ ଦେଇଥାଏ। କାରଣ ପରିବହନ ଉପରେ ଏହା ସିଧାସଳଖ ନିର୍ଭର କରେ। ୨୦୧୬ ନଭେମ୍ବର ୮ ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିମୁଦ୍ରୀକରଣ ଭଳି ଅର୍ଥନୈତିକ କଠୋର ପଦକ୍ଷେପ ନିଆଯିବା ପରେ ଭାରତୀୟ ଅର୍ଥନୀତି ଦବିଯାଇଥିଲା। ତାହାକୁ ଆହୁରି ଖରାପ ସ୍ତରକୁ ନେଇଗଲା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ। ୨୦୨୦ରେ କୋଭିଡ୍–୧୯ ଭୂତାଣୁ ଯୋଗୁ ହୋଇଥିବା ତତ୍‌କ୍ଷଣାତ୍ ଲକ୍‌ଡାଉନ ବା ଶଟ୍‌ଡାଉନ କୃଷି ଓ ଶିଳ୍ପ ଉତ୍ପାଦନକୁ ବ୍ୟାହତ କରିଥିବା ବେଳେ ପରବର୍ତ୍ତୀ ସମୟରେ ତାହା ସାଧାରଣ ନାଗରିକଙ୍କୁ ମଧ୍ୟ କ୍ଷତି ପହଞ୍ଚାଇଛି। ଏଥିରେ ସରକାରଙ୍କ କୌଣସି ନୀତି ନ ଥିବା ସହିତ ହଠାତ୍ କରି ବିଭିନ୍ନ ନିଷ୍ପତ୍ତି ନିଆଯାଉଥିବାରୁ ସ୍ଥିତି ଏବେ ମଧ୍ୟ ଜଟିଳ ହେଉଛି। ଉଦାହରଣ ସ୍ୱରୂପ, ଭାରତର ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଗଲେ କୋଭିଡ୍ ନିୟମାବଳୀରେ ଭିନ୍ନତା ଦେଖାଦେଉଛି। କେଉଁଠି ଦୁଇଟି ଟିକା ନେଇଥିଲେ ପ୍ରବେଶ ଅନୁମତି ମିଳୁଥିବା ବେଳେ ଅନ୍ୟ କେତେକ ରାଜ୍ୟ, ଟିକା ସତ୍ତ୍ୱେ, ଆର୍‌ଟି–ପିସିଆର୍ ରିପୋର୍ଟ ମଧ୍ୟ ମାଗୁଛନ୍ତି।

୨୦୨୧ ସେପ୍ଟେମ୍ବର ପ୍ରଥମ ଭାଗରେ ଦେଶର ବଜାରଗୁଡ଼ିକରେ କାରବାର ବଢ଼ିବା ପରେ ଅର୍ଥନୀତିରେ ସାମାନ୍ୟ ସୁଧାର ଆସୁଥିଲା। ହେଲେ ପୁଣି ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଘଟିବାରୁ ସମସ୍ତ ପ୍ରକାର ଦ୍ରବ୍ୟର ମୂଲ୍ୟ ଅତ୍ୟଧିକ ମାତ୍ରାରେ ବଢ଼ିଚାଲିଛି। ଏହି ଦୁଃଖକୁ ଆହୁରି ବଢ଼ାଇ ଦେଇଛି ରନ୍ଧନ ଗ୍ୟାସ୍। ଘରୋଇ କାର୍ଯ୍ୟରେ ବ୍ୟବହୃତ ଏଲ୍‌ପିଜି ଦର ସିଲିଣ୍ଡର ପିଛା ଗତ ୧୦ ମାସ ମଧ୍ୟରେ ୩୦୦ ଟଙ୍କା ବଢ଼ି ଏବେ ୯୧୧ ଟଙ୍କା ଧରିଲାଣି। ଖାଇବା ତେଲ ଲିଟର ପିଛା ୨୦୦ ଟଙ୍କା ମଧ୍ୟ ଅତିକ୍ରମ କରିଛି। ଯେତେବେଳେ ଇନ୍ଧନ ଓ ରନ୍ଧନ ସାମଗ୍ରୀ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥାଏ, ସେତେବେଳେ ସାଧାରଣ ପରିବାର ଦହଗଞ୍ଜ ହୋଇଯାଇଥାଆନ୍ତି। ଏହି ବିଷୟ ସରକାରଙ୍କୁ ବ୍ୟଥିତ କରୁ ନାହିଁ। ନିକଟରେ ଶେଷ ହୋଇଥିବା ୪୫ତମ ଜିଏସ୍‌ଟି ପରିଷଦ ବୈଠକରେ ପେଟ୍ରୋଲ ଓ ଡିଜେଲ ଜିଏସ୍‌ଟି ପରିସରକୁ ଆସିପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା ନୋହିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେଥିରୁ ଅତ୍ୟଧିକ ଲାଭ ପାଉଥିବାରୁ ଉକ୍ତ ପ୍ରସଙ୍ଗରେ ସହମତି ଆଣିପାରିଲେ ନାହିଁ। ଫଳରେ ଇନ୍ଧନ ଦରକୁ ଲଗାମବିହୀନ କରିଦିଆଗଲା। ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ତୈଳ ଦର ବୃଦ୍ଧି ପାଇ ରେକର୍ଡ ସ୍ତରରେ ପହଞ୍ଚିଥିଲେ ମଧ୍ୟ ସାମାନ୍ୟ ପାଟି ଖୋଲିବାର ପ୍ରୟୋଜନ ନାହିଁ ବୋଲି ଭାବୁଛନ୍ତି। କେଉଁଭଳି ପଦକ୍ଷେପ ନିଆଗଲେ ଏହାକୁ ନିୟନ୍ତ୍ରଣ ମଧ୍ୟକୁ ଅଣାଯାଇପାରିବ, ସେହି ବିଷୟରେ ଆଦୌ ଆଲୋଚନା ହେଉ ନାହିଁ। ଏଠାରେ ଏକ ଘୋଷା କଥା ମନେପଡ଼େ। ଯଦି ପେଟ୍ରୋଲ ଓ ଡିଜେଲ ଦର ଅତ୍ୟଧିକ ବୃଦ୍ଧି ପାଏ ଓ ବିରୋଧୀ ପ୍ରତିବାଦ କରନ୍ତି ସେତେବେଳେ କୁହାଯାଏ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢୁଥିବାରୁ ତାହାର ପ୍ରଭାବ ଘରୋଇ ମାର୍କେଟ ଉପରେ ପଡୁଛି। କୌତୂହଳର ବିଷୟ ହେଲା ଯେ, ଗତ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନ୍ତର୍ଜାତୀୟ ବଜାରରେ ବ୍ୟାରେଲ ପିଛା ତେଲ ଦର ସର୍ବନିମ୍ନ ସ୍ତରରେ ଥିବାବେଳେ ଭାରତରେ ଦରବୃଦ୍ଧି ଲାଗି ରହିଥିଲା। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ତୈଳ ଦର ପୁନର୍ବାର ବୃଦ୍ଧି ପାଇବାରେ ଲାଗିଲାଣି। ଅର୍ଥାତ୍ ଭାରତରେ ଆହୁରି ତୈଳ ଦର ବୃଦ୍ଧିର ଆଶଙ୍କା ଦିଶିଲାଣି।

# ବିଶ୍ୱାସ ହେଉନାହିଁ

ମୁମ୍ବାଇ ଉପକୂଳରେ ଏକ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି କରୁଥିବାବେଳେ ସୁପରଷ୍ଟାର୍ ଶାହରୁଖ ଖାନ୍‌ଙ୍କ ପୁଅ ୨୩ ବର୍ଷୀୟ ଆର୍ଯ୍ୟନଙ୍କ ସହ ଅନ୍ୟ ୭ଜଣଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଗିରଫ କରିଥିଲା। ପରେ ଗିରଫ ସଂଖ୍ୟା ବଢ଼ିଛି ହେଲେ ଏହି ଘଟଣାରେ ଆର୍ଯ୍ୟନଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କୋର୍ଟରେ ହାଜର କରାଯିବା ପରେ ଆର୍ଯ୍ୟନଙ୍କ ରିମାଣ୍ଡ ଅବଧିକୁ ୭ ଅକ୍ଟୋବର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଡ୍ରଗ୍ସ ବେପାରୀଙ୍କ ସହ ନିୟମିତ ଚାଟିଂର ପ୍ରମାଣ ଥିବାରୁ ଅଧିକ ତଦନ୍ତ ଆବଶ୍ୟକ ବୋଲି କୋର୍ଟଙ୍କୁ ଏନ୍‌ସିବି ଅବଗତ କରିଛି। ତେବେ ଏନ୍‌ସିବି ତଦନ୍ତ ତୀବ୍ର କରି ଏହାର ଖିଅ ଖୋଜିବ, ଯାହା କରୁଛି ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଘଟଣାରେ। ହେଲେ ନିକଟରେ ମୁନ୍ଦ୍ରା ବନ୍ଦରରୁ ଜବତ କରାଯାଇଥିବା ୨୧,୦୦୦ କୋଟି ଟଙ୍କାର ୩,୦୦୦ କେ.ଜି. ହେରୋଇନର ରହସ୍ୟ ସାମ୍ନାକୁ ଆସୁନାହିଁ। ଏଥିରେ ଏନ୍‌ସିବି ଓ ଅନ୍ୟ ତଦନ୍ତକାରୀ ଟିମ୍ ସମ୍ପୂର୍ଣ୍ଣ ନୀରବ ଥିବା ମନେହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମୁନ୍ଦ୍ରା ବନ୍ଦର ଗୌତମ ଆଦାନୀଙ୍କ କମ୍ପାନୀ ଦ୍ୱାରା ପରିଚାଳିତ। ତେବେ ସବୁ ଘଟଣାକୁ ଗୁରୁତ୍ୱର ସହ ନେଇ ଭାରତରେ ନିରପେକ୍ଷ ଡ୍ରଗ୍ସ କାରବାରର ରହସ୍ୟ ପଦାକୁ ଆଣିଲେ ବହୁ ସମସ୍ୟାର ସମାଧାନ ହୋଇପାରିବ। ବିଶେଷକରି ଭାରତର ଯୁବପିଢ଼ିଙ୍କୁ ଏହା କବଳରୁ ଅନେକାଂଶରେ ମୁକ୍ତ କରାଯାଇପାରିବ।

ପୂର୍ବରୁ ପଞ୍ଜାବ, ଜମ୍ମୁ ଓ କଶ୍ମୀର ବାଟ ଦେଇ ଭାରତକୁ ସବୁଠୁ ବେଶି ଡ୍ରଗ୍ସ ଆଫଗାନିସ୍ତାନ ଓ ପାକିସ୍ତାନରୁ ଆସୁଥିଲା। ଏବେ ଜଳପଥରେ ସହଜରେ ଓ ଅଧିକ ପରିମାଣରେ ଆସୁଛି। ଏହା ସହ ଉତ୍ତରପୂର୍ବାଞ୍ଚଳ ସୀମା ଦେଇ ଡ୍ରଗ୍ସ କାରବାର ହେଉଛି। ତେବେ ମୁନ୍ଦ୍ରା ବନ୍ଦରରୁ ଧରାପଡ଼ିଥିବା ହେରୋଇନରୁ ଅନୁମାନ ହେଉଛି ଗୁଜରାଟ ଅନ୍ୟତମ ପେଣ୍ଠ ପାଲଟିଛି। ତେବେ ଏବକାର କ୍ରୁଜ୍ ଶିପ୍ ଘଟଣା ଏକ ସଙ୍କେତ ମାତ୍ର। କେବଳ ସେଲିବ୍ରିଟିଙ୍କ ପିଲା ନୁହନ୍ତି, ସବୁ ବର୍ଗର ଯୁବକ ଏହା କବଳରେ ପଡୁଛନ୍ତି। ଗରିବ ପିଲାମାନେ ହେରୋଇନ ସେବନ କରୁଥିବାବେଳେ ଧନୀ ପିଲାଙ୍କ ପସନ୍ଦ କୋକେନ୍। ବିପୁଳ ପରିମାଣର ଡ୍ରଗ୍ସ ଭାରତକୁ ଆସୁଥିଲେ ମଧ୍ୟ ବହୁଦିନରୁ ଏହାକୁ ଅଣଦେଖା କରାଯାଉଛି। ଏବେ ମନେହେଉଛି ଭାରତ ଯେପରି ଡ୍ରଗ୍ସ କାରବାରର ବାଟ ହୋଇଛି। ଏହି ମାଧ୍ୟମ ଦେଇ ପୃଥିବୀବ୍ୟାପୀ ମାରାତ୍ମକ ଡ୍ରଗ୍ସ ଚାଲାଣ ହେଉଛି। ଏଠାରେ ସ୍ୱୀକାର କରିବାକୁ ହେବ ଯେ ଡ୍ରଗ୍ସ ସ୍ଥିତିକୁ କୌଣସି ଆଇନ ମଧ୍ୟରେ କବଳିତ କରାଯାଇପାରିବ ନାହିଁ। ଏଭଳି ମାଦକଦ୍ରବ୍ୟର ବ୍ୟବହାର ଭାରତରେ ସୀମିତ ନୁହେଁ। ସମଗ୍ର ପୃଥିବୀ ଏହି ସମସ୍ୟାକୁ ସମ୍ମୁଖୀନ ହେଉଛି। ଅନ୍ୟ ଦେଶଗୁଡ଼ିକରେ ଏଭଳି ଦ୍ରବ୍ୟର ବ୍ୟବହାରକାରୀଙ୍କୁ ଡାକ୍ତରଖାନାରେ ରଖି ଚିକିତ୍ସା କରାଯାଇଥାଏ ଏବଂ ଏହି ବ୍ୟବସାୟରେ ସମ୍ପୃକ୍ତ ଲୋକଙ୍କୁ ଗିରଫ କରି ଦଣ୍ଡିତ କରାଯାଏ। ଆମ ଦେଶରେ କେବଳ ଟିଆର୍‌ପି ଓ ରାଜନୀତିକୁ ଦୃଷ୍ଟିରେ ରଖି ବ୍ୟବହାରକାରୀଙ୍କୁ ଗିରଫ କରାଯାଉଥିବାବେଳେ ମୂଳ ସମସ୍ୟା ଅର୍ଥାତ୍ ମାଦକଦ୍ରବ୍ୟ ବ୍ୟବସାୟୀଙ୍କୁ ଛାଡ଼ି ଦିଆଯାଉଛି। ସେଥିପାଇଁ ଭାରତରେ ଏହି ସମସ୍ୟା ଶୀଘ୍ର ସମାଧାନ ହେବ ବୋଲି ବିଶ୍ୱାସ ହେଉନାହିଁ।

# ମାଟି ସିଲଟରେ ଅ... ଆ...



ଅକ୍ଷୟ କୁମାର ମିଶ୍ର

ଦିନଥିଲା ପିଲାମାନେ ବିଦ୍ୟାଳୟ ଯିବା ସମୟରେ ସାଙ୍ଗରେ ଏକ ଛୋଟ ବୋତଲରେ ପାଣି ନେଇଯିବା ପାଇଁ ମାଆ ପାଖରେ ଅଝଟ ହେଉଥିଲେ। ଆଜି ଯେମିତି ବହି ବ୍ୟାଗ୍‌ରେ ୱାଟର ବଟଲ ଦେବାକୁ ମାଆମାନେ ଭୁଲୁନାହାନ୍ତି ସେମିତି ସେତେବେଳେ ପ୍ରଥମ କରି ସ୍କୁଲ ଯାଉଥିବା ପୁଅଝିଅଙ୍କର ବହି ବସ୍ତାନିରେ ସିଲଟ ଓ ମଧୁ ବର୍ଣ୍ଣବୋଧ ଦେବାକଥା ଆଦୌ ଭୁଲୁ ନ ଥିଲେ । ସିଲଟରେ ଅବଧାନେ ଗୋଟିଏ ବା ଦୁଇଟି ଅକ୍ଷର ଲେଖିଦେଉଥିଲେ। ସେହି ଅକ୍ଷର ଉପରେ ପିଲାମାନେ ମହି ଚଲାଇବା ସାଙ୍ଗକୁ ବଡ଼ ପାଟିରେ ଡାକୁଥିଲେ ଅ.. ଆ.. କ.. ଖ.. ଇତ୍ୟାଦି। ବାରମ୍ବାର ମହି ଚଲାଇବା ଫଳରେ ସିଲଟ ଉପରୁ ଯେତେବେଳେ ହାତରେ ପୋଛିଲେ ଦାଗ ଲିଭୁ ନ ଥିଲା ସେତେବେଳେ ପାଣି ବୋତଲରୁ ଟୋପେ ଦି' ଟୋପାପାଣି ପକାଇଦେଇ ପିଲାମାନେ ସିଲଟ ପୋଛୁଥିଲେ ଓ ଖୁସି ମନରେ ଗୀତ ବୋଲୁଥିଲେ ''ନଈ ପାଣି ନଈକୁ ଯା' ମୋ ସିଲଟ ଶୁଖିଯା''।

ବିଦ୍ୟାଳୟରେ ଶିକ୍ଷକମାନେ ପିଲାଙ୍କର ହାତଧରି ଅକ୍ଷର ଶିଖାଉଥିଲେ। ଅକ୍ଷର ଶିକ୍ଷା ପରେ ସଂଖ୍ୟା ତା'ପରେ ପଣିକିଆ ଶିକ୍ଷା ଦେବା ଥିଲା ପାରମ୍ପରିକ ପଦ୍ଧତି। ମଧୁ ବର୍ଣ୍ଣବୋଧ ଥିଲା ପିଲାଙ୍କ ପାଇଁ ଆଦ୍ୟଗ୍ରନ୍ଥ। ପ୍ରତିଦିନ ଗୋଟିଏ ପୃଷ୍ଠା ହସ୍ତାକ୍ଷର ନ ଲେଖିଲେ ଶିକ୍ଷକମାନେ ଆଦୌ ଛାଡୁ ନ ଥିଲେ। ପୁନଶ୍ଚ ଶ୍ରୁତଲିଖନ ଡାକିବା ଥିଲା ଶିକ୍ଷକମାନଙ୍କର ଆଉ ଏକ ନିୟମିତ କାର୍ଯ୍ୟକ୍ରମ। ପ୍ରତ୍ୟହ ଗଳ୍ପ ମାଧ୍ୟମରେ ନୀତି ଶିକ୍ଷାଦେବା ପାଇଁ ଶିକ୍ଷକମାନେ ଭୁଲୁ ନ ଥିଲେ। ମହାପୁରୁଷମାନଙ୍କର ଜୀବନ କାହାଣୀ ପାଠ୍ୟକ୍ରମର ଏକ ଅଂଶବିଶେଷ ଥିଲା। ଶିକ୍ଷକମାନଙ୍କୁ ପିଲାଙ୍କର ଦ୍ୱିତୀୟ ମାତାପିତା ରୂପେ ବିବେଚନା କରାଯାଉଥିଲା। ଜ୍ଞାନ ଆହରଣର ଏକମାତ୍ର କେନ୍ଦ୍ର ଥିଲା ବିଦ୍ୟାଳୟ। ମାଆବାପାମାନେ ମଧ୍ୟ ତାଙ୍କର ପୁଅଝିଅଙ୍କ ଶିକ୍ଷା କଥା ସମ୍ପୂର୍ଣ୍ଣ ଭାବରେ ଶିକ୍ଷକଙ୍କ ଉପରେ ନ୍ୟସ୍ତ କରିଦେଉଥିଲେ।

କ୍ରମେ ସବୁକିଛିର ପରିବର୍ତ୍ତନ ଘଟିଲା। ବ୍ୟବସ୍ଥା ବଦଳିଲା। ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ସମସ୍ତଙ୍କ ଭିତରେ ଏକ ବିରାଟ ପରିବର୍ତ୍ତନ ହେଲା। ବିଦ୍ୟାଳୟ ଶିକ୍ଷାର ଏକମାତ୍ର ସାଧନ କେନ୍ଦ୍ର ହୋଇ ରହିଲାନାହିଁ। ବିଭିନ୍ନ ନାମରେ ଶିକ୍ଷାଦାନ କେନ୍ଦ୍ର ସବୁଠି ପ୍ରତିଷ୍ଠା ହେଲା। ପାରମ୍ପରିକ ପଦ୍ଧତିରେ ଶିକ୍ଷାଦାନ ଆଉ ରହିଲା ନାହିଁ। ହସ ଖେଳ ମାଧ୍ୟମରେ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ ହେଲା। ସେହି ଅନୁଯାୟୀ ପାଠ୍ୟ ଖସଡ଼ା ପ୍ରସ୍ତୁତ ହେଲା। ପ୍ରଥମ ଶ୍ରେଣୀରେ ପଢ଼ାଯାଉଥିବା ଦୁଇ ଖଣ୍ଡ ବହି ମୋ ପାଠ ବହି ଓ ନୂଆ ଛବି ବହି ଉଠିଗଲା। ଏହି ପୁସ୍ତକ ଦୁଇଟିରୁ ଓଡ଼ିଆ ଅକ୍ଷରର ବର୍ଣ୍ଣମାଳା, ମାତ୍ରା ବିହୀନ ଶବ୍ଦ, ମାତ୍ରାଯୁକ୍ତ ଓ ଫଳାଯୁକ୍ତ ଶବ୍ଦ ଏବଂ ସମସ୍ତ ଯୁକ୍ତାକ୍ଷର ପିଲାମାନେ ଶିଖୁଥିଲେ। ଏବେ ଏହି ଦୁଇଟି ପୁସ୍ତକ ବଦଳରେ 'ହସ ଖେଳ' ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ପଢ଼ାଯାଉଛି । ଅକ୍ଷର ଶିଖି ନ ଥିବା ପିଲାଙ୍କ ପାଇଁ 'ତୁଆଁ ତୁଇଁ' ଶୀର୍ଷକ ଥିବା ଏକ ମଜାଳିଆ କବିତା ବହିର ପ୍ରଥମ ପାଠ। ଏହି କବିତାରୁ କୁଆଡ଼େ ପିଲାମାନେ ଅକ୍ଷର ଶିକ୍ଷା ଆରମ୍ଭ କରିବେ। କିନ୍ତୁ ବାସ୍ତବତା ଭିନ୍ନ। ବିଦ୍ୟାଳୟରେ ଆଉ ଅକ୍ଷର ଶିକ୍ଷା ହେଉନାହିଁ। ବୋଧହୁଏ କୌଣସି ପିଲାଙ୍କ ବସ୍ତାନିରେ ସିଲଟ ଦେଖିବାକୁ ମିଳିବ ନାହିଁ। ହସ୍ତାକ୍ଷର, ଶ୍ରୁତଲିଖନ, ଅନ୍ତାକ୍ଷରୀ ବୋଲିବା ଆଉ ହେଉନାହିଁ।

ଏସବୁ ଲକ୍ଷ୍ୟ କରି ସଚେତନ ଅଭିଭାବକମାନେ ନିଜ ପିଲାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି । କିଏ ପ୍ଲେ ସ୍କୁଲରେ, କିଏ ବିଭିନ୍ନ ଘରୋଇ ବିଦ୍ୟା ମନ୍ଦିରରେ, କିଏ ନର୍ସରି, ଆଉ କିଏ ଟ୍ୟୁଶନ ସେଣ୍ଟରରେ ପିଲାଙ୍କୁ ଛାଡୁଛନ୍ତି। ଆଉ ଯେଉଁମାନେ ଆର୍ଥିକ ଏବଂ ସାମାଜିକ କ୍ଷେତ୍ରରେ ଦୁର୍ବଳ ସେମାନଙ୍କ ଭରସା ଅଙ୍ଗନୱାଡି। ଏହା ଫଳରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ବେଳକୁ କିଛି ପିଲା ଅକ୍ଷର ସହିତ ଯୁକ୍ତାକ୍ଷର ଲେଖି ପଢ଼ି ଜାଣିଛନ୍ତି। ଆଉ କିଛି ପିଲାଙ୍କୁ କୌଣସି ଅକ୍ଷର ମାଲୁମ ନାହିଁ।

ଏହାକୁ ନେଇ ଦୁଇଟି କଥା ଉଠିପାରେ। ଉଠିବା ମଧ୍ୟ ସ୍ୱାଭାବିକ। ଗୋଟିଏ ହେଲା ବର୍ତ୍ତମାନର ପିଲା ପୂର୍ବାପେକ୍ଷା ବୁଦ୍ଧିମାନ ଓ ବିଚକ୍ଷଣ। ଅଙ୍ଗୁଳି ଦେଖାଇଲେ ବାହୁ ଗିଳି ଦେବାର ଦକ୍ଷତା ତାଙ୍କଠି ଅଛି। ଯେଉଁଠି ପିଲାମାନେ ମୋବାଇଲକୁ ନିଜର ଖେଳଣା ଭାବରେ ବ୍ୟବହାର କରୁଛନ୍ତି, କମ୍ପ୍ୟୁଟର ଚଳାଇ ପାରୁଛନ୍ତି ସେଠାରେ ମାଟି ସିଲଟରେ ମହି ଚଲାଇ ଅକ୍ଷର ଶିକ୍ଷା କରିବେ ଏହା ଭାବିବା ଅପ୍ରାସଙ୍ଗିକ। ଦ୍ୱିତୀୟ କଥାଟି ହେଲା ଶିଶୁଟିଏ ପ୍ରଥମେ ଦେଖେ, ଚିହ୍ନେ, କହେ ତା'ପରେ ଲେଖିବା ଶିଖେ। ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ଯେମିତି ସନ୍ଦିହ୍ମ ମନର କ୍ଷୁଧା ନିବାରଣ କରିପାରେ ସେମିତି ପର୍ଯ୍ୟବେକ୍ଷଣ ପଦ୍ଧତିରେ ଶିକ୍ଷାଦାନ ଶିକ୍ଷାର୍ଥୀର ମସ୍ତିଷ୍କ ବିକାଶରେ ସହାୟକ ହୁଏ। ସେଇଥିପାଇଁ ଏମିତି ପାଠ୍ୟ ପୁସ୍ତକର ପ୍ରଚଳନ ହୋଇଛି ; ଯେଉଁଥିରେ ପିଲାଟି ଛବି ଦେଖିବ, ତାକୁ ଚିହ୍ନିବ। ତା'ପରେ କ'ଣ ବୋଲି କହିବ। ଶେଷରେ ଲେଖିବ। ଶିକ୍ଷକ ଶିଖାଇବେ ନାହିଁ, ଶିଖିବାରେ ସହାୟତା କରିବେ ; ଫଳରେ ପିଲାଟି ଜିଜ୍ଞାସୁ ହେବ।

ଉପରୋକ୍ତ ଯୁକ୍ତି ଦୁଇଟି ଅକାଟ୍ୟ ନିଶ୍ଚୟ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ପିଲାଙ୍କର ପଠନ ଓ ଲିଖନ ଦକ୍ଷତା ଦୁର୍ବଳ ହୋଇଛି। ବିଭିନ୍ନ ସର୍ଭେର ସନ୍ଦର୍ଭରୁ ଜଣାଯାଏ, ଅଧିକାଂଶ ଛାତ୍ରୀଛାତ୍ର ଯେଉଁ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି ସେହି ଶ୍ରେଣୀର ପିଲାମାନେ ଯେତିକି ଜାଣିବା କଥା ସେତିକି ଜାଣନ୍ତି ନାହିଁ। ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲାଟି ନିଜ ନାମକୁ ନିର୍ଭୁଲ ଲେଖିପାରୁନାହିଁ। ସପ୍ତମ ଶ୍ରେଣୀର ଛାତ୍ରୀଟି ଓଡ଼ିଆ ଭଲ ଭାବରେ ପଢ଼ି ପାରୁନାହିଁ। ଅଷ୍ଟମ ଶ୍ରେଣୀ ବେଳକୁ ଯୋଗ ବିୟୋଗ ଗୁଣନ ହରଣ ନ କରିପାରିବା ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ଅପନିନ୍ଦାରୁ ମୁକ୍ତି ପାଇଁ ଉଜ୍ଜ୍ୱଳ, ଉତ୍କର୍ଷ ଭଳି କାର୍ଯ୍ୟକ୍ରମ ହାତକୁ ନେବାକୁ ପଡୁଛି। ଏହି ସବୁ କାର୍ଯ୍ୟକ୍ରମର ସଫଳତା କାହାଣୀ ଜେଜେ ମାଆର ବୁଢ଼ୀ ଅସୁରୁଣୀ ଗଳ୍ପ ଭଳି ଯେତିକି ଆନନ୍ଦ ଦିଏ ଭବିଷ୍ୟତ କଥା ଭାବିଲେ ମନରେ ସମପରିମାଣରେ ଭୟ ସଞ୍ଚାର ହୁଏ। କୁଅ ଚୋରି ଗଳ୍ପର କଥାବସ୍ତୁ ମନେପଡ଼ିଯାଏ।

କାଗଜ କଲମରେ ସବୁକିଛି ଠିକ୍‌ଠାକ୍ ଚାଲିଛି। କିନ୍ତୁ ଶିବ ଧନୁ କିଏ ଭାଙ୍ଗିଛନ୍ତି ବୋଲି ଯଦି ପଚରା ଯାଏ ତେବେ ସମସ୍ତଙ୍କଠାରୁ ଗୋଟିଏ ଉତ୍ତର ଆସିବ ''ମୁଁ ଭାଙ୍ଗି ନାହିଁ।'' ଏହା ହିଁ ବିଡ଼ମ୍ବନା। କେହି ଦୋଷ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ଯଦି ଜଣେ ପିଲାକୁ ପଚରା ଯାଏ ତୁମେ ପଞ୍ଚମ ଶ୍ରେଣୀରେ ପଢୁଛ କିନ୍ତୁ ନିଜ ଦସ୍ତଖତ କରିପାରୁ ନାହଁ କାହିଁକି? ପିଲାଟି କହୁଛି 'ମୋର ଦୋଷ କ'ଣ ଯେ, ସ୍କୁଲରେ ସାର୍ ପ୍ରଥମେ ଗପ ଗୀତ ପଢ଼ାଇଲେ। ତା'ପରେ ବିଭିନ୍ନ ଅକ୍ଷର ଦେଖାଇ ଚିହ୍ନିବାକୁ କହିଲେ। ଯେଉଁମାନେ ଘରୁ ଶିଖିକରି ଆସିଥିଲେ ସେମାନେ ଚଟାପଟ କହିଦେଲେ। ତା'ପରେ ସାର୍ ଆଗକୁ ଚାଲିଲେ।' ଶିକ୍ଷକଙ୍କୁ ପଚାରିଲେ ଉତ୍ତର ଆସିବ ''ଆମେ କ'ଣ କରିବୁ ? ସାତ ଜାଗାରେ ଅଛୁ ତିନି। ସେଥିରେ କିଛି ପୁଣି ବିଭିନ୍ନ ଖାତାପତ୍ର କାମ। ମଧ୍ୟାହ୍ନଭୋଜନର ହିସାବ ରଖିବାକୁ ପଡୁଛି। ପିଲାଙ୍କ ଜାତିଗତ ସାର୍ଟିଫିକେଟ, ବାସିନ୍ଦା ଓ ଆୟ ସାର୍ଟିଫିକେଟ୍ ଯାହା ତହସିଲ ଅଫିସ୍‌ର କାମ ଏବେ ଆମକୁ କରିବାକୁ ପଡୁଛି। ସବୁ କାମ ଅନ୍‌ଲାଇନ୍‌ରେ କରିବା ନିର୍ଦ୍ଦେଶ ଆସୁଛି। ନା ଅଛି କମ୍ପ୍ୟୁଟର ନା ଅଛନ୍ତି ଡାଟା ଅପରେଟର। ଏହାପରେ ଅଛି ନାନା ପ୍ରକାରର ଗଣନା କାର୍ଯ୍ୟ। ଏତେସାରି କାମ କରି ଆସିବା ବେଳକୁ ସମୟ କାହିଁ ସବୁ ପିଲାଙ୍କ ସୁବିଧା ଅସୁବିଧା, ଭଲମନ୍ଦ ବୁଝିବାକୁ ?

ପ୍ରଶାସନିକ ଅଫିସରମାନଙ୍କୁ ପଚାରିଲେ ସେମାନେ କହିବେ ''ଏ ସବୁ ସରକାରୀ ନିଷ୍ପତ୍ତି, ଆମେ ପୋଷ୍ଟ ଅଫିସ କାମ କରୁଛୁ ।'' ଆଉ ସରକାରଙ୍କର ଉତ୍ତର ହେଲା, ''ଟଙ୍କା ଗଛରେ ଫଳୁ ନାହିଁ ଯେ ରାତାରାତି ସବୁ ହୋଇଯିବ। ଆମକୁ ସବୁ ବିଭାଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ଏହା ସାଙ୍ଗକୁ ଅଛି ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ। ଏ ଦିଗରେ ମାତାପିତାମାନେ ଅଧିକ ସଚେତନ ହେଲେ ସମସ୍ୟା ରହିବ ନାହିଁ।''

ବାସ୍ ! 'ଆରେ ଢମଣା ବୁଲିବୁଲି ଆସି ସେଇ ଅଗଣା।' ଶେଷରେ ସବୁ ଦୋଷ ପିଲାଙ୍କର ନ ହେଲେ ତାଙ୍କ ମାଆବାପାଙ୍କର। କିନ୍ତୁ ପରସ୍ପର ମଧ୍ୟରେ ଦୋଷର କାଦୁଅକୁ ଫିଙ୍ଗାଫିଙ୍ଗି କରି ମାନବ ସମ୍ବଳର ଭିତ୍ତିଭୂମିକୁ ଦୁର୍ବଳ କରିଦେବା କୌଣସି ଜାତି ପାଇଁ ଶୁଭ ସୂଚନା ନୁହେଁ। ମାଟି ସିଲଟ ସହିତ ଛୋଟ ପିଲାର ସମ୍ପର୍କ ସଦା ଶାଶ୍ୱତ। ସିଲଟରେ ଲେଖା ଅକ୍ଷର ଉପରେ ବାରମ୍ବାର ମହି ଚଲାଇବା ପରେ ତାହା ଯେମିତି ସହଜରେ ଲିଭେ ନାହିଁ ସେମିତି ପିଲା ବେଳର ଏହି ଅନୁଭବ ଓ ଅନୁଭୂତି ଭବିଷ୍ୟତକୁ ପରିପୁଷ୍ଟ କରେ। ମାଟି ସିଲଟରେ 'ଅ' ରୁ 'କ୍ଷ' ର ଶିକ୍ଷାଦାନ ଜୀବନର ଆଦ୍ୟରୁ ଅନ୍ତଯାଏ ଏକ ଅଭୁଲା ସ୍ମୃତି। ଏହାକୁ ଗୁରୁତ୍ୱହୀନ କରା ନ ଯାଉ।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା**
**ମୋ:୭୦୦୮୦୭୩୫୯୯**

# ସାଇକେଲ ଏକ ବିକଳ୍ପ



ବୈକୁଣ୍ଠନାଥ ମିଶ୍ର

ଗତ ଶତାବ୍ଦୀର ସତୁରି ଦଶକ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଶଗଡ଼ଗାଡ଼ିର ବହୁଳ ପ୍ରଚଳନ ଥିଲା। ସେହିପରି ଜଳପଥରେ ପାଲଟଣା ଜାହାଜ ଓ ବୋଇତରେ ଯାତ୍ରୀ ଓ ମାଲ୍ ପରିବହନ ହେଲା ; ଯାହା କି ବାୟୁସ୍ରୋତର ଅନୁକୂଳରେ ଗତିକରୁଥିଲା। ରାଜା, ଜମିଦାର ବରିଷ୍ଠ ରାଜକର୍ମଚାରୀ, ମହାଜନ ଓ ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତିବିଶେଷ ଅଶ୍ୱ ଓ ଗଜ ଆରୋହଣ କରି ଦୂରପଥ ଅତିକ୍ରମ କରୁଥିଲେ। ଆଜିକାଲି ବଳଦଗାଡ଼ି ସ୍ୱପ୍ନ ହେଲାଣି ଓ ଶଗଡ଼ କେବଳ ଏକ ଆଭିଧାନିକ ଶବ୍ଦରେ ପରିଣତ ହେବାକୁ ଯାଉଛି। ସେହିପରି 'ବଳଦ' ଶବ୍ଦ ମଧ୍ୟ ଆଧୁନିକ ଶିଶୁମାନଙ୍କ ପାଇଁ ଏକ ଦୁର୍ବୋଧ ଶବ୍ଦ ହେବାକୁ ବସିଲାଣି। ଗାଁ ଗହଳିରେ ଆଉ ନାହିଁ ଶଗଡ଼ଗୁଳା କିମ୍ବା ଚଷା ଭାଇର ଅନ୍ତରଙ୍ଗ ବିଶ୍ୱସ୍ତ ବନ୍ଧୁ କାଳିଆ କସରା। ଅବଶ୍ୟ ଉତ୍ତର ଭାରତରେ କାଁ ଭାଁ ସ୍ୱଳ୍ପ ସଂଖ୍ୟକ ଘୋଡ଼ାଗାଡ଼ି ଏବେ ମଧ୍ୟ ଦୃଶ୍ୟମାନ। ପୁରାଣ ଯୁଗରୁ ଇତିହାସ ଯୁଗ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଅଶ୍ୱ ଓ ଗଜମାନେ ଥିଲେ ସମ୍ଭ୍ରାନ୍ତନୀୟ ଭାବାବେଗର ପ୍ରତୀକ। ହୃଷ୍ଟପୁଷ୍ଟ ଓ ଦୁର୍ଦ୍ଦାନ୍ତ ଅଶ୍ୱମାନଙ୍କର ଚାହିଦା ଖୁବ୍ ବେଶି ଥିଲା। ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାରଙ୍କର ଦିଗ୍‌ବିଜୟ ପଛରେ ତାଙ୍କ ପ୍ରିୟ ଅଶ୍ୱ 'ବୁସିଫାଲସ୍'ର ଅବଦାନ ଥିଲା ଇତିହାସ ପ୍ରସିଦ୍ଧ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଶ୍ୱରେ ଯାନ୍ତ୍ରିକ ସଭ୍ୟତାର ଅୟମାରମ୍ଭ ହେଲା। ୧୮୧୭ରେ ଜର୍ମାନୀରେ ପ୍ରଥମେ ସାଇକେଲର ଉଦ୍ଭାବନ ହେଲା। ଏହାର ଉଦ୍ଭାବକ ଥିଲେ 'କାର୍ଲ ଭୋନ୍ ଡ୍ରାଇସ୍'। ଏହି ଦୁଇଚକିଆ ଯାନଟିର ପେଡାଲ ନ ଥିଲା ଓ ଏହାର ଫ୍ରେମ୍ କାଠରେ ତିଆରି। ଡ୍ରାଇସ୍ ଏହି ସାଇକେଲ୍‌ଟିର ନାମ ରଖିଥିଲେ 'ସୁଇପ୍ଟ ୱାକର'। ଏହାର ଗୋଟିଏ ସିଟ୍, ଦୁଇଟି ଚକ ଓ ଗୋଟିଏ ହ୍ୟାଣ୍ଡଲ୍ ଥିଲା। ଏହା ଏକ ସ୍ପ୍ରିଙ୍ଗ୍ ଦ୍ୱାରା ଚାଳିତ ହେଉଥିଲା। ସ୍ପ୍ରିଙ୍ଗ୍‌ଟି ଚକ ସଂଯୁକ୍ତ ଥିଲା। ପ୍ରଥମେ ଥରେ ଚକକୁ ଘୂରାଇବାକୁ ହେଉଥିଲା। ଚକ ଭୂମି ସଂଲଗ୍ନ ହେବା ମାତ୍ରେ ସ୍ପ୍ରିଙ୍ଗ୍ ସଂପ୍ରସାରିତ ହୋଇ ଚକକୁ ଗତିଶୀଳ କରାଉଥିଲା। ଏହାର ଦ୍ରୁତତମ ଗତି ଥିଲା ଘଣ୍ଟାପ୍ରତି ସର୍ବାଧିକ ୧୦ ମାଇଲ୍। ଏହାପରେ ୧୮୧୭ରେ ଇଂଲଣ୍ଡରେ ଏକ ସାଇକେଲ୍ ନିର୍ମିତ ହେଲା। ଯୁଦ୍ଧ କ୍ଷେତ୍ରକୁ ଯୁଦ୍ଧାସ୍ତ୍ର ଓ ସେନାମାନଙ୍କ ପାଇଁ ଖାଦ୍ୟ ପାନୀୟ ପରିବହନ ଲାଗି ଏହା ଉଦ୍ଦିଷ୍ଟ ଥିଲା। ଏହାର ନାମ ରଖାଯାଇଥିଲା ବି.ଏସ୍.ଏ. (ବ୍ରିଟିଶ୍ ସୋର୍ଡ ଆର୍ମି)। ଏହି ସାଇକେଲର ଚାହିଦା ବେଶ୍ ବୃଦ୍ଧି ପାଇଲା। ଉକ୍ତ ସାଇକେଲର ଆଧୁନିକ ସଂସ୍କରଣ ହୋଇ ଏବେ ମଧ୍ୟ ସେହି ବି.ଏସ୍.ଏ. ନାମରେ ବଜାରରେ ଉପଲବ୍ଧ। ବି.ଏସ୍.ଏ. ସାଇକେଲର ସଫଳତାକୁ ଦେଖି କ୍ରମେ ରାଲେ, ହମ୍ବର, ଫିଲିପ୍‌ସ ଓ ଆଟ୍‌ଲାସ୍ କମ୍ପାନୀଗୁଡ଼ିକ ଉତ୍ତମମାନର ସାଇକେଲ ପ୍ରସ୍ତୁତ କରି ବଜାରକୁ ଛାଡ଼ିଲେ। ଊନବିଂଶ ଓ ବିଂଶ ଶତାବ୍ଦୀକୁ ସାଇକେଲ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଇଷ୍ଟଇଣ୍ଡିଆ କମ୍ପାନୀ ଇଷ୍ଟର୍ନଷ୍ଟାର ନାମକ ଏକ ସାଇକେଲ ଭାରତ ବଜାରକୁ ଛାଡ଼ିଲା। କ୍ରମେ ରାଲେ, ହମ୍ବର କମ୍ପାନୀ ସେମାନଙ୍କ ଉତ୍ପାଦ ଭାରତ ବଜାରକୁ ଛାଡ଼ିଲେ। ବିଦେଶୀ ସାଇକେଲ ବ୍ୟତୀତ ଭାରତର ଆସାନ୍‌ସୋଲ୍‌ଠାରେ କାରଖାନା ପ୍ରତିଷ୍ଠା କରାଯାଇ ଅବିକଳ ଇଂଲିଶ ମଡେଲର ରାଲେ ସାଇକେଲ ତିଆରି ହେଲା ; ଯାହା କେବଳ ଲୋକପ୍ରିୟ ହେଲା ନାହିଁ, ବରଂ ଆଭିଜାତ୍ୟର ସ୍ୱାକ୍ଷର ବହନ କଲା। କାଳକ୍ରମେ ସାଇକେଲ ଭାରତୀୟ ଜନଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଗଲା।

ସାଇକେଲ ଚାଳନାର ତିନିଟି ପ୍ରମୁଖ ଉପକାରିତା ମଧ୍ୟରୁ ଗୋଟିଏ ହେଲା ଶାରୀରିକ, ଅନ୍ୟ ଦୁଇଟି ହେଲା ପାରିବେଶିକ ଓ ଆର୍ଥିକ। ସାଇକେଲ ଚାଳନା ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ କାର୍ଯ୍ୟକ୍ଷମ କରେ ଓ ରକ୍ତ ସଞ୍ଚାଳନକୁ ସୁଗମ କରେ। ଏହା ରକ୍ତଚାପ, ହୃଦ୍‌ରୋଗ ଓ ଡାଇବେଟିସ୍ ଭଳି ରୋଗକୁ ପ୍ରତିହତ କରେ। ସାଇକେଲ ଚାଳନା ଏକ ଉତ୍କୃଷ୍ଟ ବ୍ୟାୟାମ। ପ୍ରତ୍ୟହ ୧୦/୧୫ କିଲୋମିଟର ସାଇକେଲ ଚଳାଇବା ସ୍ୱାସ୍ଥ୍ୟପକ୍ଷେ ହିତକର। ପରିବେଶ ସୁରକ୍ଷା ଦୃଷ୍ଟିରୁ ସାଇକେଲ ଏକ ଇନ୍ଧନମୁକ୍ତ ଯାନ ହୋଇ ଥିବାରୁ ଏଥିରୁ ମୋଟରଯାନ ପରି କ୍ଷତିକାରକ କାର୍ବନ ମନୋକ୍‌ସାଇଡ୍ ଓ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ ହେବାର ସମ୍ଭାବନା ନାହିଁ। ଏଥିରେ ଶବ୍ଦ ପ୍ରଦୂଷଣର ସମ୍ଭାବନା ମଧ୍ୟ ନାହିଁ। ପରିବେଶ ସୁରକ୍ଷାରେ ସାଇକେଲ ଚାଳନାର ଅବଦାନ ଅତୁଳନୀୟ। ପୁନଶ୍ଚ ଆର୍ଥିକ ଦୃଷ୍ଟିରୁ ସାଇକେଲ ସବୁବର୍ଗର ଲୋକଙ୍କ ପାଇଁ ଗ୍ରହଣୀୟ। କ୍ଷୁଦ୍ର ଭ୍ରମଣକାରୀ ବ୍ୟବସାୟୀଙ୍କ ପାଇଁ ସାଇକେଲ ତ ଜୀବନ ଓ ଜୀବିକା ଲାଗି ପ୍ରମୁଖ ଉତ୍ସ ପାଲଟିଛି। ଯୁବବର୍ଗ ସାଇକେଲ ଚାଳନା ପ୍ରତି ଆସକ୍ତ ହେବା ବାଞ୍ଛନୀୟ।

ମୋଟର ଯାନର ଦ୍ରୁତ ଅଭିବୃଦ୍ଧି ମଣିଷକୁ ପାରମ୍ପରିକ ଗମନାଗମନର ମାଧ୍ୟମଠାରୁ ଦୂରେଇ ନେଲା। ଫଳରେ ଆଧୁନିକ ମଣିଷ ସାଇକେଲ ପ୍ରତି କ୍ରମେ ବିମୁଖ ହେବାକୁ ଲାଗିଲା। ମୋଟରଯାନର ସଂଖ୍ୟା ବୃଦ୍ଧି ସହ ତାଳଦେଇ ସାଇକେଲ କ୍ରମେ ଅବକ୍ଷୟ ହେବାରେ ଲାଗିଛି। ଏକ ପରିସଂଖ୍ୟାନ ଅନୁଯାୟୀ ୧୯୭୦ ସୁଦ୍ଧା ପୃଥିବୀରେ ମୋଟର ଯାନର ସଂଖ୍ୟାଥିଲା ପ୍ରାୟ ୨୫କୋଟି। ୨୦୧୫ ସୁଦ୍ଧା ଏହା ୧୫୦ କୋଟିରେ ପହଞ୍ଚିଲାଣି। ସେହିପରି ୨୦୧୦ରେ ଭାରତରେ ମୋଟର ଯାନ ସଂଖ୍ୟାଥିଲା ୨କୋଟି ୮୦ ଲକ୍ଷ। ବର୍ତ୍ତମାନ ଏହା ପ୍ରାୟ ୫ କୋଟିରେ ପହଞ୍ଚିଲାଣି। ମୋଟର ଯାନଜନିତ ଦୁର୍ଘଟଣାରେ କେବଳ ଭାରତରେ ପ୍ରତିବର୍ଷ ୧ଲକ୍ଷ ୧୦ ହଜାର ବ୍ୟକ୍ତି ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ମଧ୍ୟ ବିଗତ ୧୦ ବର୍ଷ ମଧ୍ୟରେ ଦୈନିକ ହାରାହାରି ୧୨ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନି ଘଟୁଛି। ଆହତମାନଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ। ଏହା ବ୍ୟତୀତ ମୋଟର ଯାନରୁ ନିର୍ଗତ ବିଷାକ୍ତ ଧୂଆଁ ବାୟୁମଣ୍ଡଳର ଉଷ୍ମତା ବୃଦ୍ଧିର ଅନ୍ୟତମ କାରଣ। ସେଥିପାଇଁ ସରକାର ଇ–ଭେହିକିଲ୍ (ବିଦ୍ୟୁତ୍‌ଚାଳିତ)କୁ ପ୍ରୋତ୍ସାହିତ କରୁଛନ୍ତି।

ତେଣୁ ମୋଟାମୋଟି ଭାବେ ପରିବେଶ ସୁରକ୍ଷା ଶରୀର ସୁରକ୍ଷା ଓ ଅଯଥା ଖର୍ଚ୍ଚରୁ ରକ୍ଷା ପାଇବା ପାଇଁ ସାଇକେଲ୍ ହିଁ ଏକମାତ୍ର ବିକଳ୍ପ। ଅନ୍ତତଃ ଦୈନିକ ୧୦/୧୨କିଲୋମିଟର ସାଇକେଲ ଚାଳନା ଶରୀର ପକ୍ଷେ ହିତକର। ଆସନ୍ତୁ ଆଦରର ସହ ସାଇକେଲକୁ ଆପଣେଇ ନେବା। ପିଲାମାନଙ୍କୁ ଏଥି ପାଇଁ ପ୍ରୋତ୍ସାହିତ କରିବା।

**ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୪୩୮୭୮୫୭୩୮**

## ଏଇ ଭାରତରେ

ସକଳ ଘଟରେ ନାରାୟଣ, ଏଭଳି ଭାବ ପ୍ରାଣୀ ସେବା କରିବା ଲାଗି ପ୍ରେରିତ କରିଛି ଚେନ୍ନାଇର ଶିରାନି ପେରିରାଙ୍କୁ। ୧୯୯୪ରେ ଚେନ୍ନାଇ ଚାପ୍ଟର ଅଫ୍ ପିପୁଲ ଫର୍ ଆନିମଲ (ପିଏଫ୍ଏ)ସଂସ୍ଥା ଗଠନ କରିଥିଲେ। ଏହା ମାଧ୍ୟମରେ ଜୀବମାନଙ୍କୁ ବିଦ୍ୟୁତ୍ ଆଘାତ ଦେଇ ମାରିଦିଆଯିବା ପ୍ରକ୍ରିୟାକୁ ସେ ୧୯୯୫ରେ ବନ୍ଦ କରିବାରେ ସକ୍ଷମ ହୋଇଥିଲେ। ପରେ ଲୋକମାନେ ଅସହାୟ ଅବସ୍ଥାରେ ରାସ୍ତାରେ ଛାଡ଼ି ଦେଉଥିବା ପ୍ରାଣୀମାନଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖୁଛନ୍ତି। ୨୬ ବର୍ଷ ମଧ୍ୟରେ ହଜାର ହଜାର ରୋଗ କିମ୍ବା ଦୁର୍ଘଟଣା ପୀଡ଼ିତ ପ୍ରାଣୀଙ୍କୁ ନୂଆ ଜୀବନ ଦେବାରେ ସକ୍ଷମ ହୋଇପାରିଛନ୍ତି। ପେରିରା ଏକ ମଧ୍ୟବିତ୍ତ ପରିବାରରେ ବଢ଼ିଛନ୍ତି। ତାଙ୍କ ଘରେ ୧୭ଟି ବିଲେଇ ଥିଲେ। ଏମାନଙ୍କୁ ତାଙ୍କ ପିତା ଉଦ୍ଧାର କରି ରଖିଥିଲେ। ଏଣୁ ପିଲାବେଳୁ ସେ ଜୀବମାନଙ୍କୁ ଭଲ ପାଇବା ଓ ଯତ୍ନ ନେବା ଶିଖିଥିଲେ। ସେହି ଶିକ୍ଷା ତାଙ୍କୁ ଜୀବଙ୍କ ଯତ୍ନ ନେବା ଲାଗି ଆଗକୁ ବଢ଼ିବାରେ ସାହାଯ୍ୟ କରିଛି ବୋଲି କହନ୍ତି ପେରିରା। ୩.୮ ଏକର ପରିମିତ ଅଞ୍ଚଳରେ ପିଏଫ୍ଏ ଚାଲିଛି। ଶହ ଶହ କୁକୁର, ୧୨୦ ବିଲେଇ, ୪୦ ଛେଳି, ୧୮୫ ଗୋରୁ, ୧୬ଟି ଛୋଟ ଘୋଡ଼ା ଏବଂ ୧୧ଟି ବଡ଼ କିସମର ଘୋଡ଼ାକୁ ନେଇ ମୋଟରେ ୮୦୦ରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କୁ ରଖିଛନ୍ତି। ଏ ବାବଦରେ ସମସ୍ତ ଖର୍ଚ୍ଚ ସେ ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଅକ୍ଟୋବର ୧୯୯୬

- ତାଜିକ–ଆଫଗାନୀ ସୀମାନ୍ତରେ ନିରାପତ୍ତା ବ୍ୟବସ୍ଥା ପାଇଁ ରୁଷିଆ ଓ ତାଜିକସ୍ତାନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ଅର୍ଥନୈତିକ ଅପରାଧ ଓ ନିଶାଯୁକ୍ତ ଔଷଧର ଚୋରା କାରବାର ସମେତ ସଙ୍ଗଠିତ ଅପରାଧମୂଳକ କାର୍ଯ୍ୟକଳାପର ମୁକାବିଲା ପାଇଁ ଭାରତ ଓ ଓମାନ ମଧ୍ୟରେ ତିନୋଟି ରାଜିନାମା ସ୍ୱାଧରିତ।
- ଜନତା ଦଳ ଓ ମିଳିତ ସାମ୍ମୁଖ୍ୟର ମୁଖପାତ୍ର ପଦରୁ ଏସ୍. ଜୟପାଳ ରେଡ୍‌ଡୀ ଇସ୍ତଫା ଦେଇଛନ୍ତି।

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | 6 | | | | 2 |
| | | | | | 8 | 6 | 4 | |
| | | 4 | 9 | | | | 3 | |
| 1 | 3 | | 5 | | | | | |
| | 6 | | | | | | 8 | |
| | | | | | | 5 | | |
| | | 9 | | | 5 | | | 7 |
| | | | | 8 | | 4 | | 9 |
| | 5 | 3 | 4 | 1 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 8 | 4 | 3 | 6 | 2 | 1 |
| 8 | 3 | 6 | 2 | 1 | 9 | 5 | 7 | 4 |
| 2 | 1 | 4 | 5 | 7 | 6 | 3 | 9 | 8 |
| 1 | 2 | 3 | 6 | 8 | 7 | 9 | 4 | 5 |
| 7 | 9 | 5 | 3 | 2 | 4 | 8 | 1 | 6 |
| 4 | 6 | 8 | 9 | 5 | 1 | 2 | 3 | 7 |
| 3 | 7 | 9 | 1 | 6 | 5 | 4 | 8 | 2 |
| 5 | 8 | 1 | 4 | 9 | 2 | 7 | 6 | 3 |
| 6 | 4 | 2 | 7 | 3 | 8 | 1 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାପା ସେତେବେଳର ଓ ଏ ବେଳର

ମହାଶୟ,

ସେତେବେଳେ ଘରର ତିନି ପୁଅଙ୍କୁ ବାପା କହୁଥିଲେ, ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ କେବେ ଭିନ୍ନ ହେବ ନାହିଁ। ଘର ମଝିରେ ପାଚେରି ପକାଇବ ନାହିଁ। ପୁଅମାନେ ପିତାଙ୍କ ସମ୍ମାନାର୍ଥେ ସେପରି କରୁଥିଲେ। ବର୍ତ୍ତମାନର ପେନ୍‌ସନ ପାଉଥିବା ବାପା, ପୁଅକୁ କହନ୍ତି, ତୁମେ ସାଥିରେ ରୁହ ମାତ୍ର ପରସ୍ପରଠାରୁ ଭିନ୍ନ ହେବା ପରି ଅଲଗା କବାଟ ଲଗାଇଦିଅ। ସେଇ ଅନୁସାରେ ତିନି ଭାଇଙ୍କର ତିନିଟା ରାଶନ୍ କାର୍ଡ ଓ ପ୍ରଭାବ ବିସ୍ତାର କରି ତିନିଟା ଆବାସ ହିତାଧିକାରୀ ହୋଇପାରି ବାପାଙ୍କୁ ଧନ୍ୟବାଦ ଦେଲେ। ସବୁଠାରୁ ଦୁଃଖର କଥା ଏହି କି ଯେ, ଯେଉଁ ଲୋକମାନେ ପ୍ରକୃତରେ ଆବାସ ପାଇବା ନିୟମ ସେମାନେ ଅଜ୍ଞତା ଅନ୍ଧକାରରେ ରହି ଠିକ୍ ଅଭିଯୋଗ କରିପାରୁନାହାନ୍ତି। ଯିଏ ତଦନ୍ତରେ ଆସୁଛନ୍ତି, କେବଳ ବୁଲି ଯାଉଛନ୍ତି। ବିରୋଧୀ ଯେତେ ରଡ଼ି କରୁଛନ୍ତି ନିଷ୍ଫଳ।

**–ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ମାନବ ଜୀବନ ଲଭିଅଛୁ ଯେବେ ଦି'ଦିନ ପାଇଁ
ତେବେ କିପାଁ କରୁ ବିରସ ବଦନ କହ ତ ଭାଇ !
–(ଜୀବନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜିଲା କୋଷାଗାରକୁ ଗଲା ୫ କୁଇଣ୍ଟାଲ ରୁପା

■ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୧୧ ବାକ୍ସରେ ପଠାଗଲା
■ ଆସନ୍ତା ବର୍ଷ ହେବ କଳାହାଟ ଦ୍ୱାର ରୁପା ଛାଉଣି

ପୁରୀ ଅଫିସ,୫।୧୦

ଶ୍ରୀମନ୍ଦିରର ସାତ ଦ୍ୱାର ରୁପା ଛାଉଣି ସରିଥିବାବେଳେ କଳାହାଟ ଦ୍ୱାରର ରୁପା ଛାଉଣି ହୋଇପାରିନାହିଁ। ଆସନ୍ତା ବର୍ଷ ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ କଳାହାଟ ଦ୍ୱାରର ରୁପା ଛାଉଣି କରାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀଳାଦ୍ରି ଭକ୍ତନିବାସ ଷ୍ଟ୍ରଙ୍ଗରୁମ୍‌ରେ ୧୧ଟି ବଡ ବାକ୍ସରେ ରଖାଯାଇଥିବା ୫କୁଇଣ୍ଟାଲ୍ ରୁପାକୁ ମଙ୍ଗଳବାର କଡ଼ା ସୁରକ୍ଷା ମଧ୍ୟରେ ଜିଲା କୋଷାଗାରକୁ ନିଆଯାଇଛି।

ଏତେ ପରିମାଣର ରୁପାକୁ ଆସନ୍ତା ରଥଯାତ୍ରା ପର୍ଯ୍ୟନ୍ତ ନୀଳାଦ୍ରି ଭକ୍ତନିବାସ ଷ୍ଟ୍ରଙ୍ଗରୁମ୍‌ରେ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ସୁରକ୍ଷିତ ମଣୁ ନ ଥିବାରୁ ତାହାକୁ ଜିଲା କୋଷାଗାରକୁ ସ୍ଥାନାନ୍ତର ପାଇଁ ଗତ ୨୪ ତାରିଖରେ ଜିଲାପାଳଙ୍କୁ ଚିଠି ଲେଖିଥିଲା। ଜିଲାପାଳଙ୍କଠାରୁ ଅନୁମୋଦନ ମିଳିବା ପରେ ମଙ୍ଗଳବାର ୧୧ଟି ବଡ ଟିଣ ବାକ୍ସରେ ରୁପା ସ୍ଥାନାନ୍ତର କରାଯାଇଛି। ବାକ୍ସଗୁଡ଼ିକର ଅଲଗା ଅଲଗା ୨୨ଟି ଚାବିକୁ ଜଉମୁଦ ଦିଆଯାଇଛି। ପ୍ରାୟ ୪ଘଣ୍ଟା ଧରି ଏହି ସ୍ଥାନାନ୍ତର କାର୍ଯ୍ୟ ଚାଲିଥିଲା। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ବେହରଣ ଦ୍ୱାର, ଜୟବିଜୟ ଦ୍ୱାର, ସାତପାହାଚ ଦ୍ୱାର, ଭୋଗ ମଣ୍ଡପ ଦ୍ୱାର, ମହାଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିର ଏବଂ ଆଦିନୃସିଂହ ମନ୍ଦିର ଦ୍ୱାରର ରୁପା ଛାଉଣି ସରିଛି। ଆସନ୍ତା ବର୍ଷ କଳାହାଟ ଦ୍ୱାର ରୁପା ଛାଉଣି ହେବ। ଚଳିତ ବର୍ଷ ରୁପା ଛାଉଣି କାମ ହେବାର ନ ଥିବାରୁ ୫ଶହ କିଲୋଗ୍ରାମର ରୁପାକୁ ସୁରକ୍ଷିତ ଭାବେ ଜିଲା କୋଷାଗାରକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀମନ୍ଦିରର ୭ଟି କବାଟରେ ରୁପା ଲଗାଯିବା ପରେ ଏହା ବଳକା ରୁପା। ତେବେ ଏହି ରୁପା ଉଭୟ ପ୍ଲେଟ୍ ଓ କାରୁକାର୍ଯ୍ୟ ଆକାରର। ଆସନ୍ତା ରଥଯାତ୍ରା ପୂର୍ବରୁ ଏହାକୁ ପୁଣି ଥରେ ଶ୍ରୀମନ୍ଦିର ପ୍ରଶାସନ ହାତକୁ ଆଣିବ ଓ ରୁପା ଛାଉଣି କାମ କରାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ଚିଠି ପରେ ସୁରକ୍ଷିତ ଭାବେ ଜିଲା ଟ୍ରେଜେରିରେ ରୁପା ରଖାଯାଇଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ଜଣେ ଦାତା ଶ୍ରୀମନ୍ଦିର ୮ଟି ଦ୍ୱାରର ରୁପା ଛାଉଣି ପାଇଁ ପ୍ରାୟ ୨ଟନ୍ ଓଜନର ରୁପା ଦାନ କରିଥିଲେ। ମୁମ୍ବାଇରୁ କାରିଗର ଆସି ନୀଳାଦ୍ରି ଭକ୍ତନିବାସର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିବା ଏହି ରୁପାକୁ ଉତ୍କଳୀୟ କଳା ଶୈଳୀରେ ଦ୍ୱାରଗୁଡ଼ିକରେ ଛାଉଣି କରିଥିଲେ। ରୁପା ଛାଉଣି ହୋଇଥିବା ଦ୍ୱାରଗୁଡ଼ିକର କାରୁକାର୍ଯ୍ୟକୁ ଦେଖି ଶ୍ରଦ୍ଧାଳୁମାନେ ପ୍ରଶଂସା କରୁଛନ୍ତି।



ବଡ ବଡ ଟିଣ ବାକ୍ସରେ ରୁପାକୁ ଟ୍ରକ ଯୋଗେ ଜିଲା କୋଷାଗାରକୁ ନିଆଯାଉଛି।

# ବିଧାନସଭାର ସମସ୍ତ ଆଲୋଚନା ଅନୁବାଦ ହେବ

ଭୁବନେଶ୍ୱର,୫।୧୦(ବ୍ୟୁରୋ)

ବିଧାନସଭାରେ ଆଲୋଚନା ହେଉଥିବା ସମସ୍ତ ପ୍ରସଙ୍ଗକୁ ଇଂଲିଶ ଭାଷାରୁ ଓଡ଼ିଆ ଭାଷାକୁ ଏବଂ ଓଡ଼ିଆ ଭାଷାରୁ ଇଂଲିଶ ଭାଷାକୁ ଅନୁବାଦିତ କରିବା ବ୍ୟବସ୍ଥା ଗ୍ରହଣ କରାଯିବ। ଓସ୍‌ୱାସର ସହଯୋଗରେ ବିଧାନସଭାରେ ନେଭା କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ କରାଯିବ ଏବଂ ବିଧାନସଭାର ସମସ୍ତ ବିବରଣୀ ଜନସାଧାରଣଙ୍କୁ ଉପଲବ୍ଧ ହେବ। ଓଡ଼ିଶା ବିଧାନସଭାର ଦୈନନ୍ଦିନ କାର୍ଯ୍ୟରେ ଉନ୍ନତ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଉପଯୋଗ ଉପରେ ମଙ୍ଗଳବାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଏ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଖବରଦାତାଙ୍କ ସହ ସାକ୍ଷାତ୍ ଏବଂ ମତାମତ ରଖିବା ନିମନ୍ତେ ବିଧାନସଭା ପରିସରରେ ଏକ ମିଡିଆ ପ୍ରକୋଷ୍ଠ ତୁରନ୍ତ ପ୍ରତିଷ୍ଠା କରିବାକୁ ମଧ୍ୟ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୩୧ ତାରିଖ ସୁଦ୍ଧା ଏହାର ସମସ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଧାନସଭା ସଚିବ ଦାଶରଥି ଶତପଥୀ, ପୂର୍ତ୍ତ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦୁର୍ଗା ପ୍ରସାଦ ମିଶ୍ର, ସଂସଦୀୟ ବ୍ୟାପାର ବିଭାଗ ଯୁଗ୍ମ ସଚିବ ମନୋଜ କୁମାର ପଟ୍ଟନାୟକ, ବରିଷ୍ଠ ବୈଷୟିକ ଅଧିକାରୀ ସରିତା ସାହୁ, ବୈଜ୍ଞାନିକ ଦିଲୀପ କୁମାର ମାନ୍ଧାତା, ବିଧାନସଭା ଯୁଗ୍ମ ସଚିବ ଦେବାନନ୍ଦ ଦୋରା ପ୍ରମୁଖ ଯୋଗ ଦେଇଥିଲେ।

# ‘ସଂକ୍ରମଣ ସ୍ଥିର, ୩ ମାସ ନିର୍ଣ୍ଣାୟକ ହେବ’

## ବିଏମ୍‌ସିର ନୂଆ ଗାଇଡ୍‌ଲାଇନ୍ ନେଇ ମତ ରଖିଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ):** କରୋନା ସଂକ୍ରମଣ ଏଡାଇବା ପାଇଁ ବିଏମ୍‌ସି ଶୀତଦିନିଆ କଟକଣା ଲାଗୁ କରିଛି। ଏହାକୁ ନେଇ ବିରୋଧ ଆରମ୍ଭ ହୋଇଥିବାବେଳେ ଅନେକେ ପ୍ରଶ୍ନ ବି ଉଠାଇଛନ୍ତି। ତେବେ ଏହି ପ୍ରସଙ୍ଗରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ପ୍ରଥମେ ଜୀବନ, ତା'ପରେ ମେଳା, ମହୋତ୍ସବ। କୋଭିଡ୍ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଅଧିକୃତ କରାଯାଇଛି। ଯେଉଁଠି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ସେଠାରେ ସେମାନେ ସତର୍କତାମୂଳକ ପଦକ୍ଷେପ ନେବେ। ଯେଉଁଠି ଯାହା ପର୍ବ ହେଉଛି, ଗହଳି ହେବାର ସମ୍ଭାବନା ଅଛି, ତାକୁ କିପରି ନିୟନ୍ତ୍ରଣ କରାଯିବ, ସେଥିପାଇଁ ଅଧିକାରୀମାନଙ୍କୁ କ୍ଷମତା ଦିଆଯାଇଛି। ଆଉ ଭୁବନେଶ୍ୱରର ସ୍ଥିତିକୁ ଦେଖି ବିଏମ୍‌ସି ଏଭଳି ନିଷ୍ପତ୍ତି ନେଇଛି। ଦେଶରେ ସଂକ୍ରମଣ ବର୍ତ୍ତମାନ ସ୍ଥିର ଅବସ୍ଥାରେ ଅଛି। ଓଡ଼ିଶାରେ ମଧ୍ୟ ସ୍ଥିର ଅଛି। ତଥାପି ଆସନ୍ତା ୩ ମାସ ଆମ ପାଇଁ ନିର୍ଣ୍ଣାୟକ ହେବ। ଏହି ସମୟ ଭିତରେ ଯେଉଁ ପାର୍ବଣ ଅଛି ସେଥିରେ ସତର୍କ ରହିବାକୁ ପଡ଼ିବ। ପୂର୍ବଭଳି ସ୍ଥିତି ଯେପରି ନ ଉପୁଜୁ ସେଥିପାଇଁ ଏଭଳି କଟକଣା ଲଗାଯାଇଛି। କୋଭିଡ୍ ସ୍ଥିତି ଚାଲିଗଲେ ମେଳା, ମହୋତ୍ସବ ହୋଇପାରିବ ବୋଲି ଡା. ମିଶ୍ର କହିଛନ୍ତି।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସଂକ୍ରମଣ ଏଡାଇବାକୁ ଭିଡ଼ କମାଇବାକୁ ନୀତି ଆୟୋଗ, ଆଇସିଏମ୍‌ଆର୍ ପରାମର୍ଶ ଦେଉଛନ୍ତି। ସଚେତନତା ପଦକ୍ଷେପ ବାଦ୍ କୋଭିଡ୍ ସଂକ୍ରମଣ କମାଇବା ଲାଗି ଏହା ହିଁ ଏକମାତ୍ର ଦକ୍ଷ ପଦକ୍ଷେପ। ଭୁବନେଶ୍ୱରରେ ଭିଡ଼ ହେଉଥିବାରୁ ସଂକ୍ରମଣ ବି ଅଧିକ ରହୁଛି। ଏ ଦିଗରେ ବିଏମ୍‌ସିର ଗାଇଡ୍‌ଲାଇନ ଏକ ଆଗୁଆ ବ୍ୟବସ୍ଥା ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଆଲବମ୍ ନିର୍ଦ୍ଦେଶକଙ୍କ ସମେତ ୪ ଗିରଫ

■ ବେଆଇନ ବନ୍ଧୁକ କାରବାର
■ ୩ ବନ୍ଧୁକ, ୧୬ ଗୁଳି ଜବତ

କଟକ ଅଫିସ,୫।୧୦

ଦୁର୍ଗାପୂଜା ପୂର୍ବରୁ କମିଶନରେଟ୍ ପୋଲିସ ପକ୍ଷରୁ କ୍ଲିନ୍ କ୍ରାଇମ ଅଭିଯାନ ଆରମ୍ଭ ହୋଇଛି। ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ବାଦାମବାଡି ପୋଲିସ ମଙ୍ଗଳବାର ଜଣେ ଆଲବମ୍ ନିର୍ଦ୍ଦେଶକଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ଝିଙ୍କିରିଆ ଅଞ୍ଚଳର ଜ୍ଞାନରଞ୍ଜନ ସାହୁ ଓରଫ ନବ(୪୦), ବାଦାମବାଡି ଥାନା ଶଙ୍କରପୁର ଡିହସାହିର ପ୍ରକାଶ ରାଉତ ଓରଫ ପପୁ(୩୫), ବଳଭଦ୍ରପୁର ବାଲିସାହି ବାସିନ୍ଦା ତଥା ଆଲବମ୍ ନିର୍ଦ୍ଦେଶକ ପ୍ରମୋଦ ରାଉତ ଓରଫ ଜିତୁ(୪୩) ଓ ଚାଉଳିଆଗଞ୍ଜ ଥାନା ଗତିରାଉତପାଟଣାର ସୁଶାନ୍ତ ପରିଡା(୪୯)। ସେମାନଙ୍କଠାରୁ ପୋଲିସ ୩ ବନ୍ଧୁକ ସହ ୧୬ଟି ଗୁଳି ଜବତ କରିଛି। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ୧୪ଟି ମାମଲା ରହିଥିବା ମଙ୍ଗଳବାର କଟକ ଡିସିପି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ଡିସିପି ସିଂ କହିଛନ୍ତି, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନବ ଝାଞ୍ଜିରୀମଙ୍ଗଳା ଗଡ଼ା ନିକଟରେ ବନ୍ଧୁକ ଧରି ବୁଲୁଥିବା ସମ୍ପର୍କରେ ପୋଲିସ ଖବର ପାଇଥିଲା। ପରେ ବାଦାମବାଡି ଥାନା ଏସ୍‌ଆଇ ଦିଲୀପ ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନବଙ୍କୁ କାବୁ କରିବା ସହ ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ ୨ ରାଉଣ୍ଡ ଗୁଳି ଜବତ କରିଥିଲେ। ଅଧିକ ପଚରାଉଚୁରା କରିବାକୁ ସେ ବନ୍ଧୁକଟି ପ୍ରକାଶଙ୍କଠାରୁ କିଣିଥିବା ସ୍ୱୀକାର କରିଥିଲେ। ପ୍ରକାଶ ତାଙ୍କ ସମ୍ପର୍କୀୟ ତାଳଚେରର ଟୁକୁନା ସ୍ୱାଇଁଙ୍କଠାରୁ ଚୋରା ବନ୍ଧୁକ ଆଣି କାରବାର କରିଥାଏ ବୋଲି ଜଣାପଡିଥିଲା। ଟୁକୁନା ପୂର୍ବରୁ ବନ୍ଧୁକ କାରବାର ଘଟଣାରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ନବଙ୍କୁ ଜେରାପରେ ପ୍ରକାଶ, ପ୍ରମୋଦ ଓ ସୁଶାନ୍ତଙ୍କୁ ପୋଲିସ ଗିରଫ କରିଥିଲା। ପ୍ରକାଶଙ୍କଠାରୁ ୧୦ଟି ଗୁଳି, ପ୍ରମୋଦଙ୍କଠାରୁ ଗୋଟିଏ ବନ୍ଧୁକ, ୨ ଗୁଳି ଓ ସୁଶାନ୍ତଙ୍କଠାରୁ ଗୋଟିଏ ବନ୍ଧୁକ ଓ ୨ଟି ଗୁଳି ଜବତ କରିଥିଲା। ତେବେ ଅଧିକ ଜେରାପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିସିପି ସିଂ କହିଛନ୍ତି। ଖବରଦାତା ସମ୍ମିଳନୀରେ ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

### ଅପରାଧୀଙ୍କୁ ବନ୍ଧୁକ ଯୋଗାଉଥିଲେ

ଏହି ପେସାଦାର ବନ୍ଧୁକ ବେପାରୀମାନେ ଏକ ଗ୍ରୁପ ଗଠନ କରିଥିଲେ। ପରେ ରାଜ୍ୟର ଅପରାଧୀମାନଙ୍କୁ ବନ୍ଧୁକ ଯୋଗାଉଥିଲେ। ଏହି ବନ୍ଧୁକନେଇ ଅପରାଧୀମାନେ ବ୍ୟବସାୟୀ, ଠିକାଦାର ଓ ବାଲିଘାଟ ଆଦିରୁ ବଟି ଆଦାୟ କରୁଥିଲେ। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ଏହି ବନ୍ଧୁକ ମାଧ୍ୟମରେ ଅପରାଧୀମାନେ ସାଧାରଣରେ ଆତଙ୍କ ସୃଷ୍ଟି କରିଥାନ୍ତେ ବୋଲି ପୋଲିସ କହିଛି।

### ଆଲବମ୍ ନିର୍ଦ୍ଦେଶକରୁ ବନ୍ଧୁକ ବ୍ୟବସାୟୀ

ଅଭିଯୁକ୍ତ ପ୍ରମୋଦ ପୂର୍ବରୁ ଆଲବମ୍ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଦିନକୁ ଦିନ ଆଲବମ୍‌ର ଚାହିଦା କମିଯିବାରୁ ସେ ଅପରାଧ ଦୁନିଆକୁ ଚାଲିଆସିଥିଲେ। ବନ୍ଧୁକ ରଖିବା ସଉକ ମଧ୍ୟ ତାଙ୍କର ରହିଥିଲା। ଚୋରା ବନ୍ଧୁକ କାରବାରରେ ସେ ଗତ ୬ବର୍ଷ ଧରି ସଂଶ୍ଳିଷ୍ଟ ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ଇଡିରେ ହାଜର ହେଲେ ଅଭୟକାନ୍ତ ପାଠକ

**ଭୁବନେଶ୍ୱର,୫।୧୦(ବ୍ୟୁରୋ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଓ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଇଡି ପକ୍ଷରୁ ତାଙ୍କୁ ଜେରା କରାଯାଇଥିବା ସୂଚନା ମିଳିଛି। ତେବେ ସେ ଏତେ ପରିମାଣର ଟଙ୍କା କେଉଁଠୁ ଆଣିଲେ, ଏସବୁ ଟଙ୍କା କେଉଁଠି ନିବେଶ କରିଥିଲେ, ଟଙ୍କା ରୋଜଗାରର ଉତ୍ସ କ'ଣ, ଏଥିରେ ଆଉ କାହାର ହାତ ଅଛି କି, ଜଙ୍ଗଲ ବିଭାଗରେ କେଉଁଠି ଦୁର୍ନୀତି କରିଥିଲେ କି, ଏଭଳି ଅନେକ ଦିଗକୁ ନେଇ ତାଙ୍କୁ ଗୁଡ଼ାଇତୁଡ଼ାଇ ପ୍ରଶ୍ନ ପଚରାଯାଇଥିଲା। ଅଭୟକାନ୍ତ କେତେ ସତ କହିଲେ, ଏଥିସହ ଅଧିକ ତଥ୍ୟ ହାସଲ ପାଇଁ ଆଗାମୀ ଦିନରେ ଜେଲ୍‌ରେ ଥିବା ତାଙ୍କ ପୁଅ ଆକାଶ ପାଠକଙ୍କୁ ଇଡି ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତ ପାଠକଙ୍କୁ ଗତ ନଭେମ୍ବରରେ ଭିଜିଲାନ୍ସ ଗିରଫ କରିଥିଲା। ଯାଞ୍ଚବେଳେ ମୋଟ ୯ କୋଟି ୩୫ଲକ୍ଷର ଆୟ ବହିର୍ଭୂତ ସମ୍ପତ୍ତି ଥିବା ଜଣାପଡିଥିଲା। ଏହାପରେ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲା। ପରେ ଏହି ମାମଲାର ତଦନ୍ତ ପାଇଁ ଅଭୟକାନ୍ତଙ୍କୁ ଇଡି ସମନ୍ ପଠାଇଥିଲା। ସେହିପରି ଅଭୟକାନ୍ତଙ୍କ ପୁଅ ଆକାଶ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ କରିଥିଲେ। ଏନେଇ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।


**ODISHA JOINT ENTRANCE EXAMINATION - 2021 (OJEE - 2021)**

No. OJEE/350 Date: 04.10.2021

**NOTICE REGARDING WEB COUNSELLING FOR MBA, MCA, M.TECH, M.ARCH, M.PLAN, M.PHARM, LE-TECH (DIPLOMA), LE-TECH (B.SC), LE-PHARM AND INT. MBA PROGRAMMES**

No. h-19: OJEE Web-based Counselling process for MBA, MCA, M.Tech, M.Arch, M.Plan, M. Pharm, LE-Tech (Diploma), LE-Tech (B.Sc), LE-Pharm and Integrated MBA Programmes is going to start from **5th October 2021**. For detailed Schedule, Seat Matrix and Counselling Brochure, the candidates are advised to visit OJEE websites **(www.ojee.nic.in / www.odishajee.com)**. Notice of web-based counselling for other courses will be published soon.

**Sd./- CHAIRMAN, OJEE**
OIPR-14020/11/0014/2122



**PUBLIC NOTICE**

I, Manoj Kumar Garg, son of Baburam Garg @ Babu Ram Agarwal of OO-11, Civil Township, Rourkela, Dist.- Sundargarh declares that Regd. Conveyance Deed No. 279 of 2003 and Regd. Sub Lease Deed No. 1121 of 1996, Khatiyan No. 100/357 of RTU No. 41 Raghunathpalli all in original was deposited with ICICI Bank to create mortgage and ICICI Bank returned only original Khatiyan No. 100/357 of RTU No. 41 and gave letter that other original documents were misplaced in their godown due to flood in Mumbai on 26.07.2005 and affidavit has been given by ICICI Bank to that effect. If anybody has any claim against me or my property on the basis of original deeds, he can lodge his claim with me or my Banker, SBI, Rourkela Main Branch at Bisra Road, Rourkela within 15 days from publication of this notice and on failing which it shall be presumed that there is no claim against the property. **Manoj Kumar Garg**



इंडियन बैंक Indian Bank इलाहाबाद ALLAHABAD

**ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର**
୨ୟ ମହଲା, ଶ୍ୟାମ ଆର୍କେଡ, କ୍ଷେତରାଜପୁର, ସମ୍ବଲପୁର-୭୬୮୦୦୩

**ଦଖଲ ନୋଟିସ୍**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ସେମାନଙ୍କର ଋଣ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ, ସମ୍ବଲପୁର ଶାଖା-୨, ସମ୍ବଲପୁର** ନିକଟରେ ଉତ୍ତରଦାୟୀ ରହିବେ।

**ନିମ୍ନଦର୍ଶିତ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ସମ୍ବଲପୁର ଶାଖା-୨ ଋଣଗ୍ରହୀତା, ଜାମିନଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ସାଙ୍କେତିକ ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| ୧) ଶ୍ରୀ ନେପାଳ ପୁସେଥ୍ (ଋଣଗ୍ରହୀତା ଏବଂ ବନ୍ଧକଦାତା), ପିତା: ୰ ଚନ୍ଦ୍ରଶେଖର ପୁସେଥ୍, ୨) ଶ୍ରୀମତୀ ଜାହ୍ନବୀ ପୁସେଥ୍ (ଋଣଗ୍ରହୀତା ଏବଂ ବନ୍ଧକଦାତା), ସ୍ୱାମୀ: ୰ ଚନ୍ଦ୍ରଶେଖର ପୁସେଥ୍, ୩) ଶ୍ରୀ ଗୋପାଳ ପୁସେଥ୍ (ଋଣଗ୍ରହୀତା ଏବଂ ବନ୍ଧକଦାତା), ପିତା: ୰ ଚନ୍ଦ୍ରଶେଖର ପୁସେଥ୍, ୪) ଶ୍ରୀ ଯୁଗଳ କିଶୋର ପୁସେଥ୍, ପିତା: ୰ ଚନ୍ଦ୍ରଶେଖର ପୁସେଥ୍, ୫) ଶ୍ରୀମତୀ ନିରୁପମା ପୁସେଥ୍ (ଋଣଗ୍ରହୀତା), ସ୍ୱାମୀ: ଶ୍ରୀ ନେପାଳ ପୁସେଥ୍, ସମସ୍ତଙ୍କ ଠିକଣା ସା.: ବଡବଜାର, ତେଲିପଡା, ପୋ.: କ୍ଷେତରାଜପୁର, ସମ୍ବଲପୁର-୭୬୮୦୦୩, | ଶ୍ରୀମତୀ ଜାହ୍ନବୀ ପୁସେଥ୍, ସ୍ୱାମୀ: ୰ ଚନ୍ଦ୍ରଶେଖର ପୁସେଥ୍, ଶ୍ରୀ ନେପାଳ ପୁସେଥ୍, ଶ୍ରୀ ଗୋପାଳ ପୁସେଥ୍, ଶ୍ରୀ ଯୁଗଳ କିଶୋର ପୁସେଥ୍‌ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୬୭/୧୩୦୧, ପ୍ଲଟ୍ ନଂ.: ୧୯୧୯, ପରିମିତ କ୍ଷେତ୍ର: ଏକର୦.୦୪୦ଡିସିମିଲି ଏବଂ ପ୍ଲଟ୍ ନଂ.: ୧୯୨୧, ପରିମିତ କ୍ଷେତ୍ର: ଏକର୦.୪୨୫ଡିସିମିଲି, ସମ୍ବଲପୁର ଟାଉନ ୟୁନିଟ୍ ନଂ.-୧୩, ବରେଇପାଲି, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜିତ ସିଂହଙ୍କ ସମ୍ପତ୍ତି, ଦକ୍ଷିଣ: ମହାବଳି ବ୍ରେକ୍ ଡାଉନ (କାଲୁ), ପଶ୍ଚିମ: ରାସ୍ତା, ପୂର୍ବ: ବାବୁଲାଲ ଅଗ୍ରୱାଲଙ୍କ ସମ୍ପତ୍ତି | ୧୯.୦୭.୨୦୨୧ | ୦୧.୧୦.୨୦୨୧ | ୩୧.୦୩.୨୦୨୧ ସୁଦ୍ଧା ଟ.୨୮,୮୭,୫୨୯/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

୬) ଶ୍ରୀ ରାଜକୁମାର ହାଣ୍ଡା (ଜାମିନଦାର), ପିତା: ଶ୍ରୀ ପୁରୁଷୋତ୍ତମ ହାଣ୍ଡା, ୭) ଶ୍ରୀ ଯୁଗଳ କିଶୋର ପଲିୱାଲ (ଜାମିନଦାର), ପିତା: ଶ୍ରୀ ଝାବର ପଲିୱାଲ, ଉଭୟଙ୍କ ଠିକଣା ସା.: ବରେଇପାଲି ଛକ, ସମ୍ବଲପୁର-୭୬୮୦୦୩

ତାରିଖ: ୦୫.୧୦.୨୦୨୧
ସ୍ଥାନ: ସମ୍ବଲପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ


# ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ମୋଟୁ ଥାନାରେ ୨ ଯୁବକଙ୍କୁ ପୋଲିସର ମାଡ଼ ଘଟଣା

**ଭୁବନେଶ୍ୱର,୫।୧୦(ବ୍ୟୁରୋ):** ମାଲକାନଗିରି ଜିଲା ମୋଟୁ ଥାନା ପୋଲିସ ଏକ ଚୋରି ଘଟଣାରେ ୨ଜଣ ଯୁବକଙ୍କୁ ଥାନାକୁ ଉଠାଇ ନେଇ ୩ରୁ ୪ଦିନ ରଖି ନିସ୍ତୁକ ମାଡ଼ ମାରିବା ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ କମିଶନ ମାଲକାନଗିରି ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ନଭେମ୍ବର ୨୬ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ମହାରାଜପାଲି ପଞ୍ଚାୟତ ଏମ୍‌ପିଭି-୮୧ ଗ୍ରାମର ଅଭିଜିତ ବିଶ୍ୱାସଙ୍କ ଘରୁ ୧୭ଦିନ ତଳେ ସୁନାଗହଣା ଓ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ଉକ୍ତ ଗ୍ରାମର ବିଶ୍ୱଜିତ ବିଶ୍ୱାସ ଓ ବିପ୍ଳବ ହାଲ୍‌ଦାରଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ଗ୍ରାମବାସୀ ଉଭୟଙ୍କୁ ଶନିବାର ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ ନ କରି ତଦନ୍ତ ଆଳରେ ଅଟକ ରଖି ନିସ୍ତୁକ ପିଟିଥିଲା। ଗୁରୁତର ଆହତ ଦୁଇ ଯୁବକ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଏହି ଘଟଣାରେ ଏସ୍‌ଆଇ ସୋମନାଥ ଦଳବେହେରାଙ୍କୁ ସୋମବାର ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି।


RDA

**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**Mail: secretaryrda@gmail.com, GSTIN: 21AAALRO294B1ZX**
**No.1961/RDA, dated 05.10.2021**

**PROCLAMATION**

It is hereby informed to the General public that one Sri Rajesh Singh, S/o Late Bhaba Nath Singh has applied for mutation of House No. L/26, under Chhend Housing Project, Stage-1, in her favour consequent upon death of her Late Ram Singari Devi. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation, objection petition shall not be entertained after expiry of the stipulated period.

**Sd./- Secretary**
**Rourkela Development Authority**


# ୱେବ୍ ଚ୍ୟାନେଲ ସିଲ୍, ଏମ୍‌ଡିଙ୍କ ସମେତ ଦୁଇ ଗିରଫ

## ମହିଳାଙ୍କୁ ଟଙ୍କା ମାଗି ଧମକ ଦେଉଥିଲେ

ଭୁବନେଶ୍ୱର,୫।୧୦(ବ୍ୟୁରୋ)

ଜଣେ ମହିଳାଙ୍କୁ ଧମକ ଦେବା ସହ ଟଙ୍କା ମାଗିବା ଅଭିଯୋଗରେ ଏକ ୱେବ୍ ଚ୍ୟାନେଲର ଦୁଇ କର୍ମଚାରୀଙ୍କୁ ମଞ୍ଚେଶ୍ୱର ପୋଲିସ ଗିରଫ କରିଛି। ସେମାନେ ହେଲେ ୱେବ୍ ଚ୍ୟାନେଲ 'ପରିବର୍ତ୍ତନ'ର ଏମ୍‌ଡି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନାର ପ୍ରଶାନ୍ତ କୁମାର ରାଉତ(୪୦) ଓ କ୍ୟାମେରାମ୍ୟାନ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ଚନ୍ଦ୍ରକାନ୍ତ ଦଳାଇ(୨୬)। ଏଥିସହ ସ୍ଥାନୀୟ ଚକେଇସିଆଣିରେ ଥିବା ଉକ୍ତ ୱେବ୍ ଚ୍ୟାନେଲ କାର୍ଯ୍ୟାଳୟକୁ ପୋଲିସ ସିଲ୍ କରିବା ସହ ସେଠାରୁ ଆଇ କାର୍ଡ, କ୍ୟାମେରା ଓ କମ୍ପ୍ୟୁଟର ଆଦି ଜବତ କରିଛି। ପୋଲିସ ଆଇପିସି ଦଫା ୪୪୮, ୨୯୪, ୩୨୩, ୫୦୬, ୩୫୪, ୩୫୪ ବି, ୩୫୪ ଡି, ୩୪ରେ ମାମଲା( ନଂ.୩୦୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ସାମ୍ବାଦିକର ପରିଚୟ ଦେଇ ଯଦି ଏହିପରି କେହି ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରୁହନ୍ତି ତା'ହେଲେ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ସୂଚନା ଅନୁଯାୟୀ, ଚକେଇସିଆଣୀ ବିନାୟକନଗରରେ ରହୁଥିବା ସ୍ମିତାଞ୍ଜଳି ବିଶ୍ୱାଳ ଓ ଜଣେ ମହିଳାଙ୍କ ମଧ୍ୟରେ ଟଙ୍କା ଦିଆନିଆକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ଶନିବାର ଅପରାହ୍ନରେ ସମ୍ପୃକ୍ତ ମହିଳାଙ୍କ ସପକ୍ଷରେ ଯାଇ ସ୍ମିତାଞ୍ଜଳିଙ୍କୁ ଅଭିଯୁକ୍ତଦ୍ୱୟ ଟଙ୍କା ଦେବାକୁ ଦାବି କରିଥିଲେ। ଜୋର୍ ଜବରଦସ୍ତି ତାଙ୍କ ଘରେ ପଶି ଉକ୍ତ ଘଟଣାରେ ପ୍ରତିକ୍ରିୟା ଦେବାକୁ ବାଧ କରିଥିଲେ। ସ୍ମିତାଞ୍ଜଳି ସେମାନଙ୍କୁ ବାରଣ କରିଥିଲେ ବି ଅଭିଯୁକ୍ତଦ୍ୱୟ ଶୁଣି ନ ଥିଲେ। ଟଙ୍କା ନ ଦେଲେ ନିଜ ୱେବ୍ ଚ୍ୟାନେଲରେ ଖବର ପରିବେଷଣ କରିବାକୁ ଧମକ ଦେଇ ଅଭିଯୁକ୍ତଦ୍ୱୟ ତାଙ୍କୁ ମାନସିକ ଚାପ ପକାଇଥିଲେ। ଏନେଇ ସ୍ମିତାଞ୍ଜଳୀ ଥାନାରେ ଅଭିଯୋଗ କରିଥିଲେ।



ଗିରଫ ଦୁଇ ଅଭିଯୁକ୍ତ।


OPTCL Lifeline of Odisha

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବଲାଙ୍ଗୀର
CIN-U40102OR2004SGC007553

No. CAD-1426

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ବଲାଙ୍ଗୀର ଠାରେ ଥିବା ୨୨୦/୧୩୨/୩୩ କେ.ଭି. ଗ୍ରୀଡ୍‌ରୁ କେସିଙ୍ଗା ଠାରେ ଥିବା ୨୨୦/୧୩୨/୩୩ କେ.ଭି ଗ୍ରୀଡ୍‌କୁ ସଂଯୋଗ କରୁଥିବା ୨୨୦କେ.ଭି. ଡି.ସି. ଲାଇନ୍ (Loc No.୧ ରୁ Loc No.୪୪) ର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି। ଲାଇନ୍‌ର ଏହି ଅଂଶ ସଦାଇପାଲି, ବରକାନି, ବିରମୁଣ୍ଡା, ମାଧିଆପାଲି, ବଲାଙ୍ଗୀର(କ), ପୁଇଁତଳା, ଲଖପାଲି, ବ୍ରାହ୍ମଣୀପାଲି, ଭାଲେର, ପୁଡାପାଲି, କୁରୁଲ ଗ୍ରାମ ଦେଇ ଯାଇଅଛି। ଏହି ଲାଇନ୍ ତା.୦୬.୧୦.୨୦୨୧ରିଖ ପରଠାରୁ ଯେକୌଣସି ମୂହୁର୍ତ୍ତ ରେ ବିଦ୍ୟୁତ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୧୯୫୬ ଅର୍ନ୍ତଗତ ଧାରା ୭୯,୮୦,୮୨ ଓ ୮୨ (କ) ଅନୁଯାଇ ଲାଇନ ତଳେ ଘର ତୋଳିବା, ଗଛ ଲଗେଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ। ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍। ଉକ୍ତ ଲାଇନ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢ଼ିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି। ଉପର ଲିଖିତ ନିୟମମାନ ଉଂଲଘନ କରିବା ଆଇନଗତ ଦଣ୍ଡନୀୟ ଅପରାଧ ଅଟେ। ଏଜୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

ସ୍ୱା/-ଉପ ମହାପ୍ରବନ୍ଧକ(ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବଲାଙ୍ଗୀର

FIPR-52/2021-22
OIPR-04011/11/0074/2122



**BHUBANESWAR DEVELOPMENT AUTHORITY**
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
Visit us at: http://www.bda.gov.in/

RFP No. Engg-IV-Vehicle-05/2014-15(Pt)/844 Date: 04.10.2021

*Bhubaneswar Development Authority invites* **“REQUEST FOR PROPOSAL FOR SELECTION OF AN AGENCY FOR SUPPLY OF EXCAVATORS & MACHINARIES WITH OPERATOR ON HIRE BASIS FOR BHUBANESWARDEVELOPMENT AUTHORITY (BDA)”**. The RFP documents will be available in the BDA website **@ www.bda.gov.in from 07.10.2021 to 28.10.2021 up to 5.00PM.** The RFP documents can be downloaded from the BDA website (www.bda.gov.in). The last date of receipt of proposals by speed/ registered post/Courier is up to 5.00PM on 29.10.2021 and the RFP will be opened at 4.30PM on 30.10.2021 in the office of the Executive Engineer, Division No.IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the BDA website www.bda.gov.in for further details.

**Sd/-**
**Executive Engineer**
**Division No.IV, BDA**

# ସମନ୍ୱିତ କୃଷି ପାଲଟିଛି ସଫଳତାର ମୁଖ୍ୟସ୍ରୋତ

**ଦେବଗଡ଼, ୫।୧୦(ଡି.ଏନ.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ନୂଆଡ଼ିହି ପଞ୍ଚାୟତ ଭେଜିକୁଦର ଗ୍ରାମରେ ଜଣେ ସଫଳ ଚାଷୀ ହେଉଛନ୍ତି ନାରାୟଣ ଦେହୁରୀ।

## ସଫଳ ଚାଷୀ


ନାରାୟଣ ଦେହୁରୀ।

ବୟସ ୬୫। ହେଲେ ମନ ତାଙ୍କର ଦୃଢ ରହିଛି। ଶିକ୍ଷାଗତ ଯୋଗ୍ୟତା ବେଶୀ ନୁହେଁ। ତାଙ୍କ ଅଞ୍ଚଳରେ ସେ ଜଣେ ଆଗୁଆ ଚାଷୀ ଭାବେ ଜଣାଶୁଣା। ଆଦିବାସୀ ଅଧ୍ୟୁଷିତ ଦେବଗଡ଼ ଜିଲାର ପାହାଡ଼ ପର୍ବତ ପରିବେଷ୍ଟିତ ଏହି ଗ୍ରାମର ଅଧିବାସୀ ମୁଖ୍ୟତଃ ଧାନଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ସେହି ଗ୍ରାମରେ ଆଶାର କିରଣ ସଞ୍ଚାର କରିଛନ୍ତି ନାରାୟଣ ଦେହୁରୀ। ସମନ୍ୱିତ କୃଷି ପ୍ରଣାଳୀରେ ଚାଷ ହେଉଛି ତାଙ୍କର ରୋଜଗାରର ମୁଖ୍ୟପନ୍ଥା। ବର୍ତ୍ତମାନ ସମୟରେ କୃଷିକ୍ଷେତ୍ରରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାକୁ ଲକ୍ଷ୍ୟ ରଖି ଏକ ସ୍ୱୟଂ ସମ୍ପୂର୍ଣ୍ଣ କୃଷି ପ୍ରଣାଳୀ ଆପଣେଇଛନ୍ତି। ଯଦ୍ୱାରା ଗୋଟିଏ ଫସଲରେ ହେଉଥିବା କ୍ଷତିକୁ ଅନ୍ୟଚାଷ ଦ୍ୱାରା ଭରଣା କରାଯାଇପାରିବ। ସମୁଦାୟ ୫ ଏକର ଜମିରୁ ୩ ଏକର ଜମିରେ ବୈଜ୍ଞାନିକ ପ୍ରଣାଳୀରେ ଧାନଚାଷ କରୁଛନ୍ତି। ଯେଉଁଥିରୁ ସେ ବାର୍ଷିକ ୪୮,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି। ବର୍ଷା ଦିନିଆ ଧାନଚାଷ ପରେ ସେ ୨ଏକର ଜମିରେ ସୋରିଷ ଚାଷ କରନ୍ତି। ଯାହା ଧାନ-ସୋରିଷ ପର୍ଯ୍ୟାୟ କୃଷିରେ ପରିଣତ ହୋଇଛି। ଏକ ଏକର ପରିମିତ ଅଞ୍ଚଳରୁ ଦୁଇଟି ପୋଖରୀ ଖନନକରି ମଧୁର ମାଛଚାଷ କରୁଛନ୍ତି। ସେଥିରୁ ସେ ବାର୍ଷିକ ହାରାହାରି ୧୦କୁଇଣ୍ଟାଲ ପର୍ଯ୍ୟନ୍ତ ମାଛ ଉତ୍ପାଦନ କରିବା ସହ ୮୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ବନରାଜ ଓ କଡ଼କନାଥ ପ୍ରଜାତିର କୁକୁଡ଼ା ପାଳନ କରି ସେ ମାଂସ ଏବଂ ଅଣ୍ଡାରୁ ପାର୍ଷିକ ୧୫,୦୦୦ଟଙ୍କା, ୮ଗୋଟି ଉନ୍ନତ ପ୍ରଜାତିର ଜର୍ସି ଗାଈ ପାଳନ କରି ବାର୍ଷିକ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। କୃଷି ବିଜ୍ଞାନ କେନ୍ଦ୍ରର ପରାମର୍ଶ କ୍ରମେ ଓ ନିଜ ପୁଅ ସଞ୍ଜୟଙ୍କ ସହାୟତାରେ ଏକ ଛୋଟ କୁକୁଡ଼ା ଅଣ୍ଡା ଉଷୁମା ଯନ୍ତ୍ର କିଣି ଜିଲାରେ ଏକମାତ୍ର ଚାଷୀ ଯିଏ କଡ଼କନାଥ (କଳା କୁକୁଡ଼ା) ଚିଆଁ ଲୋକଙ୍କୁ ଯୋଗାଉଛନ୍ତି। ଘର ପାଖ ପୋଖରୀରେ ପ୍ରାୟ ୮୦ଟି ବତକ ପାଳନ କରି ଉଭୟ ଅଣ୍ଡା ଓ ମାଂସ ବିକ୍ରୟ କରୁଛନ୍ତି। ଯେତେ ମରୁଡ଼ି ବା ବନ୍ୟା ହେଲେ ତାଙ୍କର ବିଶେଷ କ୍ଷତି ହେଉ ନାହିଁ। ଏହି ଚାଷରୁ ସେ ବାର୍ଷିକ ପ୍ରାୟ ତିନି ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି।

# ପ୍ରଗତି, ଦେବାଶୀଷଙ୍କୁ ସ୍ୱର୍ଣ୍ଣପଦକ

## ପଶ୍ଚିମ ଓଡ଼ିଶା ପାୱାର ଲିଫ୍ଟିଙ୍ଗ ଚାମ୍ପିୟନଶିପ ୨୦୨୧



ଉଭୟ ଖେଳାଳି ପ୍ରଗତି ଜେନା ଓ ଦେବାଶୀଷ ଦାସ।

**ସୁନ୍ଦରଗଡ, ୫।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାର ରାଉରକେଲାସ୍ଥିତ ର୍‌ୟାମା କ୍ଲବର ପ୍ରଗତି ଜେନା (ମହିଳା ବର୍ଗ ) ଓ ଦେବାଶୀଷ ଦାସ (ପୁରୁଷ ବର୍ଗ) ପଶ୍ଚିମ ଓଡିଶା ପାୱାରଲିଫ୍ଟିଙ୍ଗ ଚାମ୍ପିୟନଶିପରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଓଡିଶା ପାୱାର ଲିଫ୍ଟିଙ୍ଗ ସଂଘ ଓ ସମ୍ବଲପୁର ପାୱାରଲିଫଟିଙ୍ଗ ସଂଘର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ଠାରେ ଗତ ୩ତାରିଖରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଖବର ପାଇବା ପରେ ସୁନ୍ଦରଗଡ଼ ଜିଲାରେ ଖୁସିର ଲହରି ଖେଳିଯାଇଛି। ଉଭୟ ଖେଳାଳିଙ୍କ ସଫଳତା ପାଇଁ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଲ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ସହସମ୍ପାଦକ ଜୟଦେବ ପାତ୍ର, ଅନୀଲ ବହିଦାର ତଥା ର୍‌ୟାମା କ୍ଲବର ବିଶୁ ମହାନ୍ତି, ବାସୁଦେବ ବାନାର୍ଜୀ, ଅର୍ଜୁନ ପୁରସ୍କାରପ୍ରାପ୍ତ ସୁନୀଲ ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୫।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ରାଜଗାଙ୍ଗପୁର ଥାନା ରାନିପିଆ ଶଙ୍ଖପାଣି ଗ୍ରାମର ରଞ୍ଜିତ ବାର୍ଲା (୭୬) ନିକଟସ୍ଥ ସଂରକ୍ଷିତ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣ କରିବା ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଗାଙ୍ଗପୁର ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ମୃତଦେହ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପୁଅ ମନୋହର ବାର୍ଲାଙ୍କୁ ଶବସତ୍କାର ପାଇଁ ୨୦ ହଜାର ଟଙ୍କା ସହାୟତା ବନ ବିଭାଗ ଅଧିକାରୀ ମନୋଜ ଟିଗ୍ଗା ଓ ବନପାଳ ପରମାନନ୍ଦ ପଟେଲ ଦେଇଥିଲେ।

### ଗଞ୍ଜେଇ ଜବତ: ଜଣେ ଗିରଫ

**ଲହୁଣୀପଡ଼ା, ୫।୧୦(ଡି.ଏନ.ଏ.)-** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗଞ୍ଜେଇ ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଲହୁଣୀପଡ଼ାରେ ରହୁଥିବା ବିରବଲ ଠାକୁର(୩୬)ବେନିୟମ ଗଞ୍ଜେଇ ନେଇ ଯାଉଥିବା ଖବର ପାଇ ଲହୁଣୀପଡ଼ା ଅବକାରୀ ବିଭାଗର କର୍ମଚାରୀମାନେ ମଙ୍ଗଳବାର ବରସୁଆଁ ରେଲୱେ କ୍ରସିଂ ନିକଟରେ ଚଢ଼ାଉ କରି ଦୁଇ କେଜି ଗଞ୍ଜେଇ ଜବତ କରିବା ସହିତ ଗିରଫ ତାଙ୍କୁ କରିଥିବା ଜଣାପଡ଼ିଛି । ସୂଚନା ଥାଉକି ବିହାର ବୈଶାଳୀ ଜିଲା ଅନ୍ତର୍ଗତ ଚନ୍ଦପୁରା ଗ୍ରାମର ବିରବଲ ଅନେକ ଦିନ ହେଲା ଲହୁଣୀପଡ଼ାରେ ରହି ଆସୁଥିଲେ।

### ବରିଷ୍ଠ ନାଗରିକ ଫୋରମର ବୈଠକ

**ଦେବଗଡ,୫।୧୦(ଡି.ଏନ.ଏ):** ସ୍ଥାନୀୟ ଟାଉନ କ୍ଲବଠାରେ ମଙ୍ଗଳବାର ଦେବଗଡ଼ ଜିଲା ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଫୋରମର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ପରାମର୍ଶଦାତା ସୁଦର୍ଶନ ଦାଶ, ଡାକ୍ତର ବିଳାସିନୀ ଦ୍ୱିବେଦୀ, ଯୋଗେଶ୍ୱର ବିଶ୍ୱାଳ, ଭୁବନେଶ୍ୱର ପ୍ରଧାନ, ଲକ୍ଷ୍ମଣ କୁମାର ପ୍ରଧାନ, ଯୁଧିଷ୍ଠିର ଦାଶ ଓ ନସୀର ଖାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ଦେବଗଡରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ବରିଷ୍ଠ ନାଗରିକମାନଙ୍କ ସଭା ସମିତି ଆୟୋଜନ ନିମନ୍ତେ ଖାଲିଥିବା ଏକ ସରକାରୀ ଗୃହ ପ୍ରଦାନ, ଜିଲା ମୁଖ୍ୟ ଚିକିତ୍ସାଳୟରେ ତୁରନ୍ତ ଡାୟଲିସିସ ମ୍ୟାଶିନ କ୍ରିୟାଶୀଳ କରିବା, ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ, ପ୍ରତ୍ୟେକ ଗୃହକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ସବୁ ପ୍ରସଙ୍ଗରେ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ପତ୍ରାଳାପ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଫୋରମର ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### କାର ଧକ୍କାରେ ୨ ଯୁବକ ଆହତ

**ବଡ଼ଗାଁ,୫।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ମଙ୍ଗଳା ମନ୍ଦିର ସମ୍ମୁଖ ଏସଏଚ-୧୦ରେ ମଙ୍ଗଳବାର ମଧାହ୍ନ ୧ଟାରେ ବାଇକକୁ କାର ଧକ୍କା ଦେବାରୁ ବାଇକ ଚାଳକ ଓ ଆରୋହି ଆହତ ହୋଇଛନ୍ତି। ସେମାନେ ହେଲେ ତୁଡାଲଗା ଗ୍ରାମର ବିକି ଜେନା(୨୧) ଓ ପୁରୁଷୋତ୍ତମ ଲାକ୍ରା(୪୦)। ବାଇକରେ ରାସ୍ତାର ଅନ୍ୟ ପାର୍ଶ୍ୱକୁ ହଠାତ୍ ପଶି ଆସିବାରୁ କାର ନିୟନ୍ତ୍ରଣ କରି ନପାରି ଧକ୍କା ଦେଇଥିବା ଓ କାର ଫେରାର ହୋଇ ଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ।

# ପ୍ରାଣୀ ସମ୍ପଦ ଚିକିତ୍ସା ଶିବିର



ଶିବିରରେ ଗୃହପାଳିତ ପ୍ରାଣୀର ଚିକିତ୍ସା କରାଯାଉଛି।

**ଦେବଗଡ଼, ୫।୧୦(ଡି.ଏନ.ଏ)**

ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲା ପ୍ରାଣୀ ଚିକିତ୍ସା ବିଭାଗର ମିଳିତ ଆନୁକୂଲ୍ୟରେ ରିଆମାଳ ବ୍ଲକ ପଳସମା ପଞ୍ଚାୟତ କୁଶଖଲିଆ ଗ୍ରାମରେ ପଶୁ ସମ୍ପଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଲବ ସୋରେନଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ନିମାଇଁ ଚରଣ ପଟ୍ଟନାୟକ ଯୋଗଦେଇ ନିଜ ନିଜର ପାଳିତ ପଶୁ ସମ୍ପଦର ସୁରକ୍ଷା ଏବଂ ଯତ୍ନ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ପୃକ୍ତ ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ଗୋରୁ ଏବଂ ୬ ଶହରୁ ଊର୍ଦ୍ଧ୍ୱ ଛେଳିଙ୍କର ଟିକାକରଣ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଏହି ଶିବିରରେ ରିଆମାଳ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର ନାୟକ ଓ ପ୍ରାଣୀ ଚିକିତ୍ସକ ଡାକ୍ତର ଶୁଭଶ୍ରୀ ଷଡଙ୍ଗୀ ଯୋଗଦେଇଥିଲେ। ଶିବିରକୁ ଅବସରପ୍ରାପ୍ତ କୃଷି କର୍ମଚାରୀ ତଥା ଛେଳି ଉଦ୍ୟୋଗୀ ପରମାନନ୍ଦ ବେହେରା ପରିଚାଳନା କରିଥିଲେ। ଶିବିର ଆୟୋଜନରେ ପ୍ରାଣୀଧନ ନିରୀକ୍ଷକ ଓ ଗୋମିତ୍ରମାନେ ସହଯୋଗ କରିଥିଲେ ।

# ଟ୍ରେନ ଧକ୍କାରେ ଯୁବକ ମୃତ

**ଲହୁଣୀପଡ଼ା,୫।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ପଟାସାହି ରେଲୱେ ଷ୍ଟେସନ ନିକଟରେ ସୋମବାର ବିଳମ୍ବିତ ରାତିରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗୋପନା ପଞ୍ଚାୟତ ସରାସପୋଷ ଗ୍ରାମର ଜାନମ ସିଂ ମୁଣ୍ଡା(୪୬)ରେଲୱେ ଷ୍ଟେସନକୁ ଚାଲିଚାଲି ଯାଉଥିବା ବେଳେ ଏକ ଟ୍ରେନ୍ ତାକୁ ଧକ୍କା ଦେବାରୁ ସେ ପଡିଯାଇଥିଲେ। ଅନେକ ସମୟ ପଡ଼ିରହିବା ଦ୍ୱାରା ଘଟଣାସ୍ଥଳରେ ଜାନମ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପଟାସାହି ଷ୍ଟେସନ କର୍ମଚାରୀ ଚିକିତ୍ସା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ ହୁଏତ ଜାନମ ମୁଣ୍ଡା ବଞ୍ଚି ଯାଇ ପାରି ଥାନ୍ତା ବୋଲି ସ୍ଥାନୀୟ ଲୋକମାନେ ଷ୍ଟେସନ କର୍ମଚାରୀ ଓ ରେଲବାଇ ପୋଲିସ ସହିତ ଯୁକ୍ତିତର୍କ କରିବାରୁ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକ, ରେଲବାଇ ପୋଲିସ ଓ ରେଳ କର୍ମଚାରୀଙ୍କ ସହିତ ଆଲୋଚନା କରିବାରୁ ଏକ ପ୍ରକାର ଉତ୍ତେଜନା ହ୍ରାସ ପାଇଥିବାବେଳେ ଜାନମ ପରିବାରକୁ ନଗଦ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

# ସୁରୁପା ଗ୍ରାମରେ ଭାଜପାର ମିଶ୍ରଣ ପର୍ବ


ମିଶ୍ରଣ ପର୍ବରେ ଭାଜପା ନେତା, କର୍ମୀ।

**ଦେବଗଡ଼,୫।୧୦(ଡି.ଏନ.ଏ)**

ତିଲେଇବଣି ବ୍ଲକ ଅନ୍ତର୍ଗତ ସୁରୁପା ପଡିଆଠାରେ ଦେବଗଡ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ତିଲେଇବଣି ମଣ୍ଡଳ ସଭାପତି ବିରେନ ନାୟକଙ୍କ ସଭାପତିତ୍ୱ ଓ ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷା ବିଳାସିନୀ ନାୟକ, ଜିଲା ବିଜେଡି କୃଷକ ମୋର୍ଚ୍ଚା ସମ୍ପାଦକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଲଇମୁରା ଗ୍ରାମ ପଞ୍ଚାୟତର ବର୍ତ୍ତମାନର ସମିତି ସଦସ୍ୟ ଗଣେଶ ମହାନାୟକ, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ମୁକ୍ତେଶ୍ୱର ନାୟକ, ଡିମିରିକୁଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ୟାମଘନ ବାଘ ଓ ପାରପୋଶି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନୁପମା କିସାନ, ନିଶାମଣି ନାଏକ, ଉଚ୍ଚ ଶିକ୍ଷା ବିଭାଗର ଅବସରପ୍ରାପ୍ତ ମୁଖ୍ୟ କିରାଣି ଜନ୍ମେଜୟ ଠାକୁର, ଫକୀର ମୋହନ ଦେହୁରୀ ଓ ବିଜୁ ଯୁବ ବାହିନୀର ୨ଜଣ ପୂର୍ବତନ କର୍ମକର୍ତ୍ତାଙ୍କ ସମେତ ବହୁ ଯୁବତୀ ଯୁବକ ଅନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସେମାନଙ୍କୁ ଦଳୀୟ ଉତ୍ତରୀୟ ଏବଂ ଫୁଲମାଳ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଧାୟକ ପାଣିଗ୍ରାହୀ ଉପରୋକ୍ତ ନେତା ଓ କର୍ମୀମାନଙ୍କର ଭାଜପାରେ ଯୋଗଦାନ ଦଳର ଉତଥାନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ସମୀର କୁମାର ସାହୁ, ଜିଲା ଭାଜପା ଉପ ସଭାପତି ତଥା ବିଧାୟକଙ୍କ ତିଲେଇବଣି ବ୍ଲକ ନୋମିନି ଅକାଲୁ ଧଳ, ଜିଲା ଭାଜପା ଉପସଭାପତି ବିରଞ୍ଚି ବେହେରା, ବିଧାୟକଙ୍କ ରିଆମାଳ ବ୍ଲକ ନୋମିନୀ ଶରତ କୁମାର ସାହୁ, ଦେବଗଡ ନଗର ସାଧାରଣ ସମ୍ପାଦକ ରମଣୀ ରଞ୍ଜନ ଆଚାର୍ଯ୍ୟ ଓ ଜଗନ୍ନାଥ ବେହେରା, ଭାଜପା କୋଷାଧ୍ୟକ୍ଷ ସରୋଜ କୁମାର ପାଢ଼ୀ, ମିଡିଆ ସେଲ ସଂଯୋଜକ ସୁଧିର କୁମାର ପାତ୍ର, ପାରପୋଶି ପଂଚାୟତର ପୂର୍ବତନ ସରପଂଚ ପରମେଶ୍ୱର ସାହୁ , ଆଲୋକ କୁମାର ପାଣିଗ୍ରାହୀ ,ପ୍ରତାପ ପଣ୍ଡା ଓ ଅଚ୍ୟୁତ ଅଡାଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ରହିଥିଲେ । ପ୍ରତିକୂଳ ପାଣିପାଗ ସତ୍ତ୍ୱେ ଏହି ମିଶ୍ରଣ ପର୍ବରେ ଲଇମୁରା, ପାରପୋଶି, ଝରାଗୋଗୁଆ, ଗଣ୍ଡମ, ଝାରମୁଣ୍ଡା ଓ ଡିମ୍ବିରିକୁଦା ଗ୍ରାମ ପଂଚାୟତର ଶତାଧିକ ମହିଳାପୁରୁଷ ଭାଜପା କର୍ମୀ ଉପସ୍ଥିତ ଥିଲେ। ଦଳୀୟ ଟିମ୍‌ର ସୁରୁପା ଗସ୍ତ ସମୟରେ ପାରପୋଶି ଗ୍ରାମରୁ ବହୁ ଭାଜପା କର୍ମୀ ଏକ ବାଇକ ଶୋଭାଯାତ୍ରାରେ ସେମାନଙ୍କୁ ସୁରୁପ ଖେଳ ପଡିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ସୂଚନାଯୋଗ୍ୟ ଯେ, ଭାଜପା ଦଳରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଥିବା ଗଣେଶ ମହାନାୟକଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଗତ ସେପ୍ଟେମ୍ବର ୧୩ ତାରିଖରେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରାଯାଇଥିଲା।

# ବଡ଼ଗାଁ ଥାନାରେ ଶୁଣିଲେ ନାହିଁ, ଏସ୍‌ପିଙ୍କୁ ଜଣାଇଲେ ଶ୍ରମିକ

**ବଡ଼ଗାଁ,୫।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଓ ରାଏବଗା ଥାନା ସଲଙ୍ଗାବାହାଲ ଗ୍ରାମର କେତେକ ଶ୍ରମିକଙ୍କୁ ପାମରା ଗ୍ରାମର ଅମିତ ଖୁଣ୍ଟିଆ ଚେନ୍ନାଇକୁ ନେଇ ସେଠାରେ ଏକ କମ୍ପାନୀରେ କାମ କରାଇଥିଲେ। ସେଠାରେ ଶ୍ରମିକଙ୍କୁ କମ୍ପାନୀ କର୍ମଚାରୀ ନିର୍ଯାତନା ଦେବା ଓ ପାମରା ଗ୍ରାମର ଅମିତ ଶ୍ରମିକଙ୍କ ମଜୁରୀ ଅର୍ଥ କମ୍ପାନୀରୁ ଉଠାଇ ଦେଉନଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା କିନ୍ତୁ ଥାନାର ଜଣେ ଏଏସଆଇ ଶ୍ରମିକଙ୍କୁ ମୁଁ ଷ୍ଟାପ୍ ଦେଉଛି ତମେ ଅମିତକୁ ଖୋଜିଆଣ କହିବାରୁ ଶ୍ରମିକ ମାନେ ସୋମବାର ଏସପିଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। କଣ୍ଟିଆମୁରା ଗ୍ରାମର କୁମରମଣୀ ଲାକ୍ରା, ପ୍ରକାଶ କିସପଟ୍ଟା, ମନୋଜ କିସାନ, କେଶବ ବାଡ଼ା ଓ ସଲଙ୍ଗାବାହାଲ ଗ୍ରାମର ବେଣୁଧର ରାଉତ, ରାମପ୍ରସାଦ କମାର, ସୁମିତ ବାଗେ, ସୁଲେମନ କଚ୍ଛପ, ପ୍ରଶାନ୍ତ ସୋରେଙ୍ଗ, ବିକାଶ ସୋରେଙ୍ଗ, ବବ୍‌ଲୁ ସାହୁ, ରାଜ ହଂସ, ସରୋଜ ମିଞ୍ଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଗଷ୍ଟ ୧୨ତାରିଖ ପାମରା ଗ୍ରାମର ଅମିତ ଚେନ୍ନାଇରେ କାମ ଯୋଗାଇ ଦେବାକୁ କହି ସେଠାକୁ ନେଇଥିଲେ। ସେଠାରେ କମ୍ପାନୀ କର୍ମଚାରୀମାନେ ଶ୍ରମିକଙ୍କ ଆଧାର କାର୍ଡ, ମୋବାଇଲ ଜବରଦସ୍ତ ଟାଣି ନେଇଯାଇଥିଲେ। ଦେହ ଅସୁସ୍ଥ ଥିଲେ ମଧ ମାଡ଼ମାରି କାମ କରାଉଥିଲେ। ମଜୁରୀ ଟଙ୍କା ମଧ ଦେଇନଥିଲେ। ଆମେ ସମସ୍ତ ଜିନିଷ ଛାଡ଼ି ଲୁଚି ଗାଁକୁ ଫେରିଥିଲୁ। ଗତମାସ ୨୯ତାରିଖ ଥାନାରେ ଜଣାଇଥିଲୁ। କିନ୍ତୁ ଥାନାର ଜଣେ ଏଏସଆଇ ପୋଲିସ କଣ ତମ ଟଙ୍କା ଦେବ, ମୁଁ ଅମିତକୁ ଫୋନ୍ କଲେ ଉଠାଉନାହିଁ। ଷ୍ଟାପ ଦେଉଛି ତୁମେ ଖୋଜି ଆଣ କହିବାରୁ ନିରାଶ ଶ୍ରମିକ ମାନେ ଏସ୍‌ପିଙ୍କ ଠାରେ ଗୁହାରି ଜଣାଇଛନ୍ତି। ତେବେ କରୋନା ମହାମାରୀ ସମୟରେ ଶ୍ରମିକ ମାନେ ପ୍ରାପ୍ୟ ମଜୁରୀ ନ ପାଇବା ଓ ନ୍ୟାୟ ପାଇଁ ଥାନା ଏସପି ଅଫିସ ଧାଇଁ ହଇରାଣ ହେବା ବାସ୍ତବିକ ଦୁର୍ଭାଗ୍ୟଜନକ ମନେହୁଏ।

# ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ସୁନ୍ଦରଗଡ,୫।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ପ୍ରଫେସର ଆଶୁତୋଷ ନାଏକ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜୀବଜନ୍ତୁଙ୍କ ସୁରକ୍ଷା ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ସଭାରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ବନସଂରକ୍ଷକ ଦିବାକର ବେହେରା ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ଜିଲାର ୩ଟି ବନଖଣ୍ଡରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଣାଇଁର ବିଭୂତି ଭୂଷଣ ସାହୁ, ପାନପୋଷର ଶୈଳବାଳା ଷଡଙ୍ଗୀ ଓ ସୁନ୍ଦରଗଡର ମନୋଜ କୁମାର ପଟେଲଙ୍କୁ ପୁରସ୍କୃତ କରାଯାଇଥିଲା।

# ସୁଗୁଡ଼ା ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଦେବଗଡ଼,୫।୧୦(ଡି.ଏନ.ଏ)**

ତିଲେଇବଣି ବ୍ଲକ ସୁଗୁଡା ଗ୍ରାମ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଲୀଳାବତୀ ବେହେରାଙ୍କ ଦ୍ୱାରା ଅନିୟମିତତା ହେଉଥିବା ସୋମବାର ଦେବଗଡ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଧରଣୀଧର ସାହୁ ଓ ରଞ୍ଜନ କୁମାର ଉଦାବରଙ୍କ ନେତୃତ୍ୱରେ ସୁଗୁଡା ଗ୍ରାମ ପଞ୍ଚାୟତର ବହୁ ବୁଦ୍ଧିଜିବୀ, ସ୍ୱେଚ୍ଛାସେବୀ ଓ ଅଞ୍ଚଳବାସୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ନିର୍ବାହୀ ଅଧିକାରୀ ବେହେରା ଦୀର୍ଘଦିନ ହେଲା ପଞ୍ଚାୟତରେ କୌଣସି ମାସିକ ବୈଠକ ଡାକୁ ନ ଥିବାବେଳେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କଠାରୁ ସମ୍ପୃକ୍ତ ଯୋଜନା ବାବଦକୁ ହଜାର ହଜାର ଟଙ୍କା ଆଦାୟ କରୁଛନ୍ତି। ପଞ୍ଚାୟତର ସାମାଜିକ ସମୀକ୍ଷା ବୈଠକ, ମିଶନ ଶକ୍ତି ବୈଠକ ତଥା ଅନ୍ୟାନ୍ୟ ବୈଠକ ପାଇଁ ଉଦ୍ଦିଷ୍ଟ ରାଜୀବ ଗାନ୍ଧି ସେବା କେନ୍ଦ୍ରକୁ ନିର୍ବାହୀ ଅଧିକାରୀ ବେହେରା ବ୍ୟକ୍ତିଗତ ଭାବେ ବ୍ୟବହାର କରୁଛନ୍ତି। ଅଭିଯୋଗକାରୀ ମାନେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉପରୋକ୍ତ ଅଭିଯୋଗଗୁଡିକ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କ ମତାମତ ଲୋଡିବାରୁ ସେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିବାସହ ସେ କୌଣସି ଦୁର୍ନୀତି କରୁ ନ ଥିବା ଉତ୍ତର ଦେଇଛନ୍ତି। ଏଥିସହ ପ୍ରତ୍ୟେକ ମାସରେ ପଞ୍ଚାୟତ ବୈଠକ ଡାକୁଥିବା ପ୍ରକାଶ କରି ଠିକା କାମ ନ ଦେବାରୁ କେତେକ ଠିକାଦାର ତାଙ୍କ ବିରୁଦ୍ଧରେ ଚକ୍ରାନ୍ତ ଚଳାଇଛନ୍ତି ବୋଲି ନିର୍ବାହୀ ଅଧିକାରୀ ବେହେରା ପ୍ରକାଶ କରିଛନ୍ତି।

# ଫୁଟବଲ ପ୍ରତିଯୋଗିତା: ବିରସା କ୍ଲବ ଚାମ୍ପିୟନ

**ଲହୁଣୀପଡ଼ା,୫।୧୦(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଗୋପନା ପଞ୍ଚାୟତ ଛିଡାକୁଦର (ପଟାସାହି) ସ୍ଥିତ ଫୁଟବଲ ପଡିଆ ଠାରେ ଛିଡା କୁଦର ହଂସନନ୍ଦନ କ୍ଲବ ପକ୍ଷରୁ ଚାଲିଥିବା ଚାରିଦିନିଆ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡ଼ା ବ୍ଲକ ଅଧ୍ୟକ୍ଷ ପଣ୍ଡିତ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଗୋପନା ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, ବିଧାୟକ ପ୍ରତିନିଧି ଓମନ୍ତ କୁମାର ମାହାନ୍ତ, ନିଖିଲ କୁମାର ସାହୁ, ପୂର୍ବତନ ସରପଞ୍ଚ ଶୁଶିଳା ମୁଣ୍ଡା, ତୁରୀ ମୁଣ୍ଡା ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ମୋଟ ୩୨ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ।



ଖେଳାଳିଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

ଏହାର ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ଲହୁଣୀପଡ଼ା ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ,ପୂର୍ବତନ ସରପଞ୍ଚ ଶୁଶିଳା ମୁଣ୍ଡା, ଓମନ୍ତ କୁମାର ମାହାନ୍ତ ପ୍ରମୁଖ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କୁ ଆଦିବାସୀ ପାରମ୍ପରିକ ନୃତ୍ୟ ଗୀତରର ତାଳେ ମଞ୍ଚ ନିକଟକୁ ପାଛୋଟି ନେଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ପଡିଆ ମଧ୍ୟକୁ ଯାଇ ଖେଳାଳି ମାନଙ୍କୁ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଆଦିବାସୀ ବିରସା କ୍ଲବ ମହରା ଦଳ ୫-୨ ଗୋଲରେ ସାମାଡ଼ ଆଣ୍ଡ ସାମାଡ଼ ଦଳକୁ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ତୃତୀୟ ବିଜେତା ଭାବେ ବାଡା ବାଗାନ ନନ୍ଦାପଡା ଦଳ ଓ ଚତୁର୍ଥ ଦଳ ଭାବେ ସୁଧା ଆଣ୍ଡ ସୁଧା ଦଳକୁ ବିଜୟୀ ଘୋଷିତ ହୋଇଥିଲେ। ଅତିଥିମାନେ ଉଭୟ ବିଜେତା ଓ ଉପବିଜେତା, ତୃତୀୟ ଓ ଚତୁର୍ଥ ବିଜୟୀ ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଏହି ଚାରିଦିନିଆ ଫୁଟବଲ ପ୍ରତିଯୋଗିତାକୁ ରେଫରି ଭାବେ ମୋହନ ପାତ୍ର, ଶଙ୍କର ମୁଣ୍ଡା, ଶୁସାନ୍ତ କିଷାନ, ଯୁଗଳ କିଷାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବର ସମ୍ପାଦକ ଯୋଗେଶ୍ୱର ମୁଣ୍ଡା, ଜେନା ମୁଣ୍ଡା, ଦାମନ ମୁଣ୍ଡା, କିଶୋର ମୁଣ୍ଡ,ଗିରେନ୍ଦ୍ର ମୁଣ୍ଡା, ଡୁବୁର ମୁଣ୍ଡା, ବାସନ୍ତୀ ମୁଣ୍ଡା, ଜୟ ମୁଣ୍ଡା, କେତନ ମୁଣ୍ଡା, ମଧୁସୂଦନ ମୁଣ୍ଡା, କିଶୋର ମୁଣ୍ଡା ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି।

## ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ନାକଟିଦେଉଳ,(ଡ଼ି.ଏନ.ଏ.):** ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ସମ୍ବଲପୁରର ହରି ଫାଉଣ୍ଡେଶନ ପକ୍ଷରୁ ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତ କାଦୋବାହାଲ ଗ୍ରାମର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଶଙ୍ଖାଳି ଚରଣ ପ୍ରଧାନ, ବାସୁଦେବ ସ୍ୱାଇଁ, ମୁରଲୀଧର ସ୍ୱାଇଁ, ଅବସରପ୍ରାପ୍ତ ଯବାନ ପ୍ରଦୀପ ସ୍ୱାଇଁ ଓ ଶରତ କୁମାର ସ୍ୱାଇଁ, ଆଶା କର୍ମୀ ଡାଳିମ୍ବ ସ୍ୱାଇଁ, ଅଙ୍ଗନୱାଡ଼ି କର୍ମୀ ଜୟନ୍ତୀ ପ୍ରଧାନ, ଡ଼ାହିମାଲ ଅଙ୍ଗନୱାଡ଼ି କର୍ମୀ ଦୁଲଣା ମିର୍ଦ୍ଧାଙ୍କୁ ଗ୍ରାମରେ ଆୟୋଜିତ ସଭାରେ ସମ୍ବର୍ଦ୍ଧନା ଦିଆଯାଇଛି। ହରି ଫାଉଣ୍ଡେଶନର ପ୍ରତିଷ୍ଠାତା ଗୋବିନ୍ଦ ଅଗ୍ରୱାଲାଙ୍କ ନେତୃତ୍ୱରେ ଜାହ୍ନବୀ ସ୍ୱାଇଁ, ହରିହର ସାହୁ ଓ ଦେବ ସାହୁ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ, ସମଲେଇ ମନ୍ଦିର, ସକାଳ ସାଢ଼େ ୭ଟା
- ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳତର୍ପଣ, ମହାନଦୀ ଅଯୋଧ୍ୟା ସରୋବର ଘାଟ, ସାଢ଼େ ୭ଟା।
- ମହମ୍ମଦ ରଫି ସଙ୍ଗୀତ କାର୍ଯ୍ୟକ୍ରମ, ଓଡ଼ିଶା ସାଂସ୍କୃତିକ ସମାଜ, ସନ୍ଧ୍ୟା ସାଢ଼େ ୬ଟା।
- କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ଜିଲା ଭାଜପା କାର୍ଯ୍ୟାଳୟ, ସନ୍ଧ୍ୟା ୬ଟା।

# ଆଜି ସମଲେଇଙ୍କ ଧବଳମୁଖୀ ବେଶ

**ସମ୍ବଲପୁର,୫।୧୦(ବ୍ୟୁରୋ)**

ଇଷ୍ଟଦେବୀ ସମଲେଇ ବୁଧବାର ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। କୋଭିଡ୍ କଟକଣା ପାଳନ କରି ଭକ୍ତମାନେ ଯେଭଳି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲା ପ୍ରଶାସନ, ମନ୍ଦିର ଟ୍ରଷ୍ଟ ଓ ପୂଜକମାନଙ୍କ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାସହ ନବରାତ୍ରିରେ ମଧ୍ୟ କଟକଣା ସହ ଭକ୍ତଙ୍କ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦର୍ଶନ ସୁବିଧା କରାଯାଇଛି। ମା'ଙ୍କ ଧବଳମୁଖୀ ବେଶ ଅଢ଼େଇ ଦିନ ପର୍ଯ୍ୟନ୍ତ ରହିବ। ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନ ସୁବିଧା ମିଳିବ। ମଧ୍ୟାହ୍ନ ୧୨ଟାରେ ମା'ଙ୍କ ପାଖରେ ଭୋଗ ଲାଗି ପାଇଁ କିଛି ସମୟ ଦର୍ଶନ ବନ୍ଦ ରହିବ। ପରମ୍ପରା ଓ ରୀତିନୀତି ଅନୁସାରେ ଆଶ୍ୱିନ ମହାଳୟା ତିଥିରେ ଇଷ୍ଟଦେବୀ ସମଲେଇଙ୍କୁ ଧବଳମୁଖୀ ବେଶରେ ସଜ୍ଜିତ କରାଯାଇ ପୂଜାର୍ଚ୍ଚନା ହୋଇଥାଏ। ଆଶ୍ୱିନ ପ୍ରତିପଦା ତିଥି (ଆସନ୍ତା ୭ ତାରିଖ) ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମଲେଇ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବା ରୀତି ରହିଛି। ମଙ୍ଗଳବାର ରାତ୍ର ୧୨ଟାରେ ପୂଜକମାନେ ଧବଳମୁଖୀ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ସଫାସୁତୁରା କରିବା ସହ ଗୋପୀ ତିଳକ, ଶଙ୍ଖର ମିଶ୍ରଣରେ ଦେବୀଙ୍କୁ ଧବଳମୁଖୀ ବେଶ କରାଯିବ। ପୂଜକମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରି ପିତ୍ତଳ ପାତ୍ର (ଗରିଆ)ରେ ପାଣି ଆଣି ଦେବୀଙ୍କୁ ସ୍ନାନ କରାଇବେ। ଦେବୀଙ୍କୁ ସମ୍ବଲପୁରୀ ଶ୍ୱେତ ପାଟବସ୍ତ୍ର ପରିଧାନ କରାଯିବା ପରେ ପ୍ରାତଃ ୪ଟାରେ ମହାଆଳତି ସହ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରି ମୁଗ ଓ ଗୁଡ଼ରେ ପ୍ରସ୍ତୁତ ଭୋଗ (ମୁଗବରା) ଲାଗି ହେବ। ଭୋର ୪ଟା ୪୫ ମିନିଟରୁ ଭକ୍ତଙ୍କ ଦର୍ଶନ ଲାଗି ଦ୍ୱାର ଖୋଲିବ। ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ, ରାତି ୮ଟାରେ ସନ୍ଧ୍ୟା ଆଳତି ଓ ୯ଟାରେ ଅନ୍ନଭୋଗ ଲାଗି ହୋଇଥାଏ।

**ନବରାତ୍ରିରେ କଟକଣାରେ ଦେବ ଦର୍ଶନ**


ସମଲେଇଙ୍କ ଧବଳମୁଖୀ ବେଶ। (ଫାଇଲ ଫଟୋ)।

# ରୁପା ଦୀପରେ ହେବ ସମଲେଇଙ୍କ ଆଳତି


ସମଲେଇଙ୍କ ପାଖରେ ରୁପା ଦୀପ ଦିଆଯାଉଛି।

**ସମ୍ବଲପୁର,୫।୧୦(ବ୍ୟୁରୋ)**

ଏଣିକି ରୁପା ଦୀପରେ ଇଷ୍ଟଦେବୀ ମା' ସମଲେଇଙ୍କୁ ଆଳତି କରାଯିବ। ଭକ୍ତବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରୁପା ତିଆରି ଏକ ଦୀପ ମା'ଙ୍କ ପାଖରେ ଅର୍ପଣ କରାଯାଇଛି। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ, ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ସଦସ୍ୟ ପ୍ରଫୁଲ୍ଲ ହୋତା ଦୀପ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମଲେଶ୍ୱରୀ ମହିମା ପ୍ରଚାରକ ସମିତି ସଦସ୍ୟ ତ୍ରିବିକ୍ରମ ପ୍ରଧାନ, ସଞ୍ଜୟ ଜେନା, ସଙ୍ଗୀତଜ୍ଞ ରତନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଚାର ସମିତି ପକ୍ଷରୁ ଅଳତୀ ଦେବା ପାଇଁ ଅନୁରୋଧ କରାଯାଇଥିଲା। ୩.୮ କେଜିର ଏହି ଦୀପ ୧୦୮ ବିଶିଷ୍ଟ ରହିଛି। ବୁଧବାର ଧବଳମୁଖୀ ଦିନଠାରୁ ଦୀପରେ ଆଳତି ଆରମ୍ଭ ହୋଇ ନିତିଦିନ ବ୍ୟବହାର କରାଯିବ।

## ସଂକ୍ଷେପରେ

## ୪୦୭ ସହ ୩୮୦ ବଣ୍ଡଲ କେନ୍ଦୁପତ୍ର ଜବତ

**ରେଙ୍ଗାଲି,୫।୧୦(ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ଠେଲକଲୋଇଠାରେ ମଙ୍ଗଳବାର ପୋଲିସ ପାଟ୍ରୋଲିଂ ସମୟରେ କେନ୍ଦୁପତ୍ର ଚୋରା ଚାଲାଣ କରୁଥିବା ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଏହାସହ ଏକ ୪୦୭ ଓ ୩୮୦ ବଣ୍ଡଲ କେନ୍ଦୁପତ୍ର ଜବତ କରିଛି। ସୂଚନାଯୋଗ୍ୟ ଯୁଯୁମୁରାରୁ ପଶ୍ଚିମବଙ୍ଗକୁ ଏକ ଟାଟା ୪୦୭ (ଡବ୍ଲ୍ୟୁବି ୨୯ସି୦୨୧୨) ଗାଡ଼ିରେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିଲା। ଠେଲକଲୋଇ ପୋଲିସ ଏସ୍ଆଇ ପ୍ରମୋଦ କୁମାର ସାହୁ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଗାଡି ଅଟକାଇ ଯାଞ୍ଚ କରିଥିଲେ। ଗାଡିରୁ ୩୮୦ ବଣ୍ଡଲ କେନ୍ଦୁପତ୍ର ପୋଲିସ ଜବତ କରିଥିଲା। ଗାଡ଼ିରେ ଥିବା ପଶ୍ଚିମବଙ୍ଗ କାଲିଘାଟର ତପନ ମଣ୍ଡଳ (୪୮), ମେଦିନାପୁରର ସବୀର ନାୟକ (୨୭) ଓ ସାଜିଦା ବିବି(୪୭)ଙ୍କୁ ପୋଲିସ ଧରିଥିଲା। ଜବତ କେନ୍ଦୁପତ୍ରର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଡକାୟତି ଅଭିଯୋଗରେ ୭ ଗିରଫ

**ସମ୍ବଲପୁର,୫।୧୦(ବ୍ୟୁରୋ):** ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ ଡକାୟତି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ଫଁସିରିବନ୍ଧର ସୋନୁ ଯାଦବ, କ୍ଷେତରାଜପୁର ଥାନା ହାଲିମପଡାର ବନମାଳୀ ସୁନା। ଏମାନଙ୍କଠାରୁ ୨ ଛୁରି, ୩ ମୋବାଇଲ ଫୋନ, ନଗଦ ୪୨୦୦ ଟଙ୍କା ସହ ଦୁଇଚକିଆ ଗାଡି ଓଡି୧୫ଆର-୨୧୬୦, ଓଡି୧୫ଜି-୮୫୭୬ ଜବତ କରିଛି। ଏ ନେଇ ଥାନାରେ କେସ୍ ନଂ୨୫୨/୨୧ରେ ମାମଲା ରୁଜୁ ହୋଇଛି। ଜମନକିରା ଥାନା କୁସମୀ ଗ୍ରାମର ଗଗନ ଠାକୁରଙ୍କ ଅଭିଯୋଗ କ୍ରମେ ସୋମବାର ରାତି ୯ଟା ସମୟରେ ସେ ସମ୍ବଲପୁର ଷ୍ଟେଶନକୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କଠାରୁ ଟଙ୍କା ଲୁଟିନେଇଥିଲେ। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା। ସେହିପରି ବୁର୍ଲା ଥାନା ପୋଲିସ ଡକାୟତି ଘଟଣାରେ ୫ ଜଣଙ୍କୁ ଗିରଫ କରିଛି। ପୂର୍ତ୍ତ ବିଭାଗ କଲୋନୀ ନିକଟରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ ହୋଇଥିବା ପୋଲିସ କହିଛି।

## ରେଳବାଇ ଷ୍ଟାଡିୟମରେ ଆନ୍ତଃ ବିଭାଗୀୟ ଫୁଟ୍‌ବଲ

**ସମ୍ବଲପୁର,୫।୧୦(ବ୍ୟୁରୋ):** ପୂର୍ବତଟ ରେଳପଥ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଆନ୍ତଃ ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ-୨୦୨୧ ମଙ୍ଗଳବାର ରେଳବାଇ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ଖେଳାଳିମାନଙ୍କ ସହ ପରିଚିତ ହୋଇ ଟୁର୍ନାମେଣ୍ଟ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଥିଲେ। ଉଦ୍‌ଘାଟନୀ ମ୍ୟାଚ ଆର୍‌ପିଏଫ୍ ବିଭାଗ ବନାମ ଇଲେକ୍ଟ୍ରିକାଲ ପରିଚାଳନା ବିଭାଗ ମଧ୍ୟରେ ହୋଇଥିଲା। ମ୍ୟାଚ ୧-୧ଗୋଲରେ ଅମୀମାଂଶିତ ହୋଇଥିଲା। କ୍ରୀଡ଼ା ଅଧିକାରୀ ଡ. ମନୋଜ କୁମାର ବେହେରା, କ୍ରୀଡ଼ା ସଚିବ ଆଲୋକ ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ।

## ସାମାଜିକ ସେବା କାର୍ଯ୍ୟକ୍ରମ

**ଜମନକିରା, ୫।୧୦(ଡି.ଏନ.ଏ.):** ଜମନକିରା ବ୍ଲକ୍ କସଡ଼ା ପଞ୍ଚାୟତ ବାବା ମୁକ୍ତେଶ୍ୱର ଧାମରେ ବିଜେଡି ପକ୍ଷରୁ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଳର ବ୍ଲକ୍ ସଭାନେତ୍ରୀ ସ୍ନିଗ୍ଧା ପଟେଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ରହି ସାମାଜିକ ସେବା ମାଧ୍ୟମରେ ମନ୍ଦିର ପ୍ରାଙ୍ଗଣ ସଫାସୁତୁରା କରିଥିଲେ। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଜମନକିରା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ ପ୍ରମୁଖ ସାମିଲ ହୋଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ।

# କାମରେ ଆସୁନି ସାମୂହିକ ଶୌଚାଳୟ

**ସମ୍ବଲପୁର,୫।୧୦(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ମାନଧାତା ବାବା ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଓ ମାନେଶ୍ୱର ଗ୍ରାମବାସୀଙ୍କ ସୁବିଧା ପାଇଁ ଏକ ସାମୂହିକ ଶୌଚାଳୟ ନିର୍ମାଣ ହୋଇଛି। ହେଲେ ତାହା କାମରେ ଆସିପାରୁ ନାହିଁ। ଗ୍ରାମବାସୀ କହିବା ଅନୁସାରେ ଠିକାଦାର କାମର ବିଲ ନ ପାଇବାରୁ ତାଲା ମରାଯାଇଛି। ଅନ୍ୟପଟେ ମାନେଶ୍ୱର ବିଡିଓ ନୀଳାମ୍ବର ମହାନନ୍ଦ କହିଛନ୍ତି, ଶୌଚାଳୟକୁ ଖୋଲାଯାଇ ନାହିଁ। କାମ ସମ୍ପୂର୍ଣ୍ଣ ହୋଇଥିଲେ ଶୀଘ୍ର ଖୋଲାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ମହାନଗର ନିଗମ ଅଧୀନ ମାନେଶ୍ୱର ମାନଧାତା ବାବା ମନ୍ଦିର ଆସୁଥିବା ଶ୍ରଦ୍ଧାଳୁମାନେ ଶୌଚ ପାଇଁ ସମସ୍ୟା ଭୋଗୁଛନ୍ତି। ଗ୍ରାମବାସୀ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ କୁନା ପଣ୍ଡା କହିଛନ୍ତି, କାମ ସରି ନ ଥିବାରୁ ଫାଇନାଲ ବିଲ୍ କରାଯାଉ ନାହିଁ। ମାଳତୀ ନଦୀରୁ ପାଣି ଉଠାଇବା ପାଇଁ ପ୍ରକଳ୍ପ କାମ ଅଧାରେ ରହିଛି। ନଦୀରେ ପମ୍ପ ବସାଇବା କାମ ବାକି ରହିଛି। କାମ ସାରିବାକୁ ଠିକାଦାରଙ୍କୁ ତାଗିଦ କରାଯାଇଛି। ଏକ ସପ୍ତାହ ଭିତରେ କାମ ସମ୍ପୂର୍ଣ୍ଣ କରାଯାଇ ଖୋଲିଦିଆଯିବ ବୋଲି କହିଥିଲେ। ଏହି ସାମୂହିକ ଶୌଚାଳୟ ପାଇଁ ୭ ଲକ୍ଷ ୫୦ ଟଙ୍କାର ବ୍ୟୟ ଅଟକଳ ରହିଥିଲା।


ଶୌଚାଳୟରେ ତାଲା ପଡିଛି।

## ଓଏସ୍‌ଓୟୁ-ଇଡିଆଇଆଇ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

**ସମ୍ବଲପୁର,୫।୧୦(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଓ ହାଇଦ୍ରାବାଦସ୍ଥିତ ଏଣ୍ଟରପ୍ରେନ୍ୟୁରଶିପ ଅଫ ଇଣ୍ଡିଆ (ଇଡିଆଇଆଇ) ମଧ୍ୟରେ ମଙ୍ଗଳବାର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଓଏସ୍‌ଓୟୁ କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଇଡିଆଇଆଇ ଜେନେରାଲ ଡାଇରେକ୍ଟର ଡ. ସୁନୀଲ ଶୁକ୍ଲା ଭର୍ଚୁଆଲରେ ଯୋଗଦେଇ ଉଦ୍ୟମିତା ବିକାଶ ଦିଗରେ ଆଲୋକପାତ କରିଥିଲେ। ଏମ୍‌ଓୟୁ ସ୍ୱାକ୍ଷର ହେବାରୁ ଦୁଇ ଶିକ୍ଷାନୁଷ୍ଠାନ ଛାତ୍ରୀ, ଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଧିକାରୀଙ୍କ ମଧ୍ୟରେ ବୈଷୟିକ ଓ ଅର୍ଥନୈତିକ ବିଷୟରେ ଜ୍ଞାନ ଆଦାନପ୍ରଦାନ ହୋଇପାରିବ। ଓଏସ୍‌ଓୟୁ କୁଳସଚିବ ପ୍ରଫେସର ମାନସ ରଞ୍ଜନ ପୂଜାରୀ ଓ ଇଡିଆଇଆଇ ଏଣ୍ଟରପ୍ରେନ୍ୟୁରଶିପ ଶିକ୍ଷା ନିର୍ଦ୍ଦେଶକ ଡ. ସତ୍ୟରଞ୍ଜନ ଆଚାର୍ଯ୍ୟ ଏମ୍‌ଓୟୁ ଆଦାନପ୍ରଦାନ କରିଥିଲେ।

# ରାଜସ୍ୱ ଗ୍ରାମ ମାନ୍ୟତା ନେଇ ଦାବିପତ୍ର


ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

**ଜମନକିରା, ୫।୧୦(ଡି.ଏନ.ଏ.)**

ଜମନକିରା ତହସିଲ ଭୋଜପୁର ପଞ୍ଚାୟତର ରେଙ୍ଗାଲବେଡ଼ା ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା ନେଇ ମଙ୍ଗଳବାର ରେଙ୍ଗାଲବେଡ଼ା ଗ୍ରାମବାସୀ ତହସିଲଦାର ଡା. ସୌମ୍ୟାରୂପା ରଥଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗାଁରେ ମୋଟ ଘର ସଂଖ୍ୟା ୧୩୯ ରହିଥିବା ବେଳେ ସେଥିରୁ ଆଦିବାସୀ ଶ୍ରେଣୀର ୪୩, ଅନୁସୂଚିତ ଜାତିର ୩୫, ଓବିସିରେ ୫୨ ଓ ସାଧାରଣ ବର୍ଗରେ ୯ ରହିଥିବା ଦର୍ଶାଇଛନ୍ତି। ଏଥିସହ ଗାଁରେ ବହୁ ଦିନରୁ ରହିଥିବା ଏକ ଖେଳପଡ଼ିଆକୁ ସ୍କୁଲ ପିଲା ଓ ଗ୍ରାମବାସୀ ବ୍ୟବହାର କରି ଆସୁଥିଲେ। ମାତ୍ର ବର୍ତ୍ତମାନ ଏହା ଲୋକଙ୍କ ରେକର୍ଡ଼ରେ ରହିଛି। ତେଣୁ ସ୍କୁଲ ତଥା ଗାଁ ପାଇଁ ଏକ ଖେଳପଡ଼ିଆ ଜମି ପ୍ରଦାନ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗାଁ କମିଟି ସଭାପତି କନ୍ଦର୍ପ ଲୁହୁରା, ସମ୍ପାଦକ ଚିତ୍ତରଞ୍ଜନ ରଣା, ନବିନ ଚନ୍ଦ୍ର ନାୟକ, ସୁଜୟ କୁମାର ମହାନ୍ତି, ପ୍ରମୋଦ ବାଘ, ଡୋଳାମଣୀ ରୋହିଦାସ, କୃପାସିନ୍ଧୁ ମେହେର, ବିଜୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ସିଏଲ୍ ବିସ୍ଥାପିତଙ୍କ ଅନଶନ ପ୍ରତ୍ୟାହୃତ


ଆନ୍ଦୋଳନକାରୀଙ୍କୁ ବିଧାୟକ ଫଳରସ ପିଆଇ ଧାରଣାରୁ ଉଠାଉଛନ୍ତି।

**ଝାରସୁଗୁଡ଼ା ଅଫିସ,୫।୧୦**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ଲଖନପୁର କ୍ଷେତ୍ର ଦ୍ୱାରା ବିସ୍ଥାପିତ ହୋଇଥିବା ଖଇରକୁନି ଗ୍ରାମର ସ୍ୱର୍ଗତ ଦୁର୍ଗା ପ୍ରସାଦ ନାୟକଙ୍କ ଝିଅ ଶ୍ରୀକ୍ରିଷ୍ଟା(୪୮) ଚାକିରି ଦାବିରେ ଗତ ଶନିବାରରୁ ମହାପ୍ରବନ୍ଧଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅନଶନର ୪ର୍ଥ ଦିନରେ ମଧ୍ୟ କମ୍ପାନୀ ତରଫରୁ କେହି ପହଞ୍ଚି ନ ଥିଲେ। ବିଧାୟକ କିଶୋର ମହାନ୍ତି ମଙ୍ଗଳବାର ଧାରଣା ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ ଏମ୍‌ସିଏଲ୍ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଚଳିତମାସରେ ବିଧାନସଭା ପୁନର୍ବାସ ଓ ଥଇଥାନ ଗୃହ କମିଟି ଝାରସୁଗୁଡ଼ା ଜିଲା ଗସ୍ତରେ ଆସିବ। ଏହାକୁ ନେଇ ଗୃହ କମିଟି ଆର୍‌ଡିସି, ଜିଲାପାଳ ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ସହିତ ସମୀକ୍ଷା କରିବ। ସମୀକ୍ଷା ବୈଠକରେ ଶ୍ରୀକ୍ରିଷ୍ଟାଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯାଇ ସମସ୍ୟା ସମାଧାନ କରିବା ପାଇଁ ପ୍ରୟାସ କରାଯିବ। ପରେ ବିଧାୟକ ମହାନ୍ତି ଅନଶନକାରୀଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରିଥିଲେ। ଏହି ସମୟରେ ଲଖନପୁର କୋଇଲା ଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ସରୋଜ ଛଞ୍ଆଣ, ଗୋବିନ୍ଦ କରାଳୀ, ରାଜେଶ ଯାଦବ ପ୍ରମୁଖ ଉପସ୍ଥିତଥିଲେ।

## ୬ରେ ସୁନ୍ଦରଗଡ଼, ୮ରେ ସମ୍ବଲପୁର ଡିଭିଜନରେ ବିଦ୍ୟୁତ୍ କାଟ

**ଓପିଟିସିଏଲ୍-ଟିପିଡବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ମରାମତି**

**ସମ୍ବଲପୁର,୫।୧୦(ବ୍ୟୁରୋ)**

ଉନ୍ନତୀକରଣକୁ ଗୁରୁତ୍ୱ ଦେଇ ଟିପିଡବ୍ଲ୍ୟୁଓଡିଏଲ ଅତ୍ୟାଧୁନିକ କାର୍ଯ୍ୟ କରୁଛି। ଏହି କ୍ରମରେ ଓପିଟିସିଏଲ୍ ଅଧୀନ ଏ. କଟାପାଲି ଗ୍ରୀଡ୍ ସବଷ୍ଟେଶନରେ ଚଳିତ ମାସ ୮ତାରିଖ ମରାମତି କାର୍ଯ୍ୟ ହେବ। ତେଣୁ ଏହିଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ସୁନ୍ଦରଗଡ ଡିଭିଜନ ଅନ୍ତର୍ଗତ ୧୩୨ ଗ୍ରୀଡ୍ ସବ୍‌ଷ୍ଟେଶନର ମରାମତି କାର୍ଯ୍ୟ ଲାଗି ୬ତାରିଖ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଏହି ସମୟ ମଧ୍ୟରେ ସୁନ୍ଦରଗଡ ଆଖପାଖ ଯଥା ୩୩ କେଭି ଲାଇନର କଲେଜ, ସଦର, ମଝାପଡା, ଏନ୍‌ଟିପିସି, ସଙ୍କରା, ସବ୍‌ଡେଗା, ବଡଗାଁ, କେନ୍ଦୁକଲୋ ଇତ୍ୟାଦି ଅଞ୍ଚଳ ପ୍ରଭାବିତ ହେବ। ଯୁଦ୍ଧକାଳୀନ ଭିତ୍ତିରେ ଅଧିକାରୀ ଓ କର୍ମଚାରୀମାନେ ମରାମତି କାର୍ଯ୍ୟ କରିବେ। ଜନସାଧାରଣ ସହଯୋଗ କରିବାକୁ କମ୍ପାନୀ ମୁଖ୍ୟ କର୍ପୋରେଟର କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ଅନୁରୋଧ କରିଛନ୍ତି।

# ମରୁଡ଼ି ସ୍ଥିତି ଅନୁଧ୍ୟାନ କଲେ ବିଧାୟକ


ବିଧାୟକ ରୋହିତ ପୂଜାରୀ ମରୁଡି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ରେଢ଼ାଖୋଲ,୫।୧୦(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକରେ ଅନାବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ବିଧାୟକ ରୋହିତ ପୂଜାରୀ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ମରୁଡି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଧାୟକ ପୂଜାରୀ ମୋଚିବାହାଲ, ବାଲିଆକଟା, ବଡମାଳ, ରେଙ୍ଗାଲି, ଗରଗଡବାହାଲ ଓ ବଂଶାଜାଲ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନଙ୍କୁ ତୈଳବିଜ ଓ ଡାଲିଜାତୀୟ ଫସଲ କରିବାକୁ ପରାମର୍ଶ ଦେବା ସହ ଆବଶ୍ୟକ ବିହନ ଯୋଗାଇଦେବାକୁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ରପକଟିଂ ସମୟରେ ଚାଷୀମାନେ ଅଧିକାରୀଙ୍କ ସହ ରହିବାକୁ କହିଥିଲେ। ବିଧାୟକଙ୍କ ସହ ବ୍ଲକ କୃଷି ଅଧିକାରୀ କିଶୋର ଚନ୍ଦ୍ର ଦ୍ୱିବେଦୀ ଓ ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାୟକ, କୃଷି ଓଭରସିୟର ସୁଜାତା ପଣ୍ଡା, ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ସରପଞ୍ଚ ଷଡାନନ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ଲକ୍ଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୋଚିବାହାଲ ପଞ୍ଚାୟତର ସାଇବେର୍ଣ୍ଣି ଗ୍ରାମରେ ଏକ ଚେକଡ୍ୟାମ ନିର୍ମାଣ କରିବାକୁ କ୍ଷୁଦ୍ରଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ବଂଶାଜାଲର ଅଳସୁଆ ବାବା ହାଇସ୍କୁଲରେ ୫-ଟି ଅଧୀନରେ ଚାଲିଥିବା ରୁପାନ୍ତରିତ କାର୍ଯ୍ୟ ଅନୁଧ୍ୟାନ କରିଥିଲେ।

## ବନ ସୁରକ୍ଷା ସମିତିକୁ ବିଜୁ ପଟ୍ଟନାୟକ ପୁରସ୍କାର

**ନାକଟିଦେଉଳ,୫।୧୦(ଡ଼ି.ଏନ.ଏ.):** ରେଢ଼ାଖୋଲ ବନଖଣ୍ଡ ତଥା ନାକଟିଦେଉଳ ବ୍ଲକ ଢ଼ଇଁଚା ଗ୍ରାମର ମା' ଭୁବନେଶ୍ୱରୀ ବନ ସୁରକ୍ଷା ସମିତି ଚଳିତବର୍ଷ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ବନ ସୁରକ୍ଷା ସମିତି ୨ବର୍ଷ ହେଲା ଜଙ୍ଗଲ ସୁରକ୍ଷା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛି। ସମ୍ବଲପୁର ଡ଼ିଅର ପାର୍କଠାରେ ଥିବା ବନ ବିଭାଗ କାର୍ଯ୍ୟାଳୟଠାରେ ସିସିଏଫ୍ ଚିତ୍ତରଞ୍ଜନ ମିଶ୍ର ଓ ଅନ୍ୟ ପଦାଧିକାରୀ ଯୋଗଦେଇ ମା' ଭୁବନେଶ୍ୱରୀ ବନ ସୁରକ୍ଷା ସମିତିକୁ ପୁରସ୍କାର ସ୍ୱରୂପ ନଗଦ ରାଶି ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ବନ ସୁରକ୍ଷା ସମିତି ସଭାପତି ସନ୍ତୋଷ କୁମାର ପ୍ରଧାନ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ଲଖିମପୁର ହିଂସାକାଣ୍ଡ ପ୍ରତିବାଦରେ ଯୁବ କଂଗ୍ରେସର ଧାରଣା

**ସମ୍ବଲପୁର,୫।୧୦(ବ୍ୟୁରୋ):** ଉତ୍ତରପ୍ରଦେଶ ଲଖିମପୁର ଖେରି ଜିଲାର ଟିକୁନିଆ ଅଞ୍ଚଳରେ ଚାଷୀ ଆନ୍ଦୋଳନ ସମୟରେ ୪ ଚାଷୀଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ଭେଟିବାକୁ ଯିବା ସମୟରେ ପ୍ରିୟଙ୍କା ଗାନ୍ଧୀଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ସମ୍ବଲପୁର ଜିଲା ଯୁବ କଂଗ୍ରେସ ମଙ୍ଗଳବାର ଧାରଣାରେ ବସିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରିଛି। ସଭାପତି ସୁମିତ ଷଡଙ୍ଗୀ, ଆଶୁତୋଷ ସ୍ୱାଇଁ, ପ୍ଲାବନ ବହିଦାର, ନିଖିତ ପରବିନ, ମୋହନ ସା, ଅଂଶୁମାନ ପଣ୍ଡା, ବିକାଶ ବେହେରା, ନୀଳକଣ୍ଠ ମେସୁଆ, ବିଜୟ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ୬୭ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ

**ଜମନକିରା, ୫।୧୦(ଡି.ଏନ.ଏ.)**

ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ବନାଞ୍ଚଳ କାର୍ଯ୍ୟାଳୟଠାରେ ସୋମବାର ୬୭ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏଥିରେ ବାମରା ଡିଏଫ୍‌ଓ ଫାଲଗୁନୀ ସାରଥି ମଲ୍ଲିକ ମୁଖ୍ୟଅତିଥି ଓ ଅତିରିକ୍ତ ବନ ସଂରକ୍ଷକ ରାଜେନ୍ଦ୍ର ନାୟକ, ଜିତେନ୍ଦ୍ର ବେହେରା, ସୋଲଭେନ୍ଦ୍ର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀଙ୍କ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ରମା ରେଞ୍ଜର ଦିଲୀପ କୁମାର ମେଣ୍ଡୱାଲା, ଜମନକିରା ରେଞ୍ଜର ଲକ୍ଷୀନାରାୟଣ ନାଏକ, ଖଲାସୁଣି ରେଞ୍ଜର ରବିନ କିସ୍‌କୁ ଉପସ୍ଥିତ ଥିଲେ।

## ଉତ୍ତରପ୍ରଦେଶ ଚାଷୀ ହତ୍ୟାକାଣ୍ଡକୁ ଜିଲା କଂଗ୍ରେସର ବିରୋଧ

**ଝାରସୁଗୁଡ଼ା ଅଫିସ,୫।୧୦**

ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖେରି ଜିଲା ଟିକୁନିଆଁଠାରେ ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଗାଡି ମାଡିଯାଇ ୨ଜଣଙ୍କ ମୃତ୍ୟୁପରେ ହିଂସାକାଣ୍ଡରେ ଅନ୍ୟ ୬ଜଣଙ୍କ ମୃତ୍ୟୁ ହୋଇଥିଲା। ଏଭଳି ହତ୍ୟାକାଣ୍ଡକୁ ବିରୋଧକରି ଝାରସୁଗୁଡା ଜିଲା କଂଗ୍ରେସ କମିଟି ମଙ୍ଗଳବାର ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ ପ୍ରଦର୍ଶନ କରିଥିଲା। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ଭରତ ଅବସ୍ଥୀ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ଭଗିରଥ ପାତ୍ର, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ।

# ଏମ୍‌ସିଏଲ୍ ବିସ୍ଥାପିତଙ୍କ ଧାରଣା: ୮ ଗିରଫ

**ଝାରସୁଗୁଡ଼ା ଅଫିସ,୫।୧୦**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ଦ୍ୱାରା ବିସ୍ଥାପିତ ଟିଙ୍ଗିସିମାଲ ଗ୍ରାମର ୭ପରିବାର ସେମାନଙ୍କ ହକ୍ ପାଇଁ ଦୀର୍ଘବର୍ଷ ହେଲା ଲଢେଇ କରିଆସୁଛନ୍ତି। ହେଲେ ଏମାନଙ୍କ ଦାବି କେହି ଶୁଣି ନ ଥିଲେ। ଏଭଳି ସ୍ଥିତିରେ ସିପିଆଇ ନେତା ରମେଶ ତ୍ରିପାଠୀଙ୍କ ନେତୃତ୍ୱରେ ବିସ୍ଥାପିତ ୭ପରିବାର ସଦସ୍ୟ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ସେମାନେ ପୂର୍ବରୁ ପ୍ରଶାସନକୁ ସୂଚନା ଦେଇ ନ ଥିଲେ। ଜିଲାପାଳ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ଆନ୍ଦୋଳନକାରୀ ତାଙ୍କ କାର୍ଯ୍ୟାଳୟରେ ପଶିବାପାଇଁ ଉଦ୍ୟମକରି ସୁରକ୍ଷା କର୍ମୀଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କଲାପରେ ପୋଲିସ୍ ୮ଜଣଙ୍କୁ ଗିରଫ କରିଥିଲା ବୋଲି ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି। ପୋଲିସ୍ ଏ ନେଇ ଝାରସୁଗୁଡା ଟାଉନ ଥାନା କେସ୍ (ନଂ୪୯୮/୨୧)ରେ ଏକ ମାମଲା ରୁଜୁକରିଛି। ଗିରଫ ଅଭିଯୁକ୍ତଙ୍କୁ ପୋଲିସ୍ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସିପିଆଇ ନେତା ରମେଶ ତ୍ରିପାଠୀ ଓ ବିସ୍ଥାପିତଙ୍କ ମଧ୍ୟରେ ଦ୍ୱିତୀୟ ଖରସେଲ୍, ବୈଦେହୀ ଭୋଇ, ଦମୟନ୍ତୀ ଧୁରୁଆ, ସୁକାନ୍ତୀ ସାଲିମା, ମମତା ସିଂହ, ସନ୍ତୋଷିନୀ ବାର୍ଲା, ଯଶବନ୍ତୀ ବାରିକ ରହିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତ ଧାରଣା ଦେଇଛନ୍ତି।

# ଆଳୁ ବିହନ ବିଶୋଧନ



ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର ହୁଏ । ଆମ ରାଜ୍ୟ ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ ।

# ସୋରିଷର ସଅଳ କିସମ

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ(ସୋରିଷ) ଚାଷ ପାଇଁ ଏବେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଅକ୍ଟୋବର ୧୦ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ ।



ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

# ଆଖୁକେ ଭେଳା ବନ୍ଧା

ଆଖୁଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ଏହି ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ ।

ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



# ପ୍ରାଣୀଙ୍କୁ ଜଳାତଙ୍କ



ଡା. ବୀରକିଶୋର ପରିଡ଼ା







ଜଳାତଙ୍କ ଏକ ମାରାତ୍ମକ ଭୂତାଣୁଜନିତ ରୋଗ। ଏହା ରାବ୍‌ଡୋ ପରିବାର ଓ ଲାଇସା ଭୂତାଣୁ ଯୋଗୁ ହୋଇଥାଏ। ଉଭୟ ପ୍ରାଣୀ ଓ ମନୁଷ୍ୟ ଏହି ରୋଗରେ ପୀଡ଼ିତ ହୁଅନ୍ତି ଏବଂ ଏଥିଯୋଗୁ ଜୀବନହାନି ଘଟିଥାଏ। ତେବେ ଏହି ରୋଗର ମୂଳୋତ୍ପାଟନ ଲକ୍ଷ୍ୟନେଇ ୨୦୦୭ରୁ ସାରା ପୃଥିବୀରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି।

**ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ:** ବିଶ୍ୱରେ କୁକୁର ମୁଖ୍ୟ ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ। ଏମାନେ ୯୯ ପ୍ରତିଶତ ଜଳାତଙ୍କ ରୋଗ ମଣିଷଙ୍କଠାରେ ସୃଷ୍ଟି ହେବା ଲାଗି ଦାୟୀ ହୁଅନ୍ତି। ବିଭିନ୍ନ ବନ୍ୟପ୍ରାଣୀ ଯଥା - ନେଉଳ, କୋକିଶିଆଳି, ବିଲୁଆ (ଶୃଗାଳ), ଗଧିଆ, ବାଦୁଡ଼ି ଆଦି ଜଳାତଙ୍କ ଭୂତାଣୁର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦିଓ ବିଲେଇ ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ ନ ହେଲେ ବି ଏମାନେ ଏହି ରୋଗରେ ସଂକ୍ରମିତ ହେବା ସହ ରୋଗ ବ୍ୟାପିବାରେ ସହାୟକ ହୁଅନ୍ତି। କର୍ତ୍ତନ୍ଦନ୍ତୀ ମୂଷା ଜାତୀୟ ଜୀବ ଯଥା - ଗୁଣ୍ଡୁଚିମୂଷା, ମୂଷା, ଚୁଚୁନ୍ଦ୍ରା, ଗିନିପିଗ୍, ଠେକୁଆ ଆଦି ଜଳାତଙ୍କ ଭୂତାଣୁର ବାହକ ହୋଇ ନ ଥାନ୍ତି। ବାଦୁଡ଼ି ଜାତୀୟ ପକ୍ଷୀ ଜଳାତଙ୍କ ରୋଗରେ ସଂକ୍ରମିତ ହେଲେ ସେମାନଙ୍କର ବ୍ୟବହାରରେ ଫରକ ଆସିଥାଏ। ରାତି ପରିବର୍ତ୍ତେ ଦିନରେ ବୁଲନ୍ତି। ଭୂଇଁ ଉପରେ ପଡ଼ି ଗୁରୁଣ୍ଡି ଗୁରୁଣ୍ଡି ଯିବା, ମଣିଷ ଉପରକୁ ଉଡିବୁଲିବା, ଘର ମଧ୍ୟରେ ଦିନବେଳେ ପଶି ନ ଯାଇପାରିବା ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ନେଉଳମାନେ ଜଳାତଙ୍କ ଭୂତାଣୁର ବହନକାରୀ ହୋଇଥିବାରୁ ଏମାନେ ମନୁଷ୍ୟକୁ କାମୁଡ଼ିଲେ ଅନେକ ଦିନ ପରେ ମଧ୍ୟ ଏହି ରୋଗର ଲକ୍ଷଣ ପ୍ରକାଶ ପାଇଥାଏ। ମନୁଷ୍ୟଠାରେ ଥରେ ଜଳାତଙ୍କର ଲକ୍ଷଣ ପ୍ରକାଶ ପାଇଲେ ମୃତ୍ୟୁର ଆଶଙ୍କା ବଢ଼ିଯାଏ।

**ଜଳାତଙ୍କରେ ଆକ୍ରାନ୍ତ ହେଉଥିବା ପ୍ରାଣୀ:** ସାଧାରଣତଃ, ଉଭୟ ମନୁଷ୍ୟ ଓ ପ୍ରାଣୀ ଯଥା - ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି, କୁକୁର ଆଦି ପ୍ରାଣୀମାନେ ଜଳାତଙ୍କ ରୋଗରେ ସଂକ୍ରମିତ ହୋଇଥାନ୍ତି।

**କିପରି ବ୍ୟାପେ:** ଜଳାତଙ୍କ ଭୂତାଣୁ ସ୍ତନ୍ୟପାୟୀ ସଂକ୍ରମିତ ପ୍ରାଣୀଠାରୁ ଆଉ ଗୋଟିଏ ସ୍ତନ୍ୟପାୟୀ ପ୍ରାଣୀକୁ ଲାଳ କିମ୍ବା ସ୍ନାୟୁକୋଷ ମାଧ୍ୟମରେ ବ୍ୟାପିଥାଏ। ସଂକ୍ରମିତ ପ୍ରାଣୀ ସୁସ୍ଥ ପ୍ରାଣୀଙ୍କୁ କାମୁଡ଼ିଲେ କିମ୍ବା ଖଣ୍ଡିଆ ଖାବରା କଲେ, ଜଳାତଙ୍କ ଭୂତାଣୁ ଲାଳ ମାଧ୍ୟମରେ ସହଜରେ ସୁସ୍ଥ ପ୍ରାଣୀଙ୍କ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟି କରେ। ବିଶ୍ୱସ୍ତରୀୟ ଏକ ଆକଳନରୁ ଜଣାଯାଇଛି ଯେ - ୯୫ ପ୍ରତିଶତ ଲୋକ କେବଳ କୁକୁର କାମୁଡ଼ା ଦ୍ୱାରା ଜଳାତଙ୍କ ରୋଗରେ ପୀଡ଼ିତ ହୋଇଥାନ୍ତି। ସଂକ୍ରମିତ ପ୍ରାଣୀଙ୍କ ଲାଳ ଆଖି, ନାକ, ପାଟିର ଶ୍ଳେଷ୍ମା ଝିଲ୍ଲିର ସିଧା ସଂସ୍ପର୍ଶରେ ଆସିଲେ ଏହି ରୋଗର ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରନ୍ତି। ପ୍ରଶ୍ୱାସ ମାଧ୍ୟମରେ ଲାଳଯୁକ୍ତ ବାୟୁ ମଧ୍ୟ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟି ହୁଏ। ଶରୀରରେ କ୍ଷତ ସୃଷ୍ଟି ହେଲେ ଏହି ରୋଗର ଭୂତାଣୁ ସହଜରେ ମାତି ଯାଆନ୍ତି।

> ଜଳାତଙ୍କ ରୋଗର ଭୂତାଣୁ ଶରୀରରେ ପ୍ରବେଶ କରିବାଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ସମୟର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥାଏ। ଏହି ଭୂତାଣୁର ଗତି ଅତି ମନ୍ଥର ବା ଧୀର ହୋଇଥିବାରୁ ଏହା ମାଂସପେଶୀ ମଧ୍ୟରୁ ସ୍ନାୟୁ ମାଧ୍ୟମରେ ମସ୍ତିଷ୍କରେ ପହଞ୍ଚିବା ପାଇଁ ମାସ କିମ୍ବା ବର୍ଷ ବର୍ଷ ବି ଲାଗିଯାଏ ।

**ଲକ୍ଷଣ:** ସାଧାରଣତଃ ପ୍ରାଣୀଙ୍କଠାରେ ଦୁଇ ପ୍ରକାର ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରଥମଟି ହେଲା - ମୂକ ଅବସ୍ଥା। ଅନ୍ୟଟି ହେଲା କ୍ରୋଧାନ୍ୱିତ ଅବସ୍ଥା। ପ୍ରଥମ ରୂପରେ ଲାଳ ବାହାରେ। ବେଳେବେଳେ ଚମକନ୍ତି। ପାଣି ଦେଖିଲେ ଡରନ୍ତି। କିନ୍ତୁ ଏହି ରୋଗର କ୍ରୋଧାନ୍ୱିତ ଅବସ୍ଥାରେ ସଂକ୍ରମିତ ଗୋରୁ ପଘା ଛିଡ଼ାନ୍ତି। ଏଣେତେଣେ ଦୌଡ଼ନ୍ତି, ମାରିଗୋଡ଼ାନ୍ତି। ପାଟିରୁ ଧଳାଫେଣ ପରି ଲାଳ ଗଦ୍‌ଗଦ୍ ବାହାରେ। ପ୍ରାଣୀ ଚମକନ୍ତି। ପାଣି ଦେଖିଲେ ଡରନ୍ତି। ବେଳେବେଳେ ତଣ୍ଟି ବସିଲାପରି ବୋବାନ୍ତି। ପ୍ରକୃତରେ କହିବାକୁ ଗଲେ, କୁକୁର କାମୁଡ଼ିବା ପରେ ଲାଳ ମାଧ୍ୟମରେ ସୁସ୍ଥ ପ୍ରାଣୀଙ୍କୁ ଜଳାତଙ୍କ ଭୂତାଣୁ ସଂକ୍ରମିତ କରେ। ଯଦି କୁକୁର କାମୁଡ଼ିବା ପରେ ୧ରୁ ୨ ସପ୍ତାହ ମଧ୍ୟରେ ଲକ୍ଷଣ ପ୍ରକାଶ ପାଏ, ତେବେ ଏହି ପ୍ରାଣୀ ମୃତ୍ୟୁବରଣ କରିଥାଏ। ଏହି ରୋଗର ଭୂତାଣୁ ମାଂସପେଶୀ ଦେଇ ସ୍ନାୟୁ ମାଧ୍ୟମରେ ମସ୍ତିଷ୍କରେ ପ୍ରବେଶ କରିବାପରେ ଯାଇ ଜଳାତଙ୍କ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ। ଜଳାତଙ୍କ ରୋଗର ଭୂତାଣୁ ଶରୀରରେ ପ୍ରବେଶ କରିବାଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ସମୟର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥାଏ। ଏହି ଭୂତାଣୁର ଗତି ଅତି ମନ୍ଥର ବା ଧୀର ହୋଇଥିବାରୁ ଏହା ମାଂସପେଶୀ ମଧ୍ୟରୁ ସ୍ନାୟୁ ମାଧ୍ୟମରେ ମସ୍ତିଷ୍କରେ ପହଞ୍ଚିବା ପାଇଁ ମାସ କିମ୍ବା ବର୍ଷ ବର୍ଷ ବି ଲାଗେ। ତା'ପରେ ଯାଇ ଜଳାତଙ୍କ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ।

ଅନ୍ୟପକ୍ଷରେ ମନୁଷ୍ୟ ଠାରେ ଏହି ରୋଗର ଲକ୍ଷଣ ହେଲା - ମାନସିକ ଅସ୍ଥିରତା, ଅଳସୁଆମି, ମୁଣ୍ଡବିନ୍ଧା, ଦୁର୍ବଳ ଲାଗିବା। କୁକୁର କାମୁଡ଼ିବା ସ୍ଥାନ କୁଣ୍ଡେଇ ହୁଏ। ପାଣି ପିଇବାକୁ ଚେଷ୍ଟା କଲେ ତଣ୍ଟି ଓ ଛାତି ଚାପି ହୋଇଯିବା ଭଳି ଲାଗିବା ଓ ପାଟି ନାକ ବାଟେ ବାହାରି ଆସିବା, ମାଂସପେଶୀ ଦୁର୍ବଳ କିମ୍ବା ଟାଣ ହୋଇଯିବା, ଦେହରେ କଣ୍ଟା ଫୋଡ଼ି ହେବା ଭଳି ଲାଗିବା, ରୋଗୀ ବାଉଳି ଚାଉଳି ହେବା ଆଦି ଲକ୍ଷଣ ଦେଖା ଦେଇଥାଏ। ସେହିପରି ମସ୍ତିଷ୍କ ସଂକ୍ରମଣ ଘଟିଲେ ସ୍ୱଭାବଗତ ନିଦ୍ରାହୀନତା, ଉତ୍କଣ୍ଠା, କୁକୁର ପରି ବୋବାଇବା, ଚେତା ହରାଇବା, ଆଂଶିକ ପକ୍ଷାଘାତ, ଅସ୍ଥିରତା, ନ ଥିବା ବସ୍ତୁକୁ ଦେଖିବା ବା ଶୁଣିବା। ପାଣିକୁ ଦେଖିଲେ ଡରିବା, ଚମକିବା, ପାଟିରୁ ଫେଣ ପରି ଲାଳ ଗଦ୍‌ଗଦ୍ ବାହାରିବା, ଗିଳିବାରେ କଷ୍ଟ ଅନୁଭବ କରିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ। ଏହି ଲକ୍ଷଣ ପ୍ରକାଶ ପାଇବାର ୧ରୁ ୨ ସପ୍ତାହ ମଧ୍ୟରେ ପ୍ରାଣୀ ମୃତ୍ୟୁବରଣ କରନ୍ତି।

**ଚିକିତ୍ସା:** ଜଳାତଙ୍କ ଏକ ଭୂତାଣୁଜନିତ ରୋଗ ହୋଇଥିବାବେଳେ ଏହାର ଚିକିତ୍ସା ପାଇଁ ସେଭଳି କୌଣସି ଫଳପ୍ରଦ ନିର୍ଦ୍ଦିଷ୍ଟ ଔଷଧ ଏପର୍ଯ୍ୟନ୍ତ ବାହାରି ନାହିଁ। କୁକୁର ବା ପ୍ରାଣୀ କାମୁଡ଼ିଲେ କ୍ଷତ ସ୍ଥାନକୁ ସଙ୍ଗେ ସଙ୍ଗେ ସାବୁନ ଓ ସ୍ୱଚ୍ଛ ପାଣିରେ ଭଲ ଭାବରେ ଧୋଇଦେବା ଆବଶ୍ୟକ। କ୍ଷତ ସ୍ଥାନରେ କୌଣସି ଘରୋଇ ତୈଳ ବା ମଲମ ଲଗାଇବା ଉଚିତ ନୁହେଁ। ସେହିପରି କ୍ଷତ ସ୍ଥାନକୁ ବ୍ୟାଣ୍ଡେଜ କିମ୍ବା ସିଲାଇ କରିବା ଆବଶ୍ୟକତା ନାହିଁ। ଗୁଣି ଗାରେଡ଼ି କିମ୍ବା କୌଣସି ଘରୋଇ ଚିକିତ୍ସା ନ କରିବା ଦରକାର।

(କ୍ରମଶଃ..)

*-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର*
*ମୋ : ୯୪୩୭୬୦୭୩୧୨*

# ଟମାଟୋ ଚାଷ ପାଇଁ ପଟାଳି ପ୍ରସ୍ତୁତି

ଟମାଟୋ ତଳି ଲଗାଉଥିଲେ ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କିଗ୍ରା ଭଲଭାବେ ଶଡ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡାରେ ପଟାଳିକୁ ଘୋଡାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ।



# ମଧ୍ୟମ କିସମ ଧାନ ତଳି ରୋଉଥିଲେ...

ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ।



# ଗୋରୁଙ୍କୁ ପ୍ରତିଷେଧକ ଟିକା

ଗୋରୁଙ୍କୁ ସାହାଣ, ବଜବଜିଆ ଓ ଫାଟୁଆ ରୋଗରୁ ପାଇଁ ରକ୍ଷା ଏଫ.ଏମ୍.ଡି ଭାକ୍ସିନ୍ ଦିଅନ୍ତୁ। ଛେଳି ପିପିଆର ରୋଗରେ ଆକ୍ରାନ୍ତ ହୋଇଥିଲେ ପିପିଆର ପ୍ରତିଷେଧକ ଟିକା ଦେବାକୁ ଭୁଲନ୍ତୁ ନାହିଁ। ଯଦି କୁକୁଡାଙ୍କର ନାଳି ଝାଡା ହେଉଛି, ତେବେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ତିନି ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାଙ୍କୁ ଘୁମା ରୋଗ ହୋଇଥିଲେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଶୀତ ଦିନ ଆସୁଛି, ଗୃହପାଳିତ ପ୍ରାଣୀଙ୍କୁ ଏହା ଦାଉରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ ସହ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ପାରିବେ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।



# ମଲ୍ଲୀ ଗଛ ଲାଗି ମନ୍ଦା କରୁଥିଲେ...

ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।



ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ଅକ୍ଟୋବର, ୨୦୨୧

## ଯୁବକଙ୍କୁ ଆକ୍ରମଣ କରି ଲୁଟ୍

ରାଉରକେଲା ଅଫିସ: ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ରାସ୍ତାରେ ମଙ୍ଗଳବାର ଜଣେ ଯୁବକଙ୍କୁ ଆକ୍ରମଣ କରି ଲୁଟ୍ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୨୧୦/୨୧) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ପ୍ଲାଣ୍ଟସାଇଟ ଭାଟିରୋଡ୍‌ର ରଫିକ ଆଲାମ (୨୮) ମଙ୍ଗଳବାର କୌଣସି କାମ ପାଇଁ ମାଲଗୋଦାମ ବାଟ ଦେଇ ଯାଉଥିଲେ। ଏହି ସମୟରେ କିଛି ଯୁବକ ତାଙ୍କୁ ମଝି ରାସ୍ତାରେ ଅଟକାଇ ଆକ୍ରମଣ କରିଥିଲେ। ରଫିକ ତଳେ ପଡ଼ିଯିବାରୁ ଆକ୍ରମଣକାରୀ ତାଙ୍କ ପାଖରେ ଥିବା ୨ଟି ମୋବାଇଲକୁ ନେଇ ଫେରାର ହୋଇଯାଇଥିଲେ।



## ସଂକ୍ଷେପରେ

### କୋର୍ଟରେ ହାଜର ହେଲେ ଧଳସାମନ୍ତ ଭ୍ରାତା

**ଆପରାଧିକ ମାମଲାରେ ଜେଲଦଣ୍ଡ ଭୋଗୁଛନ୍ତି**

**କଟକ ଅଫିସ,୫।୧୦:** ବେଆଇନ ବନ୍ଧୁକ କାରବାର, ଦାଦାବଟି ଆଦାୟ ଭଳି ବିଭିନ୍ନ ଆପରାଧିକ ମାମଲାରେ ଗିରଫ ହୋଇ ଜେଲଦଣ୍ଡ ଭୋଗୁଥିବା ଗ୍ୟାଙ୍ଗଷ୍ଟର ସୁଶିଲ ଏବଂ ସୁଶାନ୍ତ ଧଳସାମନ୍ତ ମଙ୍ଗଳବାର କଟକର ଏସିଜେଏମ, ଜିଲା କୋର୍ଟ ଓ ମାଜିଷ୍ଟ୍ରେଟଙ୍କ ଅଦାଲତରେ ହାଜର ହୋଇଥିଲେ। ତେବେ କେତେକ ମାମଲାରେ ସାକ୍ଷୀ ହାଜର ନ ହେବାରୁ ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ଓ ୨୬ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ଧଳସାମନ୍ତ ଭ୍ରାତାଙ୍କ ଓକିଲ ସୌରଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଜିଲା କୋର୍ଟରେ ଉଭୟଙ୍କ ବିରୋଧରେ ଥିବା ମାମଲାର ଶୁଣାଣି ହୋଇଥିଲା। ହେଲେ ଏଠାରେ ପରବର୍ତ୍ତୀ ଶୁଣାଣି ଭିଡିଓ କନଫରେନ୍ସିଂ ମାଧ୍ୟମରେ କରାଯିବା ନେଇ କୋର୍ଟ କହିଥିଲେ। ଏହାକୁ ସେମାନଙ୍କ ଓକିଲ ବିରୋଧ କରିଥିଲେ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି ଠିକ୍ ଭାବେ ହୋଇପାରିବ ନାହିଁ ବୋଲି ଓକିଲ କୋର୍ଟକୁ ଅବଗତ କରିଥିଲେ। ମାମଲାର ଶୁଣାଣି ପରେ କଡ଼ାସୁରକ୍ଷା ମଧ୍ୟରେ ସୁଶୀଲଙ୍କୁ ବାଲେଶ୍ୱର ଓ ସୁଶାନ୍ତଙ୍କୁ ବଲାଙ୍ଗୀର ଜେଲକୁ ପଠାଇ ଦିଆଯାଇଛି।

### ମୋବାଇଲ ଛିନ୍‌ତାଇ, ଯୁବକ ଗିରଫ

ରାଉରକେଲା ଅଫିସ,୫।୧୦: ରାଉରକେଲା ଉଦିତନଗର ଥାନା ଅଞ୍ଚଳରେ ମୋବାଇଲ ଛିନ୍‌ତାଇ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡ଼ି ରାଜା(୨୫)। ତାଙ୍କଠାରୁ ମୋବାଇଲ ଜବତ କରାଯିବା ସହ ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବାସନ୍ତୀ କଲୋନୀ ଡିଏଲ ବ୍ଲକର ନିରଞ୍ଜନ ରାଓ ସୋମବାର ସନ୍ଧ୍ୟାରେ ବାସନ୍ତୀ କଲୋନୀ ଆରଡ଼ିଏ ମାର୍କେଟକୁ ଆସିଥିଲେ। ସେ ଫୋନରେ କଥାବାର୍ତ୍ତା ହେଉଥିବା ସମୟରେ ରାଜା ଏକ ବାଇକରେ ଆସି ତାଙ୍କ ମୋବାଇଲକୁ ଛଡେଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ନିରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୦୯/୨୧) ରୁଜୁ କରି ତଦନ୍ତ କରିଥିଲା।

### ଇସ୍ପାତ ଶ୍ରମିକଙ୍କୁ ମିଳିବ ୨୧ ହଜାର ବୋନସ: ବିଏମ୍‌ଏସ୍

ରାଉରକେଲା ଅଫିସ,୫।୧୦: ରାଉରକେଲାର ଏକ ଘରୋଇ ହୋଟେଲରେ ଭାରତୀୟ ମଜଦୂର ସଂଘ (ବିଏମ୍‌ଏସ୍) ପକ୍ଷରୁ ଇସ୍ପାତ ଶ୍ରମିକଙ୍କୁ ବୋନସ ଦାବିରେ ବୈଠକ ହୋଇଥିଲା। ଏହି ବୈଠକରେ ସମସ୍ତ ୟୁନିୟନ ମିଳିତ ହୋଇ ବୋନସ ପାଇଁ ୨୫ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ କର୍ତ୍ତୃପକ୍ଷ ୧୭ ହଜାର ଟଙ୍କା ମଞ୍ଜୁର କରିବେ ବୋଲି କହିଥିଲେ। ଶେଷରେ ଚଳିତ ବର୍ଷ ଇସ୍ପାତ ଶ୍ରମିକଙ୍କୁ ୨୧ ହଜାର ଟଙ୍କା ବୋନସ ମିଳିବ ବୋଲି ନିଷ୍ପତ୍ତି ହୋଇଥିବା ବିଏମ୍‌ଏସ୍ ପକ୍ଷରୁ ସୂଚନା ଦିଆଯାଇଛି।

### କୋଭିଡ୍ ନିୟମରେ ହେବ ଦୁର୍ଗାପୂଜା

ରାଉରକେଲା ଅଫିସ,୫।୧୦: ଚଳିତବର୍ଷ ଦୁର୍ଗାପୂଜା ପାଳନକୁ ନେଇ ରାଉରକେଲା ମହାନଗର ନିଗମ ପରିସରରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଉରକେଲା ଅତିରିକ୍ତ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସହରରେ ଥିବା ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକରେ ମା'ଙ୍କ ମୂର୍ତ୍ତି ୪ ଫୁଟ ବିଶିଷ୍ଟ ହେବା ସହ କୌଣସି ଉଚ୍ଚ ତୋରଣ ନିର୍ମାଣକୁ ବାରଣ କରାଯାଇଥିଲା। ପୂଜା ମଣ୍ଡପରେ କୌଣସି ସାଉଣ୍ଡ ସିଷ୍ଟମକୁ ଅନୁମତି ମିଳି ନ ଥିଲା। ମଣ୍ଡପ ପାଖରେ ବିଶେଷ ଭିଡ଼ ନ ହେବା ପାଇଁ ସ୍ୱତନ୍ତ୍ର ବାରିକେଟ୍ ବ୍ୟବସ୍ଥା ଓ ସାମାଜିକ ଦୂରତା ବଜାଇ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୌଣସି ଅପରାଧମୂଳକ କାର୍ଯ୍ୟ ନ ଘଟିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମଣ୍ଡପରେ ୨ରୁ ଅଧିକ ପୋଲିସ ମୃତୟନ ପାଇଁ ଅନୁମତି ଦିଆଯାଇଥିଲା। ସେହିପରି ମଣ୍ଡପରେ ଜଣେ ବ୍ରାହ୍ମଣ ଓ ଦୁଇଜଣ କର୍ତ୍ତାଙ୍କ ସହ ମାତ୍ର ୭ଜଣ ରହିପାରିବେ। ପୂଜା ମଣ୍ଡପର ପାଖରେ ସାନିଟାଇଜର ବ୍ୟବସ୍ଥା ସହ ମାସ୍କ ବ୍ୟବହାର କରିବା ବାଧ୍ୟତା ମୂଳକ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅତିରିକ୍ତ ସହ ଜିଲାପାଳ ଇଭାରାଣୀ ଭଟ୍ଟାଚାର୍ଜଙ୍କ ସହ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ପୋଲିସ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭିଏସ୍‌ଏସ୍ ବିମାନ ବନ୍ଦର ଘରୋଇକରଣକୁ ବିରୋଧ

**ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

**ଝାରସୁଗୁଡ଼ା ଅଫିସ,୫।୧୦**

ଝାରସୁଗୁଡ଼ା ଜିଲାର ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନ ବନ୍ଦରକୁ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ ଚଳାଇଛନ୍ତି। ଜିଲାର କେତେକ ସଙ୍ଗଠନ ଏହାକୁ ବିରୋଧ କରିଛନ୍ତି। ମଙ୍ଗଳବାର ବିଭିନ୍ନ ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଜରିଆରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ବିମାନ ବନ୍ଦର ନିର୍ଦ୍ଦେଶକ ପବନ କୁମାର ଲୁପ୍ତିଙ୍କୁ ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଉଡାନ ଯୋଜନାରେ ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନ ବନ୍ଦରକୁ ଲୋକାର୍ପିତ କରିଥିଲେ। ପରେ ପର୍ଯ୍ୟାୟକ୍ରମେ ଭିଏସ୍‌ଏସ୍ ବିମାନ ବନ୍ଦରରୁ ଦେଶର ପ୍ରମୁଖ ସହରକୁ ବିମାନ ଉଡାଣ ଆରମ୍ଭ କରିଛି। ଏଥିମଧ୍ୟରେ ବିମାନ ବନ୍ଦରର ବ୍ୟବସାୟିକ ଅଭିବୃଦ୍ଧି ହୋଇଛି। ମହାମାରୀ କୋଭିଡ୍ ସମୟରେ ଉଡାନ ପ୍ରଭାବିତ ହୋଇଥିଲେ ମଧ୍ୟ ବ୍ୟବସାୟରେ ଏତେଟା କ୍ଷତି ହୋଇନାହିଁ। କେନ୍ଦ୍ର ସରକାରଙ୍କ ଏହା ଏକ ଲାଭଦାୟକ ବିମାନ ବନ୍ଦର ହୋଇଥିବାବେଳେ ଏବେ ଏହାକୁ ଘରୋଇକରଣ କରିବା ପାଇଁ ପ୍ରୟାସ କରାଯାଉଛି। ଏହା ସହିତ ଏହି ବିମାନ ବନ୍ଦରରୁ ଦେଶର କେତେକ ପ୍ରମୁଖ ସହରକୁ ଉଡାଣ କରୁଥିବା ବିମାନକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଯୋଜନା ଚାଲିଛି। ଏଥିମଧ୍ୟରେ ମୁମ୍ବାଇ, ବେଙ୍ଗାଲୁରୁ ଆଦି ରହିଛି। ଅନେକ ସମୟରେ ବିମାନକୁ ବାତିଲ କରାଯାଉଛି। ଫଳରେ ବିମାନ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିମାନକୁ ସମ୍ପୂର୍ଣ୍ଣ ବାତିଲ ନ କରି ସପ୍ତାହରେ ୩ରୁ ୪ଦିନ ଉଡାଣ କରିବା ସହ ୧୮୦ସିଟର୍ ପରିବର୍ତ୍ତେ ୮୦ସିଟର୍ ବିମାନ ଚଳାଚଳ କରିବା ପାଇଁ ଦାବି ହେଉଛି। ଏଥିମଧ୍ୟରେ ବିଶାଖାପାଟଣା (ୱାନ୍‌ଷ୍ଟପ୍) ମାଧ୍ୟମରେ ଚେନ୍ନାଇକୁ ବିମାନ ଚଳାଚଳ କରିବାପାଇଁ ଦାବି ହୋଇଛି। ଝାରସୁଗୁଡ଼ାରୁ ଜୟପୁର ଓ ଅହମ୍ମଦାବାଦ ପାଇଁ ସିଧାସଳଖ ବିମାନ ଉଡାଣ ଲାଗି ବ୍ୟବସ୍ଥା କରାଗଲେ ଏହା ଯାତ୍ରୀଙ୍କୁ ଆକର୍ଷିତ କରିବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରତିନିଧି ଦଳରେ ଚାମ୍ବର ଅଫ୍ କମର୍ସ ସଭାପତି ହୀରାଲାଲ ଲୋକଚନ୍ଦନୀ, ଜିଲା ବିଜେଡି ଉପସଭାପତି ରଘୁମଣି ପଟେଲ, ଜିଲା ବ୍ରାହ୍ମଣ ସମାଜ ସଭାପତି ରବୀନ୍ଦ୍ର ଦୀକ୍ଷିତ, ଜିଲା ସଚେତନ ନାଗରିକ ମଞ୍ଚ ଉପସଭାପତି ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।



ଭିଏସ୍‌ଏସ୍ ବିମାନ ବନ୍ଦର ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୮ ସୁଦ୍ଧା କାର୍ଯ୍ୟରେ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନ

**ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକଙ୍କୁ ସରକାରଙ୍କ ତାଗିଦ**

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ପଦୋନ୍ନତି ପାଇଥିବା ପ୍ରଧାନଶିକ୍ଷକଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କଡ଼ା ତାଗିଦ କରିଛି। ଗତ ଅଗଷ୍ଟରେ ଏମାନେ ପଦୋନ୍ନତି ପାଇଥିବାବେଳେ ଅନେକେ ଏବେ ବି ଯୋଗଦେଇ ନାହାନ୍ତି। ତେଣୁ ଆସନ୍ତା ୮ ତାରିଖ ସୁଦ୍ଧା ନୂଆ ସ୍ଥାନରେ କାର୍ଯ୍ୟରେ ଯୋଗ ନ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶାଳୟ କହିଛି। ଏ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ମାଲକାନଗିରି ବ୍ୟତୀତ ଅନ୍ୟସବୁ ଜିଲାର ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ଚିଠିରେ ଉଲ୍ଲେଖ ରହିଛି ଯେ, ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ପାଇବା ପରେ ସମସ୍ତ ଶିକ୍ଷକଙ୍କୁ କାର୍ଯ୍ୟ କରୁଥିବା ସ୍କୁଲ୍‌ରୁ ରିଲିଭ୍ କରି ଦିଆଯାଇଛି। ଏହା ଭିତରେ ୨ ମାସ ବିତି ଯାଇଛି। କିନ୍ତୁ ଅନେକ ଶିକ୍ଷକ ସେମାନଙ୍କ ନୂଆ ନିଯୁକ୍ତି ସ୍ଥାନରେ ଯୋଗଦେଇ ନାହାନ୍ତି। ଫଳରେ ସେହି ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠପଢ଼ା ସହିତ ପ୍ରଶାସନିକ କାର୍ଯ୍ୟରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ଏଥିସହିତ ପଦୋନ୍ନତି ପାଇବା ପରେ ଛୁଟିରେ ଥିବା ଏହି ଶିକ୍ଷକମାନଙ୍କୁ ଆସନ୍ତା ୮ ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାକୁ ଅଥବା ନିଜ ପଦୋନ୍ନତିକୁ ପ୍ରତ୍ୟାଖ୍ୟାନ କରିବାକୁ କୁହାଯାଇଛି। ଯଦି କେହି ଏହା ପରେ ଛୁଟିରେ ରହିବେ, ତା'ହେଲେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିକ୍ଷାଧିକାରୀଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୩ରେ ୧,୦୯୭ ଜୁନିୟର ଏସ୍‌ଇଏସ୍ ଶିକ୍ଷକଙ୍କୁ ସିନିୟର ଏସ୍‌ଇଏସ୍ ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ଦିଆଯାଇଥିଲା। ସେମାନଙ୍କୁ ସପ୍ତାହକ ମଧ୍ୟରେ ପୋଷ୍ଟିଂ ସ୍ଥାନରେ ଯୋଗ ଦେବା ପାଇଁ କୁହାଯାଇଥିଲା। କିନ୍ତୁ ଅନେକ ଏଯାଏ ନୂତନ ନିଯୁକ୍ତି ସ୍ଥାନରେ ଯୋଗ ଦେଇ ନ ଥିବା ଜଣାପଡିବା ପରେ ନିର୍ଦ୍ଦେଶାଳୟ ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ତେବେ ନିର୍ଦ୍ଦେଶାଳୟର ଏହି ଚିଠିକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ପଦୋନ୍ନତି ପାଇଥିବା ଶିକ୍ଷକମାନେ ବ୍ୟକ୍ତିଗତ କାରଣରୁ ଛୁଟିରେ ଥାଇପାରନ୍ତି। ସେମାନଙ୍କୁ କାମରେ ଯୋଗଦେବା ପାଇଁ ବିଭାଗର ଚିଠି ଏକ ସ୍ୱାଭାବିକ ପ୍ରକ୍ରିୟା। ଏହାର ସେଭଳି ଗୁରୁତ୍ୱ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।





ଉତ୍ତରପ୍ରଦେଶ ଲଖିମ୍‌ପୁର ଖେରିଠାରେ ଆନ୍ଦୋଳନରତ ଚାଷୀଙ୍କ ଉପରେ କେନ୍ଦ୍ର ମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କ ପୁଅ ଆଶିଷ ଗାଡ଼ି ଚଢ଼ାଇ ହତ୍ୟା ଘଟଣାରେ ସାରା ଭାରତରେ ପ୍ରତିବାଦ ଦିବସ ଅବସରରେ ମଙ୍ଗଳବାର ଏଆଇକେକେଏମ୍‌ଏସ୍ ଓ ଏସ୍‌ୟୁସିଆଇ ପକ୍ଷରୁ ଭୁବନେଶ୍ୱର ଏଡିଏମ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ।

# ନିଖୋଜ ଝିଅର ମୃତଦେହ ମିଳିଲା

**ମହାନଦୀରେ ପରିବାରର ୩ ଭାସିଯିବା ଘଟଣା**

**ସମ୍ବଲପୁର,୫।୧୦(ବ୍ୟୁରୋ)**

ମହାନଦୀର ସମ୍ବଲପୁର ଜିଲା ଦଲେଇପଡା ମହିଳା ଘାଟରେ ସୋମବାର ଗୋଟିଏ ପରିବାରର ୩ଜଣ ସଦସ୍ୟ ଭାସିଯାଇଥିଲେ। ଖୋଜାଖୋଜି ପରେ ବାପା ମହମ୍ମଦ ଅଲତାଫ (୪୫), ପୁଅ ମହମ୍ମଦ ଅଫତାବ (୧୫)ଙ୍କ ମୃତଦେହ ମିଳିଥିଲା। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରହିଥିଲା। ମଙ୍ଗଳବାର ଅଗ୍ନିଶମ ବିଭାଗ କର୍ମଚାରୀ ପୁଣି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ୨ଘଣ୍ଟା ପରିଶ୍ରମ କରିବା ପରେ ନିଖୋଜ ଝିଅ ରୁକ୍‌ସାନା ବେଗମ (୧୩)ଙ୍କ ମୃତଦେହ ଜବତ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ସୋମବାର ଅପରାହ୍ନ ୪ଟାରେ ଧନୁପାଲି ଥାନା ପେନ୍‌ସନ୍‌ପଡାର ବାପା ମହମ୍ମଦ ଅଲତାଫ, ପୁଅ ମହମ୍ମଦ ଅଫତାବ, ଝିଅ ରୁକସାନା ବେଗମ ମହାନଦୀର ଦଲେଇପଡା ଘାଟକୁ ଗାଧୋଇବାକୁ ଯାଇଥିଲେ। ପ୍ରଥମେ ରୁକସାନା ପାଣିରେ ପଶିଥିବାବେଳେ ଗୋଡ ଖସିଯିବାରୁ ଭାସିଯାଇଥିଲେ। ଝିଅକୁ ଉଦ୍ଧାର କରିବା ପାଇଁ ବାପା ମହମ୍ମଦ ଅଲତାଫ ପାଣିକୁ ଡେଇଁଥିଲେ। ବାପାକୁ ବଞ୍ଚାଇବାକୁ ଯାଇ ପୁଅ ମହମ୍ମଦ ଅଫତାବ ମଧ୍ୟ ପାଣିକୁ ଡେଇଁ ପଡିଥିଲେ। ନିକଟରେ ଗାଧୋଉଥିବା ମହିଳାମାନେ ପାଣିରେ ଭାସିଗଲେ କହି ଚିତ୍କାର କରିଥିଲେ। ଏହା ଶୁଣି ମତ୍ସ୍ୟଜୀବୀମାନେ ଡଙ୍ଗାରେ ଖୋଜାଖୋଜି କରି ପ୍ରଥମେ ପୁଅ ଅଫତାବଙ୍କ ମୃତଦେହ ପାଇଥିଲେ। କିଛିସମୟ ପରେ ଅଗ୍ନିଶମ ବିଭାଗ କର୍ମଚାରୀ ବାପା ଅଲତାଫଙ୍କ ମୃତଦେହ ଜବତ କରିଥିଲେ।



ମହାନଦୀରେ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗ କର୍ମଚାରୀ।

# ୨୬ ହୋଟେଲରେ ନିମ୍ନମାନର ଖାଦ୍ୟ ଯାଞ୍ଚ





ଅଧିକାରୀମାନେ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

**ରାଉରକେଲା ଅଫିସ,୫।୧୦**

ରାଉରକେଲା ମହାନଗର ନିଗମର ଖାଦ୍ୟ ସୁରକ୍ଷା ବିଭାଗ ଓ ଭୁବନେଶ୍ୱର ଖାଦ୍ୟ ଯାଞ୍ଚ ବିଶ୍ଲେଷକ କର୍ମଚାରୀଙ୍କ ମିଳିତ ସହଯୋଗରେ ମଙ୍ଗଳବାର ରାଉରକେଲାର ୨୬ଟି ହୋଟେଲରେ ଚଢ଼ାଉ କରାଯାଇଛି। ରାଉରକେଲା ରେଳ ଷ୍ଟେଶନ, ଆରଜିଏଚ୍ ଓ ରାଉରକେଲା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବିଭିନ୍ନ ହୋଟେଲରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ହୋଟେଲରେ ବ୍ୟବହାର ହେଉଥିବା ନକଲି ସସ୍, ପଚା ପରିବା, ଖାଦ୍ୟରେ ମିଶୁଥିବା ନକଲି ରଙ୍ଗ, ବାସି ପନିର, ନିମ୍ନମାନର ତେଲ ଭଳି ଅପମିଶ୍ରଣ ସାମଗ୍ରୀ ଗୁଡ଼ିକୁ ବିଭାଗୀୟ ଅଧିକାରୀ ଜବତ କରିଛନ୍ତି। ଏଥିସହ ଖାଦ୍ୟ ନମୁନାକୁ ସଂଗ୍ରହ କରାଯାଇଛି। ଆରଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ସ୍ୱାଗତିକା ବେହେରା ଓ ଅନ୍ୟ କର୍ମଚାରୀମାନେ ହୋଟେଲରେ ଚଢ଼ାଉ କରି ସମୁଦାୟ ୧୧ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଆଗକୁ ପାର୍ବଣର ପର୍ବ ଆସୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ବେହେରା କହିଛନ୍ତି। ଆଗାମୀ ଦିନରେ ଏହି ଯାଞ୍ଚ ଜାରି ରହିବ ବୋଲି ସୂଚନା ମିଳିଛି। ଏ ନେଇ ସହରରେ ଥିବା ବିଭିନ୍ନ ହୋଟେଲ ମାଲିକଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## କୋଭିଡ ମୃତକ ଦୁଇ କନଷ୍ଟେବଲଙ୍କ ପରିବାରକୁ ୫୦ ଲକ୍ଷ ଲେଖାଏ ଅନୁକମ୍ପା ରାଶି

**ରାଉରକେଲା ଅଫିସ୍, ୫।୧୦**

କୋଭିଡ ମହାମାରୀରେ ପ୍ରାଣ ହରାଇଥିବା ସୁନ୍ଦରଗଡ଼ ଜିଲାର ଦୁଇ ଜଣ କନଷ୍ଟେବଲ ଲରେନ୍ସ ଏକ୍କା ଏବଂ କିଶୋର କୁମାର ମିଞ୍ଜଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଦିଆଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା ଏବଂ ରାଉରକେଲା ଏସ୍‌ପି ମୁକେଶ ଭାମୁ ଅନ୍‌ଲାଇନ ମାଧ୍ୟମରେ ଦିଆଯାଇଥିବା ସହାୟତା ରାଶିର ପ୍ରମାଣପତ୍ରକୁ ମଙ୍ଗଳବାର ଉକ୍ତ ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି। ଲରେନ୍ସ ଏକ୍କାଙ୍କ ଘର ଲାଠିକଟା ବ୍ଲକର କୁଲୁଙ୍ଗା ଅଞ୍ଚଳରେ। ସେ ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ରଘୁନାଥପାଲୀ ଥାନାରେ କନଷ୍ଟବେଳ ଚାକିରି କରୁଥିଲେ। କୋଭିଡ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗତ ଏପ୍ରିଲ ୨୭ ତାରିଖରେ ସେ ପ୍ରାଣ ହରାଇଥିଲେ। ସେହିପରି ରାଜଗାଙ୍ଗପୁର ବ୍ଲକ କେଶରମାଲ ଅଞ୍ଚଳରେ କିଶୋର ମିଞ୍ଜଙ୍କ ଘର। ସେ ସୁନ୍ଦରଗଡ଼ ଜିଲା ପୋଲିସ ଅନ୍ତର୍ଗତ ଭସ୍ମା ଥାନାର ଦରଲିପାଲି ବିଟ୍‌ରେ ଚାକିରି କରୁଥିବା ବେଳେ କୋଭିଡ ଆକ୍ରାନ୍ତ ହୋଇ ମେ' ୨ରେ ମୃତ୍ୟୁବରଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

**ବାଣପୁର,୫।୧୦(ଡି.ଏନ୍.ଏ.):** ବିଦ୍ୟୁତ୍ ଆଘାତରେ ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନରେନ୍ଦ୍ରପୁର ଗ୍ରାମର ସମ୍ବିତ ବରାଳ(୧୭)। ସେ ସ୍ଥାନୀୟ ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ର ଥିଲେ। ଟାଙ୍କିରେ ପାଣି ଭର୍ତ୍ତି କରିବା ପାଇଁ ମଙ୍ଗଳବାର ଅପରାହ୍ନରେ ସମ୍ବିତଙ୍କ ବାପା ଜଳନ୍ଧର ପାଣି ମଟର ଲଗାଇଥିଲେ। କୌଣସି କାରଣରୁ ମଟର ଚାଲି ନ ଥିଲା। ମଟର ନ ଚାଲିବାରୁ ସମ୍ବିତ ଯାଇ ଦେଖୁଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗରୁତର ହୋଇପଡ଼ିଥିଲେ। ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଏଟିଏମ୍ କାର୍ଡ କ୍ଲୋନିଂ କରି ଲୁଟ୍

**ଧରାପଡ଼ିଲା ଲୁଟେରା ଗ୍ୟାଙ୍ଗ୍**

- ଗିରଫ ୩ ଲୁଟେରାଙ୍କ ଘର ହରିୟାଣା
- ୩୭ ହଜାର ଟଙ୍କା, ୧୪ ଏଟିଏମ୍ କାର୍ଡ ଜବତ





ଜବତ ସ୍କିମର ଓ କ୍ଲୋନିଂ ମେଶିନ।

**ବଲାଙ୍ଗୀର ଅଫିସ, ୫।୧୦**

ଏଟିଏମ୍ କାର୍ଡ କ୍ଲୋନିଂ କରି ଲୁଟୁଥିବା ହରିୟାଣାର ଏକ ହାଇପ୍ରୋଫାଇଲ ଲୁଟେରା ଗ୍ୟାଙ୍ଗର ତିନିଜଣ ସଦସ୍ୟଙ୍କୁ ଗିରଫ କରିଛି ବଲାଙ୍ଗୀର ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ହରିୟାଣା ରୋହତକ୍‌ର ସଞ୍ଜୀବ (୪୨), ସୁମିତ୍ (୨୨) ଏବଂ ଜିନ୍ଦ ଜିଲା ଲୋହଚାବ୍ ଗ୍ରାମର କୁଲଦୀପ (୩୪)। ଅଭିଯୁକ୍ତମାନଙ୍କଠାରୁ ଏକ ସ୍କିମର ଓ କ୍ଲୋନିଂ ମେଶିନ୍ ସହ ୩୭ ହଜାର ଟଙ୍କା, ୧୪ଟି ଏଟିଏମ୍ କାର୍ଡ ଏବଂ ୩ଟି ମୋବାଇଲ ଜବତ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନେ ଅଭିନବ ଉପାୟରେ ସ୍କିମର ଓ କ୍ଲୋନିଂ ମେଶିନରେ ଟଙ୍କା ଲୁଟ୍ କରୁଥିବା ସମ୍ପର୍କରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବଲାଙ୍ଗୀର ଟିକ୍ରାପଡ଼ା ନିବାସୀ ସବ୍ୟସାଚୀ ପଣ୍ଡା ସ୍ଥାନୀୟ ଡେଲିମାର୍କେଟ ଆକ୍ସିସ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା କାଢୁଥିଲେ। ଏହି ସମୟରେ ତିନିଜଣ ଲୁଟେରା ଅଭିନବ ଉପାୟରେ ତାଙ୍କୁ ଲୁଟ୍ କରିବା ଉଦ୍ୟମ କରିଥିଲେ। ସବ୍ୟସାଚୀଙ୍କୁ ସହାୟତା କରିବା ଢଙ୍ଗରେ ତାଙ୍କର ଏଟିଏମ୍ କାର୍ଡ ନେଇ ଲୁଟ୍ ଉଦ୍ୟମ କରୁଥିବା ସନ୍ଦେହ କରି ପାଟିତୁଣ୍ଡ କରିବାରୁ ସ୍ଥାନୀୟ ଲୋକେ ଲୁଟେରାମାନଙ୍କ ମଧ୍ୟରୁ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅଟକ ଲୁଟେରାଙ୍କଠାରୁ ତଥ୍ୟ ପାଇବା ପରେ ପୋଲିସ ଅଭିଯୁକ୍ତମାନଙ୍କ ମୋବାଇଲ ଟ୍ରାକିଂ କରିଥିଲା। ଦେଓଗାଁ ନିକଟରେ ଅଟୋରିକ୍ସାରେ ଫେରାର ହେଉଥିବା ଜଣେ ଅଭିଯୁକ୍ତ ଏବଂ ଟିଟିଲାଗଡ଼ ରେଳଷ୍ଟେଶନରୁ ରେଳ ଯୋଗେ ରାୟପୁର ପଳାଇବାକୁ ଉଦ୍ୟମ କରୁଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୋଲିସ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ଏହି ୪ ଅଭିଯୁକ୍ତ ହରିୟାଣାରୁ ବଲାଙ୍ଗୀର ଆସି ସ୍କିମର ଏବଂ କ୍ଲୋନିଂ ମେଶିନ ଜରିଆରେ ବ୍ୟାଙ୍କ ଉପଭୋକ୍ତାଙ୍କୁ ଲୁଟ୍ କରୁଥିଲେ। ସଦର ଏସ୍‌ଡିପିଓ ତୋଫାନ୍ ବାଗ ଟାଉନ୍ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ହରିୟାଣାର ଏଟିଏମ୍ ଲୁଟେରା ଗ୍ୟାଙ୍ଗ୍ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସବ୍ୟସାଚୀ ପଣ୍ଡାଙ୍କ ଅଭିଯୋଗ ମୁତାବକ ଥାନାରେ ଏକ ମାମଲା(ନଂ.୪୮୬/୨୧) ରୁଜୁ କରାଯାଇଛି। ଖବରଦାତା ସମ୍ମିଳନୀରେ ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ସବ୍‌ଇନ୍ସପେକ୍ଟର ପୂର୍ଣ୍ଣିମା ଓରାମ୍ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ହାଜର କରିଥିବା ହରିୟାଣାର ତିନି ଏଟିଏମ୍ ଲୁଟେରା।

## ଦୂଷିତ ପାଣି ପିଇ ୬ ମୃତ

ଦୂଷିତ ପାଣି ପିଇ କର୍ଣାଟକ ବିଜୟାନଗର ଜିଲାର ମକାରବି ଗ୍ରାମରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅନେକେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅଛନ୍ତି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



## ସଂକ୍ଷେପରେ

### କର୍ଣାଟକରୁ ଡ୍ରଗ୍ କାର୍ଟେଲ କିଙ୍ଗପିନ୍ ଗିରଫ

**ବେଙ୍ଗାଲୁରୁ, ୫।୧୦:** ଏକ ବଡ଼ ଘଟଣା କ୍ରମେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ମଙ୍ଗଳବାର ଜଣେ ଅନ୍ତର୍ଜାତୀୟ ଡ୍ରଗ୍ସ ମାଫିଆଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି। ଅଭିଯୁକ୍ତ କେରଳ ବାସିନ୍ଦା ଜଣକ ବାହାରିନ୍‌ର ଜଣେ ପୂର୍ବତନ ପୋଲିସ ଅଫିସର ବୋଲି ଜଣାପଡ଼ିଛି। ଗତ ସେପ୍ଟେମ୍ବର ୧୨ରେ କେରଳର କୋଚି ବିମାନବନ୍ଦରରେ ତାଙ୍କ ନିକଟରୁ ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ୩.୫ କିଲୋଗ୍ରାମ ହାସିସ୍ ଅଏଲ ଜବତ ହୋଇଥିଲା। ସେବେଠାରୁ ଅଭିଯୁକ୍ତ ଜଣକ ଫେରାର ଥିଲେ। ସେ ଏକ ଟିଫିନ୍‌ରେ ତାହାକୁ ରଖି ପ୍ରସାଦ ଏବଂ ଆୟୁର୍ବେଦିକ୍ ଔଷଧ ବୋଲି କହି ଲୋକଙ୍କୁ ଦେଉଥିଲେ। ବାହାରିନ୍‌ରେ ୨୦ ବର୍ଷ ପୋଲିସ ଅଧିକାରୀମାନେ କାମ କରିବା ପରେ ୨୦୧୪ରେ ସେ କେରଳ ଆସିଥିଲେ। ସେଠାରେ ସେ ହାଶିସ୍ ଅଏଲକୁ ଟିଫିନ୍‌ରେ ପ୍ୟାକ୍ କରି ପ୍ରସାଦ ଏବଂ ମେଡିସିନ୍ ଭାବେ ବାହାରିନ୍‌କୁ ପଠାଉଥିଲେ।

### ଝୁଲାପୋଲ ଭୁଶୁଡ଼ି ୩୦ ଛାତ୍ରୀଛାତ୍ର ଆହତ

**ଗୁଆହାଟୀ, ୫।୧୦:** ଆସାମର କରିମଗଞ୍ଜ ଜିଲାରେ ଏକ ଝୁଲାପୋଲ ସୋମବାର ଭୁଶୁଡ଼ି ପଡ଼ିଛି। ସେହି ପୋଲ ଦେଇ ସ୍କୁଲରୁ ଘରକୁ ଫେରୁଥିବା ୩୦ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସିଙ୍ଗଲା ନଦୀରେ ୩ ବର୍ଷ ତଳେ ନିର୍ମାଣ ହୋଇଥିବା ସେହି ଏକମାତ୍ର ପୋଲ ଚେରାଗି ଅଞ୍ଚଳକୁ ସଂଯୋଗ କରୁଥିବାରୁ ସ୍ଥାନୀୟ ଲୋକେ ଯାତାୟାତ ପାଇଁ ତାହା ଉପରେ ନିର୍ଭର କରିଥାନ୍ତି।

### ଜେଲରେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଆତ୍ମହତ୍ୟା

**ଗୁରୁଗ୍ରାମ, ୫।୧୦:** ନିଜ ବୋହୂ ଏବଂ ଜଣେ ଶିଶୁଙ୍କ ସମେତ ଭଡ଼ା ଘରେ ରହୁଥିବା ୩ ଜଣଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ଅବସରପ୍ରାପ୍ତ ସେନା ଅଧିକାରୀ ରାଓ ରାଏ ସିଂ(୬୭) ମଙ୍ଗଳବାର ସକାଳେ ଜେଲରେ ଆତ୍ମହତ୍ୟା କରିଛନ୍ତି। ଗତ ୨୫ରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ତାଙ୍କୁ ଗୁରୁଗ୍ରାମର ଭୋଣ୍ଡସି ଜେଲରେ ରଖାଯାଇଥିଲା। ସକାଳେ ଦୈନନ୍ଦିନ ଉପସ୍ଥାନବେଳେ ସେ ହାଜର ହୋଇ ନ ଥିବାରୁ ତାଙ୍କୁ ଖୋଜା ଯାଇଥିଲା। ବାଥରୁମ୍‌ରେ ସିଂଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ଭଡ଼ାଟିଆଙ୍କ ସହ ତାଙ୍କ ବୋହୂଙ୍କ ଅନୈତିକ ସମ୍ପର୍କ ଥିବା ସନ୍ଦେହରେ ସିଂ ଏହି ଅପରାଧ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

# ନଦିମ ଅଞ୍ଜୁମ୍ ଆଇଏସ୍‌ଆଇ ମୁଖ୍ୟ



ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ନୂଆ ମୁଖ୍ୟ ହୋଇଛନ୍ତି ନଦିମ ଅଞ୍ଜୁମ। ତାଲିବାନୀ ନେତାଙ୍କ ସହ ଆଫଗାନିସ୍ତାନରେ ବୈଠକ କରିଥିବା ବିଦାୟୀ ଆଇଏସ୍‌ଆଇ ମୁଖ୍ୟ ଫୈଜ ହମିଦ୍‌ଙ୍କୁ ପାକିସ୍ତାନ ପୁରସ୍କୃତ କରି ତାଙ୍କ ପଦୋନ୍ନତି କରିଛି। ହମିଦ୍‌ଙ୍କୁ ଏକ୍ସଆଇ କର୍ପ୍‌ର କମାଣ୍ଡ କରାଯାଇଥିବା ଜଣାପଡ଼ିଥିବାବେଳେ ତାଙ୍କୁ ପରବର୍ତ୍ତୀ ସମରେ ପାକ୍ ସେନା ମୁଖ୍ୟ କରାଯାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଏ ନେଇ ପାକିସ୍ତାନ ପକ୍ଷରୁ ଅଫିସିଆଲି କୌଣସି ବିଜ୍ଞପ୍ତି ଜାରି କରାଯାଇନାହିଁ। ୨୦୨୨ ନଭେମ୍ବର ପର୍ଯ୍ୟନ୍ତ କମର ଜାଭେଜ ବାଜୱା ପାକ୍ ସେନା ମୁଖ୍ୟ ରହିବେ ବୋଲି କୁହାଯାଉଛି।

# ଶ୍ରୀ ସୈନି ମିସ୍ ୱାର୍ଲ୍ଡ ଆମେରିକା




ମିସ୍ ୱାର୍ଲ୍ଡ ଆମେରିକା-୨୦୨୧ର ମୁକୁଟ ହାସଲ କରିଛନ୍ତି ଶ୍ରୀ ସୈନି। ଏହି କ୍ରାଉନ ଜିତିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ବଂଶୋଦ୍ଭବ। ଲସ୍ ଏଞ୍ଜେଲସ୍‌ରେ ଆୟୋଜିତ ଏହି ବିୟୁଟି ପ୍ରତିଯୋଗିତାରେ ମିସ୍ ୱାର୍ଲ୍ଡ(୨୦୧୭) ଡାଏନା ହେଡେନ୍ ଏବଂ ମିସ୍ ୱାର୍ଲ୍ଡ କାନାଡା(୨୦୧୩) ତାନିୟା ମେମେତାଙ୍କୁ ମୁକୁଟ ପିନ୍ଧାଇଥିଲେ। ୱାଶିଂଟନ୍‌ରେ ରହୁଥିବା ସଇନି ପଞ୍ଜାବର ଲୁଧିଆନାରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୧୨ ବର୍ଷର ହୋଇଥିବାବେଳେ ସେ ଏକ ଭୟଙ୍କର କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କ ମୁହଁ ପୋଡ଼ି ଯାଇଥିଲା। ଏବେ ସେ ୱାଶିଂଟନ୍‌ରେ ରହୁଥିବାବେଳେ 'ଏମ୍‌ଡବ୍ଲୁଏ ନ୍ୟାଶନାଲ ବିୟୁଟି ୱିଥ୍ ଏ ପର୍ପୋଜ୍ ଆମ୍ବାସାଡର' ଭଳି ସମ୍ମାନଜନକ ପଦରେ ରହିଛନ୍ତି।

# ତାଇୱାନ ସୀମାରେ ଚାଇନା ଯୁଦ୍ଧବିମାନ

**ତାଇୱାନର ଏୟାର ଡିଫେନ୍ସ ଆଇଡେଣ୍ଟିଫିକେଶନ ଜୋନ୍ (ଏଡିଆଇଜେଡ୍)ରେ ଚାଇନାର ୫୬ ଯୁଦ୍ଧବିମାନ ଅନୁପ୍ରବେଶ କରିଛି। ଏହାକୁ ନେଇ ଦୁଇ ପଡ଼ୋଶୀ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଦାୟିତ୍ୱହୀନ ତଥା ଉତ୍ତେଜନାମୂଳକ କାର୍ଯ୍ୟରୁ କ୍ଷାନ୍ତ ରହିବା ପାଇଁ ତାଇପେଇ ସିଟି ବେଜିଂକୁ ତାଗିଦ୍ କରିଛି। ଆମେରିକା ମଧ୍ୟ ତାଇୱାନ ନିକଟରେ ଚାଇନାର ସାମରିକ ଗତିବିଧିକୁ ଉତ୍ତେଜନାମୂଳକ ଓ ଅସ୍ଥିରତା ସୃଷ୍ଟିକାରୀ ବୋଲି ନିନ୍ଦା କରିଛି।**

ତାଇପେଇ/ବେଜିଂ/ ୱାଶିଂଟନ,୫।୧୦



ସାଇ ଇଙ୍ଗ୍-ୱେନ୍ | ଶି ଜିନ୍‌ପିଙ୍ଗ୍

ଗତବର୍ଷ ୩୮୦ ଏବଂ ଚଳିତବର୍ଷ ଅଦ୍ୟାବଧି ୬୦୦ ଥର ତାଇୱାନ ଏୟାର ଡିଫେନ୍ସ ଆଇଡେଣ୍ଟିଫିକେଶନ ଜୋନ୍‌କୁ ଅନୁପ୍ରବେଶ କଲାଣି ଚାଇନାର ଯୁଦ୍ଧବିମାନ। ଏଥିରୁ ସର୍ବାଧିକ ୫୬ ଫାଇଟର ଜେଟ୍ କେବଳ ସୋମବାର ଦେଖାଯାଇଥିଲା। ସେଗୁଡ଼ିକ ହେଲା ୩୪ ଜେ-୧୬ ଫାଇଟର ଏବଂ ୧୨ ଅଣବିକ ଶକ୍ତି ସମ୍ପନ୍ନ ବୋମା ନିକ୍ଷେପକାରୀ ଏଚ୍-୬। ତାଇୱାନ ନିୟନ୍ତ୍ରଣାଧୀନ ପ୍ରାଟାସ୍ ଆଇଲାଣ୍ଡରେ ଏହି ଯୁଦ୍ଧବିମାନଗୁଡ଼ିକ ଉଡ଼ିଥିବା ତାଇୱାନ ସରକାରଙ୍କ ପକ୍ଷରୁ ଜାରି ଏକ ମ୍ୟାପ୍‌ରେ ଦର୍ଶାଯାଇଛି। ଅଧିକାଂଶ ସମୟରେ ଚାଇନାର ଏଭଳି ସାମରିକ ଗତିବିଧି ଯୋଗୁ ତାଇୱାନ ଲଗାତର ଆକ୍ରମଣ ଆଶଙ୍କା ଭିତରେ ରହିଥାଏ। ଏହି ସ୍ୱୟଂଶାସିତ ଗଣତାନ୍ତ୍ରିକ ଦ୍ୱୀପରାଷ୍ଟ୍ରକୁ ଚାଇନା ବଳପୂର୍ବକ ପୁନଃ ଦଖଲ କରି ନେଇଯିବ ବୋଲି ତାଇପେଇ ସିଟିର ଭୟ ରହିଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତାଇୱାନ ଦଖଲକୁ ଅବଶ୍ୟମ୍ଭାବୀ ବୋଲି ଘୋଷଣା କରିଥିବାବେଳେ ବେଜିଂ ଏହା ଉପରେ ସାମରିକ, କୂଟନୈତିକ ଓ ଆର୍ଥିକ ଚାପ ପକାଇଆସୁଛି। ବିଶେଷକରି ୨୦୧୬ରେ ସାଇ ଇଙ୍ଗ୍-ୱେନ୍ ରାଷ୍ଟ୍ରପତି ହେବା ପରଠାରୁ ଚାଇନାର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। କାରଣ ସେ ତାଇୱାନକୁ ଚାଇନାର ଏକ ଅଂଶ ଭାବେ ନ ମାନି ଏକ ସ୍ୱାଧୀନ ରାଷ୍ଟ୍ର ବିବେଚନା କରିଥାଆନ୍ତି। ଗତ ଶୁକ୍ରବାର ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ନିଜର ୭୨ତମ ଜାତୀୟ ଦିବସ ପାଳନ କରିବା ପରଠାରୁ ତାଇୱାନ ବାୟୁସୀମାରେ ୧୫୦ ଚାଇନା ଯୁଦ୍ଧବିମାନ ଉଡ଼ିସାରିଲାଣି। କେବଳ ସେହିଦିନ ୩୮ ପ୍ଲେନ୍‌କୁ ନେଇ ଆକାଶମାର୍ଗରେ ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯାଇଥିଲା। ତେବେ ବେଜିଂ ପକ୍ଷରୁ ଆକ୍ରମଣ କରାଗଲେ ଚାଇନା ଏହାର ପରିଣାମ ଭୋଗିବ ବୋଲି ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍ ଚେତାବନୀ ଦେଇଛନ୍ତି। ଚାଇନାର ଏଭଳି କାର୍ଯ୍ୟ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତାକୁ ବିପନ୍ନ କରିବା ସହ ଗଣତାନ୍ତ୍ରିକ ମେଣ୍ଟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବ। ମୂଲ୍ୟବୋଧକୁ ନେଇ ଆଜିର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତା ଏକଚ୍ଛତ୍ରବାଦରେ ପରିଣତ ହୋଇ ଗଣତନ୍ତ୍ର ପ୍ରତି ବିପଦ ସାଜିବାକୁ ଯାଉଛି। ଚାଇନାର ଗତିବିଧିରୁ ଏହା ସ୍ପଷ୍ଟ ହେଉଥିବା ସେ କହିଛନ୍ତି। ଚାଇନା ସହ ଶାନ୍ତି ଓ ସହବସ୍ଥାନରେ ତାଇୱାନ ବିଶ୍ୱାସ କରେ। ଯଦି ତାଇୱାନର ଗଣତନ୍ତ୍ର ଓ ଲୋକଙ୍କ ଜୀବନଶୈଳୀ ଉପରେ ବିପଦ ଆସେ ତେବେ ନିଜ ସୁରକ୍ଷା ପାଇଁ ଯାହା ଆବଶ୍ୟକ ସେସବୁ କରିବା ପାଇଁ ପଛଘୁଞ୍ଚା ଦେବନାହିଁ।

### ବିବାଦ କ'ଣ

- ଚାଇନା ଓ ତାଇୱାନ ମଧ୍ୟରେ ଦିନକୁ ଦିନ ସମ୍ପର୍କ ଖରାପ ହେବାରେ ଲାଗିଛି। ଏହାର ମୂଳ କାରଣ ହେଉଛି ଏହି ଦୁଇଦେଶ ପୂର୍ବରୁ ଗୋଟିଏ ରାଷ୍ଟ୍ର ଥିଲା।
- ୧୯୪୦ ଦଶକର ଗୃହଯୁଦ୍ଧ ପରେ ତାଇୱାନ ସ୍ୱତନ୍ତ୍ର ରାଷ୍ଟ୍ର ହୋଇଥିଲା। କିନ୍ତୁ ବେଜିଂ ଏହି ଦ୍ୱୀପଦେଶକୁ ଦିନେ ନା ଦିନେ ପୁଣି ଦଖଲ କରି ପୂର୍ବାବସ୍ଥା ଫେରାଇ ଆଣିବାକୁ ଉଦ୍ୟମ ଚଳାଇଛି। ଏପରି କି ଆବଶ୍ୟକ ହେଲେ ବଳ ପ୍ରୟୋଗ କରି ତାଇୱାନକୁ ହାସଲ କରିବା ହେଉଛି ଚାଇନାର ଲକ୍ଷ୍ୟ।
- ତାଇୱାନର ନିଜସ୍ୱ ସମ୍ବିଧାନ ରହିଛି। ସେଠାରେ ଗଣତାନ୍ତ୍ରିକ ପଦ୍ଧତିରେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି। ଏହାର ସ୍ୱତନ୍ତ୍ର ବଳରେ ୩ ଲକ୍ଷ ସୈନ୍ୟ ଅଛନ୍ତି।
- ଖୁବ୍ କମ୍ ସଂଖ୍ୟକ ଦେଶ ତାଇୱାନକୁ ଏକ ରାଷ୍ଟ୍ର ରୂପେ ସ୍ୱୀକୃତି ଦେଇଥାଆନ୍ତି। ଅନ୍ୟପକ୍ଷେ ଚାଇନା ସରକାର ପ୍ରତି ଅଧିକ ରାଷ୍ଟ୍ରର ସମର୍ଥନ ରହିଛି।
- ତାଇୱାନ ସହ ଆମେରିକାର କୌଣସି ଆନୁଷ୍ଠାନିକ ସମ୍ପର୍କ ନାହିଁ। କିନ୍ତୁ ୱାଶିଂଟନ ଏକ ଆଇନାନୁସାରେ ଏହାକୁ ରାଷ୍ଟ୍ର ରୂପେ ଆତ୍ମରକ୍ଷା ପାଇଁ ସମର୍ଥନ କରିଥାଏ।

# ୭ ବିଲିୟନ ଡଲାର ହରାଇଲେ ଜୁକରବର୍ଗ

ୱାଶିଂଟନ୍, ୫।୧୦



**ଫେସ୍‌ବୁକ୍, ହ୍ୱାଟ୍ସଆପ୍ ବନ୍ଦ ପାଇଁ କ୍ଷମା ମାଗିଲେ**

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସୋମବାର ସନ୍ଧ୍ୟାରେ ୬ ଘଣ୍ଟା ଧରି ସୋସିଆଲ ମିଡିଆ ସାଇଟ୍ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମ ଡାଉନ ହେବା ଯୋଗୁ ପ୍ରାୟ ୭ ବିଲିୟନ ଡଲାର (୫୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା)ର କ୍ଷତି ସହିଛନ୍ତି ଏହାର ମାଲିକ ମାର୍କ ଜୁକରବର୍ଗ। ଏଥିଯୋଗୁ ସେ ବିଶ୍ୱର ବିତ୍ତଶାଳୀ ବ୍ୟକ୍ତି ତାଲିକାରେ ମଧ୍ୟ ତଳକୁ ଖସିଛନ୍ତି। ବ୍ଲୁମ୍‌ବର୍ଗ ବିଲିଓନେୟାର ସୂଚକାଙ୍କ ଅନୁସାରେ ଜୁକରବର୍ଗଙ୍କ ସମ୍ପତ୍ତି ୧୪୦ ବିଲିୟନ ଡଲାରରୁ କମି ୧୨୦.୯ ବିଲିୟନ ଡଲାର ରହିଛି। ବିଲ୍ ଗେଟ୍ସଙ୍କ ପରେ ସେ ଏବେ ଷଷ୍ଠ ନମ୍ବରରେ ରହିଛନ୍ତି। ସୋମବାର କିଛି ଘଣ୍ଟା ଧରି ଉକ୍ତ ସୋସିଆଲ ମିଡିଆ ସର୍ଭର ଡାଉନ୍ ହୋଇଯିବା ଯୋଗୁ ୟୁଜର୍ସମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିପାଇଁ ଫେସ୍‌ବୁକ୍ ସିଇଓ ଜୁକରବର୍ଗ ନିଜେ ବ୍ୟବହାରକାରୀଙ୍କୁ କ୍ଷମା ମାଗି ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। କନ୍‌ଫିଗ୍ୟୁରେଶନ ଚେଞ୍ଜ୍ ଯୋଗୁ ଏଭଳି ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଶେୟାର ମୂଲ୍ୟ ତଳକୁ ଖସିବାରୁ ମଧ୍ୟ ଜୁକରବର୍ଗଙ୍କୁ କ୍ଷତି ସହିବାକୁ ପଡ଼ିଛି।

ଗତ ସେପ୍ଟେମ୍ବର ୧୩ ପରଠାରୁ ସେ ୧୯ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ହରାଇସାରିଲେଣି। ସେପ୍ଟେମ୍ବର ୧୩ରେ ୱାଲ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ କିଛି ଆଭ୍ୟନ୍ତରୀଣ ତଥ୍ୟ ଅନୁଯାୟୀ, ଇନ୍‌ଷ୍ଟାଗ୍ରାମ୍ ଦ୍ୱାରା ନାବାଳିକାଙ୍କ ମାନସିକ ସ୍ୱାସ୍ଥ୍ୟହାନି, ଜାନୁୟାରୀ ୬ରେ କ୍ୟାପିଟୋଲ ହିଂସା ଉପରେ ଭୁଲ୍ ସୂଚନା ପ୍ରସାର ସମ୍ପର୍କରେ ଜାଣିଥିବା ସତ୍ତ୍ୱେ ଫେସ୍‌ବୁକ୍ ପଦକ୍ଷେପ ନେଇ ନ ଥିଲା। ଫେସ୍‌ବୁକ୍ ସୁରକ୍ଷା ବଦଳରେ ଲାଭକୁ ବାଛିଥିଲା ବୋଲି 'ହ୍ୱିସିଲ ବ୍ଲୋଅର' ଫ୍ରାନ୍ସେସ୍ ହୋଗେନ୍ ଅଭିଯୋଗ ଆଣିଛନ୍ତି।

# ଆର୍ଯ୍ୟନଙ୍କୁ ଭେଟିବା ପାଇଁ ଅନୁମତି ମାଗୁଛନ୍ତି ଶାହରୁଖ

ମୁମ୍ବାଇ, ୫।୧୦



କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖଙ୍କ ପୁଅ ଆର୍ଯ୍ୟନଙ୍କ ଗିରଫଦାରି ପରେ ଦିନକୁ ଦିନ ନୂଆ ନୂଆ କଥା ସାମ୍ନାକୁ ଆସୁଛି। ବାପା ଶାହରୁଖ କାମରେ ଏତେ ବ୍ୟସ୍ତ ଥାଆନ୍ତି ଯେ, ତାଙ୍କୁ ଭେଟିବାକୁ ଅନେକ ସମୟରେ ଆର୍ଯ୍ୟନଙ୍କୁ ଆପଏଣ୍ଟମେଣ୍ଟ ନେବାକୁ ପଡ଼େ ବୋଲି ଆର୍ଯ୍ୟନ ଏନ୍‌ସିବିକୁ କହିଥିବା ଜଣାପଡ଼ିଛି। ଏବେ ସମାନ ସଂଯୋଗ ଶାହରୁଖଙ୍କ କ୍ଷେତ୍ରରେ ଘଟିଛି। ଏନ୍‌ସିବି ହେପାଜତରେ ଥିବା ଆର୍ଯ୍ୟନଙ୍କୁ ଭେଟିବାକୁ ଶାହରୁଖ ଅନୁମତି ମାଗୁଛନ୍ତି। ବାପାଙ୍କୁ ଭେଟିବା ପରେ ଆର୍ଯ୍ୟନ ତାଙ୍କୁ ଦେଖି କାନ୍ଦିଥିଲେ। ଏହି ମାମଲାରେ ମୋଟ ଗିରଫଦାରି ସଂଖ୍ୟା ମଙ୍ଗଳବାର ୧୬ରେ ପହଞ୍ଚିଛି। ଗତ ରବିବାର ଏନ୍‌ସିବି ଅବଦୁଲ୍ କାମଦାର ଶୈଖ୍, ଶ୍ରେୟାସ୍ ସୁରେନ୍ଦର ନାୟାର, ମନୀଷ ରାଜଗାରିଆ ଏବଂ ଅଭିନ ସାହୁ, ଦିଲ୍ଲୀସ୍ଥିତ ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀର ନାମାସ୍'କ୍ରାଏର ଅତିରିକ୍ତ ନିର୍ଦ୍ଦେଶକ ସମୀର ସେହଗଲ୍, ଗୋପାଲଜୀ ଆନନ୍ଦଙ୍କ ସମେତ ମାନବ ସିଂଘଲ ଏବଂ ଭାସ୍କରା ଅରୋରାଙ୍କୁ ଗିରଫ କରିଛି। ଆର୍ଯ୍ୟନଙ୍କ ମା' ଗୌରୀ ଖାନ୍ ମଙ୍ଗଳବାର ସକାଳେ ତାଙ୍କ ପ୍ରିୟ ବର୍ଗର ପ୍ୟାକେଟ ନେଇ ଏନ୍‌ସିବି ଅଫିସ୍ ନିକଟକୁ ଯାଇଥିଲେ। ହେଲେ ଏନ୍‌ସିବି ଅଧିକାରୀମାନେ ତାଙ୍କୁ ଅନୁମତି ଦେଇ ନ ଥିଲେ।

# ସ୍ୟୁକୁରୋ, କ୍ଲସ୍, ଜିଓର୍ଜିଓଙ୍କୁ ଫିଜିକ୍ସରେ ନୋବେଲ

ଷ୍ଟକହୋମ୍, ୫।୧୦



ଜିଓର୍ଜିଓ ପାରିସ | କ୍ଲସ୍ ହାସେଲମାନ୍ | ସ୍ୟୁକୁରୋ ମାନାବେ

ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସେସ୍ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ଚଳିତ ବର୍ଷ ଜାପାନ, ଜର୍ମାନୀ ଏବଂ ଇଟାଲୀର ୩ ବୈଜ୍ଞାନିକଙ୍କ ନାଁ ମଙ୍ଗଳବାର ଘୋଷଣା କରିଛି। ପୃଥିବୀର ଜଳବାୟୁ, ପରିବର୍ତ୍ତନଶୀଳତା ଏବଂ ବିଶ୍ୱତାପନ ଉପରେ ଠିକ୍ ପୂର୍ବାନୁମାନ ଓ ତାହାର ପ୍ରଭାବ ବିଷୟରେ ଅବଗତ କରାଇବା ପାଇଁ ଜାପାନର ସ୍ୟୁକୁରୋ ମାନାବେ(୯୦), ଜର୍ମାନୀର କ୍ଲସ୍ ହାସେଲମାନ୍(୮୯)ଙ୍କୁ ଯୁଗ୍ମ ଭାବେ ନୋବେଲ ପ୍ରଦାନ କରାଯାଇଛି। ସେହିପରି ପରମାଣୁରୁ ଗ୍ରହ ପର୍ଯ୍ୟନ୍ତ ଜଟିଳ ପଦାର୍ଥ ବିଜ୍ଞାନର ପ୍ରକ୍ରିୟାଗୁଡ଼ିକୁ ବୁଝିବାରେ ଅବଦାନ ପାଇଁ ଇଟାଲୀର ଜିଓର୍ଜିଓ ପାରିସି(୭୩)ଙ୍କୁ ନୋବେଲ ପୁରସ୍କାର ଦିଆଯାଇଛି। ପୁରସ୍କାରର ୫୦ ଭାଗ ସ୍ୟୁକୁରୋ ଏବଂ କ୍ଲସ୍ ଓ ଅନ୍ୟ ଅଧାକୁ ଜିଓର୍ଜିଓଙ୍କ ମଧ୍ୟରେ ବଣ୍ଟାଯାଇଛି। ୧୯୬୦ ଦଶକରୁ ମାନାବେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନର ସ୍ଥିତି ଏବଂ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସ୍ତର ମାତ୍ରା ବୃଦ୍ଧି ସମ୍ପର୍କରେ ଆକଳନ କରିଥିଲେ। ହାସେଲମାନ୍ ପାଣିପାଗ ଏବଂ ଜଳବାୟୁ ସମ୍ପର୍କିତ ଏକ ମଡେଲ ପ୍ରସ୍ତୁତ କରିଥିଲେ, ଯାହା ପାଣିପାଗରେ ବ୍ୟାପକ ପରିବର୍ତ୍ତନ ସତ୍ତ୍ୱେ ଠିକ୍ ଧାରଣା ସୃଷ୍ଟି କରିବାରେ ସହାୟକ ହୋଇଥିଲା। ଜଟିଳ ପଦାର୍ଥ ବିଜ୍ଞାନର ଅନେକ ପାର୍ଟନ ଜିଓର୍ଜିଓ ଆବିଷ୍କାର କରିଥିଲେ। ଏଥିସହ ସେ ଗଣିତ, ଜୀବ ବିଜ୍ଞାନ, ସ୍ନାୟୁ ବିଜ୍ଞାନ ଏବଂ ମେଶିନ୍ ଲର୍ନିଂରେ ମଧ୍ୟ ବହୁ ତଥ୍ୟ ସାମ୍ନାକୁ ଆଣିଛନ୍ତି। ଏହି ସମ୍ମାନଜନକ ପୁରସ୍କାରରେ ଏକ ସ୍ୱର୍ଣ୍ଣ ପଦକ, ୧୦ ମିଲିୟନ ସ୍ୱିଡିଶ କ୍ରୋନର(ପ୍ରାୟ ୮.୫ କୋଟି ଟଙ୍କା) ପ୍ରଦାନ କରାଯାଏ।

# ମହାକାଶରେ ହେବ ଫିଲ୍ମ ଶୁଟିଂ

- ସ୍ପେସ୍‌କୁ ଗଲେ ରୁଷିଆ ଅଭିନେତ୍ରୀ, ନିର୍ଦ୍ଦେଶକ
- ୧୨ ଦିନ ପରେ ଭୂପୃଷ୍ଠକୁ ଫେରିବେ

ମସ୍କୋ, ୫।୧୦



ୟୁଲିଆ ପେରେସିଲ୍ଡ, ଆନ୍‌ଟୋନ୍ ଶ୍କାପ୍ଲେରୋଭ ଏବଂ କ୍ଲିମ୍ ଶିପେନ୍‌କୋ।

ଏଣିକି ମହାକାଶରେ ଶୁଭିବ ଲାଇଟ୍ସ, କ୍ୟାମେରା ଏବଂ ଆକ୍ସନ ଶବ୍ଦ। ପର୍ଯ୍ୟଟନ ପରେ ଏବେ ଦୁନିଆ ଦେଖିବ ସ୍ପେସ୍‌ରେ ଫିଲ୍ମ ଶୁଟିଂ ଦୃଶ୍ୟ। ମହାକାଶ ଇତିହାସରେ ପ୍ରଥମ ଥର ପାଇଁ ରୁଷିଆ ଏଭଳି ବିରଳ ରେକର୍ଡର ଅଧିକାରୀ ହେବାକୁ ଯାଉଛି। ପୃଥିବୀ କକ୍ଷରେ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ଶୁଟିଂ ପାଇଁ ମଙ୍ଗଳବାର ସ୍ଥାନୀୟ ସମୟ ଅପରାହ୍ନ ୧ଟା ୫୫ରେ ରୁଷିଆ ସ୍ପେସ୍‌କ୍ରାଫ୍ଟ ସୌୟୁଜ୍ ଏମ୍-୧୯ ଯୋଗେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ ଅଭିମୁଖେ ଯାଇଛନ୍ତି ଅଭିନେତ୍ରୀ ୟୁଲିଆ ପେରେସିଲ୍ଡ ଏବଂ ନିର୍ଦ୍ଦେଶକ କ୍ଲିମ୍ ଶିପେନ୍‌କୋ। ୩ଟି ସ୍ପେସ୍ ମିଶନର ଅନୁଭୂତି ଥିବା ମହାକାଶଚାରୀ ଆନ୍‌ଟୋନ୍ ଶ୍କାପ୍ଲେରୋଭ ମଧ୍ୟ ଉକ୍ତ ସ୍ପେସ୍‌କ୍ରାଫ୍ଟରେ ଯାତ୍ରା କରିଛନ୍ତି। କାଜାଖସ୍ତାନର ବୈକୋନୁରସ୍ଥିତ ରୁଷିଆର ସ୍ପେସ୍ ଲଞ୍ଚ ଷ୍ଟେଶନରୁ ଏହି ମହାକାଶ ଯାନ ବାହାରି ପୃଥିବୀ କକ୍ଷପଥରେ ପହଞ୍ଚିଛି।

ଜଣେ ମହିଳା ଡାକ୍ତରଙ୍କ କାହାଣୀ ଉପରେ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ' ଆଧାରିତ। ଜଣେ ମହାକାଶଚାରୀ ଅସୁସ୍ଥ ହୋଇପଡ଼ିବାରୁ ଡାକ୍ତରଙ୍କୁ ସ୍ପେସ୍‌କୁ ଯିବାକୁ ପଡ଼ିଛି। ସ୍ପେସ୍ ଆଉଟ୍‌ପୋଷ୍ଟରେ ୧୨ ଦିନ ରହିବା ପରେ ସେମାନେ ରୁଷିଆ ମହାକାଶଚାରୀଙ୍କ ସହ ଭୂପୃଷ୍ଠକୁ ଫେରିବେ। ପୂର୍ବରୁ ମହାକାଶକୁ କେବଳ ସେହି କ୍ଷେତ୍ରରେ ଥିବା ନିର୍ଦ୍ଦିଷ୍ଟ ବୃତ୍ତିଧାରୀ ଯାଇପାରୁଥିଲେ। ଏବେ ସେଥିରେ ପରିବର୍ତ୍ତନ ଆସିଛି। ବହୁ ସଂଖ୍ୟାରେ ସାଧାରଣ ଲୋକ ଏବେ ମହାକାଶ ଅନୁଭୂତିର ମଜା ନେବାକୁ ଆଗଭର ହେଉଛନ୍ତି। ଏହା ବେଶ୍ ଆହ୍ୱାନପୂର୍ଣ୍ଣ ଏବଂ ଏଥିପାଇଁ ସେ କଷ୍ଟକର ତାଲିମ ନେଇଛନ୍ତି ବୋଲି ୩୭ ବର୍ଷୀୟା ଅଭିନେତ୍ରୀ ପେରେସିଲ୍ଡ କହିଛନ୍ତି। ସେହିପରି ମହାକାଶରେ ଶୁଟିଂ ପାଇଁ ତାଙ୍କୁ ୪ ମାସ ଧରି ଟ୍ରେନିଂ ନେବାକୁ ପଡ଼ିଛି ବୋଲି ବହୁ ସଫଳ ଚଳଚ୍ଚିତ୍ର ନିର୍ମାଣ କରିସାରିଥିବା ୩୮ ବର୍ଷୀୟ ଶିପେନ୍‌କୋ କହିଛନ୍ତି। ଏହା ପୂର୍ବରୁ ହଲିଉଡ୍ ଷ୍ଟାର ଟମ୍ କ୍ରୁଜ୍ ସ୍ପେସ୍‌ରେ ତାଙ୍କ ଫିଲ୍ମ 'ମିଶନ ଇମ୍ପସିବଲ' ଶୁଟିଂ ପାଇଁ ଘୋଷଣା କରିଥିଲେ। ହେଲେ ଏବେ ସୁଦ୍ଧା ସେ ଏ ନେଇ କୌଣସି ଅପଡେଟ୍ ଦେଇ ନ ଥିବାରୁ ଆମେରିକା ପୂର୍ବରୁ ରୁଷିଆ ବାଜି ମାରିନେବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
MOBILISATION STAFF
A Leading manufacturing company at Chennai required Experienced Mobilizer with good communication skills.
Contact : 9003032043

APPOINTMENT
ORITEL Requires Sales Executive/ Manager in all Districts of Odisha to promote Business with Govt. & Corporate Sector send your resume to admin@oritel.in, Whatsapp no: 9437009824

LCJ SILVER
LALCHAND JEWELLERS REQUIRED
1. SALES CONSULTANT: 7 Nos.
2. SALES SUPERVISOR: 3 Nos.
For Bhubaneswar Store. Minimum qualification: +3 & 2 Yrs. Jewellery experience must. Send resume at
Indramani_r@yahoo.com or Call: 7653833333

GRAPHICS DESIGNERS REQUIRED
AUROGRAPHICS, Sahid Nagar, Bhubaneswar requires Graphics Designers with minimum 5 years experience in Coreldraw and Photoshop. Salary 14000 to 15000.
Contact: 9337100511

WANTED
ଓଡ଼ିଶାର ଏକ ସୁପ୍ରତିଷ୍ଠିତ କମ୍ପାନୀରେ ପ୍ରତ୍ୟେକ ବ୍ଲକ ପାଇଁ BUSINESS EXECUTIVE - Mail/Female ଆବଶ୍ୟକ। ମାସିକ 30,000/-ରୁ ଅଧିକ ରୋଜଗାର କରନ୍ତୁ। ବୟସ ୩୦ ବର୍ଷରୁ ଉର୍ଦ୍ଧ୍ୱ।
Contact: 9040744989

REQUIRED
Required AREA SALES OFFICER for Jagatsinghpur, Angul and Dhenkanal districts of Odisha for marketing of TMT Bars and Rods.
Contact: 9437007298 7873292999

ଏୟାରପୋର୍ଟ ରେ ଚାକିରୀ
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର, ହେଲପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162




URGENTLY REQUIRED
Faculties for BHM, MHM, BBA, BCA & PMIR Courses, Telecaller (10Nos), Liaisoning Officer (2Nos), Marketing Manager (4Nos), Librarian (2Nos), Office Assistant (2Nos), Peon (2Nos). Come along with your VoterID / Aadhaar Card, All Certificate (Xerox) and 2Passport size photos.
S.T.A.R COLLEGE & MANAGEMENT
167, Forest Park, Bhubaneswar
Contact No: 8018087558, 9777897695, 9861444447, 9937337659

ZENITH GROUP REQUIREMENT
ZENITH INSTITUTE OF SCIENCE & TECHNOLOGY (DIPLOMA)
1. Principal for Diploma
2. Faculty & Lab. Assistant for Mechanical Branch, Civil Branch, Electrical Branch and Mining
3. Accountant
4. Receptionist cum Counsellor
5. Peon
6. Hostel Warden both ladies and gents
7. Gardener
8. Driver (Minimum 5 years experience)
9. Data Entry Operator
ZENITH SCHOOL OF MANAGEMENT (MBA)
1. Principal
2. Administrative Officer
3. Lecturer in Finance
4. Lecturer in Operation & IT Management
5. Lecturer in Marketing & Human Research
KALINGA VISION SCIENCE HSS (+2 Sc. Residential)
1. Principal
2. Faculty for following subjects: Physics, Chemistry, Mathematics, Botany, Zoology, IT, English & Odia
3. Lab. Assistant for Physics, Chemistry & Biology
Candidates should come with complete resume. Salary and other benefits based on qualification and experience.
Date of Interview 8th & 9th October (Time: 10.30 A.M. onwards)
Address: ZENITH INSTITUTE OF SCIENCE & TECHNOLOGY
Pitapalli, Khurdha, Odisha- 752057, Mob: 8908018083, E-mail: zistorissa@gmail.com

# ଟପ୍-୨ ଟାର୍ଗେଟ୍‌ରେ ବାଙ୍ଗାଲୋର

**ଆବୁଧାବି,୫।୧୦**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୧୪ତମ ସଂସ୍କରଣରେ ପ୍ଲେ-ଅଫ୍‌ରେ ସ୍ଥାନ ହାସଲ କରିସାରିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବୁଧବାର ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ଏହି ମୁକାବିଲାରେ କେନ ୱିଲିୟମସନଙ୍କ ହାଇଦ୍ରାବାଦକୁ ହରାଇ ବାଙ୍ଗାଲୋର ପଏଣ୍ଟ ତାଲିକାରେ ଶ୍ରେଷ୍ଠ-୨ଟି ସ୍ଥାନରେ ରହିବାକୁ ପ୍ରୟାସ କରିବ। ପ୍ରଥମଥର ପାଇଁ ଆଇପିଏଲ୍ ଟାଇଟଲ ହାସଲ ଲକ୍ଷ୍ୟରେ ରହିଥିବା ବାଙ୍ଗାଲୋର ଏବେ ୧୨ଟି ମ୍ୟାଚ୍ ଖେଳି ୮ ବିଜୟ ଓ ୪ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ପଏଣ୍ଟ ପାଇ ଶୀର୍ଷରେ ରହିଥିବା ବେଳେ ଚେନ୍ନାଇ ସୁପର କିଙ୍ଗ୍ସ ଦ୍ୱିତୀୟ ସ୍ଥାନରେ ରହିଛି।

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଅନ୍ତିମ ମୁକାବିଲା ପୂର୍ବରୁ ହାଇଦ୍ରାବାଦକୁ ହରାଇପାରିଲେ ବାଙ୍ଗାଲୋରର ଆତ୍ମବିଶ୍ୱାସ ନିଶ୍ଚିତ ଭାବେ ବୃଦ୍ଧି ପାଇବ। ଅନ୍ତିମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହେଲେ ବାଙ୍ଗାଲୋର ୨୦ ପଏଣ୍ଟ ହାସଲ କରିବ ଓ ତାଲିକାର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିବ। ୟୁଏଇ ଲେଗ୍ ଅର୍ଥାତ୍ ଲିଗ୍‌ର ଦ୍ୱିତୀୟ ଫେଜ୍‌ରେ ବାଙ୍ଗାଲୋର କିନ୍ତୁ କୋଲକାତା ଓ ଚେନ୍ନାଇଠାରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ବାଙ୍ଗାଲୋର ପୂରା ଢଙ୍ଗରେ ପ୍ରତ୍ୟାବର୍ତ୍ତନ କରିଥିଲା ଓ ହ୍ୟାଟ୍ରିକ୍ ବିଜୟ ହାସଲ କରି ପ୍ଲେ- ଅଫ୍‌ରେ ସ୍ଥାନ ପକ୍କା କରିଥିଲା। ବିଜୟର ଏହି ଧାରାକୁ ବଜାୟ ରଖିବାକୁ ବାଙ୍ଗାଲୋର ଏବେ ପ୍ରୟାସ କରିବ। ଦ୍ୱିତୀୟ ପର୍ଯ୍ୟାୟରେ ଅଧିନାୟକ କୋହଲି ବଡ଼ ସ୍କୋର ହାସଲ କରିପାରି ନ ଥିଲେ ମଧ୍ୟ ଉପଯୋଗୀ ବ୍ୟାଟିଂ କରିଛନ୍ତି। ସେହିପରି ଯୁବ ଓପନର ଦେବଦତ୍ତ ପଡିକାଲ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଷ୍ଟାର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ କିନ୍ତୁ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ଗତ ମ୍ୟାଚରେ ସେ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୩୩ ବଲରୁ ୫୭ ରନକରି କ୍ରମାଗତ ତୃତୀୟ ଅର୍ଦ୍ଧଶତକ ହାସଲ କରିଥିଲେ ଓ ଦଳର ସ୍କୋରକୁ ୧୬୪/୭ରେ ପହଞ୍ଚାଇବା ସହ ଦଳକୁ ଜିତାଇଥିଲେ।



ଅଭ୍ୟାସ ଅବସରରେ ଗ୍ଲେନ ମ୍ୟାକ୍ସୱେଲ।

## ହାର୍ଦ୍ଦିକ ବୋଲିଂ ନ କରିବାରୁ ଭାରତ, ମୁମ୍ବାଇ ପାଇଁ ଝଟକା: ଗାଭାସ୍କର



**ଦୁବାଇ,୫।୧୦:** ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବୋଲିଂ କରୁନାହାନ୍ତି। ଏହା କେବଳ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ନୁହେଁ, ଭାରତ ପାଇଁ ଝଟକା ସଦୃଶ ହୋଇଛି ବୋଲି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର କହିଛନ୍ତି। ଆଉ କିଛି ଦିନ ପରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ସେ ସତର୍କ କରାଇଦେଇଛନ୍ତି। ଟି୨୦ ବିଶ୍ୱକପ୍ ଦଳରେ ହାର୍ଦ୍ଦିକ ସ୍ଥାନ ପାଇଛନ୍ତି। କିନ୍ତୁ ବରୋଦାର ଏହି ଅଲରାଉଣ୍ଡର ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ବୋଲିଂ କରୁନାହାନ୍ତି। ୨ ବର୍ଷ ତଳେ ସେ ୟୁନାଇଟେଡ କିଙ୍ଗଡମ୍‌ରେ ପିଠିରେ ଅସ୍ତ୍ରୋପଚାର କରାଇଥିଲେ। ସେ ଜଣେ ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି, ଜଣେ ବ୍ୟାଟ୍ସମ୍ୟାନ ଭାବେ ନୁହେଁ। ଯଦି ଜଣେ ୬ କିମ୍ବା ୭ ନମ୍ବରରେ ବ୍ୟାଟିଂ କରନ୍ତି ଓ ବୋଲିଂ କରିବାକୁ ସକ୍ଷମ ନୁହନ୍ତି ତେବେ ଅଧିନାୟକଙ୍କ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ଗାଭାସ୍କର ସ୍ପଷ୍ଟ କରିଛନ୍ତି। ସେହିପରି ଦୁଇ ଯୁବ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନ ଭାରତୀୟ ଦଳରେ ସ୍ଥାନ ପାଇବା ପରେ ବେଶ୍ ହାଲୁକା ହୋଇଯାଇଛନ୍ତି। ତେଣୁ ଆଇପିଏଲ୍‌ରେ ଏହି ଦୁଇଜଣଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଲିଗ୍‌ର ୟୁଏଇ ଲେଗ୍‌ରେ ଦୁଇଜଣ ସାଂଘାତିକ ଭାବେ ଫର୍ମ ହରାଇଛନ୍ତି। ଚଳିତ ଆଇପିଏଲ୍‌ରେ ୧୨ଟି ମ୍ୟାଚ୍ ଖେଳି ସୂର୍ଯ୍ୟକୁମାର ୧୮.୫୦ ରନ ହାରରେ ମାତ୍ର ୨୨୨ ରନ ସଂଗ୍ରହ କରିଛନ୍ତି।

# ଜାତୀୟ ହକି କ୍ୟାମ୍ପ ଆରମ୍ଭ

**ବେଙ୍ଗାଲୁରୁ, ୫।୧୦(ପି.ଟି.)**

ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପରିସରରେ ଭାରତୀୟ ସିନିୟର ହକି ଦଳର କ୍ୟାମ୍ପ ଆରମ୍ଭ ହୋଇଛି। ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ବିଜୟ ପରେ ଆଗାମୀ ଟୁର୍ନାମେଣ୍ଟ ଗୁଡ଼ିକ ଉପରେ ଫୋକସ କରିବା ଏହି କ୍ୟାମ୍ପର ମୁଖ୍ୟ ଲକ୍ଷ୍ୟ ବୋଲି କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି। କୋଭିଡ-୧୯ ମହାମାରୀ ଜନିତ ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ ଭରପୂର ସମର୍ଥନ ଯୋଗାଇ ଦେଇଥିବାରୁ ସେ ସାଇ ସେଣ୍ଟରକୁ ଧନ୍ୟବାଦ ଜଣାଇଛନ୍ତି। ‘‘ଖେଳାଳିମାନେ କ୍ୟାମ୍ପକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଆମେ ଭବିଷ୍ୟତର ଟୁର୍ନାମେଣ୍ଟ ଗୁଡ଼ିକ ଉପରେ ନଜର ରଖିଛୁ’’ ବୋଲି ରିଡ୍ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ସଫଳତା ପରେ ଖେଳାଳିଙ୍କ ପାଇଁ ବିଶ୍ରାମ ନିହାତି ଆବଶ୍ୟକ ଥିଲା। କିଛି ଦିନ ଘରେ ସମୟ କଟାଇବାପରେ ଖେଳାଳିମାନେ ପୁଣି ସୋମବାରଠାରୁ କ୍ୟାମ୍ପରେ ଯୋଗ ଦେଇଛନ୍ତି। କ୍ୟାମ୍ପରେ କୋଭିଡ ସମ୍ପର୍କିତ ପ୍ରୋଟୋକଲକୁ କଡ଼ାକଡ଼ିଭାବେ ପାଳନ କରାଯାଉଛି ବୋଲି ସାଇ ପକ୍ଷରୁ ଏକ ବିବୃତ୍ତି ମାଧ୍ୟମରେ ପ୍ରକାଶ କରାଯାଇଛି। କ୍ୟାମ୍ପରେ ପହଞ୍ଚିବାପରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କର ର୍‍ୟାପିଡ ଆଣ୍ଟିଜେନ ଟେଷ୍ଟ (ଆରଏଟି) କରାଯାଇଛି ଏବଂ କ୍ୱାରାଣ୍ଟାଇନ୍ ନିୟମ ଅନୁସାରେ ସେମାନଙ୍କୁ ଅଲଗା ରୁମ୍‌ରେ ରଖାଯାଇଛି। ହକି ଖେଳାଳିଙ୍କ ଆଉଟଡୋର ଟ୍ରେନିଂ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କରାଯାଉଛି। ସେମାନଙ୍କୁ ବେଙ୍ଗାଲୁରୁସ୍ଥିତ ସାଇର ଅନ୍ୟ ଆଥଲେଟ୍‌ଙ୍କ ସହ ମିଶିବାକୁ ଦିଆ ଯାଉନାହିଁ। ସାଇର ପରିବର୍ତ୍ତିତ ଏସ୍‌ଓପି ଅନୁସାରେ ଖେଳାଳିଙ୍କୁ ଆଉଟଡୋର ଟ୍ରେନିଂ ପାଇଁ ଅନୁମତି ମିଳିଛି। ‘‘ଡିସେମ୍ବରରେ ଢାକାରେ ହେବାକୁଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ଉପରେ ଆମର ଫୋକସ ରହିଛି। ଏକମାସ ବ୍ୟାପୀ ହେବାକୁଥିବା କ୍ୟାମ୍ପରେ ଖେଳାଳିଙ୍କ ଶାରୀରିକ କ୍ଷମତାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯିବ’’ ବୋଲି ଭାରତୀୟ ଦଳର ସହକାରୀ କୋଚ୍ ପୀୟୁଷ ଦୁବେ ପ୍ରକାଶ କରିଛନ୍ତି। ୨୦୨୨ ସେପ୍ଟେମ୍ବରରେ ଚାଇନାରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭାରତ ୨୦୨୨ରେ ଘରୋଇ ପରିବେଶରେ ଏଫ୍‌ଆଇଏଚ୍ ବିଶ୍ୱକପ ଖେଳିବ। ଏହି ମେଗା ଇଭେଣ୍ଟ ଓଡ଼ିଶାରେ ଅନୁଷ୍ଠିତ ହେବ। ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ମଧ୍ୟ ବେଙ୍ଗାଲୁରୁ ସାଇର ପ୍ରଶାସନ ଏବଂ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୋମବାର ସାଇ କ୍ୟାମ୍ପରେ ପହଞ୍ଚିବାପରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତୀୟ ସିନିୟର ଖେଳାଳିଙ୍କ ସହ ଜୁନିୟର ଖେଳାଳିଙ୍କୁ ମଧ୍ୟ ପାରମ୍ପରିକଭାବେ ସ୍ୱାଗତ କରାଯାଇଥିଲା।



ମୁଖ୍ୟ କୋଚ୍ ଗ୍ରାହାମ ରିଡ୍।

## ଅମ୍ପାୟରିଂର ମାନକୁ ସମାଲୋଚନା

**ଦୁବାଇ, ୫।୧୦:** ଚଳିତ ଆଇପିଏଲରେ ଅମ୍ପାୟରିଂ ମାନ ନେଇ ପୂର୍ବତନ କ୍ରିକେଟର ସୁନୀଲ ଗାଭାସ୍କର ପ୍ରଶ୍ନ ଉଠାଇଛନ୍ତି। ଲିଗ୍‌ର ଅମ୍ପାୟରିଂଙ୍କୁ ସେ ସମାଲୋଚନା କରିଛନ୍ତି। ସୋମବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଅମ୍ପାୟର ଅନିଲ ଚୌଧୁରୀ ନୋ ବଲ୍‌ରୁ ନିଜ ନିଷ୍ପତ୍ତିକୁ ୱାଇଡ ବଲ୍‌କୁ ପରିବର୍ତ୍ତନ କରିଥିଲେ। ବ୍ରାଭୋଙ୍କ ଏହି ବଲ୍ ପିଚ୍ ବାହାରେ ପଡିଥିଲା ଓ ଏହା ସ୍ପଷ୍ଟ ଭାବେ ଏକ ନୋ ବଲ୍ ଥିଲା।

# ଏଏଫ୍‌ସି ‘ବି’ ଡିପ୍ଲୋମା କୋଚିଂ କୋର୍ସ ଆରମ୍ଭ

**ଭୁବନେଶ୍ୱର, ୫।୧୦(କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏଏଫ୍‌ସି ‘ବି’ ଡିପ୍ଲୋମା କୋଚିଂ କୋର୍ସ (ପ୍ରଥମ ମଡ୍ୟୁଲ) ମଙ୍ଗଳବାର କ୍ୟାପିଟାଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଭାରତର ବିଭିନ୍ନ ସ୍ଥାନରୁ ୨୩ ଜଣ କୋଚ୍ ଏହି କୋର୍ସ ଆରମ୍ଭ କରିଛନ୍ତି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଏହି କୋର୍ସ ପାଇଁ ମାରିଆନୋ ଡିଆସଙ୍କୁ ଇନ୍‌ଷ୍ଟ୍ରକ୍ଟର ଏବଂ ସାଜିଦ ୟୁସୁଫଙ୍କୁ ସହଯୋଗୀ ଇନ୍‌ଷ୍ଟ୍ରକ୍ଟରଭାବେ ନିଯୁକ୍ତି ଦେଇଛି। ଏହି କୋର୍ସ ଚଳିତ ମାସ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଏହି କୋଚିଂ କୋର୍ସ ଏକାଥରେ ହେଉଥିଲା। ମାତ୍ର ତାହା କଷ୍ଟସାଧ୍ୟ ହେବାରୁ ତାହାକୁ ଏବେ ୩ଟି ମଡ୍ୟୁଲରେ ବିଭକ୍ତ କରାଯାଇଛି। ଅର୍ଥାତ୍ କୋଚ୍‌ମାନେ ପ୍ରଥମ ମଡ୍ୟୁଲ କୋର୍ସ କରିବାର ୨ ମାସ ପରେ ଦ୍ୱିତୀୟ ମଡ୍ୟୁଲ ଏବଂ ଏହାର ୨ ମାସ ପରେ ତୃତୀୟ ମଡ୍ୟୁଲ କୋର୍ସ କରିବେ। ଫଳରେ କୋର୍ସ ଶେଷ କରିବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ ଏବଂ ସେମାନେ ସଫଳତାର ସହ ଏଥିରେ ଉତ୍ତୀର୍ଣ୍ଣ ହେବାର ସୁଯୋଗ ରହିବ।




ଏଏଫ୍‌ସି ‘ବି’ ଡିପ୍ଲୋମା କୋଚିଂ କୋର୍ସରେ ଅଂଶଗ୍ରହଣ କରିଥିବା କୋଚ୍‌ମାନେ ଇନ୍‌ଷ୍ଟ୍ରକ୍ଟରଙ୍କ ସହ।

## ରାଜ୍ୟ ଖବର

# ଉଠାଦୋକାନୀଙ୍କୁ ଉଚ୍ଛେଦ ଆରମ୍ଭ

**ରାଉରକେଲା ଅଫିସ,୫।୧୦**

ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥବବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଆର୍‌ଏମ୍‌ସି ଲ୍ୟାଣ୍ଡଗାର୍ଡ଼ ଓ ଟ୍ରାଫିକ୍ ପୋଲିସ ସହାୟତାରେ ଉକ୍ତ ଦୋକାନୀମାନଙ୍କୁ ରାସ୍ତା କଡରେ ଦୋକାନ ନ ଲଗାଇବାକୁ ଚେତାବନୀ ଦିଆଯାଇଛି। ଆଗାମୀ ଦିନରେ ଏହା ଜାରି ରହିବ ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ବିଶେଷ କରି ବିଶ୍ରା ଛକ, ମଧୁସୂଦନ ମାର୍କେଟ, ଟ୍ରାଫିକ ଗେଟ୍ ଭଳି ବିଭିନ୍ନ ମାର୍କେଟରେ ଥିବା ଉଠା ଦୋକାନୀମାନେ ବ୍ୟବସାୟ କରୁଛନ୍ତି। ଫଳରେ ଏହି ମାର୍କେଟକୁ ଆସୁଥିବା ଗାଡ଼ି ପାର୍କିରେ ଅସୁବିଧା ହେଉଛି। ଉଠାଦୋକାନୀମାନେ ରାସ୍ତା କଡ଼ରେ ତିଆରି ହୋଇଥିବା ପାର୍କି ସ୍ଥାନରେ ସେମାନଙ୍କ ଠେଲା ଲଗାଇବା ସହ ପାଦଚଲା ଫୁଟ୍‌ପାଥରେ ନିଜର ବ୍ୟବସାୟ ସାମଗ୍ରୀ ରଖି ଜବରଦଖଲ କରୁଛନ୍ତି। ସହରର ମଧୁସୂଦନ ମାର୍କେଟର ଫୁଟ୍‌ପାଥକୁ ବିଭିନ୍ନ ସମୟରେ ଉଠା ଦୋକାନୀମାନେ କବ୍‌ଜା କରି ରଖୁଥିବାରୁ ଯାତାୟାତରେ ଅସୁବିଧା ହେଉଛି।

## ନାବାଳିକା ଗଣବଳାତ୍କାର ମାମଲା

# ୩ ଅଭିଯୁକ୍ତଙ୍କୁ ୨୫ବର୍ଷ କାରାଦଣ୍ଡ

**ସୁନ୍ଦରଗଡ଼, ୫।୧୦ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ପକସୋ ଅଦାଲତ ଜନୈକା ନାବାଳିକା ଗଣବଳାତ୍କାର ମାମଲାରେ ୩ ଅଭିଯୁକ୍ତଙ୍କୁ ୨୫ବର୍ଷ ଲେଖାଏଁ କାରାଦଣ୍ଡାଦେଶ ଦେଇଥିବାବେଳେ ଅନ୍ୟ ଜଣେ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଜିଲାର ରାଉରକେଲା ଅଞ୍ଚଳରେ ଘଟିଥିବା ଏହି ୨ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୁନ୍ଦରଗଡ଼ ଅତିରିକ୍ତ ଜିଲାଦୌରାଜଜ୍ ତଥା ପକସୋ ପ୍ରିଜାଇଡିଂ ଅଫିସର ପାର୍ଥସାରଥି ପଟ୍ଟନାୟକ ମଙ୍ଗଳବାର ରାୟ ଶୁଣାଇଛନ୍ତି। ଉଭୟ ମାମଲାରେ ଅଭିଯୁକ୍ତମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଓ ଜରିମାନା ଅନାଦେୟ ଅଧିକ ୧ବର୍ଷ ଲେଖାଏଁ କାରାଦଣ୍ଡ ସକାଶେ ଅଦାଲତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଗଣବଳାତ୍କାର ମାମଲା ଗତ ୨୦୧୫ ମସିହା ମେ ୧୦ ସନ୍ଧ୍ୟା ସାଢେ ୬ଟାବେଳେ ରଘୁନାଥପାଲି ଥାନା ଗଡିଆଟୋଲିରେ ଘଟିଥିଲା। ଏହି ମାମଲାର ଅଭିଯୁକ୍ତମାନେ ହେଲେ ଗଡ଼ିଆଟୋଲି ଗ୍ରାମର ଶିବୁ କୁମାର ଓରାମ (୩୫), ଅଜିତ କୁମାର ପଣ୍ଡା (୨୪) ଓ ଗଣେଶ ସାନ୍ଦିଲ (୨୪)। ରାଉରକେଲା ସେକ୍ଟର ୩ରେ ମାମୁଁ ଘରେ ରହୁଥିବା ନାବାଳିକା (୧୭) ଘଟଣା ଦିନ ସନ୍ଧ୍ୟା ୫ଟାରେ ତାଙ୍କ ଜଣେ ଯୁବ ସାଙ୍ଗଙ୍କୁ ଭେଟିବା ପାଇଁ ଗଡିଆଟୋଲି ରାସ୍ତାରେ ଯାଉଥିବାବେଳେ ୩ ଅଭିଯୁକ୍ତ ପହଞ୍ଚି ଧମକଚମକ ଦେଇ ଟେକିନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ରଘୁନାଥପାଲି ଥାନାରେ ଏକ ମାମଲା (ନଂ. ୯୧।୨୦୧୫) ରୁଜୁ ହୋଇଥିଲା। ସେହିପରି ୨୦୧୪ ଅଗଷ୍ଟ ୨୮ରେ ରାଉରକେଲା ଟାଙ୍ଗରପାଲି ଥାନା ଅଞ୍ଚଳରେ ଜନୈକା ନାବାଳିକା(୯) ଖେଳିବାକୁ ଯାଇଥିବା ବେଳେ ଅଭିଯୁକ୍ତ ଲେଙ୍ଗଡାବସାର କାହ୍ନୁ ବିନ୍ଧାଣୀ (୨୮) ତାଙ୍କୁ ବଳାତ୍କାର କରିଥିଲେ। ଏହି ମାମଲାର ବିଚାର କରି ଅଦାଲତ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଏହି ଘଟଣାରେ ଟାଙ୍ଗରପାଲି ଥାନାରେ ଏକ ମାମଲା (ନଂ. ୧୨୨।୧୪) ରୁଜୁ ହୋଇଛି। ପ୍ରଥମ ମାମଲାରେ ଅଦାଲତ ପୀଡିତାଙ୍କୁ ୭ଲକ୍ଷ ଟଙ୍କା ଓ ଦ୍ୱିତୀୟ ମାମଲାରେ ପୀଡିତାଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି। ଉଭୟ ମାମଲାରେ ପକସୋ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶୀଷ ମିଶ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# ରାଜଧାନୀରେ ବଜ୍ରକାପ୍ତା ର୍‍ୟାକେଟ, ପାର୍କରେ ଡିଲ୍

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

## ୨ କେଜିରୁ ଉର୍ଦ୍ଧ୍ୱ କାତି ଜବତ, ୨ ଗିରଫ

ରାଜଧାନୀରେ ବଜ୍ରକାପ୍ତା କାତି ର୍‍ୟାକେଟ। ପାର୍କରେ ହେଲା ଡିଲ୍। ଶେଷରେ ର୍‍ୟାକେଟରେ ସମ୍ପୃକ୍ତ ଦୁଇଜଣଙ୍କୁ କ୍ରାଇବ୍ରାଞ୍ଚ ଏସ୍‌ଟିଏଫ୍ ଓ ୱାଇଲ୍ଡଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଗିରଫ କରିବା ସହ ସେମାନଙ୍କଠାରୁ ୨କେଜିରୁ ଉର୍ଦ୍ଧ୍ୱ କାତି ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଲିପାଟଣା ଅଞ୍ଚଳର ସୁକାନ୍ତ କୁମାର ମୁଦୁଲି ଓ ପିପିଲି ଅଞ୍ଚଳର ପ୍ରସନ୍ନ ରାୟ। ଏନେଇ ଅଧିକ ତଦନ୍ତ ଚାଲିଥିବା ଜଣେ ଅଧିକାରୀ କହିଛନ୍ତି।

ତାଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ବଜ୍ରକାପ୍ତା ର୍‍ୟାକେଟ ନେଇ ଖବର ମିଳିବା ପରେ ଡବ୍ଲ୍ୟୁସିସିବିର ଜଣେ ଅଧିକାରୀ ଗ୍ରାହକ ହୋଇ ପ୍ରଥମେ ସୁକାନ୍ତଙ୍କ ସହ ଯୋଗାଯୋଗ କରିଥିଲେ। ସୁକାନ୍ତ କାରବାରର ତରିକା ଜଣାଇ କେତେକ ସର୍ତ୍ତ ରଖିଥିଲେ। ପ୍ରଥମେ ୧୫ କାତିକୁ ୮୦ହଜାର ଟଙ୍କା ଦେଇ କିଣିବା ପରେ ଅଧିକ କାତି କିଣିବାକୁ କହିଥିଲେ। ଏପରିକି କଥାବାର୍ତ୍ତାବେଳେ ଅନ୍ୟଜଣଙ୍କ ପାଖରେ ୨ କେଜି କାତି ଥିବା ମଧ୍ୟ ସେ ଜଣାଇଥିଲେ। ଏଥିରେ ଅଧିକାରୀ ଜଣକ ରାଜି ହେବା ପରେ ସୁକାନ୍ତ ଇନ୍ଦିରାଗାନ୍ଧୀ ପାର୍କକୁ ଡାକିଥିଲେ। ଏହାପରେ ଏସ୍‌ଟିଏଫ୍ ସହ ଯୋଗାଯୋଗ କରାଯାଇ ସେଠାରେ ଚଢ଼ାଉ ଯୋଜନା ହୋଇଥିଲା। ମଙ୍ଗଳବାର ସୁକାନ୍ତ ଇନ୍ଦିରାଗାନ୍ଧୀ ପାର୍କରେ ୧୫ କାତି ଧରି ଅପେକ୍ଷା କରିଥିଲେ। ଏହି ସମୟରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୫ ବଜ୍ରକାପ୍ତା କାତି ଜବତ କରିଥିଲା। ପରେ ସୁକାନ୍ତଙ୍କୁ ଧରି ଟିମ୍ ର୍‍ୟାକେଟର ମାଷ୍ଟରମାଇଣ୍ଡ୍ ପ୍ରସନ୍ନଙ୍କୁ ପିପିଲି ଟୋଲ ଗେଟ୍ ନିକଟ ଜଇସି ପାଟଣା ଛକରୁ ଧରିଥିଲା। ତାଙ୍କଠାରୁ ୨ କେଜିରୁ ଉର୍ଦ୍ଧ୍ୱ କାତି ଜବତ କରାଯାଇଥିଲା। ୨ ଅଭିଯୁକ୍ତଙ୍କ ପାଖରୁ ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଉଭୟଙ୍କୁ ଭୁବନେଶ୍ୱର ଅଣାଯାଇ ପଚରାଉଚରା କରାଯାଉଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଏହି ଅପରେଶନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ସହିତ ଡବ୍ଲ୍ୟୁସିସିବିର ଏକ ଦୁଇ ଜଣିଆ ଟିମ୍, ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ମଧ୍ୟ ସାମିଲ ଥିଲେ। ତେବେ ଏସ୍‌ଟିଏଫ୍ ଏହି ମାମଲାକୁ ନଗର ବନଖଣ୍ଡକୁ ହସ୍ତାନ୍ତର କରିଥିବାବେଳେ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।



# ବନ୍ୟଜନ୍ତୁ ଅପେକ୍ଷା ଆର୍ଦ୍ରଭୂମିରେ ମଣିଷ ବେଶି

**କେନ୍ଦ୍ରାପଡ଼ା ଅଫିସ, ୫।୧୦**

## ଭିତରକନିକାକୁ ବିଶ୍ୱ ଐତିହ୍ୟ ସ୍ଥାନ ପ୍ରସଙ୍ଗ

- ଶିକାର ସହିତ ଜଙ୍ଗଲ ଜମିର ହେଉଛି ଜବରଦଖଲ
- ଆଇୟୁସିଏନ୍ ବୈଠକ ଆଲୋଚନାରେ ଉଦ୍‌ବେଗ

ଓଡ଼ିଶା ଏନ୍‌ଭାଇରନ୍‌ମେଣ୍ଟାଲ ସୋସାଇଟି ପକ୍ଷରୁ ୬୭ତମ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ଉପଲକ୍ଷେ ସାମ୍ପ୍ରତିକ ସ୍ଥିତିରେ ବନ୍ୟଜନ୍ତୁ ସଂରକ୍ଷଣ ଶୀର୍ଷକ ୱେବନାର ଅନୁଷ୍ଠିତ ହୋଇଯାଇଛି। ସୋସାଇଟି ସଭାପତି ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ୱେବନାରରେ ବିଶେଷଜ୍ଞମାନେ ଯୋଗଦେଇ ବନ୍ୟଜନ୍ତୁଙ୍କ ସଂରକ୍ଷଣରେ ମନୁଷ୍ୟର ଅଯଥା ହସ୍ତକ୍ଷେପକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏପରି କି ବନାଞ୍ଚଳରେ ଏହି ଅଯଥା ହସ୍ତକ୍ଷେପ ବହୁ ଚିହ୍ନଟ ପ୍ରଜାତିର ଜୀବଜନ୍ତୁ ଓ ଗଛଲତା ନଷ୍ଟ ହେବ ବୋଲି ୱାର୍ଲ୍ଡ ୱାଇଡ ଫଣ୍ଡ ଫର ନେଚର ଓ ୟୁନାଇଟେଡ ନେଶନ ଏନ୍‌ଭାଇରନ୍‌ମେଣ୍ଟ ପ୍ରୋଗ୍ରାମର ରିପୋର୍ଟକୁ ଉଦାହରଣ ଦେଇଛନ୍ତି। ଜାତୀୟ ଉଦ୍ୟାନ ଭିତରକନିକା ଏହାର ଏକ ଅନନ୍ୟ ଉଦାହରଣ।

ଏହି ଆର୍ଦ୍ରଭୂମିକୁ ବିଶ୍ୱ ଐତିହ୍ୟରେ ତାଲିକାଭୁକ୍ତ ପାଇଁ ୨୦୧୬ରେ ୟୁନାଇଟେଡ୍ ନେସନ୍ସ ଏଡୁକେଶନାଲ, ସାଇଣ୍ଟିଫିକ ଆଣ୍ଡ କଲ୍‌ଚରାଲ ଅର୍ଗାନାଇଜେଶନ (ୟୁନେସ୍କୋ) ପକ୍ଷରୁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ୍)ର ଏକ ଦୁଇ ଜଣିଆ ଟିମ୍ ଆସିଥିଲେ। ଟିମ୍ ସଦସ୍ୟମାନେ ଭିତରକନିକାର ଆଭ୍ୟନ୍ତରୀଣ ଅଞ୍ଚଳ ଅନୁଧ୍ୟାନ ପରେ ଫେରି ଯାଇଥିଲେ ମଧ୍ୟ ୨୦୧୭ ମସିହାର ବୈଠକରେ ଜଙ୍ଗଲର ଆଭ୍ୟନ୍ତରୀଣ ଅଞ୍ଚଳରେ ମନୁଷ୍ୟଙ୍କ ଅଯଥା ହସ୍ତକ୍ଷେପକୁ ନିନ୍ଦା କରିଛନ୍ତି। ଚିଙ୍ଗୁଡି ଘେରିଠାରୁ ଜଙ୍ଗଲ ଅଞ୍ଚଳରେ ଚାଷବାସ, ଶିକାର, ଜବରଦଖଲ ଆଦି ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରୁ ବଞ୍ଚିତ କରିଛି। ସେହିପରି ଇକୋ ସେନ୍ସିଟିଭ ଜୋନ୍ ଅଞ୍ଚଳରେ ମଣିଷଙ୍କ ଅତ୍ୟାଧୁନିକ ଜୀବନ ଶୈଳୀର ପ୍ରଭାବ ବନ୍ୟ ଜନ୍ତୁ ସଂରକ୍ଷଣରେ କ୍ଷତି ପହଞ୍ଚାଉଛି। ଜଙ୍ଗଲ ଜମି ଜବରଦଖଲ ଭିତରକନିକାରେ ଏକ ସମସ୍ୟା ହୋଇଥିବା ବେଳେ ବନ୍ୟଜନ୍ତୁଙ୍କ ଅପେକ୍ଷା ମଣିଷ ବେଶି ରହୁଛନ୍ତି ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପରିବେଶବିତ ବିରଜା ପ୍ରସାଦ ପାଣି, ହେମନ୍ତ କୁମାର ରାଉତ, ସମରେନ୍ଦ୍ର ମାହାଳି, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ କହିଛନ୍ତି, ଜାତୀୟ ଉଦ୍ୟାନ, ବନ୍ୟଜନ୍ତୁ ସଂରକ୍ଷଣ ଅଞ୍ଚଳ ଓ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ମିଶାଇ ଭିତରକନିକା ଗଠିତ। ଏହି ଅଞ୍ଚଳରେ ଥିବା ୪୧୦ରୁ ଅଧିକ ଗାଁରେ ଲକ୍ଷାଧିକ ଲୋକ ରହୁଛନ୍ତି। ଗୋରୁ ମହିଷାଦି ପ୍ରାଣୀ ପାଳନ ହେଉଥିବା ବେଳେ ନିଷିଦ୍ଧାଞ୍ଚଳରେ ଗ୍ରାମବାସୀଙ୍କ ପ୍ରବେଶ ଏକ ସାଧାରଣ ଘଟଣା ହୋଇଛି। ବନ୍ୟ ଓ ସାମୁଦ୍ରିକ ଜୀବର ଶିକାର ପ୍ରତ୍ୟହ ଚାଲିଛି। ବନ ବିଭାଗ ପକ୍ଷରୁ ନାମକୁ ମାତ୍ର ଶିକାରୀ ଅଥବା ମତ୍ସ୍ୟଜୀବୀଙ୍କୁ ଧରୁଛନ୍ତି। ଗିରଫ ବ୍ୟକ୍ତିଙ୍କଠାରୁ ଅଧିକ ସଂଖ୍ୟକ ଏହି କର୍ମରେ ଲିପ୍ତ ରହୁଛନ୍ତି। ଚିଙ୍ଗୁଡି ଘେରି ବନ୍ୟ ପରିବେଶକୁ ନଷ୍ଟ କରୁଛି। ସେହିପରି ଜଙ୍ଗଲ ଜମିରୁ ଗଛ କାଟି ବହୁ ଅନୁପ୍ରବେଶକାରୀ ଜବରଦଖଲ କରୁଛନ୍ତି। ଗୃହପାଳିତ ପ୍ରାଣୀଙ୍କ ରୋଗ ବନ୍ୟ ଜୀବଙ୍କୁ ସଂକ୍ରମିତ କରୁଛି। ଏହା ବ୍ୟତୀତ ଭିତରକନିକା ନିକଟରେ ଧାମରା ବନ୍ଦର ଓ ହୁଇଲର ଦ୍ୱୀପ ବନ୍ୟ ଜୀବଜନ୍ତୁଙ୍କୁ ପ୍ରଭାବିତ କରୁଛି। ଆଗାମୀ ଦିନରେ ଏହି ବନାଞ୍ଚଳ ମଧ୍ୟ ଦେଇ ଜାତୀୟ ଜଳପଥ ନଂ. ୫ କାର୍ଯ୍ୟକାରୀ ହେବ। ସେହିପରି ଉପକୂଳ ରାଜପଥ ଆର୍ଦ୍ରଭୂମିକୁ ଦୁଇ ଭାଗ କରିବ। ଅତ୍ୟଧିକ ଯାନ ଗତାଗତ ବନ୍ୟଜନ୍ତୁ ସଂରକ୍ଷଣରେ ବାଧା ସୃଷ୍ଟି କରିବ। ଜଙ୍ଗଲ ମଧ୍ୟରେ ମଣିଷଙ୍କ ପ୍ରଭାବ ଏତେ ବଢ଼ି ଯାଇଛି ଯେ, ଆଇୟୁସିଏନ୍ ରେଡ ଲିଷ୍ଟ ପ୍ରଜାତିରେ ଥିବା ଜୀବଜନ୍ତୁ ଓ ଗଛଲତା ନଷ୍ଟ ହେବା ସମ୍ଭାବନା ଅଧିକ ରହୁଛି। ଆଭ୍ୟନ୍ତରୀଣ ଅଞ୍ଚଳରୁ ସ୍ଥାନାନ୍ତର ଏହାର ସମାଧାନ ହୋଇଥିଲା ବେଳେ ଏଥିପ୍ରତି ପର୍ଯ୍ୟାବରଣ ବିଭାଗ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା କହିଛନ୍ତି, ଭିତରକନିକାକୁ ବିଶ୍ୱ ଐତିହ୍ୟ ମାନ୍ୟତା ମିଳିଲେ ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ଜିଲାର ଆର୍ଥିକ ଉନ୍ନତି ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ବିଭିନ୍ନ ବିଭାଗର ସମନ୍ୱୟରେ ଏ ନେଇ ବୈଠକ ହେବ ବୋଲି ଏଡିଏମ୍ ମହାରଣା ସୂଚନା ଦେଇଛନ୍ତି।



ଶିକାରୀଙ୍କଠାରୁ ଜାତୀୟ ଉଦ୍ୟାନରୁ ଜବତ ହୋଇଥିବା ଫାସ, ଜାଲ ଓ କଟୁରୀ।

**ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ୧୧ ଲଞ୍ଚ**

ମାଇକ୍ରୋସଫ୍ଟ ପକ୍ଷରୁ ଆନୁଷ୍ଠାନିକ ଭାବେ ୱିଣ୍ଡୋଜ୍ ୧୧ ଲଞ୍ଚ କରାଯାଇଛି। ଲ୍ୟାପ୍‌ଟପ୍ ଏବଂ ଡେସ୍କଟପ୍ ୟୁଜର ଏହାକୁ ଡାଉନଲୋଡ କରିପାରିବେ। ୟୁଜର୍ସ ଏଥିରେ ଅନେକ ପରିବର୍ତ୍ତିତ ଫିଚର୍ ପାଇପାରିବେ। ୱିଣ୍ଡୋଜ ୧୧ ବାଦ କମ୍ପାନୀ ଅଫିସ ୨୦୨୧ ମଧ୍ୟ ଜାରି କରିଛି। ନୂଆ କମ୍ପ୍ୟୁଟରଗୁଡ଼ିକରେ ମଧ୍ୟ ୱିଣ୍ଡୋ ୧୧ ପ୍ରି-ଇନଷ୍ଟଲ ଦିଆଯିବ। ନୂଆ ଅପ୍‌ଡେଟ ନେବା ଲାଗି ଲୋକଙ୍କୁ ୪ଜିବି ର୍‌ୟାମ୍ ଏବଂ ୬୪ ଜିବି ଷ୍ଟୋରେଜ ରଖିବା ଜରୁରୀ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ପାୱାର ପ୍ଲାଣ୍ଟରେ କୋଇଲା ଅଭାବ ଉତ୍କଟ



- ମାତ୍ର ୪ ଦିନର ଷ୍ଟକ୍ ରହିଛି
- ବର୍ଷକରେ ୬୩% ବଢ଼ିଛି ବିଜୁଳି ଦର

**ନୂଆଦିଲ୍ଲୀ,୫।୧୦**

ଭାରତରେ ଚାଇନା ଭଳି ବିଦ୍ୟୁତ୍ ଶକ୍ତି ସଙ୍କଟ ଉପୁଜିବା ନେଇ ଆଶଙ୍କା କରାଯାଉଛି। ଏହା ଶକ୍ତି କ୍ଷେତ୍ରର କାର୍ଯ୍ୟକଳାପକୁ ଠପ୍ କରିପାରେ। ବିଜୁଳି ଉତ୍ପାଦନ ଲାଗି ପାୱାର ପ୍ଲାଣ୍ଟଗୁଡ଼ିକରେ ବହୁତ କମ୍ କୋଇଲା ଗଚ୍ଛିତ ରହିଛି। ଭାରତ ଉତ୍ପାଦନ କରୁଥିବା ପ୍ରାୟ ୭୦% ବିଜୁଳି କୋଇଲା ବ୍ୟବହାର ଦ୍ୱାରା ପ୍ରସ୍ତୁତ ହେଉଛି। କୋଇଲା ଅଭାବ ଯୋଗୁ ଏହାର ପ୍ରଭାବ କମ୍ପାନୀଗୁଡ଼ିକ ଉପରେ ପଡ଼ିଛି। ଫଳରେ ଗତ ଏକ ବର୍ଷ ମଧ୍ୟରେ ବିଜୁଳି ଦର ପ୍ରାୟ ୬୩% ବଢ଼ିଥିବା ଜଣାପଡ଼ିଛି। ତେବେ ବିଜୁଳି ଦର ଆଗକୁ ବଢ଼ିବ କି ନାହିଁ ତାହା କମ୍ପାନୀଗୁଡ଼ିକର ଆଗାମୀ କାର୍ଯ୍ୟପନ୍ଥା ଉପରେ ନିର୍ଭର କରିବ। କାରଣ ଦର ବଢ଼ାଇବା ଲାଗି ସେମାନେ ନିୟାମକଙ୍କ ମଞ୍ଜୁରୀ ନେବାର ଆବଶ୍ୟକତା ରହିଛି।

ବଜାର ବିଶେଷଜ୍ଞଙ୍କ କହିବା ମୁତାବକ, କୋଇଲାର ଅଭାବ ଯୋଗୁ ଯଦି କୋଇଲା ଅଭାବ ଯୋଗୁ ବିଜୁଳି ଶକ୍ତିର ଅଭାବ ଦେଖାଯାଏ ତେବେ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାର ଚକା ଜାମ୍ ହୋଇପାରେ। ଅର୍ଦ୍ଧାଧିକ ପ୍ଲାଣ୍ଟରେ ଉତ୍ପାଦନ ଠପ୍ ହେବା ନେଇ ମଧ୍ୟ ଆଶଙ୍କା କରାଯାଉଛି। ସରକାରୀ ତଥ୍ୟ ମୁତାବକ, ସେପ୍ଟେମ୍ବର ଶେଷ ସୁଦ୍ଧା ଦେଶର ପାୱାର ପ୍ଲାଣ୍ଟଗୁଡ଼ିକ ନିକଟରେ ହାରାହାରି ୪ ଦିନର କୋଇଲା ଗଚ୍ଛିତ ଥିଲା। ଏହା ବର୍ଷର ସବୁଠୁ ସର୍ବନିମ୍ନ ସ୍ତର। ଚଳିତ ବର୍ଷ ଅଗଷ୍ଟ ଆରମ୍ଭ ବେଳକୁ ପାୱାର ପ୍ଲାଣ୍ଟଗୁଡ଼ିକରେ ପ୍ରାୟ ୧୩ ଦିନର କୋଇଲା ଗଚ୍ଛିତ ଥିଲା। କୋଇଲା ଅଭାବ ଯୋଗୁ ଆଲୁମିନିୟମ, ଷ୍ଟିଲ୍ ଶିଳ୍ପ ସମେତ ଅନ୍ୟ ଶିଳ୍ପକ୍ଷେତ୍ରରେ ଗ୍ରାହକଙ୍କୁ ମିଳୁଥିବା ସପ୍ଲାଇରେ ଏବେ ହ୍ରାସ କରାଯାଉଛି। କୋଭିଡ୍ କଟକଣା ହଟୁଥିବାରୁ ବର୍ତ୍ତମାନ ଆର୍ଥିକ କାର୍ଯ୍ୟକଳାପ ବଢ଼ିଛି। ଫଳରେ ବିଜୁଳି ଚାହିଦାରେ ମଧ୍ୟ ପରିବର୍ତ୍ତନ ଆସିଛି। ଅପରପକ୍ଷରେ କୋଇଲା ଉତ୍ପାଦନ ହ୍ରାସ ହୋଇଥିବାରୁ ଏହା ସମସ୍ୟାକୁ ବଢ଼ାଇଛି।

ଦେଶରେ ଆବଶ୍ୟକ ହେଉଥିବା କୋଇଲାର ପ୍ରାୟ ତିନି ଚତୁର୍ଥାଂଶ ଘରୋଇ ବଜାରର ଖଣିଗୁଡ଼ିକ ଭରଣା କରିଥାନ୍ତି। ମାତ୍ର ବର୍ଷା ଯୋଗୁ ବର୍ତ୍ତମାନ ପରିବହନ ରୁଟ୍ ଗୁଡ଼ିକରେ ପାଣି ଭର୍ତ୍ତି ହୋଇଯାଇଛି। ନିଲାମ ପ୍ରକ୍ରିୟାରେ ଭାଗ ନେଇ ଅଧିକ ପ୍ରିମିୟମ ଦେବା କିମ୍ବା ବିଦେଶରୁ କୋଇଲା ଆମଦାନୀ କରିବା ଭଳି ଦ୍ୱିଧା କମ୍ପାନୀଗୁଡ଼ିକ ସାମ୍ନାରେ ରହିଛି। ବିଦେଶରୁ କୋଇଲା ଆମଦାନୀ ପାଇଁ କମ୍ପାନୀଗୁଡ଼ିକ ଅଧିକ ଅର୍ଥ ମଧ୍ୟ ପ୍ରଦାନ କରିବାକୁ ପଡୁଛି। ପାୱାର ପ୍ଲାଣ୍ଟଗୁଡ଼ିକ ନିକଟରେ ଗଚ୍ଛିତ ଥିବା କୋଇଲା ପରିମାଣ ବର୍ତ୍ତମାନ ୮୧ ଲକ୍ଷ ଟନ୍ ରହିଛି। ଏହା ଗତ ବର୍ଷ ସେପ୍ଟେମ୍ବର ତୁଳନାରେ ପ୍ରାୟ ୭୬% କମ୍। ସେହିଭଳି ଇଣ୍ଡିଆନ ଏନର୍ଜି ଏକ୍ସଚେଞ୍ଜରେ କୋଇଲାର ବିଜୁଳି ଦର ହାରାହାରି ପ୍ରତି ୟୁନିଟ ବଢି ୪.୪ ଟଙ୍କା ଛୁଇଁଛି। ଏହା ଗତ ବର୍ଷ ତୁଳନାରେ ପ୍ରାୟ ୬୩% ଅଧିକ। କୋଲ ଇଣ୍ଡିଆ ପାୱାର ପ୍ଲାଣ୍ଟଗୁଡ଼ିକୁ କୋଇଲା ଯୋଗାଣ କମାଇ ଦେଇଥିବା ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ଦାବି କରିଛନ୍ତି। କୋଇଲା ଖଣିଗୁଡ଼ିକରେ ପାଣି ଭରିଯିବା ଯୋଗୁ ପାୱାର ପ୍ଲାଣ୍ଟଗୁଡ଼ିକୁ ଦୈନିକ କୋଇଲା ଯୋଗାଣ ୬୦ରୁ ୮୦ ଟନ୍ ରହିଥିବା କୋଇଲା ସଚିବ ଅନୀଲ କୁମାର ଜୈନ କହିଛନ୍ତି। ଝାଡ଼ଖଣ୍ଡ ଏବଂ ଧାନବାଦରେ ଗତ ମାସରେ ପ୍ରବଳ ବର୍ଷା ଯୋଗୁ ଉତ୍ପାଦନ ବିଗିଡ଼ିଯାଇଛି। ଅକ୍ଟୋବର ଦ୍ୱିତୀୟ ସପ୍ତାହ କୋଇଲା ଯୋଗାଣ ବଢ଼ିପାରେ। ମାତ୍ର ଷ୍ଟକର ପୁରୁଣା ସ୍ତରକୁ ଫେରିବା ଲାଗି ପାୱାର ପ୍ଲାଣ୍ଟଗୁଡ଼ିକୁ କିଛି ସମୟ ଲାଗିପାରେ।

## କ୍ୟାପ୍ଟିଭ ଖଣିରୁ ବିକ୍ରି ହୋଇପାରିବ ୫୦% କୋଇଲା

**ନୂଆଦିଲ୍ଲୀ,୫।୧୦:** କ୍ୟାପ୍ଟିଭ ଖଣିଗୁଡ଼ିକରୁ ୫୦% କୋଇଲା ବିକ୍ରି ହୋଇପାରିବ। ଏ ସଂକ୍ରାନ୍ତ ଅନୁମତି ପ୍ରଦାନ ଲାଗି କେନ୍ଦ୍ର ସରକାର ନିୟମରେ ସଂଶୋଧନ କରିବେ ବୋଲି ମଙ୍ଗଳବାର କହିଛନ୍ତି। ଏହାଦ୍ୱାରା ପ୍ରାୟ ୧୦୦ କୋଇଲା ଏବଂ ଲିଗ୍ନାଇଟ ଖଣି ଲାଭବାନ୍ ହେବେ ବୋଲି ଆଶା କରାଯାଉଛି। ଏହି ଖଣିଗୁଡ଼ିକର ବାର୍ଷିକ ଉତ୍ପାଦନ କ୍ଷମତା ୫୦୦ ନିୟୁତ ଟନ୍ ରହିଛି। ପ୍ଲାଣ୍ଟଗୁଡ଼ିକରେ କୋଇଲା ଆବଶ୍ୟକତାକୁ ବିଚାର କରି ଏଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଭଳି ବିଭିନ୍ନ ଦିଗକୁ ବିଚାର କରି ଚଳିତ ବର୍ଷ ଏମ୍‌ଏମ୍‌ଡିଆର୍ ଆଇନରେ ମଧ୍ୟ ସଂଶୋଧନ କରାଯାଇଛି। ଉଭୟ ଘରୋଇ ଏବଂ ରାଷ୍ଟ୍ରାୟତ୍ତ କ୍ୟାପ୍ଟିଭ ଖଣିଗୁଡ଼ିକ ଲାଗି ଏହା କାର୍ଯ୍ୟକାରୀ ହେବ।

# ଗ୍ରାହକଙ୍କ ଆସ୍ଥା, ବିଶ୍ୱାସକୁ ନେଇ ବଢୁଛୁ

- ୪୩ ବର୍ଷ ଧରି ରାଜ୍ ଇଲେକ୍‌ଟ୍ରୋନିକ୍ସର ସେବା
- ପାର୍ବଣ ପାଇଁ ଅଫର ଘୋଷଣା
- ଲୋଏଷ୍ଟ ଇଏମ୍‌ଆଇ, ୨୦% ଯାଏ କ୍ୟାଶବ୍ୟାକ



ପ୍ରକାଶ ବିଶ୍ୱାଳ

**ଭୁବନେଶ୍ୱର,୫।୧୦**

ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ରାଜ୍ ଇଲେକ୍‌ଟ୍ରୋନିକ୍ସ ଏକ ପରିଚିତ ନାମ। ଗତ ୪୩ ବର୍ଷ ଧରି ଏହା ରାଜ୍ୟରେ ନିରନ୍ତର ସେବା ଯୋଗାଣ ଧାରା ଜାରି ରଖିଛି। ୧ କୋଟି ଗ୍ରାହକଙ୍କ ଆସ୍ଥା ବିଶ୍ୱାସକୁ ନେଇ ଗର୍ବିତ ବୋଲି ଏହାର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ କୁହନ୍ତି। ଇଲେକ୍‌ଟ୍ରୋନିକ୍ସ ଉପଭୋକ୍ତା ସାମଗ୍ରୀ ବିକ୍ରିର ସଫଳତା ସହ ଆଗକୁ ବଢୁଛୁ। ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରତିବର୍ଷ ସର୍ବଶ୍ରେଷ୍ଠ ବିକ୍ରେତା ଭାବେ ପୁରସ୍କୃତ ହୋଇଛୁ। ଏହା ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିବା ବିଶ୍ୱାଳ କହିଛନ୍ତି।

ଦୀର୍ଘ ସମୟର କରୋନା ମହାମାରୀ ପରେ ଏବେ ଗ୍ରାହକଙ୍କ ନିକଟରେ ନଗଦ ଅଭାବ ଦେଖାଯାଇଛି। ଫଳରେ ନିଜ ପସନ୍ଦର ପ୍ରଡକ୍ଟ କିଣିବାକୁ ଲୋକେ କୁଣ୍ଠାବୋଧ କରୁଛନ୍ତି। ପାର୍ବଣରେ ଗ୍ରାହକଙ୍କ ଆବଶ୍ୟକତାକୁ ବିଚାର କରି ଆକର୍ଷଣୀୟ ଅଫର ଘୋଷଣା କରାଯାଇଥିବା ବିଶ୍ୱାଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପାର୍ବଣକୁ ନଜରରେ ରଖି 'ଲୋଏଷ୍ଟ ଇଏମ୍‌ଆଇ' ଅଫର ଶୁଭାରମ୍ଭ କରାଯାଇଛି। ଲୋକଙ୍କ ପକେଟକୁ ସୁହାଇଲା ଭଳି ସହଜ କିସ୍ତି ବିନା ସୁଧ ଏବଂ ଡେଲିଭରି ଜରିଆରେ ନୂତନ ଟେକ୍ନୋଲୋଜି ପ୍ରଡକ୍ଟ ଯୋଗାଇ ଦିଆଯାଇଛି। କୌଣସି ପ୍ରଡକ୍ଟର ମୂଲ୍ୟକୁ ନଗଦ ଭାବେ ନ ଦେଇ ମଧ୍ୟ ଗ୍ରାହକ ୨୦% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍, ଗୋଟିଏ ଇଏମ୍‌ଆଇର ମୂଲ୍ୟ ଫେରସ୍ତ ପାଇପାରିବେ। ସହଜ ଇଏମ୍‌ଆଇ ଏବଂ ଫାଇନାନ୍ସ ଉପରେ ୦% ଇଣ୍ଟରେଷ୍ଟ ସୁବିଧା ରହିଛି। ଗ୍ରାହକ ଆମ ବ୍ୟତୀତ ଅନ୍ୟ କେଉଁଠି ବି ଶସ୍ତାରେ ସାମଗ୍ରୀ ପାଇବେ ନାହିଁ। ଷ୍ଟୋରରେ ନ୍ୟୁନତମ ମୂଲ୍ୟର ଗ୍ୟାରେଣ୍ଟି ଏବଂ ବୀମା ସୁବିଧା ପ୍ରଦାନ କରାଯାଉଛି। ସାମଗ୍ରୀ କିଣିବା ଆଗରୁ ମୂଲ୍ୟ ଚେକ୍ କରିପାରିବେ। ସୁପର ଏକ୍ସଚେଞ୍ଜ ଅଫର ଦ୍ୱାରା ପ୍ରାୟ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ସୁବିଧା ମିଳୁଥିବା ବିଶ୍ୱାଳ ସ୍ପଷ୍ଟ କରିଛନ୍ତି।

ସେହିଭଳି ଷ୍ଟୋରରେ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ଏୟାର କଣ୍ଡିସନର ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଛି। ଲୋକଙ୍କ ଆବଶ୍ୟକତା ମୁତାବକ ପ୍ରଡକ୍ଟ ଯୋଗାଣ ଲାଗି ଅଭିଜ୍ଞ ସେଲ୍‌ସ ପର୍ସନ ସହଯୋଗ କରୁଛନ୍ତି। ସାମ୍‌ସଙ୍ଗ ଗାଲାକ୍ସି ମୋବାଇଲର ବିଭିନ୍ନ ମଡେଲ ଆକର୍ଷଣୀୟ ସହଜ କିସ୍ତିରେ ମିଳିବା ସହ ୫ ହଜାର ଟଙ୍କା ସହଜ କିସ୍ତିରେ ଉପଲବ୍ଧ ହେଉଛି। ଏଲ୍‌ଜି, ସାମ୍‌ସଙ୍ଗ, ସୋନି, ପାନାସୋନିକ, ଗୋଦ୍‌ରେଜ, ବ୍ଲୁଷ୍ଟାର, କ୍ୟାରିୟର, ଭୋଲ୍‌ଟାସ, ୱର୍ଲପୁଲ, ହିଟାଚି, ଆଇଏଫ୍‌ବି ଏବଂ ଲଏଡ୍ ଭଳି କମ୍ପାନୀଗୁଡ଼ିକର ବିଭିନ୍ନ ବର୍ଗର ପ୍ରଡକ୍ଟ ଶୋ'ରୁମ୍‌ରେ ଉପଲବ୍ଧ କରାଉଛୁ। ଗ୍ରାହକଙ୍କ ଲାଗି କମ୍ପାନୀଗୁଡ଼ିକର ଆକର୍ଷଣୀୟ ୱାରେଣ୍ଟି ଏବଂ ଉପହାର ସୁବିଧା ମଧ୍ୟ ରହିଛି। ପୂଜା ଅଫର ରାଜ୍ ଇଲେକ୍‌ଟ୍ରୋନିକ୍ସ ସହ ବିଶ୍ୱାଳ ସେଲ୍‌ସ ଏବଂ ବିଶ୍ୱାଳ ସେଲ୍‌ସ କର୍ପୋରେଶନରେ ମଧ୍ୟ ଉପଲବ୍ଧ ହେବ।

ରାଜ୍ ଇଲେକ୍‌ଟ୍ରୋନିକ୍ସର ଯାତ୍ରା ଯାଜପୁରର ବିଶ୍ୱାଳ ସେଲ୍ସରୁ ଆରମ୍ଭ ହୋଇ ବର୍ତ୍ତମାନ ସାରା ରାଜ୍ୟରେ ୧୭ଟି ଷ୍ଟୋରରେ ପହଞ୍ଚିଛି। କଠିନ ପରିଶ୍ରମ, ଲୋକ ସମ୍ପର୍କ ସାଙ୍ଗକୁ ଗ୍ରାହକଙ୍କ ଭଲ ପାଇବା, ଗୁଣାତ୍ମକ ସାମଗ୍ରୀ ଗ୍ରାହକଙ୍କୁ ଭେଟି ଦେବାକୁ ଲକ୍ଷ୍ୟ ରଖିଛୁ ବୋଲି ବିଶ୍ୱାଳ କହିଛନ୍ତି।

## ଭାରତ ଲାଗି ଆଉଟ୍‌ଲୁକ୍ ଦୃଢ଼ କଲା ମୁଡିସ୍



**ନୂଆଦିଲ୍ଲୀ,୫।୧୦:** ରେଟିଂ ଏଜେନ୍ସି ମୁଡିସ୍ ମଙ୍ଗଳବାର ଭାରତ ବଜାର ଲାଗି ଆଉଟ୍‌ଲୁକ୍ ରେଟିଂକୁ ପୂର୍ବାପେକ୍ଷା ଦୃଢ଼ କରିଛି। ଏହା ପୂର୍ବରୁ ଭାରତର ରେଟିଂକୁ ନେଗେଟିଭ୍ ରଖିଥିଲା। ମାତ୍ର ବର୍ତ୍ତମାନ ଏହାକୁ ପରିବର୍ତ୍ତନ କରି 'ଷ୍ଟେବଲ' କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଦେଶର ଅର୍ଥ ବ୍ୟବସ୍ଥା ଏବଂ ଫାଇନାନ୍ସ ସିଷ୍ଟମ ଉପରେ ବିପଦ ହ୍ରାସ ହେଉଥିବାରୁ ମୁଡିସ୍ ରେଟିଂରେ ଏଭଳି ପରିବର୍ତ୍ତନ କରିଛି। ଏହା ଭାରତର ସଭରେନ୍ ରେଟିଂକୁ ପୂର୍ବଭଳି ବିଏଏ୩ ରଖିଛି। ସାଧାରଣତଃ ଏହା ସର୍ବନିମ୍ନ ନିବେଶ ଗ୍ରେଡ୍। ଖରାପ ସ୍ତର ଠାରୁ ଏହା ସାମାନ୍ୟ ଉପରେ ରହିଛି। ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଗତ ବର୍ଷ ଭାରତର ସଭରେନ୍ ରେଟିଂକୁ ବିଏଏ୨ରୁ ବିଏଏ୩କୁ ଖସାଇଥିଲା। ଲଗାତର ଅଭିବୃଦ୍ଧି ହ୍ରାସ ଏବଂ ବିତ୍ତୀୟ ସ୍ଥିତି ଖରାପ ହେବାରୁ ଏହା ରେଟିଂକୁ ମଧ୍ୟ ନେଗେଟିଭ୍ କରିଥିଲା।

**ଫୁର୍‌ସତ୍**

## ବିଶ୍ୱତାପନ ନଷ୍ଟ କରୁଛି ଶୈବାଳ ପ୍ରାଚୀର



**ୱାଶିଂଟନ:** ବିଶ୍ୱ ତାପନ ସାମୁଦ୍ରିକ ଜୈବ ବିବିଧତାକୁ ପ୍ରଭାବିତ କରୁଛି। ଏହା ଯୋଗୁ ୧୦ ବର୍ଷ ମଧ୍ୟରେ ୧୪ ପ୍ରତିଶତ ଶୈବାଳ ପ୍ରାଚୀର ନଷ୍ଟ ହୋଇଛି। ସମୁଦ୍ରର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ମଙ୍ଗଳବାର ଗ୍ଲୋବାଲ କୋରାଲ ରିଫ୍ ମନିଟରିଂ ନେଟୱାର୍କ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ୨୦୦୯ରୁ ୨୦୧୮ ମଧ୍ୟରେ ୧୧,୭୦୦ ବର୍ଗ କି.ମି.ରେ ଥିବା ଶୈବାଳ ପ୍ରାଚୀର ନଷ୍ଟ ହୋଇଛି। ଏଥିଯୋଗୁ ୫୦୦ ନିୟୁତ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଶୈବାଳ ପ୍ରାଚୀର ଯୋଗୁ ପ୍ରତିବର୍ଷ ୨.୭ ଟ୍ରିଲିୟନ ଡଲାର କାରବାର ହୋଇଥାଏ। ମାତ୍ର ଏବେ ତାହା ଆଉ ସମ୍ଭବ ହେବ ନାହିଁ।

## ଚର୍ମରୋଗରେ ପୀଡ଼ିତ ୟାମି

**ମୁମ୍ବାଇ:** ବଲିଉଡ ନାୟିକା ୟାମି ଗୌତମ ଚର୍ମ ରୋଗରେ ପୀଡିତ। ଏ ନେଇ ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ କହିଛନ୍ତି, ସେ ଏପରି ଏକ ଚର୍ମ ରୋଗର ଶିକାର ହୋଇଛନ୍ତି ଯାହାର କୌଣସି ଚିକିତ୍ସା ନାହିଁ। ବହୁପୂର୍ବରୁ ସେ ଏଥିରେ ପୀଡ଼ିତ। ଥରେ ଏହି ରୋଗ ହେଲେ ତାହାର ସମ୍ପୂର୍ଣ୍ଣ ଭଲ ହୋଇପାରେ ନାହିଁ ବୋଲି କହିଛନ୍ତି। ୟାମି 'କେରାଟୋସିସ ପିଲାରିସ୍' ନାମକ ଚର୍ମରୋଗରେ ପୀଡ଼ିତ। ଏହି ରୋଗ ହେଲେ ଶରୀରର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବମ୍ଫସ(ଦାନା) ବାହାରି ଆସିଥାଏ । ଏହା ଯନ୍ତ୍ରଣାଦାୟକ ହୋଇଥାଏ। ହେଲେ ଏହାର କୌଣସି ସ୍ଥାୟୀ ଉପଚାର ନ ଥିବାରୁ କଷ୍ଟ ସହିବାକୁ ପଡିଥାଏ। ଟୁଇଟ କରି ୟାମି ତାଙ୍କର ଏହି ଚର୍ମ ରୋଗ ସମ୍ପର୍କରେ କହିବା ବେଳେ ଲେଖିଛନ୍ତି, କିଛିଦିନ ତଳେ ତାଙ୍କର ଏକ ଫଟୋ ଶୁଟ ଚାଲିଥିଲା। ସେତେବେଳେ ତାଙ୍କ ସ୍କିନକୁ ଘୋଡାଇବାକୁ ଚେଷ୍ଟା କରାଯାଇଥିଲା। ସେହିଠାରୁ ହିଁ ସେ ଏହି କଥା ସମସ୍ତଙ୍କୁ ଜଣାଇବେ ବୋଲି ଚିନ୍ତା କରିଥିଲେ। ଯାହା ପାଖରେ ଯେଉଁ ସମସ୍ୟା ଅଛି ତାହା ପ୍ରକାଶ କରିବାରେ ଅସୁବିଧା କେଉଁଠି ରହିଲା। ଏହି ରୋଗ ଫଳରେ ଶରୀରର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବମ୍ଫସ ବାହାରି ଆସିଥାଏ। ହେଲେ ଏହା ସେତେଟା କ୍ଷତିକାରକ ନୁହେଁ ବୋଲି ସେ କହିଛନ୍ତି। ଆହୁରି ମଜାଳିଆ ଢଙ୍ଗରେ ୟାମି ଲେଖିଛନ୍ତି, ଏହା ଏତେ କ୍ଷତିକାରକ ନୁହେଁ ଯେତିକି ମାତ୍ରାରେ ପଡୋଶୀ ଘର ଆଣ୍ଟି ଏହାକୁ କରି ଦେଇଥାଆନ୍ତି। ସୂଚନାଯୋଗ୍ୟ, କେରାଟୋସିସ ପିଲାରିସ୍ ଚର୍ମ ସମ୍ପର୍କିତ ଏକ ରୋଗ । ଏହାଦ୍ୱାରା ଚର୍ମରେ ଛୋଟ ଛୋଟ ଦାନା ବାହାରି ଆସିଥାଏ ଓ ସେହି ସ୍ଥାନଟି ରଫ୍ ହୋଇଯାଇଥାଏ । ଏହା ଚର୍ମର ପୋର୍ସରେ କେରାଟଇନ ନାମକ ପ୍ରୋଟିନ ଯୋଗୁ ହୋଇଥାଏ ଯାହା ଚର୍ମର ଛିଦ୍ରକୁ ବ୍ଲକ କରି ଦେଇଥାଏ ।



ୟାମି ଗୌତମ

**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**



ପ୍ରୟାଗ (ରୁଦ୍ର)
ଆଇ.ଆର୍.ସି.ଭିଲେଜ, ଭୁବନେଶ୍ୱର
ଗେଲୁରେ, ତୋର ୧ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନୀତ ପ୍ରାର୍ଥନା ତୋର ଚଲାପଥକୁ କୁସୁମିତ କରିବା ସହ ଦୀର୍ଘାୟୁ କରାନ୍ତୁ। ଏତିକି ଆମର ବିନମ୍ର କାମନା ।
:ଶୁଭେଚ୍ଛା ସହ:
ମାଆ, ବାବା, ଜେଜେମାଆ ଓ ଜେଜେ ।
ଧ-୭୧୭୧୫

**Happy Birthday**



Ayush Pratik Mishra
B.J.B. Nagar, BBSR
ଆଜି ତୁମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭ କାମନା ସହ ତୁମର:-
ପାପା, ମାମା, ବଡ଼ବାପା, ବଡ଼ବୋଉ, ମାମୁ, ମାଇଁ, ମଉସା, ମାଉସୀ, ଭାଇ, ଭଉଣୀ ଓ ଶୁଭେଚ୍ଛୁ ।
ଧ-୭୦୭୪୧

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



୰ବିଶ୍ୱନାଥ ନାୟକ
ଗୁଡୁବଣି, ଅସ୍ତରଙ୍ଗ, ପୁରୀ
ଆବିର୍ଭାବ:୧୯୩୩
ତିରୋଧାନ:୨୬।୦୯।୨୦୨୧
ଆପଣ ଯିବାର ଆଜି ଏକାଦଶ ଦିବସ । ଆପଣଙ୍କ ପ୍ରତିଟି ଶବ୍ଦ ସ୍ମୃତି ହୋଇଯାଇଛି ସତ କିନ୍ତୁ ଆମ୍ଭମାନଙ୍କ ହୃଦୟରେ ଆପଣ ସବୁଦିନ ପାଇଁ ରହିବେ ।
-:ଶୋକସନ୍ତପ୍ତ:-
ନାୟକ ପରିବାର
ଧ-୨୧୮୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଜ୍ଞାନଦୀପ ମଲ୍ଲିକ (ଗୁଡୁ)
(ଯୁବ ଇଞ୍ଜିନିୟର)
ସହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୮।୧୯୯୦
ତିରୋଧାନ:୨୬।୦୯।୨୦୨୧
ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ତ୍ୟାଗ ପୂର୍ବପରି ଆମ୍ଭମାନଙ୍କ ପ୍ରତି ଅତୁଟ ରହୁ। ତୁମ ଅମର ଆତ୍ମା ଆର ପାରିରେ ଚିର ଶାନ୍ତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ମାଆ, ଦାଦା, ଖୁଡୀ, ପିଉସା, ପିଉସୀ, ଭାଇ, ଭାଉଜ, ରାଜ୍, ସାଇନା, ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ-୨୧୮୩୯

**ଏକାଦଶାହ ଉପଲକ୍ଷେ**



୰ଶୋଭାମଣି ମିଶ୍ର
ଗ୍ରାମ: ତୁରିନ୍ତିରା, ଜିଲ୍ଲା: ଖୋର୍ଦ୍ଧା
ତିରୋଧାନ: ୨୫।୦୯।୨୦୨୧
ଆପଣ ଛାଡ଼ି ଚାଲି ଯିବାର ୧୧ଦିନ ବିତିଗଲା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ସଦା ସର୍ବଦା ମନେ ରହିବ। ପ୍ରଥମ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୨୧୮୫୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବିଜୟାନନ୍ଦ ମଲିକ
୭୭, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୩।୧୯୪୯
ତିରୋଧାନ: ୧୭।୦୯।୨୦୨୦ (ମହାଳୟା ତିଥି)
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ୍ଭମାନଙ୍କୁ ସବୁ ସମୟରେ ପ୍ରେରଣା ଦେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ଜୟନ୍ତୀ, ପୁଅ: ପ୍ରଭାସ, ଝିଅ: ସ୍ନିଗ୍ଧା, ନିହାରିକା ତଥା ଆତ୍ମୀୟସ୍ୱଜନ ।
ଧ-୭୦୯୬୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ଶତ୍ରୁଘ୍ନ ସେଠୀ
ସ୍ଥାନ: ପଲଙ୍କ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୨୫।୧୧।୧୯୫୧
ତିରୋଧାନ: ୧୬।୧୦।୨୦୨୦
ବାପା, ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ହଠାତ୍ ଆପଣଙ୍କର ତିରୋଧାନ ଆମକୁ ଶୋକସାଗରରେ ଭସାଇ ଦେଇଛି ଓ ଏହା ଆମ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପାଇଁ ସର୍ବଦା ପଥ ପ୍ରଦର୍ଶକ ଅଟେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ: ନାରଖାରୀ, ପୁତ୍ର: ପ୍ରଶାନ୍ତ, ସୁକାନ୍ତ, ବସନ୍ତ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୨୧୬୬୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



୰କ୍ଷେତ୍ରମଣୀ ଦାଶ
ଖଇରଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ-୦୧।୦୧।୧୯୪୬
ତିରୋଧାନ- ୧୭।୦୯।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ଆପଣଙ୍କ ଆତ୍ମାର ଚିରଶାନ୍ତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ: ଭାଗବତ ଦାଶ, ପୁତ୍ର: ସୁଧାଂଶୁ, ହିମାଂଶୁ, ପୁତ୍ରବଧୂ: ରୀନା, ଝରଣା, କନ୍ୟା: ଝୁନି, କୁନି, ଜ୍ୱାଇଁ: କାବୁଲି, ଜୁଳିଆ, ନାତି: ଦୀପୁ, ସୋନୁ, ଡୁଡୁଲ, ନାତୁଣୀ: ଗୁଡି, ସୋମା, ସୁଇଟ୍, ଶ୍ରୀ ଓ ଆତ୍ମୀୟସ୍ୱଜନ ।
ଧ-୨୧୮୪୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ନରହରି ମହାନ୍ତି
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଜଗନ୍ନାଥ ମନ୍ଦିର ସେବକ ରାଜା
ବନ୍ତିଲୋ, ଅସ୍ତରଙ୍ଗ, ପୁରୀ
ଆବିର୍ଭାବ: ୨୯।୧୧।୧୯୩୫
ତିରୋଧାନ: ୨୬।୦୯।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
:ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:
ହତଭାଗିନୀ ପତ୍ନୀ: ପ୍ରମିଳା ମହାନ୍ତି, ହତଭାଗ୍ୟ: ପୁତ୍ର: ବୁଢା, ଟିଟା, ଟୁଆଁ, ପୁତ୍ରବଧୂ: ମିତା, ଝୁଲୁ, ସୀମା, ଝିଅ: ବୁଢୀ, କୁନି, ଜ୍ୱାଇଁ: ବଡ଼ ବାଦଲ, ସାନ ବାଦଲ, ନାତି: ମାମୁନ୍, ଡନ୍, ସିବୁନ୍, ନାତୁଣୀ: ମାମା, ଡାଇନା, ଲାଲୁ, ଗାଗୁଲ୍, ନାତୁଣୀବୋହୂ: ଆଦି, ସୋନୁ, ନାତୁଣୀଜ୍ୱାଇଁ: ଆଶୀର୍ବାଦ, ସୌରଭ, ଅଣନାତି/ଅଣନାତୁଣୀ: ଢୁଗୁଲ, ଟୋନୁ, ଝିଆରୀ, ପୁତୁରା, ପୁତୁରାବୋହୂ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୧୮୭୨

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

ନବରାତ୍ରୀ ଧମାକା
ଶ୍ରୀ ବାଲାଜୀ ଫାଇନାନ୍ସରୁ ତୁରନ୍ତ ଋଣ ପାଆନ୍ତୁ । ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
2% ସୁଧ, 50% ଛାଡ଼
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା



ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

BCF FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତ୍ତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡିସେମ୍ବର ୨୨ରୁ ପ୍ରୋ କବାଡି ଲିଗ୍

**ମୁମ୍ବାଇ,୫ା୧୦:** ପ୍ରୋ କବାଡି ଲିଗ୍ (ପିକେଏଲ)ର ଅଷ୍ଟମ ସଂସ୍କରଣ ଏଥର ଡିସେମ୍ବର ୨୨ରୁ ଆରମ୍ଭ ହେବ। ବେଙ୍ଗାଲୁରୁରେ ଏହି ଲିଗ୍ ବିନା ଦର୍ଶକରେ ଆୟୋଜିତ ହେବ। ମୁମ୍ବାଇରେ ଅଗଷ୍ଟ ୨୯ରୁ ୩୧ ତାରିଖ ମଧ୍ୟରେ ଖେଳାଳି ନିଲାମ ଅନୁଷ୍ଠିତ ହୋଇଥିଲା। ଖେଳାଳି ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଲିଗ୍ ଏଥର ବିନା ଦର୍ଶକରେ ଖେଳାଯିବାକୁ ଆୟୋଜକ ମଶାଲ ସ୍ପୋର୍ଟ୍ସ ତରଫରୁ କୁହାଯାଇଛି। ଏହି ବଡ଼ ଇଭେଣ୍ଟ ଆୟୋଜନ କରିବାକୁ ବେଙ୍ଗାଲୁରୁରେ ସବୁପ୍ରକାର ସୁବିଧା ସୁଯୋଗ ରହିଛି। ସମ୍ପୂର୍ଣ୍ଣ ସୁରକ୍ଷିତ ପରିବେଶରେ ଏହି ଲିଗ୍ ଆୟୋଜିତ ହୋଇପାରିବ ବୋଲି ମଶାଲ ସ୍ପୋର୍ଟ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ଲିଗ୍ କମିଶନର ଅନୁପମ ଗୋସ୍ୱାମୀ କହିଛନ୍ତି। ଲିଗ୍ ଆୟୋଜନ କରିବା ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସରାଜ ବୋମାଇ ସବୁଜ ସଙ୍କେତ ଦେବା ସହ ସ୍ୱାଗତ କରିଛନ୍ତି। କବାଡ଼ି ହେଉଛି ଦେଶର ପୁରାତନ ତଥା ପାରମ୍ପରିକ କ୍ରୀଡ଼ା ଓ କର୍ଣ୍ଣାଟକରେ ଏହାର ଲୋକପ୍ରିୟତା ରହିଛି। ପିକେଏଲକୁ ଆମେ ସ୍ୱାଗତ କରୁଛୁ ଓ ଲିଗ୍‌ର ଏହି ଅଷ୍ଟମ ସଂସ୍କରଣ ସଫଳତାର ସହ ଆୟୋଜନ କରିବାକୁ ସହଯୋଗ କରାଯିବ ବୋଲି ବୋମାଇ କହିଛନ୍ତି। ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ଏହି ଲିଗ୍ ଆୟୋଜନ ହେବ। ଜୈବ ସୁରକ୍ଷିତ ପରିବେଶରେ ଏହାକୁ ଆୟୋଜନ କରିବାକୁ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

### ଟି୨୦ ବିଶ୍ୱ କପ୍‌ରୁ ଓହରିଲେ ସାମ୍ କୁରାନ

**ଲଣ୍ଡନ, ୫ା୧୦ (ପି.ଟି.):** ଇଂଲଣ୍ଡ ଅଲରାଉଣ୍ଡର ସାମ୍ କୁରାନ ଆଇସିସି ଟି୨୦ ବିଶ୍ୱକପ୍ ଖେଳିପାରିବେ ନାହିଁ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ଖେଳୁଥିବା ବେଳେ ତାଙ୍କ ପିଠିର ନିମ୍ନ ଭାଗରେ ଆଘାତ ଲାଗିଛି। ଶନିବାର ସିଏସ୍‌କେର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ପରେ କୁରାନ ତାଙ୍କ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ସ୍କାନ ହେବା ପରେ ସେ ଇଞ୍ଜୁରି ଥିବା ଜଣାପଡ଼ିଥିଲା। ଆସନ୍ତା ଦିନେ ଅବା ଦୁଇ ଦିନ ମଧ୍ୟରେ ସେ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଫେରିଯିବେ। ସେଠାରେ ତାଙ୍କର ପୁନର୍ବାର ସ୍କାନ ହେବା ପରେ ଆବଶ୍ୟକ ଚିକିତ୍ସା କରାଯିବ। ବିଶ୍ୱକପ୍ ପାଇଁ କୁରାନଙ୍କ ଭାଇ ଟମ୍‌କୁ ଇଂଲଣ୍ଡ ଦଳରେ ସାମିଲ କରାଯାଇଛି। ଏହାଛଡ଼ା ରିଜର୍ଭ ଖେଳାଳି ଭାବେ ସରେ'ର ବାମହାତୀ ସିମ ବୋଲର ରିସି ଟପ୍‌ଲେଙ୍କୁ ଦଳରେ ସାମିଲ କରାଯାଇଛି।

### ନିଜକୁ ନେଇ ବହି ଉପରେ କାର୍ଯ୍ୟ କରୁଛନ୍ତି ସିମେନ୍ୟା

**ନ୍ୟୁୟର୍କ,୫ା୧୦:** ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟସୀ ତଥା ଦକ୍ଷିଣ ଆଫ୍ରିକା ତାରାକା ଧାବିକା କାଷ୍ଟର ସିମେନ୍ୟା ନିଜ ଉପରେ ପ୍ରକାଶିତ ହେବାକୁ ଥିବା ଏକ ବହି ଉପରେ କାର୍ଯ୍ୟ କରୁଛନ୍ତି। ଏହି ବହିର ନାମ ରହିଛି 'ସାଇଲେନ୍ସ ଅଲ୍ ଦି ନୋଜ୍'। ଏଥିରେ ତାଙ୍କ ବିଜୟ, ସଫଳତା, ସଂଘର୍ଷର କାହାଣୀ ସାମିଲ ରହିଛି। ଜଣେ ଇଣ୍ଟରସେକ୍ସ ମହିଳା ଭାବେ ତାଙ୍କର ଥିବା ଅଭିଜ୍ଞତା, ଶରୀରରେ ଥିବା ଉଚ୍ଚ ଟେଷ୍ଟୋଷ୍ଟେରୋନ ସ୍ତର ଓ ପୁଣି ଥରେ ପ୍ରତିଯୋଗିତାରେ ଅଂଶଗ୍ରହଣ କିରବାକୁ ତାଙ୍କର ସଂଘର୍ଷର କଥା ଏହି ବହିରେ ଉଲ୍ଲେଖ କରାଯାଇଛି। ଏହି ବହି କେବେ ପ୍ରକାଶିତ ହେବ ସେ ନେଇ କୌଣସି ସୂଚାନ ଦିଆଯାଇନାହିଁ। ଡବ୍ଲୁ. ଡବ୍ଲୁ ନୋର୍ଟନ ଆଣ୍ଡ କମ୍ପାନୀ ଏହି ବହିର ପ୍ରକାଶକ ରହିଛି। ଯୁବପିଢ଼ୀ ପାଇଁ ଏହିର ଏକ ସ୍ୱତନ୍ତ୍ର ସଂସ୍କରଣ ପ୍ରକାଶ କରିବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ବ୍ୟକ୍ତିଗତ ତଥା କ୍ରୀଡ଼ା ଜୀବନରେ ବହୁ ସଂଘର୍ଷ କରିଛି। ସଫଳତା ମଧ୍ୟ ପାଇଛି। ଏକ ଭିନ୍ନ ମଣିଷ ଭାବେ ଜନ୍ମ ଗ୍ରହଣ କରିଥିବାରୁ ଜଣେ ଆଥଲେଟଙ୍କୁ ବିଭିନ୍ନ ସମସ୍ୟା ଦେଇ ଗତିକରିବାକୁ ହୋଇଥାଏ। ମୋ ସଂଘର୍ଷ ଓ ସଫଳତାର କାହାଣୀ ଅନ୍ୟମାନଙ୍କୁ ଶିକ୍ଷା ଦେବ ଓ ପ୍ରେରଣା ଯୋଗାଇବ ବୋଲି ସିମେନ୍ୟା କହିଛନ୍ତି।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକିରୁ ଓହରିଲା ଭାରତ

**ନୂଆଦିଲ୍ଲୀ, ୫ା୧୦ (ପି.ଟି.)**




BIRMINGHAM 2022 commonwealth games

ବିଦେଶ ଯାତ୍ରୀଙ୍କ ଲାଗି ବ୍ରିଟେନର ଭେଦଭାବପୂର୍ଣ୍ଣ କ୍ୱାରାଣ୍ଟାଇନ ନିୟମ ଓ କୋଭିଡ୍‌ଜନିତ କାରଣରୁ ଆସନ୍ତାବର୍ଷ ବର୍ମିଂହାମ୍‌ଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକି ପ୍ରତିଯୋଗିତାରୁ ଭାରତ ଓହରିଯାଇଛି। ସମାନ କାରଣରୁ ଦିନକ ପୂର୍ବରୁ ଇଂଲଣ୍ଡ ଭୁବନେଶ୍ୱରରେ ହେବାକୁଥିବା ଜୁନିୟର ପୁରୁଷ ବିଶ୍ୱକପ୍ ଗ୍ରୁପ୍‌ରୁ ଓହରିଯାଇଥିଲା। ହକି ଇଣ୍ଡିଆ (ଏଚ୍‌ଆଇ)ର ନିଷ୍ପତ୍ତିକୁ ଏହାର ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମ୍‌ବାମ୍ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରାଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଦେଇଛନ୍ତି। ବର୍ମିଂହାମ୍ ଗେମ୍ସ (ଜୁଲାଇ ୨୮ରୁ ଅଗଷ୍ଟ ୮) ଓ ହାଙ୍ଗଝୋ ଏସିଆନ ଗେମ୍ସ (ସେପ୍ଟେମ୍ବର ୧୦ରୁ ୨୫) ମଧ୍ୟରେ ମାତ୍ର ୩୨ ଦିନ ସମୟ ରହୁଛି। କରୋନା ଭାଇରସ ଦ୍ୱାରା ଯେଉଁ କେତୋଟି ଦେଶ ବିଶେଷ ପ୍ରଭାବିତ ହୋଇଛନ୍ତି ସେମାନଙ୍କ ମଧ୍ୟରେ ୟୁନାଇଟେଡ କିଙ୍ଗଡମ(ୟୁକେ) ରହିଛି। ତେଣୁ ଏହି ପରିସ୍ଥିତିରେ ୟୁକେକୁ ଖେଳାଳି ପଠାଇବା ରିସ୍କ ଭଳି ହେବ। ୨୦୨୪ ପ୍ୟାରିସ ଅଲିମ୍ପିକ ଗେମ୍ସ ପାଇଁ ଏସିଆନ ଗେମ୍ସ ହେଉଛି କଣ୍ଟିନେଣ୍ଟାଲ କ୍ୱାଲିଫିକେଶନ ଇଭେଣ୍ଟ। ତେଣୁ ଆମେ ଏସିଆନ ଗେମ୍ସକୁ ଅଗ୍ରାଧିକାର ଦେଉଛୁ। ରାଜ୍ୟଗୋଷ୍ଠୀ କ୍ରୀଡ଼ାବେଳେ ଭାରତୀୟ ଦଳର କୌଣସି ସଦସ୍ୟ କୋଭିଡ୍ ସଂକ୍ରମିତ ହେବାର ଆଶଙ୍କା ରହିଥିବାରୁ ଆମେ ରିସ୍କ ନେବାକୁ ଚାହୁଁନା। ହକି ଇଣ୍ଡିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨କୁ ପୁରୁଷ ଓ ମହିଳା ଦଳ ପଠାଇବ ନାହିଁ। ବିକଳ୍ପ ସ୍ୱରୂପ ଆୟୋଜକଗଣ ରିଜର୍ଭ ଦଳ ଚିହ୍ନଟର ବ୍ୟବସ୍ଥା ପାଇଁ ଆମେ ଅନୁରୋଧ କରୁଛୁ ବୋଲି ଜ୍ଞାନେନ୍ଦ୍ରୋ ତାଙ୍କ ଚିଠିରେ ଲେଖିଛନ୍ତି। ସୂଚନାଯୋଗ୍ୟ ୟୁକେ ନିକଟରେ ଭାରତର କୋଭିଡ୍ ଭ୍ୟାକ୍ସିନେଶନ ସାର୍ଟିଫିକେଟକୁ ସ୍ୱୀକୃତି ଦେବାକୁ ମନା କରି ଦେଇଥିଲା। ସମ୍ପୂର୍ଣ୍ଣ ଟିକାକରଣ ସତ୍ତ୍ୱେ ଭାରତରୁ ଆସୁଥିବା ଯାତ୍ରୀଙ୍କ ଲାଗି ୧୦ ଦିନ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯାଇଛି। ଜ୍ଞାନେନ୍ଦ୍ରୋ ଆଇଓଏ ସଭାପତିଙ୍କ ନିକଟକୁ ଲେଖିଥିବା ଚିଠିରେ ସ୍ପଷ୍ଟ ଭାବେ ୟୁକେର ଭେଦଭାବ ନୀତି ବିଷୟରେ ଉଲ୍ଲେଖ କରିଛନ୍ତି। ଏହି ପ୍ରସଙ୍ଗ ନେଇ ଖେଳର ବିଶ୍ୱ ପରିଚାଳନା ପରିଷଦ ଏଫ୍‌ଆଇଏଚ୍ ସହ ଯୋଗାଯୋଗ କରିବା ଲାଗି ସେ ଆଇଓଏ ସଭାପତିଙ୍କୁ ଅନୁରୋଧ କରିଛନ୍ତି। ଘଟଣାକ୍ରମେ ବାତ୍ରା ବର୍ତ୍ତମାନ ଏଫ୍‌ଆଇଏଚ୍‌ର ସଭାପତି ଅଛନ୍ତି। ଜ୍ଞାନେନ୍ଦ୍ରୋ ଦର୍ଶାଇଛନ୍ତି, ନିକଟରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ ଗେମ୍ସ ବେଳେ ଭାରତୀୟ ଆଥଲେଟମାନଙ୍କ ଲାଗି ବାଛବିଚାର କଟକଣା ଜାରି କରାଯାଇ ନ ଥିଲା। ସମ୍ପୂର୍ଣ୍ଣ ଟିକାକରଣ ହୋଇସାରିଥିଲେ ସୁଦ୍ଧା ୧୦ଦିନ କ୍ୱାରାଣ୍ଟାଇନରେ ରହିବା ଦ୍ୱାରା ଖେଳାଳିଙ୍କ ପ୍ରଦର୍ଶନ ଉପରେ ଖରାପ ପ୍ରଭାବ ପକାଇଥାଏ ବୋଲି ଜ୍ଞାନେନ୍ଦ୍ରୋ ପ୍ରକାଶ କରିଛନ୍ତି। ଏହି ସବୁ କଟଣା ଦ୍ୱାରା ଭାରତ ପ୍ରତି ପାତରଅନ୍ତର କରାଯାଉଛି ବୋଲି ଆମେ ମନେକରୁଛୁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଆସନ୍ତା ମାସରେ ଭୁବନେଶ୍ୱରରେ ହେବାକୁଥିବା ଜୁନିୟର ବିଶ୍ୱକପ୍‌ରୁ ଇଂଲଣ୍ଡ ଓହରିଯିବା ଦିନକ ପରେ ହକି ଇଣ୍ଡିଆ ଏହି ପଦକ୍ଷେପ ନେଇଛି। ୟୁକେ ଭଳି ଭାରତ ସରକାର ବ୍ରିଟିଶ ନାଗରିକମାନଙ୍କ ଲାଗି ଅନୁରୂପ ନୂଆ ପ୍ରୋଟୋକଲ ଜାରି କରିଛନ୍ତି। ତଦନୁସାରେ ସମ୍ପୂର୍ଣ୍ଣ ଟିକାକରଣ ସହ ଗସ୍ତର ୭୨ ଘଣ୍ଟା ପୂର୍ବରୁ ଆର୍‌ଟି-ପିସିଆର ଟେଷ୍ଟର ଫଳାଫଳ ଦାଖଲ କରିବାକୁ ହେବ। ଏତଦ୍‌ବ୍ୟତୀତ ସେମାନଙ୍କୁ ଆହୁରି ଦୁଇ ଥର ଆର୍‌ଟି-ପିସିଆର ଟେଷ୍ଟ ଦେବାକୁ ପଡ଼ିବ। ପ୍ରଥମେ ଭାରତରେ ବିମାନବନ୍ଦରରେ ଓହ୍ଲାଇବା କ୍ଷଣି ଦ୍ୱିତୀୟ ରପୋର୍ଟଟି ପହଞ୍ଚିବାର ୮ଦିନ ପରେ କରିବାକୁ ହେବ। ୨୦୧୮ରେ ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ପଦକ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। କିନ୍ତୁ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ ଉଭୟ ଦଳ ଇଂଲଣ୍ଡଠାରୁ ହାରିଯାଇଥିଲେ। ପୁରୁଷ ଦଳ ୧-୨ ଏବଂ ମହିଳା ଦଳ ୦-୬ ଗୋଲରେ ପରାଜିତ ହୋଇଥିଲା।

## ବକ୍ସିଂ: ଲଭଲିନାଙ୍କୁ ସିଧାସଳଖ ଏଣ୍ଟ୍ରି




ଲଭଲିନା ବର୍ଗୋହେନ

**ନୂଆଦିଲ୍ଲୀ, ୫ା୧୦ (ପି.ଟି.)**

ଆଗାମୀ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବର୍ଗୋହେନଙ୍କୁ ଭାରତୀୟ ଦଳ ପାଇଁ ସିଧାସଳଖ ଏଣ୍ଟ୍ରି ମିଳିଛି। ଅକ୍ଟୋବର ୨୧ରୁ ହିସାରରେ ଜାତୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରୁ ପ୍ରତ୍ୟେକ କାଟେଗୋରିର ସ୍ୱର୍ଣ୍ଣ ବିଜୟିନୀ ଏଆଇବିଏ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିବେ। କିନ୍ତୁ ୬୯କେଜି ଶ୍ରେଣୀରେ ଲଭଲିନା ସିଧାସଳଖ ଭାରତୀୟ ଦଳରେ ସ୍ଥାନ ପାଇବେ ବୋଲି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ କହିଛି। ତେଣୁ ୨୪ ବର୍ଷୀୟା ଲଭଲିନା ଜାତୀୟ ପ୍ରତିଯୋଗିତାରୁ ଓହରିଯିବା ସ୍ୱାଭାବିକ। ବିଶ୍ୱ ଚାମ୍ପିୟନଶିପ୍ ଡିସେମ୍ବରରେ ଇସ୍ତାନବୁଲରେ ହେବ। ହେଲେ ପ୍ରତିଯୋଗିତାରେ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

# ଐଶ୍ୱରୀ ତୋମାରଙ୍କ ବିଶ୍ୱ ରେକର୍ଡ



ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତର ଐଶ୍ୱରୀ ପ୍ରତାପ ସିଂ ତୋମାର (ମଝି)।

**ଲିମା, ୫ା୧୦ (ପି.ଟି.)**

**ଜୁନିୟର ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍**

ଭାରତର ଯୁବ ଶୁଟର ଐଶ୍ୱରୀ ପ୍ରତାପ ସିଂ ତୋମାର ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ୫୦ ମିଟର ରାଇଫଲ ଥ୍ରି ପୋଜିଶନ ଇଭେଣ୍ଟର ଫାଇନାଲ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ସୋମବାର ଅନୁଷ୍ଠିତ କ୍ୱାଲିଫିକେଶନ୍‌ରେ ସେ ୧୧୮୫ ସ୍କୋର କରି ଜୁନିୟର ବିଶ୍ୱ ରେକର୍ଡ ସମକକ୍ଷ ହୋଇଥିଲେ। ସେ ପରେ ଫାଇନାଲରେ ୪୬୩.୪ ସ୍କୋର କରି ଜୁନିୟର ବିଶ୍ୱ ରେକର୍ଡ ଭଙ୍ଗ କରିଥିଲେ। ଫ୍ରାନ୍ସର ଲୁକାସ କ୍ରିଜସ ୪୫୬.୫ ସ୍କୋର ସହ ରୌପ୍ୟ ପଦକ ଲାଭ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ଗାଭିନ ବାର୍ନିକ (୪୪୬.୬) ବ୍ରୋଞ୍ଜ ପାଇଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଶଙ୍କର ହାଭେଲିଆ (୧୧୬୦) ୧୧ତମ, ପଙ୍କଜ ମୁଖେଜା (୧୧୫୭) ୧୫ତମ, ସର୍ତ୍ତଜ ତିୱାନା (୧୧୫୭) ୧୬ତମ ଓ ଗୁରମାନ ସିଂ (୧୧୫୩) ୨୨ତମ ସ୍ଥାନରେ ରହିଥିଲେ। ପୂର୍ବରୁ ଭାରତର ୧୪ ବର୍ଷୀୟା ଶୁଟର ନମ୍ୟା କାପୁର ନିଜ ଦେଶର ଷ୍ଟାର ଶୁଟର ମନୁ ଭାକରଙ୍କୁ ପଛରେ ପକାଇ ମହିଳା ୨୫ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହି ଇଭେଣ୍ଟର ଫାଇନାଲରେ ସେ ୩୬ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ପଛ ଯଥାକ୍ରମେ ଫ୍ରାନ୍ସର କାମିଲି ଜର୍ଡଜେୱେସ୍କି (୩୩) ଓ ୧୯ ବର୍ଷୀୟା ଅଲିମ୍ପିଆନ ଭାକର (୩୧)ଙ୍କୁ ପଛରେ ପକାଇଥିଲେ, ଯେଉଁମାନେ କି ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ରିଦ୍ଦିମ ସାଙ୍ଗୱାନ ଚତୁର୍ଥ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ କ୍ୱାଲିଫିକେଶନର କାପୁର ୫୮୦ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଭାକର (୫୮୭) ଓ ସାଙ୍ଗୱାନ (୫୮୬) ପ୍ରଥମ ଦୁଇ ସ୍ଥାନରେ ରହିଥିଲେ। ପଦକ ତାଲିକାରେ ଭାରତ ୮ସ୍ୱର୍ଣ୍ଣ, ୬ ରୌପ୍ୟ ଓ ବ୍ରୋଞ୍ଜ ସହ ମୋଟ ୧୭ ପଦକ ଲାଭ କରି ପ୍ରଥମ ସ୍ଥାନରେ ରହିଛି।

# ସ୍ମୃତି ପ୍ରଶଂସାର ହକ୍‌ଦାର

**ଗୌତମ ଗମ୍ଭୀର**

ଭାରତୀୟ ମହିଳା ବ୍ୟାଟର ସ୍ମୃତି ମାନ୍ଧନା ନିଜକୁ ଜଣେ ଲଢୁଆ କ୍ରିକେଟର ଭାବେ ପ୍ରମାଣିତ କରିଛନ୍ତି। ସେ ଭାରତୀୟ ମହିଳା କ୍ରିକେଟକୁ ନିଜ କାନ୍ଧରେ ଆଗକୁ ଦୀର୍ଘ ଦିନ ପାଇଁ ବୋହି ନେବାର କ୍ଷମତା ରଖୁଛନ୍ତି ଓ ସେ ଲମ୍ବା ରେସ୍‌ର ଘୋଡ଼ା ବୋଲି କହିଲେ ଭୁଲ ହେବ ନାହିଁ। ବଳ ଖଟାଇବା ଅପେକ୍ଷା ସେ ନିଜ ଦୃଷ୍ଟିଶକ୍ତିର ବ୍ୟବହାର କରି ଉଚିତ ଟାଇମିଂର ସହ ଶଟ୍ ଖେଳି ଦୀର୍ଘ ସମୟଧର କ୍ରିଜ୍‌ରେ ତିଷ୍ଠି ରହିବାର କ୍ଷମତା ରଖୁଛନ୍ତି। ଅତି ସହଜରେ ଗ୍ୟାପ୍‌କୁ ଠାବ କରି ସେ ଶଟ୍ ଖେଳିପାରୁଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର ତଥା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ସେ ଐତିହାସିକ ଶତକ ହାସଲ କରି ନିଜ ଅସାଧାରଣ ଦକ୍ଷତା ପ୍ରମାଣ ଦେଇଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ଫଲୋଅରଙ୍କ ସଂଖ୍ୟା ୫ ମିଲିୟନ ଛୁଇଁଛି। ସେ ପ୍ରଶଂସାର ହକ୍‌ଦାର। ଏବେ ମଧ୍ୟ ମାନ୍ଧନା ପିଲାବେଳର କୋଚ୍ ଅନନ୍ତ ତାମ୍ବେକରଙ୍କ ସହ ଯୋଗାଯୋଗ ରକ୍ଷା କରିଛନ୍ତି। ସଫଳତା ପାଇବା ପରେ ପଛ କଥାକୁ ସମସ୍ତେ ଭୁଲିଯାଆନ୍ତି। କିନ୍ତୁ ମାନ୍ଧନା ନିଜର ମୂଳ ପୃଷ୍ଠଭୂମିକୁ ଭୁଲିନାହାନ୍ତି। କୋଚ୍ ତାଙ୍କୁ ବଡ଼ ଶତକ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚାଲିଥିବା ବେଳେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ଜଣେ ମହିଳା ଖେଳାଳିଙ୍କ ପାଇଁ ସେତେଟା ସହଜ ନୁହେଁ। ତାଙ୍କର ଏହି ଶତକ କେବଳ ଗଣମାଧ୍ୟମ ନୁହେଁ ସବୁ କ୍ରିକେଟ ତଥା କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ମାନ୍ଧନାଙ୍କ ପିଙ୍କ୍ ବଲ୍ ଶତକ ନେଇ ଗୁଗ୍‌ଲରେ ୧,୪୩, ୦୦୦ ସର୍ଚ୍ଚ କରାଯାଇଛି। ଚେନ୍ନାଇର ପିଚ୍ ଭଳି ଏହା ମନେହେଉଛି। ଛୋଟ ଗ୍ରାଉଣ୍ଡରେ ବ୍ୟାଟିଂ ପିଚ୍‌ରେ ମ୍ୟାଚ୍ ଖେଳାଗଲେ ବୋଲରମାନେ ବ୍ୟୟବହୁଳ ସାବ୍ୟସ୍ତ ହେବେ। କେବଳ ବଡ଼ ଶଟ୍ ଖେଳିବାକୁ କ୍ରିକେଟ କୁହାଯାଏ ନାହିଁ। ଯଦି ଏହା ହୋଇଥାନ୍ତା ବ୍ୟାଟ୍ସମ୍ୟାନଙ୍କୁ ବୋଲିଂ ମେଶିନରେ ବୋଲିଂ କରାଯାଇପାରନ୍ତା। ଟି୨୦ ବିଶ୍ୱକପ୍‌ରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦର୍ଶକମାନଙ୍କୁ ଷ୍ଟାଡ଼ିୟମରେ ପ୍ରବେଶ କରିବାକୁ ଅନୁମତି ଦେବ। ଏହା ଜାଣି ହାଲୁକା ଅନୁଭବ କରୁଛି। ୭୦ ପ୍ରତିଶତ ଦର୍ଶକ ବସିବେ ଓ ଏହା ଷ୍ଟାଡ଼ିୟମରେ ନିଶ୍ଚିତ ଭାବେ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବ। ଏହି ନିଷ୍ପତ୍ତି ନେବା ପୂର୍ବରୁ ଆଇସିସି ସବୁ ଦୃଷ୍ଟିକୋଣକୁ ବିଚାର କରିଥିବ। ପ୍ରଶଂସକ ତଥା ଦର୍ଶକ ବିନା ଜଣେ ଖେଳାଳିଙ୍କ ପ୍ରଦର୍ଶନ ବିଷୟରେ ଚିନ୍ତା କରାଯାଇପାରେନା। ଆଇସିସିର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଶାରଜା କ୍ରିକେଟ ଗ୍ରାଉଣ୍ଡର ପିଚ୍ ଏବେ ସମସ୍ତଙ୍କ ନଜରକୁ ଆସିଛି। ଟି୨୦ ଫର୍ମାଟରେ ଏହି ପିଚ୍‌ଗୁଡ଼ିକରେ ହାଇସ୍କୋରିଂ ମ୍ୟାଚ୍ ହେବ ବୋଲି ଆଶା କରାଯାଉଥିଲେ ମଧ୍ୟ ତାହା ହୋଇପାରିନାହିଁ। ଏହି ପିଚ୍‌ଗୁଡ଼ିକରେ ତାରକା ବ୍ୟାଟ୍ସମ୍ୟାନମାନେ ବଡ ଶଟ୍ ଖେଳିବାକୁ ସଂଘର୍ଷ କରୁଛନ୍ତି। ବ୍ୟକ୍ତିଗତ ଭାବେ ଶାରଜାର ମନ୍ଥର ପିଚ୍‌କୁ ପସନ୍ଦ କରୁଛି। ଛୋଟ ଗ୍ରାଉଣ୍ଡ ଓ କଷ୍ଟକର ପିଚ୍‌କୁ ଅଧିକ ପ୍ରାଧାନ୍ୟ ଦେଇଥାଏ ଓ ଶାରଜାରେ ଏହା ଦେଖିବାକୁ ମିଳିଛି। **(ଦୀନେଶ ଚୋପ୍ରା/ ଗେମପ୍ଲାନ)**

SEAGRAM'S
ROYAL STAG
PACKAGED DRINKING WATER

# ମୁମ୍ବାଇ ୮ ଉଇକେଟରେ ରାଜସ୍ଥାନକୁ ହରାଇଲା

**ଶାରଜା, ୫ା୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୮ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୯୦ ରନ କରିଥିଲା। ମୁମ୍ବାଇ ମାତ୍ର ୮.୨ ଓଭରରେ ୨ ଉଇକେଟ ହରାଇ ୯୪ ରନ ସଂଗ୍ରହ କରି ନେଇଥିଲା। ବିସ୍ଫୋରକ ଇନିଂସ ଖେଳିଥିବା ଇଶାନ କିଶନ ୨୫ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୫୦ ରନରେ ଅପରାଜିତ ଥିଲେ। ରୋହିତ ଶର୍ମା ୨୨ ଓ ସୂର୍ଯ୍ୟକୁମାର ଯାଦବ ୧୩ ରନ କରିଥିଲେ। ୧୩ ମ୍ୟାଚରୁ ୬ଷ୍ଠ ବିଜୟ ସହ ମୁମ୍ବାଇ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ଦଳର ପଏଣ୍ଟ ସଂଖ୍ୟା କୋଲକାତା ନାଇଟ ରାଇଡର୍ସ ସମକକ୍ଷ ୧୨ରେ ପହଞ୍ଚିଛି। ଫଳରେ ଦଳର ପ୍ଲେ-ଅଫ୍ ପ୍ରବେଶ ଆଶା ଉଜ୍ଜୀବିତ ରହିଛି। ଏହା ବ୍ୟତୀତ ଦଳର ରନ ହାରରେ ମଧ୍ୟ ବହୁ ଉନ୍ନତି ଘଟିଛି। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ୧୩ ମ୍ୟାଚରୁ ୮ମ ପରାଜୟ ବରଣ କରିଥିବାରୁ ପ୍ଲେ-ଅଫ୍ ଆଶା ଛାଡ଼ିଛି।



**ଆଜିର ମ୍ୟାଚ**

ରୟାଲ ଚ୍ୟାଲେଞ୍ଜର୍ସ **ବନାମ** ସନ୍‌ରାଇଜର୍ସ

ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ୨୦୨୧ ସିଜନରେ ସର୍ବନିମ୍ନ

ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତାହାକୁ ଉଚିତ ସାବ୍ୟସ୍ତ କରି ମୁମ୍ବାଇ ବୋଲରମାନେ ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ରାଜସ୍ଥାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଟପ୍ ଅର୍ଡରରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ରାଜସ୍ଥାନ ରୟାଲ୍ସର ବ୍ୟାଟରମାନେ ରନ ପାଇଁ ସଂଘର୍ଷ କରିଥିଲେ। ଓପନର ଇଭିନ ଲିୱିସ ୧୯ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୨୪ ରନ ସ୍କୋର କରିଥିଲେ। ଡେଭିଡ ମିଲର ୧୫, ଯଶସ୍ୱି ଜୟସ୍ୱାଲ ଓ ରାହୁଲ ଟେୱାଟିଆ ୧୨ ରନ ଲେଖାଏ କରିଥିବାବେଳେ ଅନ୍ୟ କେହି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ନାଥାନ କୁଲ୍ଟର-ନିଲ ୧୪ ରନରେ ୪ଟି, ଜେମ୍ସ ନୀଶାମ ୧୨ ରନରେ ୩ଟି ଓ ଯଶପ୍ରୀତ୍ ବୁମ୍‌ରା ୧୪ ରନରେ ୨ଟି ଉଇକେଟ ନେଇଥିଲେ। ରାଜସ୍ଥାନର ୯୦ ରନ ଚଳିତ ଆଇପିଏଲ ସିଜନରେ ଦଳଗତ ସର୍ବନିମ୍ନ ସ୍କୋର। ପୂର୍ବରୁ ଆବୁଧାବିଠାରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୯୨ ରନ କରି ଏହି ତାଲିକାର ସର୍ବାଗ୍ରେ ଥିଲା। ମୁମ୍ବାଇଠାରେ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ପଞ୍ଜାବ କିଙ୍ଗ୍ସ ୧୦୬/୮, ଦୁବାଇରେ ଆରସିବି ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ୧୧୧ ଏବଂ ଦୁବାଇରେ କୋଲକାତା ବିପକ୍ଷରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୧୫/୮ କରି ଏହି ତାଲିକାରେ ପଛକୁପଛ ରହିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ କିନ୍ତୁ ସର୍ବନିମ୍ନ ସ୍କୋର କରିବାର ରେକର୍ଡ ଆରସିବି ନାମରେ ରହିଛି। ୨୦୧୪ରେ ରାଜସ୍ଥାନ ବିପକ୍ଷରେ ଆରସିବି ୭୦ ରନ କରି ଏହି ଅଲୋଡ଼ା ରେକର୍ଡର ଅଧିକାରୀ ରହିଛି।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯୦/୯(ଇଭିନ ଲିୱିସ-୨୪, ନାଥାନ କୁଲ୍ଟର ନିଲ-୪/୧୪, ଜେମ୍ସ ନୀଶାମ-୩/୧୨, ଯଶପ୍ରୀତ୍ ବୁମ୍‌ରା-୨/୧୪)। ମୁମ୍ବାଇ ଇଣ୍ଡିଆନ୍ସ ୮.୨ ଓଭରରେ ୯୪/୨(ଇଶାନ କିଶନ-୫୦*, ରୋହିତ ଶର୍ମା-୨୨, ମୁସ୍ତାଫିଜୁର ରହମନ-୧/୩୨, ଚେତନ ସାକାରିଆ-୧/୩୬)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୧୦ | ୩ | ୨୦ | +୦.୫୨୬ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୩ | ୯ | ୪ | ୧୮ | +୦.୭୩୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୮ | ୪ | ୧୬ | -୦.୧୫୭ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୨୯୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୬ | ୭ | ୧୨ | -୦.୦୪୮ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୧୦ | -୦.୨୪୧ |
| ରାଜସ୍ଥାନ ରୟାଲ୍ସ | ୧୩ | ୫ | ୮ | ୧୦ | -୦.୭୩୭ |
| ସନ୍‌ରାଇଜର୍ସ | ୧୨ | ୨ | ୧୦ | ୪ | -୦.୪୭୫ |




ସଫଳ ବୋଲର ନାଥାନ କୁଲ୍ଟର-ନିଲ୍(ଡାହାଣ)ଙ୍କୁ ବଧେଇ ଜଣାଉଛନ୍ତି ରୋହିତ ଶର୍ମା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ







ଏକ୍ସ-ଶୋରୂମ୍ ମୂଲ୍ୟ ₹67 447⁺ | ₹5 000 ପର୍ଯ୍ୟନ୍ତର ସଞ୍ଚୟ** | 6.99% କମ ସୁଧ** | ନ୍ୟୁନ ଇଏମ୍‌ଆଇ** ₹1999

Finance Partners: TVS CREDIT | L&T Financial Services Two-wheeler Finance | HDFC BANK We understand your world | IDFC FIRST Bank ALWAYS YOU FIRST | ICICI Bank Credit & Debit Cards | 5% or upto ₹5000/- cashback valid on ICICI Bank Credit & Debit Card EMI* | RBL BANK apno ka bank

*T&C Apply. To know more visit www.tvsmotor.com ⁺Ex-showroom price Odisha of TVS Radeon ES Mag BS VI Base Variant. Prices subject to change without prior notice. ^5 year warranty without any additional charges. #For further details, please visit www.tvsmotor.com/tvs-radeon. Accessories shown on the bike may not be part of the standard fitment. **Finance at the sole discretion of the financier. Schemes cannot be clubbed.

TVS 5 YEAR WARRANTY ^ | ବଢ଼ିଆ ମାଇଲେଜ୍

FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in, Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph : 8114372182, 8114372181, Guru Gobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732; BHAWANIPATNA : Raj Rajeswari TVS, Ph : 7682809880. Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; Khariar Road, Ph.: 9938098888; Sohela, Ph.: 9938739550; Bhatli, Ph : 9090140103; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996; Diptipur, Ph : 7894726957, 9937219913; Dhama, Ph : 7735079641; Birmaharajpur, Ph : 8018860710.




Apne **Mutual Fund Distributor** ya **Investment Advisor** se baat karke jaanein ki Mutual Funds aapke liye kyun Sahi Hai.

• Visit mutualfundssahihai.com

Follow Mutual Funds Sahi Hai on:

Mutual Fund investments are subject to market risks, read all scheme related documents carefully.

MUTUAL FUNDS *Sahi Hai*

## ସୂଚନା ଅଧିକାର ଆଇନ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍:** ସୂଚନା ଅଧିକାର ଅଭିଯାନ ଓଡ଼ିଶା ପକ୍ଷରୁ ବରଗଡ଼ରେ ସୂଚନା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଗାନ୍ଧୀଛକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସୁଶାନ୍ତ ଗଡ଼ତିଆ, ରମେଶ ମହାପାତ୍ର, ଗଙ୍ଗାଧର ପୂଜାରୀ, କାର୍ତ୍ତିକ ସାହୁ, ସୁକଦେବ ପ୍ରଧାନ, ଚୈତନ୍ୟ ବାଗ, ଜିତେନ ଅଦାବର ପ୍ରମୁଖ ଯୋଗ ଦେଇ ସୂଚନା ଅଧିକାର ଆଇନ ଉପରେ ବକ୍ତବ୍ୟ ରଖିଥିଲେ। ସୂଚନା ଅଧିକାର ଆଇନର ଉପାଦେୟତା ଉପରେ କହିବା ସହିତ ଏହି ଆଇନ ବଳରେ କିଭଳି ତଥ୍ୟ ସଂଗ୍ରହ କରାଯାଇ ପାରିବ ସେ ନେଇ ପ୍ରଶିକ୍ଷଣ ମଧ୍ୟ ଦେଇଥିଲେ। ଏହା ସହିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା ।

**ସଂକ୍ଷେପରେ**

## ଗୋଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ

**ଖପ୍ରାଖୋଲ,୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲିଠାରେ ଗୋଣ୍ଡ ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଚୌବନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ସମ୍ପାଦକ ମୁରଲୀ ମାଝୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ବିପ୍ର ବିଶି, କ୍ଷିତି ଗଏତା, ହରିହର ମାଝୀ, ପୂର୍ବତନ ସଭାପତି ଡଗରଜିତ ମାଝୀ, କେତନ ଛତ୍ରିଆ, ଖୀରଧର ମାଝୀ ପ୍ରମୁଖ ଯୋଗଦେଇଥିଲେ। ପରେ ସମସ୍ତେ ନୂଆ ଚୂଡ଼ା ଓ ପିଠା ଭକ୍ଷଣ କରିଥିଲେ । ଏହି ଅବସରରେ ନିଜ ଗୋଣ୍ଡ ସମାଜର ସାମାଜିକ, ଅର୍ଥନୈତିକ ବିକାଶ ସହିତ ସଂସ୍କୃତି, ଭାଷା, ପରମ୍ପରା, ସାହିତ୍ୟ ଇତିହାସ ଓ ସମାଜର ଚଳଣିକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦକ କ୍ଷୀରସିନ୍ଧୁ ମାଝୀ, ଯୁଗେଶ୍ୱର ପୁଟା, ସଦା ଧରୁଆ, ଟିକେଶ୍ୱର ଧରୁଆ, କମଳ ମାଝୀ, ବସନ୍ତ ମାଝୀ, କଲମତ୍ ମାଝୀ, ଗୋପାଲ ଧରୁଆ, କେତନ ଧରୁଆ, କ୍ଷମାକର ମାଝୀ, ନୀଳାମ୍ବର ଧରୁଆ ପ୍ରମୁଖ ଯୋଗଦେଇଥିଲେ । ଧରମ ସିଂ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା ପାଟଖଣ୍ଡାଙ୍କ ଷୋଳପୂଜା

**ଦେଓଗାଁ, ୫।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରସିଂହାରେ ମାଁ ପାଟଖଣ୍ଡା ଙ୍କ ଷୋଳପୂଜା ଅନୁଷ୍ଠିତ ହେଉଛି । ମଙ୍ଗଳବାର ଚତୁର୍ଦ୍ଦଶୀ ତିଥିରେ ଗାଁ ମଧଭାଗରେ ଥିବା ମାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମାଁ ବୁଢ଼ିଆଇ ମନ୍ଦିରରେ ମଧ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମାଁ ପାଟଖଣ୍ଡା ଓ ବିରୁପାଣୀ ପାରମ୍ପାରିକ ବାଦ୍ୟର ତାଳେତାଳେ ନୃତ୍ୟକରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ପାରମ୍ପରିକ ବାଦ୍ୟ ସହ ରୀତିନୀତି ଅନୁସାରେ ପାଟଖଣ୍ଡା ମନ୍ଦିରରୁ ଦେବତା ବାହାରୀ ରାଜ ବଖରୀକୁ ଆଗମାନ କରିଥିଲେ । ସେଠାରେ ପୂର୍ବରୁ ଅପେକ୍ଷାରେ ରହିଥିବା ସ୍ଥାନୀୟ ଜମିଦାର ସାମନ୍ତ ଦୁର୍ଗା ପ୍ରସାଦ ସିଂଦେଓଙ୍କୁ ଫୁକାଝରା କରିବାପରେ ଉପସ୍ଥିତ ଭକ୍ତଙ୍କ ହାରିଗୁହାରୀ ଶୁଣି ଆଶୀର୍ବଚନ ପ୍ରଦାନ କରିଥିଲେ । ବୁଧବାର ତେଲେନବସା ଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ବିଏନଏଏ ତଥା ଯାତ୍ରା ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ପାଟଖଣ୍ଡା ମୁଖ୍ୟ ଦେହୂରୀ ସନ୍ତୋଷ ଥନାପେତ, ବିରୁପାଣି ବୁଡୁ ପଥ୍ରୀମାଲି ଦାୟିତ୍ୱ ନିର୍ବାହ କରୁଥିବା ବେଳେ ୩୨ ଦେହୁଲିଆ ସହଯୋଗ କରୁଛନ୍ତି ।

## କାମ କରି ମିଳିନି ପାଉଣା

**ଦେଓଗାଁ,୫।୧୦ (ଡି.ଏନ.ଏ):** ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲି ନିକଟମୁକ୍ତାକଟାକୁ ଯିବା ରାସ୍ତାଉନ୍ନତି କରଣ କାମ କରି ଆଜକୁ ୨ମାସ ହେଲା ଶ୍ରମିକଙ୍କ ପାଉଣା ମିଳିନାହିଁ। ଏନେଇ ମଙ୍ଗଳବାର ରେଙ୍ଗାଲି ଗାଁର ଡାକ୍ତର ସୁନା, ରାତୁ ସୁନା, ଯଶୋଦା ସୁନା, କୁନ୍ତି ଷାଣ୍ଢ, ଭକ୍ତ ପଧାନ, ଶମ୍ଭୁ ସୁନା,ଉମା ସୁନା, ପଙ୍କଜ ପଧାନ, ରମେଶ ଷାଣ୍ଢ ପ୍ରମୁଖ ଶ୍ରମିକ ବ୍ଲକ କାର୍ଯ୍ୟାଳୟ ଆସି ବିଡିଓଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଶ୍ରମିକଙ୍କ ଅଭିଯୋଗ ଅନୁସାରେ ଆଜକୁ ୨ମାସ ତଳେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଉକ୍ତ ରାସ୍ତା ଉନ୍ନତିକରଣ କାମରେ ପଞ୍ଚାୟତ ପକ୍ଷରୁ ନିୟୋଜିତ ହୋଇଥିଲେ ।ହେଲେ ଏଯାଏ ତାଙ୍କ ପାରିଶ୍ରମିକ ପାଇ ନ ଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି। ଏଣୁ ଏଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ଦାବିକରିଛନ୍ତି ।

# ବନ୍ୟାରେ ଧୋଇଛି ରାସ୍ତା, ମରାମତି ହେଉନି

**ଲୋଇସିଂହା,୫।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତ ଅନ୍ତର୍ଗତ ହଳୀଦୀପଦରରୁ ବାବୁପାଲିକୁ ସଂଯୋଗ କରୁଥିବା ରାସ୍ତାର ଅଇଁଳାପାଲି ନାଳା ଉପରେ ନିର୍ମିତ କଲଭର୍ଟ ସଂଯୋଗୀ ରାସ୍ତା ଗତମାସ ବନ୍ୟାରେ ଧୋଇ ହୋଇଯାଇଛି। ଗତବର୍ଷ ପଞ୍ଚାୟତ ସମିତି ପକ୍ଷରୁ ଏହାର ନିର୍ମାଣ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଆନନ୍ଦ ବିଶି ଏ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏ ଯାଏ ମରାମତି କରାଯାଇନାହିଁ । ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ହଳୀପଦର, ବାବୁପାଲି, ଝାଙ୍କରପାଲି, ଅଇଁଳାପାଲି, ମୁଣ୍ଡାପାଲି, ଗଣ୍ଡପାଲି, ପୁଡାପଦର, ବୋରୋମୁଣ୍ଡା, ଡୁଡୁକାମୁଣ୍ଡା ପ୍ରଭୃତି ୧୦ଖଣ୍ଡ ଗାଁର ଲୋକେ ଯାତାୟାତବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଲଭର୍ଟ ସ୍ଥାନରେ ରାସ୍ତା ଖାଇଯାଇଥିବାରୁ ବିପଦ ସଙ୍କୁଳ ଅବସ୍ଥାରେ ଲୋକେ ଯାନବାହନରେ ଯିବା ଆସିବା କରୁଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଆଗଲପୁର ପଞ୍ଚୟତ ସମିତ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ କରାଯାଇଥିଲା । ହେଲେ ମରାମତିର କିଛି ମାସ ପରେ ଗତମାସର ଲଗାଣ ବର୍ଷା ଯୋଗୁ ଅଇଁଳାପାଲି ଓ ମୁଣ୍ଡାପାଲି ଗ୍ରାମର ବାହାଲ ଚାଷଜମିରୁ ଆସୁଥିବା ପାଣିରେ ଉକ୍ତ ରାସ୍ତା ଧୋଇ ହୋଇଯାଇଛି । ନିମ୍ନମାନର ତଥା ଦୁର୍ବଳ କାମ ଯୋଗୁ ଏପରି ହୋଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଧୋଇ ହୋଇଯାଇଥିବା କଲଭର୍ଟ ସଂଯୋଗୀ ରାସ୍ତା।

# ବିଶ୍ୱକଲ୍ୟାଣ ହିଁ କର୍ମର ମାନଦଣ୍ଡ

**ବଲାଙ୍ଗୀର ଅଫିସ, ୫।୧୦**

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ସୋମବାର ସନ୍ଧ୍ୟାରେ ସାହିତ୍ୟ ସମାଜ ଓ ସଂସ୍କୃତି ଉପରେ କାର୍ଯ୍ୟରତ ଅନୁଷ୍ଠାନ ରଚନା ପକ୍ଷରୁ ଗାଳ୍ପିକ ମନୋଜ ପଣ୍ଡା ପ୍ରଥମ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ଏହି ସ୍ମାରକୀ ବକ୍ତୃତାରେ ପ୍ରଫେସର ମଧୁସୂଦନ ପତି କର୍ମ ଜିଏଁ ନର ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମଣିଷର ପରିଚୟ ତାର କର୍ମରୁ ନିରୂପିତ ହୁଏ। ପ୍ରକୃତି ଏବଂ ବିଶ୍ୱର କଲ୍ୟାଣ ହିଁ ମଣିଷର କର୍ତ୍ତବ୍ୟ। ନିଃସ୍ୱାର୍ଥପର କର୍ମ ମଣିଷକୁ ପ୍ରକୃତି ସହିତ ଯୋଡି ରଖେ। ଏମିତି ଏକ ଚେତନାରସ୍ତରରେ ପହଞ୍ଚି ପାରିଲେ ବ୍ୟକ୍ତି ସମଗ୍ର ବିଶ୍ୱ ଏବଂ ମଣିଷ ଜାତି ସହିତ ଏକାତ୍ମ ଅନୁଭବ କରେ। ରେଣୁ ଦୈହିକ ଆୟୁଷ ନୁହେଁ କର୍ମ ହିଁ ଜୀବନର ମାନଦଣ୍ଡ ବୋଲି ଆଲୋଚକ ପ୍ରଫେସର ପତି କହିଥିଲେ। ରଚନା ସଭାପତି ଶିକ୍ଷାବିତ୍ ସନାତନ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରଚନା ସମ୍ପାଦକ ଭାଗିରଥି ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇ ଗାଳ୍ପିକ ପଣ୍ଡାଙ୍କ ସାହିତ୍ୟିକ କୃତି ଏବଂ ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଓ ସସ୍ମିତା ନେପାକ କଥାକାର ସ୍ୱର୍ଗତ ପଣ୍ଡାଙ୍କ ସାରଳା ପୁରସ୍କାରପ୍ରାପ୍ତ ଗଳ୍ପ ସଙ୍କଳନର କିୟଦଂଶ ପାଠ କରିଥିଲେ। ସଭାପତୀୟ ଅଭିଭାଷଣରେ ଶିକ୍ଷାବିତ୍ ଠାକୁର ଗାଳ୍ପିକ ପଣ୍ଡାଙ୍କ ଜୀବନୀ ଓ ସୃଜନ ଉପରେ ଆଲୋକପାତ କରିଥିଲେ। ଶେଷରେ ରଚନା ସହସମ୍ପାଦକ ଅଧାପକ ଲକ୍ଷ୍ମଣ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।



ଗାଳ୍ପିକ ମନୋଜ ପଣ୍ଡା ସ୍ମାରକୀ ବକ୍ତୃତା ସଭାରେ ମଞ୍ଚାସୀନ ଅତିଥି ବକ୍ତା।

# ଫୁଟବଲ ଟୁର୍ନାମେଣ୍ଟ: ଡୁରୁମ ଚାମ୍ପିୟନ

**ବିନିକା, ୫।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅଧୀନ ବାଗଡିଆ ଗ୍ରାମ ଖେଳ ପଡିଆରେ ବାଗଡିଆ ୟୁଥ କ୍ଲବ ଆୟୋଜନରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ସାରସମାଲ ଓ ଡୁରୁମ ମଧ୍ୟରେ ହୋଇଥିଲା । ଏଥିରେ ଡୁରମ ସାରସମାଲକୁ ୧-୦ ଗୋଲରେ ପରାଜିତ କରି ଫାଇନାଲରେ ପହଞ୍ଚିଥିଲା। ଦ୍ୱିତୀୟ ସେମିଫାଇନାଲ କୌଡିଆମୁଣ୍ଡା ଓ ଆରାଧ୍ୟା କ୍ଲବ ଏଫ୍‌ସି ମଧ୍ୟରେ ହୋଇଥିଲା। ଏଥିରେ କୌଡିଆମୁଣ୍ଡା ଦଳ ଆରାଧ୍ୟା ଦଳକୁ ୨-୦ ଗୋଲରେ ପରାଜିତ କରି ଦ୍ୱିତୀୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲ ଖେଳ ଡୁରୁମ ଓ କୌଡିଆମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଡୁରୁମ ଦଳ କୌଡିଆମୁଣ୍ଡାକୁ ୧-୦ ଗୋଲରେ ପରାସ୍ତ କରି ଟାଇଟଲ ହାସଲ କରିଥିଲା। ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ସମ୍ମାନୀତ ଅତିଥି ଶଙ୍କର ଭୁଏ, ଭାଗବତ ପଧାନ, ରାମ ନାରାୟଣ ବଡପଣ୍ଡା, ମହେନ୍ଦ୍ର ମହାଲିଙ୍ଗ, ପ୍ରଦୀପ ଭୁଏ, ପ୍ରମୋଦ ବିଶି, ବିଶ୍ୱ ବଡପଣ୍ଡା, ରିତ ସାହୁ, ଉତମ ପୋଢ, ଲିଙ୍ଗରାଜ ସେଟ୍ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟ ଆୟୋଜନର ବାଗଡିଆ ୟୁଥ କମିଟିର ଗଣେଷ ରାଏ, ଜୟନ୍ତ ସେଟ୍, ଜିତେନ୍ଦ୍ର ରାଏ ପ୍ରମୁଖ ସହଯୋଗ କରିଥିଲେ।


ବିଜେତା ଓ ଉପବିଜେତା ଦଳ ସହ ଅତିଥିମାନେ।

## ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ଟିଟିଲାଗଡ଼, ୫।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅଞ୍ଚଳର ସିହିନି, ମାହେଶ୍ୱରୀ ହିନ୍ଦୀ ହାଇସ୍କୁଲ ଏବଂ ବାଳକ ହାଇସ୍କୁଲ ଆଦି ତିନିଟି ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସରକାର ୫ଟି ବିଦ୍ୟାଳୟ ରୂପାନ୍ତରଣ ଯୋଜାନରେ ସାମିଲ କରିଛନ୍ତି। ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣା ଟିଟିଲାଗଡ ଗସ୍ତରେ ଆସି କାର୍ଯ୍ୟ ତଦାରଖ କରିଛନ୍ତି। ବାଳକ ହାଇସ୍କୁଲକୁ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଶିକ୍ଷା ଗ୍ରହଣ କରିଥିବା ନେଇ ପୋଷ୍ୟ ଭାବରେ ଗ୍ରହଣ ସହ ପରିଷଦ ପାଣ୍ଠିରୁ ୯୦ ଲକ୍ଷ ଟଙ୍କା ଦେଇଛନ୍ତି। ଜିଲାପାଳ ସହରର ଅନ୍ୟ ଏକ ୫-ଟି ବିଦ୍ୟାଳୟ ମାହେଶ୍ୱରୀ ହିନ୍ଦୀ ହାଇସ୍କୁଲ ଗସ୍ତ ସମୟରେ ଜିଲା ଶିକ୍ଷା ଅଧିକାରୀ ଧୃବଚରଣ ବେହେରା ବିଦ୍ୟାଳୟର ୧୦ଟି ଷ୍ଟଲ ସହରରେ ରହିଥିବା ବେଳେ ଟଙ୍କା ସ୍କୁଲକୁ ଆସୁ ନ ଥିବା କହିଥିଲେ। ଷ୍ଟଲ ଭଡା ଟଙ୍କା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ଯେଭଳି ଲାଗିବ ସେ ନେଇ ତଦାରଖ କରିବାକୁ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୫-ଟିରେ ସାମିଲ ହୋଇଥିବା ବ୍ଲକ ଅନ୍ତର୍ଗତ ସିହିନି ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ଦେଖି ଜିଲାପାଳ ବିଡିଓ ନବୀନ ଚନ୍ଦ୍ର ନାୟକ, ସରପଞ୍ଚ ବିରବର ସାହୁଙ୍କୁ ଜିଲାପାଳ ଉଚ୍ଚ ପ୍ରଶଂସା କରିଥିଲେ। ଗସ୍ତ ସମୟରେ ଉପଜିଲାପାଳ ମହାଜନ, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ଜ୍ଞାନରଞ୍ଜନ ସରାଫ, ଧ୍ରୁବଲେ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଣ୍ଡାପଡା ପଞ୍ଚାୟତରେ ଦାନ ଉତ୍ସବ କାର୍ଯ୍ୟକ୍ରମ

**ବୌଦ୍ଧ, ୫।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ମୁଣ୍ଡାପଡା ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତ ସଭାଗୃହ ଠାରେ ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ଅଧକ୍ଷତାରେ ଏକ କିଶୋରୀ ବାଳିକା ଓ କିଶୋର ବାଳକମାନଙ୍କୁ ନେଇ ଦାନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟବିବାହ, ଶିଶୁ ଶ୍ରମିକ ଓ ଶିଶୁମାନଙ୍କୁ ଶିକ୍ଷାରୁ ବଞ୍ଚିତ ନେଇ ଆଲୋଚନା ହୋଇଥିଲା। ସିଆରସିସି ଶେଷଦେବ ପ୍ରଧାନ, ୱାଇସିଡିଏର ମମତା ପରିଡା, ହରପ୍ରକାଶ ତ୍ରିପାଠୀ, ଚାଇଲଡ ହେଲପ୍ ଲାଇନ କାଉନସିଲର ସ୍ୱଦ୍ଧାମୟୀ ରଥ, ଗ୍ରାମସେବକ ନରସିଂହ ସୁଣ୍ଡୀ, ସମାଜସେବୀ ଈଶ୍ୱର ପ୍ରଧାନ ଯୋଗଦେଇ ଶିଶୁଙ୍କ ଯତ୍ନ ଉପରେ ଆଲୋଚନା କରିଥିଲେ।

# ଜୋଙ୍କ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ନିରୀକ୍ଷଣ କଲେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ


ଜୋଙ୍କ ନଦୀଠାରେ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ସ୍ୱାଗତ କରି ଅଣାଯାଉଛି।

**ନୂଆପଡ଼ା ଅଫିସ,୫।୧୦**

ନୂଆପଡା ଜିଲାକୁ ଆର୍ଶିବାଦ ଯାତ୍ରା ପାଇଁ ମଙ୍ଗଳବାର ଦିନିକିଆ ଗସ୍ତରେ ଆସିଛନ୍ତି କେନ୍ଦ୍ରୀୟ ଆଦିବାସୀ ଓ ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ। ତାଙ୍କୁ ଖରିଆର ରୋଡ ଜୋଙ୍କ ନଦୀ ବ୍ରିଜଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ମନ୍ତ୍ରୀ ଜୋଙ୍କ ନଦୀରେ ବ୍ୟାରେଜ ନିର୍ମାଣ ନେଇ ନୀରିକ୍ଷଣ କରିଥିଲେ। ପରେ ଏକ ବାଇକ୍ ରାଲିରେ ବାହାରି ଖରିଆର ରୋଡ ଜୈନ ମନ୍ଦିରରେ ପହଞ୍ଚି ଥିଲେ। ସେଠାରେ ମନ୍ତ୍ରୀ ଟୁଡୁ ଜୈନ ସାଧବୀଙ୍କୁ ସାକ୍ଷାତ କରି ଆର୍ଶିବାଦ ଭିକ୍ଷା କରିଥିଲେ। ଖରିଆର ରୋଡ ଜୈନ ମନ୍ଦିର ପାଖରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ସଭାରେ ମନ୍ତ୍ରୀ ଉଦ୍‌ବୋଧନ ଦେଇ ସୀମାନ୍ତରେ ଥିବା ଜୋଙ୍କ ନଦୀରେ ଏକ ବ୍ୟାରେଜ ନିର୍ମାଣ କରିବା ସହିତ ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶିରୁ ହେବ ବୋଲି କହିଥିଲେ। ନୂଆପଡା ମିନି ଷ୍ଟାଡିୟରେ ଆୟୋଜିତ ଆଦିବାସୀ କଲ୍ୟାଣ ସଂଘ ନୂଆଁଖାଇ ଭେଟ୍‌ଘାଟ୍‌ରେ ଯୋଗଦେଇଥିଲେ। ଅପରାହ୍ନରେ ସର୍କିଟ ହାଉସଠାରେ ସମୀକ୍ଷା ବୈଠକରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ସହିତ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ଚର୍ତୁଭୂଜ ଶର୍ମା, ଶେଖ ମେହେତାବ, ଗୋଲଡି ଅଗ୍ରୱାଲ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଏମ୍‌ପି ପ୍ରତିନିଧି ସନ୍ଦୀପ ଶର୍ମା, ରାକେଶ ଜୈନ, ମହିଳା ମୋର୍ଚ୍ଚା ମମତା ନାୟକ, ମମତା ସାହୁ, ସଞ୍ଜୟ ଶର୍ମା, ସଲମାନ ସୁମରା, ରୁଷବ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କଲେ ଜିଲାପାଳ


ବୀରମହାରାଜପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ।

**ଅମରପାଲି, ୫।୧୦(ଡି.ଏନ.ଏ.)**

**ବୀରମହାରାଜପୁର ଉପଖଣ୍ଡ**

- ଅନୁପସ୍ଥିତ ୨ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ

ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ମଙ୍ଗଳବାର ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟ ଚିକିତ୍ସାଳୟ, ମୁର୍ଷୁଣ୍ଡୀ ପ୍ରାଥମିକ ଚିକିତ୍ସାଳୟ ଓ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକୁ ଯାଇଥିଲେ। ଗସ୍ତ ସମୟରେ ବହଳପଦର ଓ ମସିଣାପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିଥିଲା। ବହଳପଦର ସ୍ୱାସ୍ଥ୍ୟ ଉପକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ତାରାମଣି ନାଏକ ଓ ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ମୀନତି ରଣା କେନ୍ଦ୍ରରେ ଅନୁପସ୍ଥିତ ଥିଲେ । ଉଚ୍ଚ ଅଧିକାରୀଙ୍କ ବିନା ଅନୁମତିରେ ଅନୁପସ୍ଥିତ ହେତୁ ଉଭୟଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର କେବେ ଖୋଲା ଯାଉ ନାହିଁ। ଏଥିସହିତ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କୁ ଟୀକାକରଣ ଦିନ ମାନଙ୍କରେ ଅନେକ ସମୟରେ ଟିକାକରଣ ହେଉ ନ ଥିବା ଅଭିଯୋଗ ହେଉଥିଲା। ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ବିଶେଷ କରି ଟିକାକରଣ ଦିନମାନଙ୍କରେ କୌଣସି ଚିକିତ୍ସା କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡିକରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ ଯେପରି ଅନୁପସ୍ଥିତ ନ ରୁହନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବକୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧକାରୀ ଡ଼ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ।

# କୃଷକ ହତ୍ୟା ପ୍ରତିବାଦରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୫।୧୦**

ଉତ୍ତର ପ୍ରଦେଶର ଲଖିମ୍‌ପୁରଠାରେ ଆନ୍ଦୋଳନରତ କୃଷକଙ୍କ ଉପରେ ଗୁଳିଚାଳନା ଓ ଗାଡି ମଡେଇ କୃଷକଙ୍କୁ ହତ୍ୟା କରାଯିବା ପ୍ରତିବାଦରେ ଅଲ୍ ଇଣ୍ଡିଆ କୃଷକ କ୍ଷେତ୍ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ବଲାଙ୍ଗୀର ଶାଖା ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ମନ୍ତ୍ରୀଙ୍କ ପୁଅ ଗାଡି ଚପେଇବା ଯୋଗୁଁ ୪ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାକୁ ସୁପ୍ରିମକୋର୍ଟଙ୍କ ତଦାରଖରେ ଏସ୍‌ଆଇଟି ଦ୍ୱାରା ତଦନ୍ତ କରାଯାଉ ଏବଂ କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀଙ୍କ ପୁଅଙ୍କୁ ହତ୍ୟା ମାମଲାରେ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ। ହିଂସା ଉସୁକାଇବା ଓ ସାମ୍ପ୍ରଦାୟିକ ଘୃଣା ପ୍ରଚାର କରିଥିବା କେନ୍ଦ୍ରଗୃହ ରାଜ୍ୟମନ୍ତ୍ରୀଙ୍କୁ ତାଙ୍କ ମନ୍ତ୍ରୀପଦରୁ ବହିଷ୍କାର କରାଯାଉ ବୋଲି ଦାବି କରିଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଲାଙ୍ଗୀର ଜିଲାପାଳଙ୍କୁ ଦିଆଯାଇଥିଲା । ଏହି ପ୍ରତିବାଦ ସଭାରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ସୁନୀଲ ଭୋଇ, ଏଆଇଡିଏସ୍‌ଓ ସମ୍ପାଦକ ମଧୁସୂଦନ ବାଗ, ଗୌରୀ ରାଉତ, ଅହଲ୍ୟା ସାହୁ, ଜୟ କିଶାନର ପୂର୍ଣ୍ଣ ବିଶ୍ୱାଲ, ବିକାଶ ଜେନା, ରଷିକେଶ ବୁଡେକ, ଖଗେଶ୍ୱର ମହାନନ୍ଦ ସାମିଲ ହୋଇଥିଲେ।



ଏଆଇକେକେଏମ୍‌ଏସ୍ ବଲାଙ୍ଗୀର ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଡ୍ରେନ୍, ରାସ୍ତା ସମସ୍ୟାକୁ ନେଇ ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୫।୧୦**

ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ରାଜୀବନଗରରେ ଡ୍ରେନ୍ ଓ ରାସ୍ତା ସମସ୍ୟାକୁ ନେଇ ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ରାସ୍ତାରୋକୋ କରାଯାଇଥିଲା। ଦୁଇଦିନ ତଳେ ଏହି ଅଞ୍ଚଳରେ ଡ୍ରେନ୍‌ନଥିବାରୁ ପାଣି କିଭଳି ରାସ୍ତା ମଝିରେ ଭାସୁଛି ସେନେଇ ଖବର ପ୍ରକାଶ ପାଇଥିଲା। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ପୂର୍ବାହ୍ନରେ ରାଜୀବନଗର ରାସ୍ତାରେ କଂଗ୍ରେସ କର୍ମୀ ଓ ପଡାବାସୀ ରାସ୍ତାରୋକୋ କରିଥିଲେ। ତୁରନ୍ତ ପଡାରେ ଡ୍ରେନ୍ ଓ ରାସ୍ତା ତିଆରି କରିବାକୁ ଦାବି କରିଥିଲେ। ଡ୍ରେନ୍ ତିଆରି ହୋଇ ନ ଥିବାରୁ ରାସ୍ତାରେ ଯାଉଥିବା ଡ୍ରେନ୍ ପାଣି ଘର ଭିତରକୁ ପଶି ଯାଉଥିବା ଅଭିଯୋଗ ହୋଇଛି। ପଡା ରାସ୍ତାକଡରେ ବିଦ୍ୟୁତ୍ ଖୁଣ୍ଟଥିଲେ ମଧ ସେଠାରେ ଷ୍ଟ୍ରିଟ୍ ଲାଇଟ୍ ନ ଥିବାରୁ ରାତିରେ ପଡା ସାରା ଅନ୍ଧାରୁଆ ହୋଇପଡିଛି। ଲୋକେ ଯିବା ଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ରାସ୍ତାରୋକୋ ସ୍ଥଳକୁ ଯାଇ ଦାବିପତ୍ର ଗ୍ରହଣ କରିଥିଲେ।



ରାଜୀବନଗର ଠାରେ ନଗର କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

## ସୂଚନା ଅଧିକାର ଆଇନ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍:** ସୂଚନା ଅଧିକାର ଅଭିଯାନ ଓଡ଼ିଶା ପକ୍ଷରୁ ବରଗଡ଼ରେ ସୂଚନା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଗାନ୍ଧୀଛକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସୁଶାନ୍ତ ଗଡ଼ତିଆ, ରମେଶ ମହାପାତ୍ର, ଗଙ୍ଗାଧର ପୂଜାରୀ, କାର୍ତ୍ତିକ ସାହୁ, ସୁକଦେବ ପ୍ରଧାନ, ଚୈତନ୍ୟ ବାଗ, ଜିତେନ ଅଦାବର ପ୍ରମୁଖ ଯୋଗ ଦେଇ ସୂଚନା ଅଧିକାର ଆଇନ ଉପରେ ବକ୍ତବ୍ୟ ରଖିଥିଲେ। ସୂଚନା ଅଧିକାର ଆଇନର ଉପାଦେୟତା ଉପରେ କହିବା ସହିତ ଏହି ଆଇନ ବଳରେ କିଭଳି ତଥ୍ୟ ସଂଗ୍ରହ କରାଯାଇ ପାରିବ ସେ ନେଇ ପ୍ରଶିକ୍ଷଣ ମଧ୍ୟ ଦେଇଥିଲେ। ଏହା ସହିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା ।

## ସଂକ୍ଷେପରେ

### ଗୋଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ

**ଖପ୍ରାଖୋଲ,୫।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲିଠାରେ ଗୋଣ୍ଡ ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଚୌବନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ସମ୍ପାଦକ ମୁରଲୀ ମାଝୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ବିପ୍ର ବିଶି, କ୍ଷିତି ଗଏତା, ହରିହର ମାଝୀ, ପୂର୍ବତନ ସଭାପତି ଡଗରଜିତ ମାଝୀ, କେତନ ଛତ୍ରିଆ, ଖୀରଧର ମାଝୀ ପ୍ରମୁଖ ଯୋଗଦେଇଥିଲେ। ପରେ ସମସ୍ତେ ନୂଆ ଚୂଡ଼ା ଓ ପିଠା ଭକ୍ଷଣ କରିଥିଲେ । ଏହି ଅବସରରେ ନିଜ ଗୋଣ୍ଡ ସମାଜର ସାମାଜିକ, ଅର୍ଥନୈତିକ ବିକାଶ ସହିତ ସଂସ୍କୃତି, ଭାଷା, ପରମ୍ପରା, ସାହିତ୍ୟ ଇତିହାସ ଓ ସମାଜର ଚଳଣିକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦକ କ୍ଷୀରସିନ୍ଧୁ ମାଝୀ, ଯୁଗେଶ୍ୱର ପୁଟା, ସଦା ଧରୁଆ, ଟିକେଶ୍ୱର ଧରୁଆ, କମଳ ମାଝୀ, ବସନ୍ତ ମାଝୀ, କଲମତ୍ ମାଝୀ, ଗୋପାଲ ଧରୁଆ, କେତନ ଧରୁଆ, କ୍ଷମାକର ମାଝୀ, ନୀଳାମ୍ବର ଧରୁଆ ପ୍ରମୁଖ ଯୋଗଦେଇଥିଲେ । ଧରମ ସିଂ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଷ୍ଟ୍ରୀୟ ମୂଲ୍ୟାଙ୍କନ ସର୍ବେକ୍ଷଣ କର୍ମଶାଳା

**ଉଲୁଣ୍ଡା,୫।୧୦(ଡି.ଏନ.ଏ.):** ରାଷ୍ଟ୍ରୀୟ ମୂଲ୍ୟାଙ୍କନ ସର୍ବେକ୍ଷଣ-୨୦୨୧ ପାଇଁ ଛାତ୍ରଛାତ୍ରୀଙ୍କୁ ଅଧିକ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭ୍ୟାସ ପ୍ରଶ୍ନପତ୍ର ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରଥ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌତମ ମେଣ୍ଡିଲି ଓ ଆୟୋଜକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିଚରଣ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୧୭ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ତୃତୀୟ, ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଭାଷା, ଗଣିତ ଓ ସାମାଜିକ ବିଜ୍ଞାନ ଉପରେ ପ୍ରଶ୍ନପତ୍ର ନମୁନା ତିଆରି ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଅନ୍ୟ ଦୁଇଟି କେନ୍ଦ୍ର ସିଣ୍ଡୋଲ ଏବଂ ମହଦାରେ ମଧ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସିଣ୍ଡୋଲରେ ଏବିଇଓ ମୁକେଶ ଭୋଇ, ସିଆରସିସି ବେଣୁଧର ସୁରୁଜାଲ ଓ ମହଦାରେ ସିଆରସିସି ଦୁଶାସନ ଧରୁଆ ଓ ପ୍ରଧାନଶିକ୍ଷକ ଗୋପବନ୍ଧୁ କୁମ୍ଭକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହଦାରେ ୧୨ ଏବଂ ସିଣ୍ଡୋଲରେ ୧୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

### କାମ କରି ମିଳିନି ପାଉଣା

**ଦେଓଗାଁ,୫।୧୦ (ଡି.ଏନ.ଏ):** ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲି ନିକଟମୁକ୍ତାକଟାକୁ ଯିବା ରାସ୍ତାଉନ୍ନତି କରଣ କାମ କରି ଆଜକୁ ୨ମାସ ହେଲା ଶ୍ରମିକଙ୍କ ପାଉଣା ମିଳିନାହିଁ। ଏନେଇ ମଙ୍ଗଳବାର ରେଙ୍ଗାଲି ଗାଁର ଡାକ୍ତର ସୁନା, ରାତୁ ସୁନା, ଯଶୋଦା ସୁନା, କୁନ୍ତି ଷାଣ୍ଡ, ଭକ୍ତ ପଧାନ, ଶମ୍ଭୁ ସୁନା,ଉମା ସୁନା, ପଙ୍କଜ ପଧାନ, ରମେଶ ଷାଣ୍ଢ ପ୍ରମୁଖ ଶ୍ରମିକ ବ୍ଲକ କାର୍ଯ୍ୟାଳୟ ଆସି ବିଡିଓଙ୍କୁ ଲିଖିତଭାବେ ଅଭିଯୋଗ କରିଛନ୍ତି। ଶ୍ରମିକଙ୍କ ଅଭିଯୋଗ ଅନୁସାରେ ଆଜକୁ ୨ମାସ ତଳେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଉକ୍ତ ରାସ୍ତା ଉନ୍ନତିକରଣ କାମରେ ପଞ୍ଚାୟତ ପକ୍ଷରୁ ନିୟୋଜିତ ହୋଇଥିଲେ ।ହେଲେ ଏଯାଏ ତାଙ୍କ ପାରିଶ୍ରମିକ ପାଇ ନ ଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି। ଏଣୁ ଏଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ଦାବିକରିଛନ୍ତି ।

# ବନ୍ୟାରେ ଧୋଇଛି ରାସ୍ତା, ମରାମତି ହେଉନି

**ଲୋଇସିଂହା,୫।୧୧(ଡି.ଏନ.ଏ.)**


ଧୋଇ ହୋଇଯାଇଥିବା କଲଭର୍ଟ ସଂଯୋଗୀ ରାସ୍ତା।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତ ଅନ୍ତର୍ଗତ ହଲୀଦୀପଦରରୁ ବାବୁପାଲିକୁ ସଂଯୋଗ କରୁଥିବା ରାସ୍ତାର ଅଇଁଳାପାଲି ନାଳା ଉପରେ ନିର୍ମିତ କଲଭର୍ଟ ସଂଯୋଗୀ ରାସ୍ତା ଗତମାସ ବନ୍ୟାରେ ଧୋଇ ହୋଇଯାଇଛି। ଗତବର୍ଷ ପଞ୍ଚାୟତ ସମିତି ପକ୍ଷରୁ ଏହାର ନିର୍ମାଣା କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଆନନ୍ଦ ବିଶି ଏ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏ ଯାଏ ମରାମତି କରାଯାଇନାହିଁ । ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ହଲୀପଦର, ବାବୁପାଲି, ଝାଙ୍କରପାଲି, ଅଇଁଳାପାଲି, ମୁଣ୍ଡାପାଲି, ଗଣ୍ଡପାଲି, ପୁଡାପଦର, ବୋରୋମୁଣ୍ଡା, ଡୁଡୁକାମୁଣ୍ଡା ପ୍ରଭୃତି ୧୦ଖଣ୍ଡ ଗାଁର ଲୋକେ ଯାତାୟାତବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଲଭର୍ଟ ସ୍ଥାନରେ ରାସ୍ତା ଖାଇଯାଇଥିବାରୁ ବିପଦ ସଙ୍କୁଳ ଅବସ୍ଥାରେ ଲୋକେ ଯାନବାହନରେ ଯିବା ଆସିବା କରୁଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଆଗଲପୁର ପଞ୍ଚାୟତ ସମିତ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ କରାଯାଇଥିଲା । ହେଲେ ମରାମତିର କିଛି ମାସ ପରେ ଗତମାସର ଲଗାଣ ବର୍ଷା ଯୋଗୁ ଅଇଁଳାପାଲି ଓ ମୁଣ୍ଡାପାଲି ଗ୍ରାମର ବାହାଲ ଚାଷଜମିରୁ ଆସୁଥିବା ପାଣିରେ ଉକ୍ତ ରାସ୍ତା ଧୋଇ ହୋଇଯାଇଛି । ନିମ୍ନମାନର ତଥା ଦୁର୍ବଳ କାମ ଯୋଗୁ ଏପରି ହୋଇଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପଟ୍ଟା ମିଳିଛି, ଦଖଲ ମିଳୁନି


ଜମି ଦଖଲ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ହିତାଧିକାରୀବୃନ୍ଦ ।

**ବରଗଡ଼ ଅଫିସ୍,୫।୧୦**

ବରଗଡ଼ ଜିଲା ଗାଇସିଲେଟ ତହସିଲ ଅନ୍ତର୍ଗତ ଭାଙ୍ଗମୁଣ୍ଡା ଗ୍ରାମର ଭୂମିହୀନ ମାନଙ୍କୁ ସରକାରଙ୍କ ପକ୍ଷରୁ ଲିଜ୍ ସୂତ୍ରରେ ୪ ଡେସିମିଲ ଲେଖାଏଁ ଜମି ମିଳିଛି। ଏହାର ପଟ୍ଟା ସେମାନଙ୍କୁ ମିଳିଥିବାବେଳେ ସେମାନେ ମାଲଗୁଜାରୀ ପଇଠ କରି ଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କୁ ମିଳିଥିବା ଜମି କେଉଁଠି ରହିଛି, ତାହା ହିତାଧିକାରୀମାନେ ଜାଣି ପାରିନାହାନ୍ତି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ହିତାଧିକାରୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

୧୯୯୬ ମସିହାରୁ ହିତାଧିକାରୀଙ୍କୁ ୪ଡେସିମିଲ ଲେଖାଏଁ ଜମି ମିଳିଛି। ତେବେ ଜମି ଚିହ୍ନଟ ପାଇଁ ହିତାଧିକାରୀମାନେ ବାରମ୍ବାର ତହସିଲ ଅଫିସକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଫଳରେ ସେମାନେ ଜମି ଦଖଲ କରିପାରୁନାହାନ୍ତି। ଏଥିପାଇଁ ମିଳିଥିବା ଜମି ଚିହ୍ନଟ କରି ଦଖଲ ଦେବାରେ ବିହିତ ପଦକ୍ଷେପ ନେବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଇନ୍ଦ୍ରମଣି ମହାଲିଙ୍ଗ, ଚନ୍ଦ୍ରଭାନୁ ଧରୁଆ, ରଏମତୀ ନାଏକ, ବନିତା ସାହୁ, ଫାଲଗୁନୀ ମହାଲିଙ୍ଗ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଡୁରୁମ ଚାମ୍ପିୟନ


ବିଜେତା ଓ ଉପବିଜେତା ଦଳ ସହ ଅତିଥିମାନେ।

**ବିନିକା, ୫।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅଧୀନ ବାଗଡିଆ ଗ୍ରାମ ଖେଳ ପଡିଆରେ ବାଗଡିଆ ୟୁଥ କ୍ଲବ ଆୟୋଜନରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ସାରସମାଲ ଓ ଡୁରୁମ ମଧ୍ୟରେ ହୋଇଥିଲା । ଏଥିରେ ଡୁରମ ସାରସମାଲକୁ ୧-୦ ଗୋଲରେ ପରାଜିତ କରି ଫାଇନାଲରେ ପହଞ୍ଚିଥିଲା। ଦ୍ୱିତୀୟ ସେମିଫାଇନାଲ କୌଡିଆମୁଣ୍ଡା ଓ ଆରାଧ୍ୟା କ୍ଲବ ଏଫ୍‌ସି ମଧ୍ୟରେ ହୋଇଥିଲା। ଏଥିରେ କୌଡିଆମୁଣ୍ଡା ଦଳ ଆରାଧ୍ୟା ଦଳକୁ ୨-୦ ଗୋଲରେ ପରାଜିତ କରି ଦ୍ୱିତୀୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲ ଖେଳ ଡୁରୁମ ଓ କୌଡିଆମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଡୁରୁମ ଦଳ କୌଡିଆମୁଣ୍ଡାକୁ ୧-୦ ଗୋଲରେ ପରାସ୍ତ କରି ଟାଇଟଲ ହାସଲ କରିଥିଲା। ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ସମ୍ମାନୀତ ଅତିଥି ଶଙ୍କର ଭୁଏ, ଭାଗବତ ପଧାନ, ରାମ ନାରାୟଣ ବଡପଣ୍ଡା, ମହେନ୍ଦ୍ର ମହାଲିଙ୍ଗ, ପ୍ରଦୀପ ଭୁଏ, ପ୍ରମୋଦ ବିଶି, ବିଶ୍ୱ ବଡପଣ୍ଡା, ରିତ ସାହୁ, ଉତମ ପୋଢ, ଲିଙ୍ଗରାଜ ସେଟ୍ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟ ଆୟୋଜନର ବାଗଡିଆ ୟୁଥ କମିଟିର ଗଣେଷ ରାଏ, ଜୟନ୍ତ ସେଟ୍, ଜିତେନ୍ଦ୍ର ରାଏ ପ୍ରମୁଖ ସହଯୋଗ କରିଥିଲେ।

## ପୋଲିସ ଉପସ୍ଥିତିରେ ଘର ଭାଙ୍ଗିଲେ

**ବରଗଡ଼ ଅଫିସ୍,୫।୧୦**

ବରଗଡ଼ ଜିଲା ଗାଇସିଲେଟ ଥାନା ଗୌରେନମୁଣ୍ଡା ହରିଜନପଡ଼ା ପୁଣି ଅଶାନ୍ତ ହୋଇ ପଡ଼ିଛି। ମଙ୍ଗଳବାର ଅପରାହ୍ନରେ କେତେକ ଲୋକ ଏହି ପଡ଼ାରେ ପଶି ଘରଦ୍ୱାର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏଥିରେ ପଡ଼ାର ଜଟିଆ ଛତ୍ରିଆ, ଅମୂଲ୍ୟ ସୁନା, ଫଗୁ ଛତ୍ରିଆ ପ୍ରମୁଖଙ୍କ ଘର ଭାଙ୍ଗିଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ପୋଲିସ ଉପସ୍ଥିତିରେ ଏଭଳି ତୁଲୁକାଣ୍ଡ ଘଟିବା ଚର୍ଚ୍ଚାର ବିଷୟ ହୋଇଛି। ଏପରିକି ଏହାର ଭିଡ଼ିଓ କ୍ଲିପ୍ ସୋସିଆଲ ମିଡ଼ିଆରେ ଭାଇରାଲ ମଧ୍ୟ ହେଉଛି। ଏ ସମ୍ପର୍କରେ ଗାଇସିଲେଟ ଥାନାଧିକାରୀ ସୁଷମା କୁଅଁରଙ୍କୁ ତାଙ୍କ ମୋବାଇଲ ନମ୍ବର ୯୩୩୭୮୬୭୬୭୪ରେ ଯୋଗାଯୋଗ କରାଯାଇଥିଲା। ସେ ଫୋନ ରିସିଭ୍ କରି ନ ଥିଲେ। ପ୍ରକାଶଥାଉକି, ଗତ ଜୁନ ମାସରୁ ଉକ୍ତ ପଡ଼ାରେ ଏକ ରାସ୍ତା ନିର୍ମାଣକୁ ନେଇ ବିବାଦ ଉପୁଜିଛି। ସେହିଦିନଠାରୁ ପଡ଼ାବାସୀଙ୍କୁ ସାମାଜିକ ବାସନ୍ଦ କରାଯାଇଛି। ଏହା ସହିତ ପିଡ଼ିଏସ୍‌ସାମଗ୍ରୀ ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ଏଥିପାଇଁ ପଡ଼ାବାସୀ ଗତ ନୂଆଁଖାଇ ମଧ୍ୟ ପାଳନ କରି ପାରି ନ ଥିଲେ। ତେବେ ସୋମବାର ପଡ଼ାର ୨ଜଣ ମହିଳା ଶୌଚ ପାଇଁ ଯାଇଥିବାବେଳେ ତାକୁ ନେଇ ପୁଣି ବିବାଦ ଉପୁଜି ଏବଂ କଥା ଥାନାକୁ ଯାଇଥିଲା। ଏହି ଘଟଣାକୁ ନେଇ ଲୋକେ ସଂଘବଦ୍ଧ ହୋଇ ପଡ଼ାକୁ ପଶିଥିଲେ ଏବଂ ଘରଦ୍ୱାର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି।

# ଉତ୍ତର ପ୍ରଦେଶ ତାତି ବରଗଡ଼ରେ


ଗାନ୍ଧୀ ମୂର୍ତ୍ତି ଆଗରେ କଂଗ୍ରେସ କର୍ମୀମାନେ ପ୍ରତିବାଦ କରୁଛନ୍ତି ।

**ବରଗଡ଼ ଅଫିସ୍,୫।୧୦**

ଉତ୍ତର ପ୍ରଦେଶର ଲଖିମପୁରଠାରେ ଚାଷୀଙ୍କ ଉପରକୁ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଗାଡ଼ି ଚଢାଇବା ଏବଂ ଏଥିରେ ଚାଷୀଙ୍କ ମୃତ୍ୟୁ ଘଟଣାର ତାତି ବରଗଡ଼ରେ ପରିଲକ୍ଷିତ ହୋଇଛି। ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ ବରଗଡ଼ ଗାନ୍ଧୀଛକରେ ଉକ୍ତ ଘଟଣାର ପ୍ରତିବାଦ ସ୍ୱରୂପ ଧାରଣା ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହିତ କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସେହିପରି ଗାନ୍ଧୀମୂର୍ତ୍ତି ତଳେ ମୃତ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ନିପନ ଦାଶ, ହରଦୀପ ସିଂ, ବ୍ରହ୍ମା ମହାକୁଡ଼, ସୁଧୀର ରଞ୍ଜନ ଜେନା, ପ୍ରତାପ ନାୟକ, ସରୋଜ ଷଡ଼ଙ୍ଗୀ, ସୁଶାନ୍ତ ସାହୁ, ଅଭିଳାଷ ପତି, ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ପ୍ରମୁଖ ସାମିଲ ହୋଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କଲେ ଜିଲାପାଳ

**ଅମରପାଲି, ୫।୧୦(ଡି.ଏନ.ଏ.)**


ବୀରମହାରାଜପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ।

**ବୀରମହାରାଜପୁର ଉପଖଣ୍ଡ**

■ ଅନୁପସ୍ଥିତ ୨ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ

ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ମଙ୍ଗଳବାର ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟ ଚିକିତ୍ସାଳୟ, ମୁର୍ଷୁଣୀ ପ୍ରାଥମିକ ଚିକିତ୍ସାଳୟ ଓ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକୁ ଯାଇଥିଲେ। ଗସ୍ତ ସମୟରେ ବହଳପଦର ଓ ମସିଣାପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିଥିଲା। ବହଳପଦର ସ୍ୱାସ୍ଥ୍ୟ ଉପକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ତାରାମଣି ନାଏକ ଓ ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ମୀନତି ରଣା କେନ୍ଦ୍ରରେ ଅନୁପସ୍ଥିତ ଥିଲେ । ଉଚ୍ଚ ଅଧିକାରୀଙ୍କ ବିନା ଅନୁମତିରେ ଅନୁପସ୍ଥିତ ହେତୁ ଉଭୟଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାରଣ ଦର୍ଶାଅ୍ ନୋଟିସ ଜାରି କରାଯାଇଛି । ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର କେବେ ଖୋଲା ଯାଉ ନାହିଁ। ଏଥିସହିତ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କୁ ଟୀକାକରଣ ଦିନ ମାନଙ୍କରେ ଅନେକ ସମୟରେ ଟିକାକରଣ ହେଉ ନ ଥିବା ଅଭିଯୋଗ ହେଉଥିଲା। ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ବିଶେଷ କରି ଟିକାକରଣ ଦିନମାନଙ୍କରେ କୌଣସି ଚିକିତ୍ସା କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡିକରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ ଯେପରି ଅନୁପସ୍ଥିତ ନ ରୁହନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବକୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧକାରୀ ଡ଼ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ବିଏସ୍‌ପିର ବିକ୍ଷୋଭ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୫।୧୦**

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ତଳିପଡ଼ାର ଯୁବକ ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ତେଜି ଉଠିଛି । ମଙ୍ଗଳବାର ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ବରଗଡ଼ ସହରରେ ବିକ୍ଷୋଭ ଶୋଭାଯାତ୍ରା କରାଯିବା ସହିତ ଏସ୍‌ପି ଅଫିସ ଆଗରେ ଧାରଣା ଦିଆଯାଇଥିଲା। ଏହାସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏସ୍‌ପି ରାହୁଲ ଜୈନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୧୫ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ବିଏସ୍‌ପି ପକ୍ଷରୁ ବରଗଡ଼ ବନ୍ଦ ଡାକରା ଦିଆଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ବିଏସ୍‌ପିର ଜିଲା ସଭାପତି ଜୟରାମ ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ଭେସ୍ରା, ରାଜୁ ନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ନେହେରୁ ଯୁବକେନ୍ଦ୍ରର ସ୍ୱଚ୍ଛତା କାର୍ଯ୍ୟକ୍ରମ



ମନ୍ତ୍ରୀ ସୁଶାନ୍ତ ସିଂ ସ୍ୱଚ୍ଛତା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ।

**ବରଗଡ଼ ଅଫିସ୍,୫।୧୦**

ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସୋହେଲା ବ୍ଲକ ହଳଦୀପାଲିରେ ମଙ୍ଗଳବାର କ୍ଲିନ ଇଣ୍ଡିଆ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ, ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୫୦ କି.ଗ୍ରା ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା ।

# ମୁଣ୍ଡାପଡ଼ା ପଞ୍ଚାୟତରେ ଦାନ ଉତ୍ସବ କାର୍ଯ୍ୟକ୍ରମ

**ବୌଦ୍ଧ, ୫।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ମୁଣ୍ଡାପଡା ପଞ୍ଚାୟତରେ ମଙ୍ଗଳବାର ପଞ୍ଚାୟତ ସଭାଗୃହ ଠାରେ ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ଅଧକ୍ଷତାରେ ଏକ କିଶୋରୀ ବାଳିକା ଓ କିଶୋର ବାଳକମାନଙ୍କୁ ନେଇ ଦାନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବାଲ୍ୟବିବାହ, ଶିଶୁ ଶ୍ରମିକ ଓ ଶିଶୁମାନଙ୍କୁ ଶିକ୍ଷାରୁ ବଞ୍ଚିତ ନେଇ ଆଲୋଚନା ହୋଇଥିଲା। ଏଥିରେ ସିଆରସିସି ଶେଷଦେବ ପ୍ରଧାନ, ୱାଇସିଡିଏର ମମତା ପରିଡା, ହରପ୍ରକାଶ ତ୍ରିପାଠୀ, ଚାଇଲଡ ହେଲପ୍ ଲାଇନ କାଉନସିଲର ସ୍ୱଦ୍ଧାମୟୀ ରଥ, ଗ୍ରାମସେବକ ନରସିଂହ ସୁଣ୍ଢୀ, ସମାଜସେବୀ ଈଶ୍ୱର ପ୍ରଧାନ ଯୋଗଦେଇ ଶିଶୁଙ୍କ ଯତ୍ନ ଉପରେ ଆଲୋଚନା କରିଥିଲେ। ଶେଷରେ ପୁଅ ଓ ଝିଅମାନଙ୍କୁ ଖାତା, ପେନ, ପେନସିଲ ଆଦି ପ୍ରଦାନ କରାଯାଇଥିଲା। ୱାଇସିଡିଏର ମମତା ପରିଡା ଶେଷରେ ଧନବାଦ ପ୍ରଦାନ କରିଥିଲେ ।



କାର୍ଯ୍ୟକ୍ରମରେ ଅତିଥି ଓ ପୁଅ, ଝିଅ।

# ଡ୍ରେନ୍, ରାସ୍ତା ସମସ୍ୟାକୁ ନେଇ ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୫।୧୦**


ରାଜୀବନଗର ଠାରେ ନଗର କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ରାଜୀବନଗରରେ ଡ୍ରେନ୍ ଓ ରାସ୍ତା ସମସ୍ୟାକୁ ନେଇ ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ରାସ୍ତାରୋକୋ କରାଯାଇଥିଲା। ଦୁଇଦିନ ତଳେ ଏହି ଅଞ୍ଚଳରେ ଡ୍ରେନ୍‌ନଥିବାରୁ ପାଣି କିଭଳି ରାସ୍ତା ମଝିରେ ଭାସୁଛି ସେନେଇ ଖବର ପ୍ରକାଶ ପାଇଥିଲା। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ପୂର୍ବାହ୍ନରେ ରାଜୀବନଗର ରାସ୍ତାରେ କଂଗ୍ରେସ କର୍ମୀ ଓ ପଡାବାସୀ ରାସ୍ତାରୋକୋ କରିଥିଲେ। ତୁରନ୍ତ ପଡାରେ ଡ୍ରେନ୍ ଓ ରାସ୍ତା ତିଆରି କରିବାକୁ ଦାବି କରିଥିଲେ। ଡ୍ରେନ୍ ତିଆରି ହୋଇ ନ ଥିବାରୁ ରାସ୍ତାରେ ଯାଉଥିବା ଡ୍ରେନ୍ ପାଣି ଘର ଭିତରକୁ ପଶି ଯାଉଥିବା ଅଭିଯୋଗ ହୋଇଛି। ପଡା ରାସ୍ତାକଡରେ ବିଦ୍ୟୁତ୍ ଖୁଣ୍ଟଥିଲେ ମଧ ସେଠାରେ ଷ୍ଟ୍ରିଟ୍ ଲାଇଟ୍ ନ ଥିବାରୁ ରାତିରେ ପଡା ସାରା ଅନ୍ଧାରୁଆ ହୋଇପଡିଛି। ଲୋକେ ଯିବା ଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ରାସ୍ତାରୋକୋ ସ୍ଥଳକୁ ଯାଇ ଦାବିପତ୍ର ଗ୍ରହଣ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ଅକ୍ଟୋବର, ୨୦୨୧

## ରିଲାଏନ୍ସ ସ୍ମାର୍ଟ ସମ୍ମୁଖରୁ ବାଇକ ଚୋରି

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଏସପି ଅଫିସଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ରିଲାଏନ୍ସ ସ୍ମାର୍ଟ ସମ୍ମୁଖରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଚୋରି ହୋଇଛି। ବଲାଙ୍ଗୀର କଦମପଡାର ଘନଶ୍ୟାମ ନନ୍ଦ ଏକ ହିରୋ ଡିଲକ୍ସ ବାଇକ୍ (ଓଡି୦୩ଡି୬୮୭୧)ରେ ଆସି ରିଲାଏନ୍ସ ସ୍ମାର୍ଟ ସମ୍ମୁଖରେ ରଖି ସଉଦା କରିବାକୁ ଯାଇଥିଲେ। ରିଲାଏନ୍ସ ସ୍ମାର୍ଟ ଭିତରୁ ବାହାରିବା ପରେ ତାଙ୍କ ବାଇକ୍ ସେଠି ନଥିଲା। ସେଠାରୁ କେହି ଚୋରି କରିନେଇଥିବା ଅଭିଯୋଗ କରାଯାଇଛି। ଏସଂକ୍ରାନ୍ତରେ ବାଇକ୍ ମାଲିକ ଘନଶ୍ୟାମଙ୍କ କାକି ଗୋମତି ବାରିକ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି।



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ

**କର୍ଲାମୁଣ୍ଡା/ରିଷିଡ଼ା,୫।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ଅଧୀନ ଗଜବହାଲ ଗ୍ରାମର ଗାଡ଼ି ଧକ୍କାରେ ଆହତ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ନରୋତ୍ତମ ପଧାନ (୪୫)। ସୂଚନା ଯେ, ଗତ ୧ ତାରିଖରେ ରାତି ପ୍ରାୟ ସାଢ଼େ ୮ଟାରେ ବଲାଙ୍ଗୀର ପଟୁ ମ. ରାମପୁର ଆଡକୁ ଦ୍ରୁତଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନ (ନଂ.ସିଜି୦୭ବିଏକ୍ସ-୨୭୨୫) ନରୋତ୍ତମଙ୍କୁ ଜୋରରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବଲାଙ୍ଗୀର, ବୁର୍ଲା ଏବଂ ପରେ କଟକ ବଡ଼ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ତାଙ୍କୁ ଘରକୁ ଫେରାଇ ଅଣାଯାଇଥିଲା। ଅବସ୍ଥା ଅଧିକ ଗୁରୁତର ହେବାରୁ ମ. ରାମପୁରକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଏତଲାରେ ଦର୍ଶାଯାଇଛି। ଏ ନେଇ ମ ରାମପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଚାଲିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ରିଷିଡା ଫାଣ୍ଡି ଅଧିକାରୀ କ୍ଷୀରସିନ୍ଧୁ ମାଝି ସୂଚନା ଦେଇଛନ୍ତି।

### ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟକ

**ଲୋଇସିଂହା,୫।୧୦(ଡି.ଏନ.ଏ):** ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସୋମବାର ଆଗଲପୁର ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ଲୋକେ ସେମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭରସୁଜା ପଞ୍ଚାୟତ ଗସ୍ତ ବେଳେ ତାଙ୍କୁ ସ୍ଥାନୀୟ ସରପଞ୍ଚ ଗଣେଶ ସାହୁ ଓ ଅଞ୍ଚଳବାସୀ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସରପଞ୍ଚ ସାହୁ ଓ ଗ୍ରାମବାସୀ ଭରସୁଜାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଅନୁରୋଧ କରିଥିଲେ। ଏହାବାଦ୍ ଚଳିତ ବର୍ଷ ମରୁଡି ପରିସ୍ଥିତି ଉପରେ ସେ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମିଶ୍ର ଗଣ୍ଡପାଲି ଓ ଝରଣୀପାଲି ଗସ୍ତରେ ଯାଇଥିଲେ। ଗଣ୍ଡପାଲିଠାରେ ଏକ ମେଗା ଜଳ ସେଚନ ପ୍ରକଳ୍ପ କରିବାକୁ ଚାଷୀମାନେ ତାଙ୍କୁ ଅନୁରୋଧ କରିଥିଲେ।

### ମାଟ୍ରିକ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ଲୋଇସିଂହା,୫।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରଠାରେ ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ୩ ଛାତ୍ରୀଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧିତ ଛାତ୍ରୀମାନେ ହେଲେ ଶ୍ରୀମୟୀ ହୋତା, ସଜ୍ଞାସ୍ମିତା ସାହୁ ଓ ଇଭାସ୍ମିତା ମିଶ୍ର। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିର ଡା. ସଞ୍ଜୀବ ବିଶ୍ୱାଳ ମୁଖ୍ୟ ଅତିଥି, ପରିଚାଳନା ସମିତି ସମ୍ପାଦକ ପ୍ରତାପ ବହିଦାର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଛାତ୍ରୀମାନଙ୍କୁ ମାନପତ୍ର ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। କରୋନା ମହାମାରୀ ସତ୍ତ୍ୱେ ବିନା ସ୍କୁଲ ପାଠପଢାରେ ପିଲାମାନେ ଭଲ ନମ୍ବର ରଖି ପାସ୍ କରିଥିବାରୁ ପ୍ରଶଂସା କରିଥିଲେ। ଆଚାର୍ଯ୍ୟ ବିଭୂତିଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟୁତ୍ ସମସ୍ୟା ନେଇ ଶକ୍ତି ମନ୍ତ୍ରୀଙ୍କୁ ଦାବିପତ୍ର

**ନୂଆପଡ଼ା ଅଫିସ,୫।୧୦:** ନୂଆପଡା ଜିଲା ସିନାପାଲି ବ୍ଲକରେ ବିଭିନ୍ନ ସମୟରେ ବିଦ୍ୟୁତ୍ ସମସ୍ୟା ଦେଖାଦେଉଥିବାରୁ ଏହାର ପ୍ରତିକାର ପାଇଁ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ତାର ଛିଣ୍ଡି ଲୋକଙ୍କ ଧନ ଜୀବନ ହାନି ଘଟୁଥିବା ଘଟଣା ନଜିରକୁ ଆସୁଥିବାରୁ ସିନାପାଲି ବ୍ଲକ ବିଭିନ୍ନ ସ୍ଥାନରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତନ କରି ନୂତନ ଖୁଣ୍ଟ ଲଗାଇବା ସହିତ ନୂଆ ତାର ସଂଯୋଗ କରିବା ପାଇଁ ଦାବି କରାଯାଇଛି। ଏ ନେଇ ସିନାପାଲି ଯୁବଗୋଷ୍ଠୀ ଓ ବିଜେଡିର କର୍ମକର୍ତ୍ତାମାନେ ମନ୍ତ୍ରୀ ମିଶ୍ରଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦଲ ଲମ୍ବୋଦର ନିଆଲ, ସିନାପଲି ବ୍ଲକ ସଭାପତି ବିରେନ୍ଦ୍ର ଖମାରୀ, ସମ୍ପାଦକ ଦୈତାରୀ ମେହେର, ଉଦନ୍ତୀ ଯୁବକ ସଂଘ ସଭାପତି ସୁରଜ ମେହେର, ମା' ଠାକୁରାଣୀ ଆଜାଦ କ୍ଲବ ସଭାପତି ରାହୁଲ ରଣା, ଗୟାରାମ ମେହେର, ଗରୁଡ଼ଧ୍ୱଜ ବେହେରା, ଗୋପୀନାଥ ବେହେରା, ସଞ୍ଜୟ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କିମର, କ୍ଲୋନିଂ ମେସିନରେ ଲୁଟୁଥିଲେ ଏଟିଏମ୍ ଡାଟା

**ବଲାଙ୍ଗୀର ଅଫିସ, ୫।୧୦**

ବଲାଙ୍ଗୀର ପୋଲିସ ହାତରେ ଧରାପଡିଥିବା ହରିଆଣାର ତିନି ଏଟିଏମ୍ ଲୁଟେରାଙ୍କ ହାଇପ୍ରୋଫାଇଲ ଟଙ୍କା ଲୁଟ୍ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଏସ୍‌ଡିପିଓ ତୋଫାନ୍ ବାଗ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ, ଏହି ହରିଆଣାର ଲୁଟେରା ଟିମ୍‌ରେ ୪ ଜଣ ସଦସ୍ୟ ରହିଥିଲେ। ଜଣେ ସଦସ୍ୟ ପାପୁଲିରେ ଏକ ଛୋଟ ସ୍କିମର ମେଶିନ୍ ଧରି ଯେକୌଣସି ଏଟିଏମ୍‌କୁ ପଶୁଥିଲେ। ସେଠାରେ ଲୋକେ ଏଟିଏମ୍‌ରୁ ଟଙ୍କା କାଢ଼ିଲାବେଳେ ସହାୟତା କରିବା ଅଭିନୟ କରି ତାଙ୍କଠାରୁ କ୍ଷୀପ୍ରତର ବେଗରେ ଏଟିଏମ୍ କାର୍ଡ ନେଇଯାଇ ପାପୁଲିରେ ରଖିଥିବା ସ୍କିମର ମେଶିନ୍‌ରେ ରିଡ୍ କରିଦେଇ କାର୍ଡକୁ ଗ୍ରାହକଙ୍କୁ ଫେରାଇ ଦେଉଥିଲେ। ଏହି ସବୁ ପ୍ରକ୍ରିୟା ଏତେ କ୍ଷୀପ୍ରବେଗରେ କରୁଥିଲେ ଯେ, ଏଡିଏମ୍ କାର୍ଡଧାରୀ ଜଣକ ଅତିଶୟ ସତର୍କ ନ ରହିଲେ କିଛିବି ଜାଣିପାରିବେ ନାହିଁ। ଥରେ ସ୍କିମର ମେଶିନ୍‌ରେ ଏଟିଏମ୍ କାର୍ଡ ରିଡ କରିଦେଲେ ବ୍ଲୁଟୁଥ୍ ଜରିଆରେ ସଂଲଗ୍ନ ଥିବା ଅନ୍ୟ ଏକ ସ୍କିମର ବା କ୍ଲୋନିଂ ମେଶିନ୍‌କୁ ଉକ୍ତ ଏଟିଏମ୍ କାର୍ଡର ସମସ୍ତ ଡାଟା ସ୍ଥାନାନ୍ତରିତ ହୋଇଯାଉଥିଲା। ସେହି କ୍ଲୋନିଂ ମେଶିନ୍‌ରେ ସେମାନେ ରଖିଥିବା ଏକ ମାଷ୍ଟର ଏଟିଏମ୍ କାର୍ଡକୁ ସ୍ୱାବ୍ କରିଦେଲେ ଗ୍ରାହକଙ୍କ ଏଟିଏମ୍ କାର୍ଡର ରିଡ ହୋଇଥିବା ଡାଟା ଉକ୍ତ ମାଷ୍ଟର ଏଟିଏମ୍ କାର୍ଡକୁ ସ୍ଥାନାନ୍ତରିତ ହୋଇଯାଉଥିଲା। ଏଟିଏମ୍ ଭିତରେ ଏତିକି ପ୍ରକ୍ରିୟା କରିବା ପରେ ଅନ୍ୟ ଜଣେ ସାଥୀ ଏଡିଏମ୍ କାର୍ଡଧାରୀଙ୍କ ପାସ୍‌ୱାର୍ଡ ଜାଣିବାକୁ ଚେଷ୍ଟା କରୁଥିଲେ। ସେଠାରୁ ପାସ୍‌ୱାର୍ଡ ଜାଣିଗଲା ପରେ ସେମାନେ ଅତି ସହଜରେ ଏଟିଏମ୍ କାର୍ଡ ଜରିଆରେ ଗ୍ରାହକଙ୍କ ଅର୍ଥ ଲୁଟି ନେଉଥିଲେ ବୋଲି ଏସ୍‌ଡିପିଓ ବାଗ ସୂଚନା ଦେଇଛନ୍ତି। ହରିଆଣାରୁ ଆସିଥିବା ଏହି ଲୁଟେରା ଗ୍ୟାଙ୍ଗ୍ କିଛିଦିନ ତଳେ ବଲାଙ୍ଗୀର ପହଞ୍ଚିଥିଲେ ଓ ସୋମବାର ପ୍ରଥମ ଲୁଟ୍ ଉଦ୍ୟମ କରି ଧରାପଡିଥିବା ଏସ୍‌ଡିପିଓ ବାଗ ସୂଚନା ଦେଇଛନ୍ତି।

## ସବ୍ୟସାଚୀଙ୍କ ଉପସ୍ଥିତ ବୁଦ୍ଧିରୁ ଧରାପଡ଼ିଲେ ଅଭିଯୁକ୍ତ

ସବ୍ୟସାଚୀ ପଣ୍ଡା ଏଟିଏମ୍ ସେଣ୍ଟରରେ ଟଙ୍କା କାଢୁଥିଲାବେଳେ ତିନିଜଣ ଲୁଟେରା ଏଟିଏମ୍ ଭିତରକୁ ପଶିଥିଲେ। ୨୦ ହଜାର ଟଙ୍କା କାଢ଼ିବାକୁ ଯାଇଥିବା ସବ୍ୟସାଚୀ ପ୍ରଥମେ ୧୦ ହଜାର ଟଙ୍କା କାଢ଼ିଲା ପରେ ଦ୍ୱିତୀୟ ଥର ୧୦ ହଜାର କାଢ଼ିଲାବେଳେ ଏଟିଏମ୍ ଟଙ୍କା କାଢ଼ିବା ପ୍ରକ୍ରିୟା ଫେଲ ମାରିଥିଲା। ଏହାର ସୁଯୋଗ ନେଇ ସେଠାରେ ଥିବା ତିନି ଲୁଟେରାଙ୍କ ମଧ୍ୟରୁ ଜଣେ ତାଙ୍କ ଠାରୁ ଏଟିଏମ୍ କାର୍ଡ ନେଇଯାଇ ସହାୟତା କରିବା ଭଙ୍ଗିରେ କାର୍ଡକୁ ଏଟିଏମ୍ ଭିତରେ ଲଗାଇଥିଲେ। ଏତିକି ବେଳେ ସବ୍ୟସାଚୀ ସମ୍ପୃକ୍ତ ଅଭିଯୁକ୍ତ ଜଣକ ତାଙ୍କ ଏଟିଏମ୍ କାର୍ଡକୁ ଅନ୍ୟ ହାତରେ ଧରିଥିବା କୌଣସି ଏକ ବସ୍ତୁରେ ଘସିଥିବା ଅନୁଭବ କରିଥିଲେ। ଏହାପରେ ସେମାନଙ୍କୁ ଲୁଟେରା ସନ୍ଦେହ କରି ସତର୍କ ହୋଇଯାଇଥିଲେ। ସେମାନଙ୍କୁ ଭାବଭଙ୍ଗିକୁ ଲକ୍ଷ୍ୟ କରି ତାଙ୍କର ସହାୟତା କରିବାକୁ ନେଇ ପ୍ରଶ୍ନ କରିବାରୁ ଜଣେ ଯୁବକ ହିନ୍ଦୀ ଭାଷାରେ ତାଙ୍କୁ ତାଗିଦ୍ କରିବାକୁ ଚେଷ୍ଟା କରିଥିଲା। ତେବେ ସବ୍ୟସାଚୀ ସେମାନଙ୍କ ଡରି ନଯାଇ ଏଟିଏମ୍ ଭିତରୁ ବାହାରି ଆସି ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତିନିଜଣ ଅଭିଯୁକ୍ତଙ୍କ ଭିତରୁ ଜଣକୁ କାବୁ କରିନେଇଥିଲେ। ସବ୍ୟସାଚୀ ସଙ୍ଗେ ସଙ୍ଗେ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ଯାଇ ତାଙ୍କର ଆକଉଣ୍ଟ ଲକ୍ କରିଦେବାକୁ ବ୍ୟାଙ୍କ ଅଧିକାରୀଙ୍କୁ ଜଣାଇଥିଲେ। ସବ୍ୟସାଚୀଙ୍କ ଉପସ୍ଥିତ ବୁଦ୍ଧିରୁ ଅଭିଯୁକ୍ତମାନେ ଧରାପଡିଥିବାରୁ ପୋଲିସ ଏସ୍‌ଡିପିଓ ବାଗ ସବ୍ୟସାଚୀଙ୍କୁ ପ୍ରଶଂସା କରିଛନ୍ତି।

## ଚାଷୀ ହତ୍ୟାକାରୀଙ୍କୁ ଗିରଫ ଦାବିରେ ବିକ୍ଷୋଭ

**ନୂଆପଡ଼ା ଅଫିସ,୫।୧୦**

ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ମଙ୍ଗଳବାର ନୂଆପଡା ଏକତା ଛକଠାରେ ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଚାଷୀ ହତ୍ୟାକାରୀଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉତ୍ତର ପ୍ରଦେଶର ଆନ୍ଦୋଳନକାରୀ ଚାଷୀଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯାଉ। ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆନ୍ଦୋଳନରେ ପ୍ରାଣ ହରାଇଥିବା ଚାଷୀଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ପାଇଁ ଯାଉଥିବା ବେଳେ ପୋଲିସ ଗିରଫ କରିବାକୁ ଜିଲା କଂଗ୍ରେସ ଦୃଢ ନିନ୍ଦା କରିଛି। ଯଦି ହତ୍ୟାକାରୀଙ୍କୁ ଗିରଫ କରା ନ ଯାଏ, ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ହାଲ୍ଲାସିଂ, ଶାହରୁଖ ଖାନ, ଦେବେନ୍ଦ୍ର କୁମାର ସାହୁ, ଜୁନେଦ ମହମ୍ମଦ, କୁଳଦୀପ ସୁରଜ, ଜୟଦେବ ମାଝି, ଭୀମ ଯାଦବ, ଛଗନ ପଟେଲ, ଅନୀଲ ପଟେଲ, ହରି ମାଝି, ଖାମସିଂ ମାଝି, ଅଶୋକ ଦଣ୍ଡସେନା, ଶିବ ନିଆଲ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରତି ଘରେ ଖୁବ୍ ଶୀଘ୍ର ପହଞ୍ଚିବ ପାଇପ ପାଣି



ବିଧାୟକ ନରସିଂହ ମିଶ୍ର ସଦର ବ୍ଲକ୍‌ର ବିଭିନ୍ନ ଗାଁ ପରିଦର୍ଶନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୫।୧୦**

## ଅଧିକାରୀଙ୍କ ସହ ବିଭିନ୍ନ ଗାଁ ପରିଦର୍ଶନ କଲେ ବିଧାୟକ

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ପ୍ରଶାସନିକ ଅଧିକାରୀଙ୍କୁ ନେଇ ସଦର ବ୍ଲକ ଶିକାଛିଡା ପଞ୍ଚାୟତର ଖର୍ଲିକାନି, ଭାନପୁର, ସିନଖମନ, ଶିକାଛିଡା, ପ୍ରତାପପୁର ଏବଂ ଟିକଲବାହାଲ ପଞ୍ଚାୟତର ଏକାଧିକ ଗାଁ ପରିଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର ଘରକୁ ଘର ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ବିଭିନ୍ନ ଗାଁରେ ବିଧାୟକ ମିଶ୍ର ସୂଚନା ଦେଇଥିଲେ। ସାଙ୍ଗରେ ଯାଇଥିବା ଅଧିକାରୀ ମାନଙ୍କ ସହ ଯାଇଥିବା ବ୍ଲକସ୍ତରୀୟ କର୍ମଚାରୀମାନେ ଯେତେଶୀଘ୍ର ହେବ ଏ ସମସ୍ତ ଗ୍ରାମର ଭୂମିହୀନ, ବାସହୀନଙ୍କ ପାଇଁ ଆବଶ୍ୟକ ହେଉଥିବା ଇନ୍ଦିରାଆବାସ ତାଲିକା ପ୍ରସ୍ତୁତ କରି ସେଥିରୁ ଯୋଗ୍ୟ ହିତାଧିକାରୀ ଚୟନ କରନ୍ତୁ ବୋଲି କହିଥିଲେ। ସମସ୍ତ ଗାଁ ମାନଙ୍କରେ ବୀମାଭୁକ୍ତ ଗାଈଙ୍କ ପାଇଁ ଗୁହାଳ ପ୍ରଦାନ ଶୀଘ୍ର କରନ୍ତୁ ବୋଲି କହିଥିଲେ। ଲୋକଙ୍କ ଦାବି ମୁତାବକ ପ୍ରତାପପୁରଠାରେ ପୋଖରୀକୁ ରାସ୍ତା, ଗାଧୁଆ ତୁଠ ନିର୍ମାଣ, ଭାନପୁରରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ କମ୍ୟୁନିଟି ସେଣ୍ଟର, ଗାଧୋଇବା ପାଇଁ ଗାଧୁଆ ତୁଠ, ପାତ୍ରମୁଣ୍ଡା ବନ୍ଧକୁ ରାସ୍ତା, ସିନଖମନରେ ଦୁଇଟି କଂକ୍ରିଟ ରାସ୍ତା, ଶିକାଛିଡା ଠାରେ ଏକ ମଣ୍ଡପ ଏବଂ ଏସମସ୍ତ ଅଞ୍ଚଳର ଗରିବଙ୍କ ପାଇଁ ବିଜୁଳି ସଂଯୋଗୀକରଣ କିମ୍ବା ଅନ୍ଧାରୁଆ ରାସ୍ତାକୁ ବିଜୁଳି ସଂଯୋଗ କରିବାକୁ ବିଧାୟକ ମିଶ୍ର ନିଷ୍ପତ୍ତି ନେଇଥିଲେ। ଟିକଲବାହାଲ ଠାରେ ମହିଳାମାନଙ୍କ ଦାବି ମୁତାବିକ ଏକ ଓଭରହେଡ୍ ଟ୍ୟାଙ୍କର ନିର୍ମାଣ ଏବଂ ଘରକୁ ଘର ପିଇବା ପାଣି ସଂଯୋଗ କରାଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ବହୁଦିନରୁ ଖରାପ ହୋଇ ପଡିଥିବା ଟିକଲବାହାଲ, କୁଡାସିଂହା ରାସ୍ତା ବହୁ ଶୀଘ୍ର ନିର୍ମାଣ କରିବା କହିଥିଲେ। ବିଭିନ୍ନ ଗାଁରେ ଥିବା ବିକଳାଙ୍ଗ, ବିଧବା, ବାର୍ଦ୍ଧକ୍ୟ ଭତ୍ତା ପାଇଁ ସାମାଜିକ ସୁରକ୍ଷା ଅଧିକାରୀ ଗାଁକୁ ଆସି ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ବ୍ୟବସ୍ଥା କରିବେ ବୋଲି ସୂଚନା ଦେଇଥିଲେ। ଏହି ଗସ୍ତବେଳେ ବିଡିଓ ପ୍ରୀତମ କୁମାର ତନ୍ତି, ଏବିଡିଓ ରାମଦତ୍ତ ଭୋଇ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ସାହୁ, ସରପଞ୍ଚ ସରୋଜ ଦୋରା, ବିଧାୟକ ପ୍ରତିନିଧି କିଶୋର ସିଂ ନିନା ଏବଂ ରାମ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

## ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ନୂଆପଡ଼ା ଅଫିସ,୫।୧୦**

ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ମଙ୍ଗଳବାର ସିନାପାଲି ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ୪୦ ଲକ୍ଷ ଟଙ୍କାରେ ଏକ ସ୍ମାର୍ଟ ସ୍କୁଲ ନିର୍ମାଣ ହେଉଥିବା ସିନାପାଲିସ୍ଥିତ ନୋଡାଲ ହାଇସ୍କୁଲ ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଆଞ୍ଚଳିକ ବଜାର ବୁଲି ଦେଖିବା ସହିତ ଶୀଘ୍ର କାର୍ଯ୍ୟ ସମ୍ପାଦନ ପାଇଁ କହିଥିଲେ। ଚଳନା ଶିବ ମନ୍ଦିରଠାରେ ନିର୍ମାଣ ହେଉଥିବା ଘଣ୍ଟିଗୁଡା ରୁରାଲ ପାର୍କ ବୁଲି ଦେଖି ଯଥାଶୀଘ୍ର ଉକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ସ୍ଥାନୀୟ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଥିଲେ। ଶିବ ମନ୍ଦିର ପରିସରରେ ଏକ ଆଦର୍ଶ ପୋଖରୀ ଓ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ହାତିବନ୍ଧାଠାରେ ଥିବା ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ସିନାପାଲି ବିଡିଓ ସଦାଶିବ ନାଏକ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ମିନାକ୍ଷୀ ମିଶ୍ର, ପିଇଓ ହେମନ୍ତ ଖମାରୀ, ଜିଲା ପରିଷଦ ପ୍ରିୟ ରଞ୍ଜନ ମେହେର, ସରପଞ୍ଚ ନମିତା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖଇରମାଲ ଗ୍ରାମରେ ନାଗବାଚା ପୂଜା ସମ୍ପନ୍ନ

**ପଲମ,୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ଖଇରମାଲ ଗ୍ରାମରେ ୨ଦିନ ଧରି ଚାଲିଥିବା ନାଗବାଚା ପୂଜା ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ଏହି ପୂଜା ଆଜକୁ ପ୍ରାୟ ୩୧ବର୍ଷ ହେଲା ପାଳିତ ହୋଇଆସୁଛି। ପୂଜା କାର୍ଯ୍ୟରେ ପ୍ରଥମ ଶିକ୍ଷା ଗୁରୁ ଜନାର୍ଦ୍ଦନ କୁମୁରା ତାଣ୍ଡି ଗାଁ ବଲାଙ୍ଗୀର ଯୋଗଦେଇ ପୂଜା ଆରମ୍ଭ କରାଇଥିଲେ। ଗ୍ରାମର ନାଗବାଚ ଗୁରୁ ଗୋବିନ୍ଦ ଧରୁଆ ପୂଜା କାର୍ଯ୍ୟ ସହ ୫୦ଜଣ ଶିଷ୍ୟଙ୍କୁ କାଳସି ଲଗାଇ ଗ୍ରାମ ତଥା ଅନ୍ୟାନ୍ୟ ଗ୍ରାମର ମାନସିକ କରିଥିବା ଭକ୍ତମାନଙ୍କୁ ଆଶିର୍ବାଦ ପ୍ରଦାନ କରାଇଥିଲେ। ପ୍ରଥମ ଦିନ ଗ୍ରାମର ଦାଣ୍ଡ ଦୁଆରେ ପୂଜା କରିସାରିବା ପରେ ଦ୍ୱିତୀୟ ଦିନ ବନଦେବୀ ଓ ଚଣ୍ଡି ପୂଜା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ମନୋରନ ଧରୁଆ, ସଭାପତି ପୃଥିରାଜ ସାହୁ ଏବଂ ଗ୍ରାମର ୧୬୦ଟି ପରିବାର ଏକତ୍ର ଭାବେ ପୂଜା ପାଳନ ସହ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ଦିନ ସମସ୍ତ ଭକ୍ତ ତଥା ଗ୍ରାମବାସୀ ଏକତ୍ର ଆନନ୍ଦ ଉଲ୍ଲାସରେ ଦେବୀଙ୍କ ପ୍ରସାଦ ସେବନ କରିଥିଲେ।

## ପିଇଓ ଶିବ ପ୍ରସାଦ ସମ୍ମାନିତ



ପିଇଓ ଶିବପ୍ରସାଦ ସାହୁଙ୍କୁ ସମ୍ମାନିତ କରାଯାଉଛି।

**ଜୁନାଗଡ,୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ୩ଟି ପଞ୍ଚାୟତର ଦାୟିତ୍ୱ ରହି ନିଜ କାର୍ଯ୍ୟକୁ ଠିକ ଭାବେ ପରିଚାଳନା କରୁଥିବା ପିଇଓ ଶିବପ୍ରସାଦ ସାହୁଙ୍କୁ ମଙ୍ଗଳବାର ଚିଚୈଗୁଡା ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସ୍ଥାନୀୟ ଜନପ୍ରତିନିଧିମାନେ ଉପଢୌକନ ଦେଇ ସମ୍ମାନିତ କରିଛନ୍ତି। ଚିଚୈଗୁଡା ସରଞ୍ଚ ସୁଧିରା ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ନାଏବ ସରପଞ୍ଚ ନବୀନ ମେହେରଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ପିଇଓ ସାହୁ ଜୁନାଗଡ ବ୍ଲକ ବଳଦିଆମାଲ, ଚିଚୈଗୁଡା ଓ ପଳାସ ପଞ୍ଚାୟତରେ କାର୍ଯ୍ୟରତ ଅଛନ୍ତି। ଜଣେ ପିଇଓ ୩ଟି ବଡପଞ୍ଚାୟତରେ ରହି ମଧ୍ୟ ଆବଶ୍ୟକ ସମୟ ଦେଇ ଠିକ ଭାବେ କାର୍ଯ୍ୟ ପରିଚାଳନା କରୁଥିବାରୁ ତାଙ୍କୁ ସମ୍ମାନିତ କରାଗଲା ବୋଲି ଚିଚୈଗୁଡା ସରପଞ୍ଚ ସୁଧିରା ମେହେର ପ୍ରକାଶ କରିଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୫।୧୦:** ନୂଆପଡା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଟାନୱାଟଠାରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ନାୟକଙ୍କ ନେତୃତ୍ୱରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଜିଲା ଆଇନ ସେବା ପ୍ରାଧି କରଣ ପକ୍ଷରୁ ୪୫ ଦିନିକିଆ ପାନ ଇଣ୍ଡିଆ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପାରା ଲିଗାଲ ସେଚ୍ଛାସେବୀ ପ୍ରିତେଶ ସାହୁ, ପ୍ରୟଙ୍କା ପାତ୍ର, ନିତା ବାଗ, ହୁସେନ ମାଝି, ଆଇନ ଛାତ୍ରୀ କବିତା ସାହୁ ପ୍ରମୁଖ ଗାଁ କୁ ଗାଁ ଯାଇ ଆଇନର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରୁଛନ୍ତି।



ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନ କରାଯାଉଛି।

## ସ୍କୁଲ ଉନ୍ନତୀକରଣ କାମ ସନ୍ତୋଷଜନକ

**ମୁରିବାହାଲ, ୫।୧୦(ଡି.ଏନ.ଏ.)**

### ସିରୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କଲେ ଜିଲାପାଳ

ମୋ ସ୍କୁଲ ଅଭିଯାନ ଯୋଜନାରେ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସିରୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ କରାଯାଉଛି। କାମର ଅଗ୍ରଗତି ଦେଖିବା ପାଇଁ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣା ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ। ତାଙ୍କ ସହ ଟିଟିଲାଗଡ଼ ଉପଜିଲାପାଳ ସତ୍ୟବାନ ମହାଜନ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ବିଡିଓ ପ୍ରିୟ ରଞ୍ଜନ କୁମାର, ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନ ଉପସ୍ଥିତ ଥଲେ। ଏ ଯାଏ ହୋଇଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସନ୍ତୋଷଜନକ ବୋଲି ଜିଲାପାଳ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁରିବାହାଲ ବ୍ଲକର ପଞ୍ଚାୟତ ହାଇସ୍କୁଲ, ମୁରିବାହାଲ, ଲେବଡା ପାଟଣେଶ୍ୱରୀ ହାଇସ୍କୁଲ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସିରୋଲକୁ ରାଜ୍ୟ ସରକାର ୪୫ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମଞ୍ଜୁର କରିଛନ୍ତି। ସ୍କୁଲ ପରିଦର୍ଶନ ପରେ ଜିଲାପାଳ ବଙ୍କେଲ ପ୍ରୋଜେକ୍ଟ ପରିଦର୍ଶନ କରିଥିଲେ। ଡ୍ୟାମର ସୌନ୍ଦର୍ଯ୍ୟକରଣ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୈନ।



ସିରୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ସାରି ଫେରୁଛନ୍ତି ଜିଲାପାଳ।

# ବିଭିନ୍ନ ସମସ୍ୟା ନେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ନୂଆପଡ଼ା ଅଫିସ,୫।୧୦**




ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡା ମିନି ଷ୍ଟାଡିୟମ ସାଂସ୍କୃତିକ ରଙ୍ଗ ମଞ୍ଚରେ ମଙ୍ଗଳବାର ଜିଲା ଆଦିବାସୀ କଲ୍ୟାଣ ସଂଘର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଆଦିବାସୀ ସଂଘ ସମ୍ପାଦକ ବାଲକୃଷ୍ଣ ଶବର ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ର ଆଦିବାସୀ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି, ଜିଲା ଆଦିବାସୀ ସଂଘ ସଂରକ୍ଷକ ଖାମସିଂ ମାଝି, କଳାହାଣ୍ଡି ଆଦିବାସୀ ସଂଘ ଜିଲା ସଭାପତି ପ୍ରମାନନ୍ଦ ମାଝି, ସଂଘ ବିଚାରକ ହୋମସିଂ ମାଝି, ପୂର୍ବତନ ଅତିରିକ୍ତ ବନ ସଂରକ୍ଷଣ ଅଧିକାରୀ ଜୟରାମ ଶବର, ବିଶ୍ୱବସୁ ଶବର, ସମାଜ ଜିଲା ସଭାପତି ବିହାରୀ ଲାଲ ଶବର, ଅଖିଳ ଭାରତୀୟ ଗଣ ଗଣ୍ଡୱାନା ମହାସଂଘ ସଭାପତି ପ୍ରସନ୍ନ କୁମାର ମାଝି, ଜିଲା ଦଳ ସମାଜ ସଭାପତି ଭୁବନେଶ୍ୱର ମଲ୍ଲିକ, ଭୁଞ୍ଜିଆ ସମାଜ ରୁପସିଂ ଭୁଞ୍ଜିଆ, ଗଣ୍ଡ ସମାଜ ଜିଲା ସମ୍ପାଦକ ବିହାରୀ ଲାଲ ମାଝି, ରମାକାନ୍ତି ମାଝି, ନାମ୍ରଦା ମାଝି, ଚନ୍ଦ୍ରିକା କୁମୁରା, ମଝିଆ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଓ ଜିଲାର ସମସ୍ୟା ନେଇ ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ରାଷ୍ଟ୍ରମନ୍ତ୍ରୀ ଟୁଡୁଙ୍କୁ ପ୍ରଦାନ କରାଯାଇଥିଲା। ଆଦିବାସୀମାନଙ୍କ ପ୍ରତି ସରକାର ଅଣଦେଖା କରୁଥିବା, ଆଦିବାସୀମାନେ ଶୋଷଣର ଶିକାର ହେଉଥିବା, ଆଦିବାସୀଙ୍କ ଅଭିଯୋଗକୁ ଗ୍ରହଣ କରୁ ନ ଥିବା ଆଦି ସମସ୍ୟା ଉପରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଆଦିବାସୀ ପରମ୍ପରା ଅନୁସାରେ ନୂଆଁ ଧାନର ଚୂଡା, ଅରସା ପିଠା କରି କୁରେଇ ପତ୍ରରେ ପ୍ରଥମେ ଆଦିବାସୀଙ୍କ (ଇଷ୍ଟ ଦେବତା) ପିତୃପିତାକୁ ଅର୍ପଣ କରିବା ପରେ ସମସ୍ତେ ନୂଆଁଖାଇ ଜୁହାର ଭେଟ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରସକେଲି, ମାଇଲାଜାଡ, ସମ୍ବଲପୁରୀ ଗିତରେ ମଞ୍ଚ ଦୁଲକି ପଡିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ୍ତ୍ରୀ ମଧ୍ୟ ନାଚଗୀତରେ ଝୁମିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଆଦିବାସୀ ଉପସ୍ଥିତ ଥିଲେ।

## କଂଗ୍ରେସର ନୂଆଁଖାଇ ଭେଟ୍‌ଘାଟ୍

ପାଇକମାଲ,(ଡି.ଏନ. ଏ): ପାଇକମାଲ ନୃସିଂହନାଥ ଯାତ୍ରୀନିବାସରେ ମଙ୍ଗଳବାର କଂଗ୍ରେସ କର୍ମୀଙ୍କୁ ନେଇ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପ୍ରଦୀପ ଦେବତା, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଜିଲା ପ୍ରଭାରୀ ରାଜକିଶୋର ଷଡ଼ଙ୍ଗୀ, ସରୋଜ ମହାପାତ୍ର, ନିପନ ଦାଶ, ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦ, ବଲାଙ୍ଗୀର ଜିଲା ସଭାପତି ଦିଲୀପ ବେହେରା ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିରେ ଶତାଧିକ କର୍ମୀ ଯୋଗଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

**ସଂକ୍ଷେପରେ**

### ମିଛ ମାମଲା ପ୍ରତ୍ୟାହାର ନ କଲେ ଘେରାଉ

**ପଦ୍ମପୁର ୫।୧୦(ଡି.ଏନ.ଏ):** ପାଇକମାଲ ଥାନାରେ ଜଣଙ୍କ ନାମରେ ହୋଇଥିବା ମିଛ ମାମଲା ପ୍ରତ୍ୟାହାର କରିବା ପାଇଁ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ସାମ୍ମୁଖ୍ୟର ସଦସ୍ୟମାନେ ମଙ୍ଗଳବାର ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୭ଦିନ ମଧ୍ୟରେ ଉକ୍ତ ମିଛ ମାମଲା ପ୍ରତ୍ୟାହାର ନ କଲେ ପାଇକମାଲ ଥାନା ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ଅଫିସକୁ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଗୋପବନ୍ଧୁ ଶିକା, ଦେବାଶିଷ, ଡୋଲାମଣି, ସୁଜନ, ସନ୍ତୋଷ, ଟିକେଲାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୂଚନା ଅନୁସାରେ, ଗତ ମାସ ୨୪ତାରିଖରେ ପାଇକମାଲ ଥାନା ଅଧୀନ ଭଗତପୁର ଗ୍ରାମର ସୁଜନ ବାଗ କୌଣସି ଏକ ଘଟଣାକୁ ନେଇ ଥାନାରେ ଏତଲା ଦେଇଥିଲେ। ଜଣେ ଏଏସ୍‌ଆଇ ଏହି ଘଟଣାର ତଦନ୍ତ କରୁଥିଲେ। କିନ୍ତୁ ତଦନ୍ତ ସମୟରେ ଉକ୍ତ ଅଧିକାରୀ ଜଣକ ସୁଜନଙ୍କୁ ମାଡ ମାରି ଅଶାଳୀନ ବ୍ୟବହାର କରିଥିବା ଥାନାଧିକାରୀଙ୍କ ଠାରେ ଅଭିଯୋଗ ହୋଇଥିଲା। ଏହାପରେ ଥାନାର ଜଣେ ଏସ୍‌ଆଇ ପୋଲିସ ଅଧିକାରୀଙ୍କ ନାମରେ ଅଭିଯୋଗ ନ କରିବାକୁ ସୁଜନଙ୍କୁ ଧମକ ଦେଇଥିଲେ। ପରେ ଘଟଣାର ମୋଡ ବଦଳିଗଲା।

### ଠେଙ୍ଗାରେ ଆକ୍ରମଣ, ଜଣେ ଗୁରୁତର

**ବାଉଁଶୁଣୀ,୫।୧୦(ଡି.ଏନ୍.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ବିଛଣାପାଟି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବାପପୁଅଙ୍କ ଠେଙ୍ଗା ମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମନମୁଣ୍ଡା ଥାନା ବିଛଣାପାଟି ଗ୍ରାମର ଜଙ୍ଗଲୁ ପାତ୍ର (୫୦) ନାମକ ଜଣେ ବ୍ୟକ୍ତି ସନ୍ଧ୍ୟା ୬ଟାରେ ଗାଆଁ ଦାଣ୍ଡରେ ବୁଲାବୁଲି କରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଡମ୍ବରୁ ପାତ୍ର ଓ ତାଙ୍କ ପିତା ଚକ୍ର ପାତ୍ର ଜଙ୍ଗଲୁ ପାତ୍ରଙ୍କୁ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୋନପୁର ଜିଲା ଡାକ୍ତରଖାନା ପରେ ବୁର୍ଲା ଡାକ୍ତରଖାନା ପଠାଯାଇଛି। ଏ ସମ୍ପର୍କରେ ଜଙ୍ଗଲୁଙ୍କ ପୁଅ କହ୍ନେଇ ପାତ୍ର ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ମନମୁଣ୍ଡା ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ଗୋପିନାଥ ପ୍ରଧାନ ସୂଚନା ଦେଇଛନ୍ତି।

### ଜମଲା ଗ୍ରାମପଞ୍ଚାୟତକୁ ମରୁଡ଼ି ଘୋଷଣା ପାଇଁ ଦାବିପତ୍ର

**ପଦ୍ମପୁର ୫.।୧୦(ଡି.ଏନ.ଏ):** ବିଭିନ୍ନ ଦାବିରେ ଜମଲା ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମ ପଞ୍ଚାୟତକୁ ମରୁଡ଼ି ଘୋଷଣା କରିବା, କୃଷିବୀମା ପ୍ରଦାନ, କୃଷିଋଣ ସମ୍ପୂର୍ଣ୍ଣ ଛାଡ କରିବା, ଜୀବନ ଜୀବିକା ପାଇଁ କର୍ମ ସଂସ୍ଥାନ, ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଗଭୀର ନଳକୂପ ଖନନ, ଉଠାଜଳସେଚନ, ଜଳଛାୟା ପ୍ରକଳ୍ପ କାର୍ଯ୍ୟକାରୀ କରିବା ଆଦି ଦାବି ରହିଛି। ସରକାର ଦାବି ପୂରଣ ନ କଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସରପଞ୍ଚ ତୁଳାରାମ ବେହେରା, ସଦାନନ୍ଦ ଭୋଇ, ସଙ୍କଟା ବାଜପେୟୀ, ସାଜନ ସାହୁ, ପାରେଶ୍ୱର ପ୍ରଧାନ, କାର୍ତ୍ତିକ ବଢେଇ ଏବଂ ଅନ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

### ହେଉନି ରାସ୍ତା ମରାମତି, ଗ୍ରାମବାସୀ ହଇରାଣ

**ଜାମଟିକ୍ରା,୫।୧୦ (ଡି.ଏନ.ଏ.):** ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଜାମଟିକ୍ରା ଗ୍ରାମର ସହଁରାପଡା, ପଧାନପଡା ଦେଢ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ପଡାବାସୀ ବର୍ଷାଦିନେ ଆଣ୍ଠୁଏ କାଦୁଅରେ ଯିବା ଆସିବା କରନ୍ତି। ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲକୁ ଯାଆସ କରିଥାନ୍ତି ରାସ୍ତାରେ ବଡ ବଡ ଖାଲ ହୋଇଥିବାରୁ ପ୍ରତିଦିନ ଦୁର୍ଘଟଣାମାନ ଘଟୁଛି । ରାସ୍ତା ଖରାପ ଯୋଗୁ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ । ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡେ। ରାସ୍ତା ମରାମତି ନେଇ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗାଁକୁ ପକ୍କାରାସ୍ତା ନ ଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଟକୁ ପଚାରିବାର ରାସ୍ତାଟି ମରାମତି କରାଯିବ ବୋଲି କହିଥିଲେ ।

# ସ୍ମାରକପତ୍ର ଗ୍ରହଣ ନ କରିବାରୁ ଉତ୍ତେଜନା

- ମୁଖ୍ୟରାସ୍ତା ଅବରୋଧ କଲେ କଂଗ୍ରେସ କର୍ମୀ
- ଆନ୍ଦୋଳନ ପରେ ପହଞ୍ଚିଲେ ନିର୍ବାହୀ ଯନ୍ତ୍ରୀ
- ରାସ୍ତା ଉପରେ ବସି ଆଲୋଚନା କଲେ

**ବରଗଡ଼ ଅଫିସ୍,୫।୧୦**

ବରଗଡ଼ ଟାଉନ କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲା ପୂର୍ତ୍ତ (ପିଡବ୍ଲ୍ୟୁଡ଼ି) ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ଶୋଭାଯାତ୍ରାରେ ଯାଇଥିଲେ। କାର୍ଯ୍ୟାଳୟ ମଧ୍ୟରେ ଉପସ୍ଥିତ ଥିବା ସତ୍ତ୍ୱେ ନିର୍ବାହୀ ଯନ୍ତ୍ରୀ ବିରଞ୍ଚି ମହାନ୍ତି ଦୀର୍ଘ ସମୟ ଧରି ସ୍ମାରକପତ୍ର ଗ୍ରହଣ କରିବାକୁ ନ ଆସିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କଂଗ୍ରେସ କର୍ମୀମାନେ ସେଠାରୁ ସିଧାସଳଖ ପିଡବ୍ଲ୍ୟୁଡ଼ି କାର୍ଯ୍ୟାଳୟ ସମ୍ମୁଖ ସହରର ମୁଖ୍ୟରାସ୍ତାକୁ ଆସି ଅବରୋଧ କରିଥିଲେ। ସେଠାକୁ ନିର୍ବାହୀ ଯନ୍ତ୍ରୀ ପହଞ୍ଚିବାରୁ କଂଗ୍ରେସ କର୍ମୀମାନେ ତାଙ୍କୁ ମଧ୍ୟ ରାସ୍ତା ଉପରେ ବସିବାକୁ କହିଥିଲେ। ଶେଷରେ ନିର୍ବାହୀ ଯନ୍ତ୍ରୀ ମହାନ୍ତି ଆନ୍ଦୋଳନକାରୀଙ୍କ ସହିତ ତଳେ ବସି ଆଲୋଚନା କରି ସ୍ମାରକପତ୍ର ଗ୍ରହଣ କରିଥିଲେ।


ନିର୍ବାହୀ ଯନ୍ତ୍ରୀ ରାସ୍ତା ଉପରେ ବସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ବରଗଡ଼ ଜିରା ନଦୀ ଉପରେ ନୂତନ ବ୍ରିଜ ନିର୍ମାଣ ଏଗ୍ରିମେଣ୍ଟ ଅବଧି ବହୁଦିନରୁ ଶେଷ ହୋଇଯାଇଛି। ମାତ୍ର ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସରିନାହିଁ। ତେଣୁ କାର୍ଯ୍ୟ କରୁଥିବା ଠିକାଦାରଙ୍କ ଟେଣ୍ଡର ସମାପ୍ତ କରି ନୂତନ ଭାବେ ଟେଣ୍ଡର କରି ଠିକ୍ ସମୟରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଯେଭଳି ସରିବ, ତାକୁ ସୁନିଶ୍ଚିତ କରିବାକୁ କଂଗ୍ରେସ ଦାବି କରିଛି। ସେହିପରି ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରୁ ବିକାଶ ହସ୍ପିଟାଲ ଛକ ପର୍ଯ୍ୟନ୍ତ ହୋଇଥିବା ରାସ୍ତାକାମ ନିମ୍ନମାନର ଯୋଗୁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଉକ୍ତ ରାସ୍ତାକାମ ସମେତ ସହରର ରାସ୍ତାଘାଟ ନିର୍ମାଣ, ମରାମତି ଏବଂ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ନିପନ ଦାଶ, ହରଦୀପ ସିଂ, ବ୍ରହ୍ମା ମହାକୁଡ଼, ଟାଉନ କଂଗ୍ରେସ ସଭାପତି ସୁଧିର ରଞ୍ଜନ ଜେନା, ଶୁଭେନ୍ଦୁ ସାହୁ, ପ୍ରତାପ ନାୟକ, ରବି ପଣ୍ଡା, ଅବଦୁଲ ଗଫାର, ଅଭିଳାଷ ପତି ପ୍ରମୁଖ ଏଥିରେ ସାମିଲ ଥିଲେ।

# କୌଶଳ ପ୍ରଦର୍ଶନ କଲେ ଅଗ୍ନିଶମ ବାହିନୀ କର୍ମକର୍ତ୍ତା


ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁଲିଭା କୌଶଳ ପ୍ରଦର୍ଶନ କରୁଛନ୍ତି।

**ଅମରପାଲି,୫।୧୦(ଡି.ଏନ.ଏ)**

**ବୀରମହାରାଜପୁର କଲେଜରେ ମକ୍‌ଡ୍ରିଲ ପ୍ରଶିକ୍ଷଣ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଅଗ୍ନିକାଣ୍ଡ ଭଳି ଦୈବୀ ଦୁର୍ଘଟଣାର ମୁକାବିଲା ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମକର୍ତ୍ତା ଏଥିରେ ଦୈବୀ ଦୁର୍ଘଟଣାର ମୁକାବିଲା ନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ମୂରଲୀଧର ହୋତାଙ୍କ ଉପସ୍ଥିତି ଓ ଅଗ୍ନିଶମ ଅଧିକାରୀ କବି ସେଠଙ୍କ ତତ୍ତ୍ୱାବଧାନରେ ଫାୟାରମ୍ୟାନ ଅରୁଣ କୁମାର ବେହେରା ଅଗ୍ନି ଦୁର୍ଘଟଣାରୁ କିଭଳି ରକ୍ଷା ପାଇ ହେବ ସେହି ସମ୍ପର୍କରେ ବୁଝେଇଥିଲେ। କାଠ ଓ ଅଙ୍ଗାରଯୁକ୍ତ ନିଆଁକୁ ପାଣି ଦ୍ୱାରା, ତୈଳଜନିତ ନିଆଁଠାରୁ ଫେଣ ଦ୍ୱାରା, ଗ୍ୟାସଜନିତ ନିଆଁଠାରୁ କାର୍ବନ ଡାଇଅକ୍ସାଇଡ ଦ୍ୱାରା, ବିଦ୍ୟୁତ୍‌ଜନିତ ନିଆଁଠାରୁ ସୁଇଚ ବନ୍ଦ କରି ତଥା ଧାତୁଜନିତ ଓ ରନ୍ଧା ତୈଳ ଜନିତ ନିଆଁଠାରୁ କିଭଳି ରକ୍ଷା ପାଇ ହେବ ସେ ସମ୍ପର୍କରେ ବୁଝେଇ ଥିଲେ। ମାୟାଧର ବେହେରା, ସଚ୍ଚିଦାନନ୍ଦ ରାଏ, ସୁଶାନ୍ତ ବାରିକ, କୃଷ୍ଣଚନ୍ଦ୍ର ଛୁରିଆ, ସୁଶିଲ ସାହୁ, ମେଘନାଦ ମାଝୀ, ସି. ଡି.କାକା ଓ ବିହାରୀ ବାଗ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ୩୨ କିଲୋ ବାସି ଖାଦ୍ୟ ନଷ୍ଟ, ୫ହଜାର ଜରିମାନା

**ସୋନପୁର,୫।୧୦(ନି.ପ୍ର.)**

ଫୁଡ୍ ଏନଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ସୋନପୁର ସହରର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ରାସ୍ତାପାର୍ଶ୍ୱ ଠେଲା ଦୋକାନରେ ମଙ୍ଗଳବାର ଚଢାଉ କରାଯାଇଛି। ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ, ପୋଲିସ ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଚଢାଉ କରାଯାଇଥିଲା। ବ୍ଲକ ଛକ, ହସ୍ପିଟାଲ ରାସ୍ତା ଓ ବସଷ୍ଟାଣ୍ଡ ଅଞ୍ଚଳର ୨୫ଟି ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନର ଖାଦ୍ୟ ନମୁନା ଯାଞ୍ଚ ହୋଇଥିଲା। ନିୟମିତ ଖାଦ୍ୟ ପଦାର୍ଥ ଯାଞ୍ଚ ହେଉ ନ ଥିବାରୁ ରେଷ୍ଟୁରାଣ୍ଟଗୁଡିକ ବାସି ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ଦୃଷ୍ଟିକୁ ଆସିଥିଲା। ଟିମ୍ ସେହି ସବୁ ରେଷ୍ଟୁରାଣ୍ଟର ୩୨ କିଲୋ ବାସି ଖାଦ୍ୟ ନଷ୍ଟ କରିଛି। ବାସି ଖାଦ୍ୟପଦାର୍ଥ ବିକ୍ରି କରୁଥିବା ହୋଟେଲ ମାଲିକଙ୍କ ନିକଟରୁ ମୋଟ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭବିଷ୍ୟତରେ ଏଭଳି ବେଆଇନ କାର୍ଯ୍ୟ କଲେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିଭଳି ଲାବୋରେଟୋରୀରେ ପରୀକ୍ଷା ପାଇଁ ଖାଦ୍ୟର କିଛି ନମୁନା ମଧ ସଂଗ୍ରହ ହୋଇଛି। ଭବିଷ୍ୟତରେ ଏଭଳି ବେଆଇନ କାର୍ଯ୍ୟ କଲେ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସ୍କ୍ୱାର୍ଡରେ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଡାକ୍ତର ବିଷ୍ଣୁ ଚରଣ ମାଝୀ, ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାୟକ, ସୋନପୁର ଥାନାର କର୍ମଚାରୀ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, କୈଳାଶ ଚନ୍ଦ୍ର ପାତ୍ର ଓ ଶ୍ରୀବନ୍ତ ଖଣ୍ଡଗିରି ଓ ରାଜୀବ ପଧାନ ପ୍ରମୁଖ ସାମିଲ ଥିଲେ।


ସୋନପୁରରେ ଏନଫୋର୍ସମେଣ୍ଟ ଟିମ୍ ଖାଦ୍ୟପଦାର୍ଥର ମାନ ଯାଞ୍ଚ କରୁଛନ୍ତି।

**ଖାଦ୍ୟ ଏନଫୋର୍ସମେଣ୍ଟ ସ୍କ୍ୱାଡର ଚଢ଼ାଉ**

# ଦୁର୍ଘଟଣାରେ ଯୁବକ ମୃତ

**ଅତାବିରା,୫।୧୦(ଡି.ଏନ.ଏ)**

ଗୋଡ଼ଭଗା-ସୋନପୁର ରାଜ୍ୟ ରାଜପଥର ମହୁଲପାଲି ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍‌ଟି ରାସ୍ତାକଡରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟରେ ପିଟି ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୋନପୁର ଜିଲା ରାମପୁର ଥାନା ପଣ୍ଡକିପାଲି ନିକଟ ନାଇକେନପାଲି ଗ୍ରାମର ଗୁଡ଼େଶ୍ୱର ମହାନନ୍ଦ। ପ୍ରକାଶ ଯେ, ଗୁଡ଼େଶ୍ୱର ସ୍ତ୍ରୀଙ୍କ ସହିତ ବାଇକ୍ ଯୋଗେ ସମ୍ବଲପୁରରୁ ଘରକୁ ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଗୁଡ଼େଶ୍ୱର ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ବୁର୍ଲା ଡାକ୍ତରଖାନା ଫାଣ୍ଡି ଅଧିକାରୀ ବିଦେଶୀ ସାହୁ କହିଛନ୍ତି।

# ଭାଜପା ଜିଲା ଅନୁସୂଚିତ ଜାତିର କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଯୋଗ ଦେଇଥିବା ଭାଜପା ନେତା।

**ବୌଦ୍ଧ,୫।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ଜିଲା ଭାଜପା ଅନୁସୂଚିତ ଜାତିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ସହରର ବନ୍ୟା ଆଶ୍ରୟସ୍ଥଳ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ରାଜୀବ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ ଯୋଗ ଦେଇଥିଲେ। ବୈଠକରେ ତରାଇ ଆଗାମୀ ଦିନରେ ମୋର୍ଚ୍ଚା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହ ଦଳକୁ କିପରି ସୁଦୃଢ କରାଯାଇପାରିବ ସେ ନେଇ ମଣ୍ଡଳସ୍ତରୀୟ ଓ ବୁଥ ସ୍ତରୀୟ କର୍ମକର୍ତ୍ତାମାନଙ୍କୁ ନେଇ ବୈଠକ କରିବା ସହ ରଣନୀତି ପ୍ରସ୍ତୁତ କରିବାକୁ କହିଥିଲେ। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ମତବ୍ୟକ୍ତ କରିଥିଲେ। ଏହା ସହ ଲୋକଙ୍କ ମୌଳିକ ସୁବିଧା ନେଇ ଦଳ ପକ୍ଷରୁ ଆନ୍ଦୋଳନ କରିବାକୁ ମଧ୍ୟ ମହାନ୍ତି ମତବ୍ୟକ୍ତ କରିଥିଲେ। ବୈଠକରେ ରାଜ୍ୟ ଭାଜପା ଅନୁସୂଚିତ ଜାତି ସାଧାରଣ ସମ୍ପାଦକ ରାଘବ ମଲିକ, ଉପସଭାପତି ରାମବିଶି ଦିଗାଲ, କୋଷାଧକ୍ଷ ଜଗନ୍ନାଥ ବେହେରା, ରାଜ୍ୟ ସଂଯୋଜକ କାଲୁ ଚରଣ ସେଠୀ, କନ୍ଧମାଳ ଜିଲା ସଭାପତି ଶ୍ରୀଯୁକ୍ତ ଦିଗାଲ, ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସୁଶାନ୍ତ କୁମାର ପ୍ରଧାନ, ସତ୍ୟାନନ୍ଦ ପାଣ୍ଡେ, ତାପସ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର, ଅଟଳ କୁମାର ପ୍ରଧାନ, ରବିକୁମାର ଦେଓ, ସଂଗ୍ରାମ ବେହେରା, କୁନା ମହାର, ଶ୍ୟାମସୁନ୍ଦର ପୁରୋହିତଙ୍କ ସମେତ ବହୁ ଭାଜପା ନେତା ସାମିଲ ଥିଲେ।

# ଆରମ୍ଭ ହେଲା ସୁବର୍ଣ୍ଣପୁରର ବଳିଯାତ୍ରା

**ସୋନପୁର,୫।୧୦(ନି.ପ୍ର.)**

ସୁବର୍ଣ୍ଣପୁରର ଐତିହାସିକ ବଳିଯାତ୍ରାର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ରାଜାରାଜୁଡା ଅମଳରୁ ଚାଲି ଆସୁଥିବା ଏହି ଯାତ୍ରା ପାଇଁ ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା ଓ ଭକ୍ତି ରହିଛି। ଆଶ୍ୱିନ ଅମାବାସ୍ୟା(ମହାଳୟା)ଠାରୁ କାର୍ତ୍ତିକ କୃଷ୍ଣପକ୍ଷ ପ୍ରତିପଦ ପର୍ଯ୍ୟନ୍ତ ସହରର ବିଭିନ୍ନ ଶକ୍ତି ପୀଠରେ ଏହି ଯାତ୍ରା ଆୟୋଜିତ ହେବ। ପରମ୍ପରା ଅନୁଯାୟୀ ମଙ୍ଗଳବାର ରାତିରେ ବୁଢାରାଜା ବଳି କାର୍ଯ୍ୟକ୍ରମ ହେବ। ସକାଳେ ଦେବୋତ୍ତର ବିଭାଗ ପକ୍ଷରୁ ଅଷ୍ଟଚଣ୍ଡୀ(ସୁରେଶ୍ୱରୀ, ଖମ୍ବେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ରାମଚଣ୍ଡୀ, ନାରାୟଣୀ, ଦଶମତୀ ଓ ବିମଳାକ୍ଷୀ)ଙ୍କ ଉଦ୍ଦେଶ୍ୟରେ ୮ଟି ପାହୁର ପୀଠର ପୂଜକଙ୍କୁ ପ୍ରଦାନ କରାଯାଇଥିଲା। ମଧାହ୍ନ ଶୁଭ ଲଗ୍ନରେ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ପରେ ବାଉତି ଛତ୍ରକୁ ବିଜୟ ଯାତ୍ରାରେ ମା ସମଲେଇ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନିଆ ଯାଇଥିଲା। ଯାତ୍ରା କମିଟିର ସଭ୍ୟ, ସେବାୟତ ଓ ଦେବୋତ୍ତର କମିଟିର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ରାତି ୧୦ଟାରେ ସମଲେଶ୍ୱରୀ ପୀଠରେ ପୂଜା ଓ ବଳି କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି । ପରେ ବୁଢାରାଜାଙ୍କୁ ବିଜୟ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାନଦୀ କୂଳରେ ଥିବା ବୁଢାରାଜାଙ୍କ ପୀଠରେ ପୂଜା ଓ ବଳି ହୋଇ ପୁଣି ବାଉତି ସହ ସମଲେଶ୍ୱରୀ ପୀଠକୁ ପ୍ରତ୍ୟାବର୍ତ୍ତନ ହୋଇଛନ୍ତି। ଏଥିପାଇଁ ମାଳି ସେବାୟତ ରଘୁନାଥ ମଲ୍ଲିକ ଚତୁର୍ଦ୍ଦଶୀର ଭୋର ସମୟରେ ବଳି ଯିବା ରାସ୍ତା ଓ ପୀଠ ରାସ୍ତାକୁ ଲଙ୍ଗଳଗାର ଦ୍ୱାରା ଚିହ୍ନିତ କରିଥିଲେ। ପରମ୍ପରା ଅନୁଯାୟୀ ପାର୍ବଣ ଋତୁ ପାଇଁ ପ୍ରାଚୀନ ମନ୍ଦିର ମାଳିନୀ ସହର ସୁବର୍ଣ୍ଣପୁର ଚଳଚଞ୍ଚଳ ହୋଇଉଠିଛି। ପ୍ରସିଦ୍ଧ ଯନ୍ତ୍ର, ତନ୍ତ୍ର ଓ ମନ୍ତ୍ରର ଅଷ୍ଟଚଣ୍ଡୀଙ୍କ ପୀଠରେ ଆରମ୍ଭ ହୋଇଛି ମହାବଳି ଯାତ୍ରାର ମାହୋଲ। ତେବେ କୋଭିଡ କଟକଣା ଯୋଗୁଁ ଚଳିତ ବର୍ଷ କେବଳ ରୀତିନୀତି ଅନୁଯାୟୀ ପୂଜା ବିଧିରେ ଯାତ୍ରା ସମ୍ପନ୍ନ ହେବ ବଳି ନୃତ୍ୟ ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି ।


ସୁରେଶ୍ୱରୀ ମନ୍ଦିରରୁ ବାଉତି ଛତ୍ରକୁ ବିଜୟ ଯାତ୍ରାରେ ସମଲେଇ ମନ୍ଦିର ନିଆଯାଉଛି ।

# ମଦ ବିରୋଧରେ ତାତିଲେ ମହିଳା

**ଡୁଙ୍ଗୁରିପାଲି, ୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କପାଶିରା ଗାଁରେ ମଦ ବିରୋଧୀ ଆନ୍ଦୋଳନ ଜୋର ଧରିଛି। ମଙ୍ଗଳବାର ଗାଁର ଶତାଧିକ ମହିଳା ଓ ଏସ୍‌ଏଚ୍‌ଜି ମା ମାନ ସରପଞ୍ଚ କ୍ଷୀର ଧରୁଆଙ୍କ ନେତୃତ୍ୱରେ ମଦବିକ୍ରି ତୁରନ୍ତ ବନ୍ଦ କରିବା ପାଇଁ ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀ ଭାନୁଶଙ୍କର ଯାଦବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

କପାଶିରା ଗାଁରେ ଦିନକୁ ଦିନ ମଦ ବିକ୍ରି ବଢି ଚାଲିଛି। ଯୁବକଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ମଦପିଇ ଅନେକେ ସର୍ବସ୍ୱାନ୍ତ ହେଉଛନ୍ତି। ଏଥିଯୋଗୁ ପରିବାରରେ ଅଶାନ୍ତିକର ପରିବେଶ ଲାଗି ରହୁଛି। ମଦ୍ୟପଙ୍କ ଉପଦ୍ରବ ଯୋଗୁ ଝିଅ, ବୋହୂମାନେ ରାସ୍ତାରେ ଯିବା ଆସିବା କରିବାକୁ ନିରାପଦ ମଣୁ ନାହାନ୍ତି। ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ଗ୍ରାମରେ ଅଧିକାଂଶ ବିପିଏଲ ପରିବାର ବାସ କରୁଛନ୍ତି । ଘରର ପୁରୁଷମାନେ ଆୟ କରୁଥିବା ଅର୍ଥ ମଦ ପିଆରେ ଖର୍ଚ୍ଚ କରୁଥିବାରୁ ପରିବାର ଆର୍ଥିକ ଦୁର୍ଗତିର ଶିକାର ହେଉଛି। ଏ ନେଇ ବାରମ୍ବାର କହିଲା ପରେ ବି ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅନ୍ୟନୋପାୟ ହୋଇ ମଙ୍ଗଳବାର ଶତାଧିକ ମହିଳା କୁଟିଆ ମଦ ଭାଟି ବନ୍ଦ କରିବା ଦାବିରେ ଥାନାକୁ ଯାଇଥିଲେ। ଦୁଃଖୀ ପଧାନ, ଲବଙ୍ଗ ଧରୁଆ, ପ୍ରଭାସିନୀ ପ୍ରଧାନ, ନମିତା ସେଠ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କଲାପରେ ପୋଲିସ କପାଶିରା ଗାଁକୁ ଯାଇଥିଲା। ହେଲେ ଚୋରା ମଦ ବେପାରିଙ୍କୁ ଧରି ପାରି ନ ଥିଲା । ବୁଧବାର ଗାଁରେ କେହି ବି ମଦ ବିକ୍ରି କରିବା ଖବର ମିଳିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଯାଦବ କହିଛନ୍ତି।

# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୫।୧୦**

**ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଇ ବୈଠକ**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଇ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସଭ୍ୟ ଶଙ୍କର ଖାଲକୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ଉପସ୍ଥିତ ସମସ୍ତ ଅଧିକାରୀ ଓ ସଭ୍ୟଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ ଉମେଶ ଚନ୍ଦ୍ର ବେହେରା, ଅଶୋକ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ପରିଷଦ ସଭ୍ୟ ସାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଯୋଗାଣ ବିଭାଗର କାର୍ଯ୍ୟ ସମୀକ୍ଷାବେଳେ ଅନ୍ତ୍ୟୋଦୟ ଯୋଜନାରେ ପ୍ରକୃତ ହିତାଧିକାରୀ ବଞ୍ଚିତ ହୋଇଥିବାରୁ ଉପାଧ୍ୟକ୍ଷ ଦୀପ ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳ ଗସ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଉକ୍ତ ଯୋଜନାରେ ସାମିଲ କରିବାକୁ ସେ ଦାବି ଉପସ୍ଥାପନ କରିଥିଲେ। କେନ୍ଦୁପତ୍ର ବିଭାଗର କାର୍ଯ୍ୟ ସମୀକ୍ଷାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଗୋଛା କଟେଇ କାର୍ଯ୍ୟକ୍ରମରେ ୨୪ହଜାର ୩୬୯ ହେକ୍ଟର କମାଣ୍ଡ ଏରିଆରେ କଟେଇ ହୋଇଛି ଏବଂ ୨କୋଟି ୨୬ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ହିତାଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଅର୍ଥ ପ୍ରଦାନ ଏବଂ ଜୀବନ ବୀମା ସହିତ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ପାଇଁ ଉପାଧ୍ୟକ୍ଷ ଦୀପ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ପ୍ରାଣୀ ଚିକିତ୍ସା ବିଭାଗର କମ୍ୟୁନିଟି ତୃଣ ଉନ୍ନୟନ ଯୋଜନାରେ ୧୩ଏକର ଜମିରେ ଘାସଚାଷ ପାଇଁ ୬ଜଣ ହିତାଧିକାରୀଙ୍କୁ ଚୟନ କରାଯିବ। ଏଥିସକାଶେ ୫ଟି ଆବେଦନପତ୍ର ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି କୁକୁଡ଼ା ପାଳନ ପାଇଁ ୧୫୦ଟି ଫାର୍ମ ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ରହିଛି। ପ୍ରତି ବ୍ରଏଲର ଫାର୍ମରେ ୧୦୦୦ଟି କୁକୁଡ଼ା ପାଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅଣ୍ଡାଦିଆ କୁକୁଡ଼ା ପାଳନ ଯୋଜନାରେ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ରହିଛି ଏବଂ ୨ଟି ଆବେଦନପତ୍ର ଗ୍ରହଣ ହୋଇଥିବା ବିଭାଗୀୟ ଅଧିକାରୀ କହିଥିଲେ। ୮ହଜାର ଗାଈ, ଛେଳି, ମଇଁଷି, ମେଣ୍ଢାଙ୍କ ସୁରକ୍ଷା ନିମନ୍ତେ ପ୍ରାଣୀଙ୍କ ଜୀବନବୀମା ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରହିଥିବା ବିଭାଗୀୟ ଅଧିକାରୀ ସୁଶାନ୍ତ ନାୟକ ସୂଚନା ଦେଇଥିଲେ। ପରେ ଜଙ୍ଗଲ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଜିଲା ପରିଷଦ ସଭ୍ୟ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ଅଧ୍ୟକ୍ଷା ଏବଂ ଅନ୍ୟମାନେ।